
ପଶ୍ଚିମ ଓଡ଼ିଶାର ଗଣପର୍ବ
ନୂଆଁଖାଇ ଅବସରରେ
'ସକାଳ' ପରିବାର ପକ୍ଷରୁ
ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-64 • THURSDAY • 28 AUGUST 2025 • PAGE-12 • ₹ 6.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୬୪ • ଗୁରୁବାର • ୨୮ ଅଗଷ୍ଟ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


**୫୦% ଟ୍ରମ୍ପ ଟାରିଫ୍**

# ଦେଶର ୩୦ ଲକ୍ଷରୁ ଅଧିକ ଚାକିରି ବିପଦରେ

■ **ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି):** ଆଜିଠାରୁ ଭାରତୀୟ ସାମଗ୍ରୀ ଉପରେ ଲାଗିଛି ୫୦% ଟ୍ରମ୍ପ ଟାରିଫ୍ । ଭାରତରୁ ଆମେରିକାକୁ ପଠାଯାଉଥିବା ସାମଗ୍ରୀ ଉପରେ ଆମେରିକା ପ୍ରଶାସନ ଏହି ଶୁଳ୍କ ଆଦାୟ ଆରମ୍ଭ କରିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଯୋଗୁଁ ଭାରତର ପ୍ରାୟ ୪୮ ବିଲିୟନ ଡଲାର ମୂଲ୍ୟର ରପ୍ତାନି ପ୍ରଭାବିତ ହେବ ବୋଲି ଅର୍ଥନୀତିଜ୍ଞ ଓ ବାଣିଜ୍ୟ ବିଶେଷଜ୍ଞମାନେ ମତ ଦେଉଛନ୍ତି । ଦେଶର ୩୦ ଲକ୍ଷରୁ ଅଧିକ ନିଯୁକ୍ତି ସଙ୍କଟର ସମ୍ମୁଖୀନ ହୋଇଛି । ବିଶେଷକରି ଏହା ରପ୍ତାନୀ

- **ବାଜିରେ ୪୮ ବିଲିୟନ୍ ଡଲାରର ଭାରତୀୟ ରପ୍ତାନୀ**
- **ଦେଶର ନିଯୁକ୍ତିଭିତ୍ତିକ କ୍ଷେତ୍ରକୁ ଲାଗିବ ବଡ଼ ଧକ୍କା**

ପାଇଁ ଉଦ୍ଦିଷ୍ଟ ନିଯୁକ୍ତିଭିତ୍ତିକ ଶିଳ୍ପଗୁଡ଼ିକୁ ଅଧିକ ପ୍ରଭାବିତ କରିବ । ଇଞ୍ଜିନିଅରିଂ ସାମଗ୍ରୀ, ଅଳଙ୍କାର, ବୟନଶିଳ୍ପ, ଫର୍ଣ୍ଣିଚର, ଅଟୋ ଯନ୍ତ୍ରାଂଶ ଏବଂ ସାମୁଦ୍ରିକ ଖାଦ୍ୟ ରପ୍ତାନି ଏହାଦ୍ୱାରା ଭୀଷଣ ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି ।

ଅଗଷ୍ଟ ୭ରୁ ଆମେରିକା ଭାରତ ଉପରେ ୨୫% ଶୁଳ୍କ ଲାଗୁ କରିଥିଲା । ଏବେ ସର୍ବମୋଟ ଭାରତ ଉପରେ ୫୦%ର ଏକ ଭାରି ଶୁଳ୍କ ଲାଗୁ କରାଯାଇଛି । ଏଥିଯୋଗୁ ଭାରତୀୟ ରପ୍ତାନିକାରୀମାନଙ୍କୁ ଏକ ବଡ଼ ଝଟକା ଲାଗିପାରେ । କାରଣ ଆମେରିକା ଭାରତୀୟ ରପ୍ତାନି ପାଇଁ ଏକ ପ୍ରମୁଖ ବଜାର । ଏହି ପଦକ୍ଷେପ ଭାରତର ଅଭିବୃଦ୍ଧିକୁ ମଧ୍ୟ ପ୍ରଭାବିତ କରିପାରେ ବୋଲି ବଜାର ବିଶେଷଜ୍ଞ ମତପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଭାରତ ସରକାର ଏବେ କ୍ଷତିକୁ ହ୍ରାସ କରିବା ପାଇଁ ବିକଳ୍ପ ବଜାର ଏବଂ ରଣନୈତିକ ସହଭାଗିତା ଅନୁସନ୍ଧାନରେ ରହିଛନ୍ତି । ଏଥିପାଇଁ କେତେ ଦିନ ଲାଗିଯିବ, ତାହା କହିବା ସହଜ ନୁହେଁ ।

ଗ୍ଲୋବାଲ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ (ଜିଟିଆରଆଇ) ଅନୁସାରେ ଭାରତ ପ୍ରତି ବର୍ଷ ଆମେରିକାକୁ ପାଖାପାଖି ୮୬.୫ ବିଲିୟନ ଡଲାରର ରପ୍ତାନୀ କରିଥାଏ । ଏହାର ପାଖାପାଖି ଦୁଇ ତୃତୀୟାଂଶ ଅର୍ଥାତ୍ ପାଖାପାଖି ୬୦.୨ ବିଲିୟନ ଡଲାର ସାମଗ୍ରୀ ଉପରେ ୫୦% ଶୁଳ୍କ ଲାଗିବ । ତେଣୁ ସରକାରୀ ଅନୁମାନ ୪୮.୨ ବିଲିୟନ ଡଲାର ରପ୍ତାନୀ ଉପରେ ଏହି ଟାରିଫର ପ୍ରଭାବ ପଡିବା ଅନୁମାନ କରାଯାଉଛି । ଏଥିରେ ବୟନଶିଳ୍ପ, ଚିଙ୍ଗୁଡ଼ି, ଚମଡ଼ା, ହୀରା, ଅଳଙ୍କାର ଓ ଫର୍ଣ୍ଣିଚର କ୍ଷେତ୍ର ଅନ୍ତର୍ଭୁକ୍ତ । ଦେଶର ପ୍ରମୁଖ ବାଣିଜ୍ୟ ସଂଗଠନ ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି (ସିଟିଆଇ)ର ଅଧ୍ୟକ୍ଷ ବ୍ରିଜେଶ ଗୋୟଲ କହିଛନ୍ତି ଯେ ଏହି ଶୁଳ୍କ ଭାରତର ବୟନଶିଳ୍ପ, ଚମଡା, ରତ୍ନ ଏବଂ ଅଳଙ୍କାର, ▶ପୃଷ୍ଠା-୭

## ସୁରତ, ତିରୁପୁରରେ ସୂତା କଳ ବନ୍ଦ

■ ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଭାରତୀୟ ସାମଗ୍ରୀ ଉପରେ ଟ୍ରମ୍ପଙ୍କ ଚଢ଼ା ଶୁଳ୍କ ଯୋଗୁଁ ସର୍ବାଧିକ ପ୍ରଭାବିତ ହେବାକୁ ଯାଉଛି ପୋଷାକ ଶିଳ୍ପ । ପୂର୍ବରୁ ଭିଏତନାମ ଏବଂ ବାଂଲାଦେଶରୁ ତୀବ୍ର ପ୍ରତିଯୋଗିତାର ସମ୍ମୁଖୀନ ହେଉଥିବା ଭାରତର ଏହି ଶିଳ୍ପ ଟ୍ରମ୍ପଙ୍କ ୫୦ ପ୍ରତିଶତ ଶୁଳ୍କ ଯୋଗୁଁ ଭୀଷଣ ଭାବେ କ୍ଷତିଗ୍ରସ୍ତ ହେବା ନିଶ୍ଚିତ । ଆଜିଠାରୁ ନୂଆ ଶୁଳ୍କ ଲାଗୁ ହେବାପରେ ତତ୍କ୍ଷଣାତ୍ ଏହାର ପ୍ରଭାବ ଗୁଜରାଟର ସୁରତ୍, ତାମିଲନାଡୁର ତିରୁପୁର ଓ ନୋଇଡ଼ାରେ ଦେଖିବାକୁ ମିଳିଛି । ଏଠାରେ ବୟନ ଓ ପୋଷାକ ନିର୍ମାତାମାନେ ଉତ୍ପାଦନ ବନ୍ଦ କରିବା ଆରମ୍ଭ କରିଦେଇଛନ୍ତି । ଫଳରେ ଏହି ଶିଳ୍ପରେ ନିଯୁକ୍ତ ଲକ୍ଷ ଲକ୍ଷ ଶ୍ରମିକଙ୍କ ଭାଗ୍ୟ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି । ବିଶେଷ କରି ଓଡ଼ିଶାରୁ ପ୍ରାୟ ୫ ଲକ୍ଷ ଶ୍ରମିକ ଏହିସବୁ ସୂତା କଳରେ କାମ କରୁଛନ୍ତି । ଏହି ଶିଳ୍ପ ହଠାତ୍ ଉତ୍ପାଦନ ବନ୍ଦ କରିଦେଇଥିବାରୁ ଏହି ଶ୍ରମିକମାନଙ୍କ ଉପରେ ଚଡ଼କ ପଡ଼ିଛି । କେନ୍ଦ୍ର ସରକାର ତୁରନ୍ତ ହସ୍ତକ୍ଷେପ କରି ଆବଶ୍ୟକ ପଦକ୍ଷେପ ନେବାକୁ ଶ୍ରମିକମାନେ ଦାବି କରିଛନ୍ତି । ଭାରତୀୟ ରପ୍ତାନି ସଂଗଠନ ମହାସଂଘ ସଭାପତି ଏସ୍.ସି.ରାଲହାନ କହିଛନ୍ତି ଯେ ପୋଷାକ ଶିଳ୍ପ ଭିନ୍ନ ଭାରତୀୟ ସାମୁଦ୍ରିକ ଖାଦ୍ୟ ବିଶେଷ କରି ଚିଙ୍ଗୁଡ଼ି ରପ୍ତାନୀ ମଧ୍ୟ ବାଧାପ୍ରାପ୍ତ ହୋଇଛି । ଯେହେତୁ ଆମେରିକା ବଜାରର ମୋଟ ଆବଶ୍ୟକତାର ୪୦% ଭାରତରୁ ରପ୍ତାନୀ ହୋଇଥାଏ, ଶୁଳ୍କ ବୃଦ୍ଧି ଏହାକୁ ଗଭୀର ଭାବରେ ପ୍ରଭାବିତ କରିବ ବୋଲି ସେ କହିଛନ୍ତି ।

**ଲଘୁଚାପ ଘନୀଭୂତ**

# ଦକ୍ଷିଣରେ ବନ୍ୟା ଆଶଙ୍କା

■ **ଭୁବନେଶ୍ୱର,୨୭।୮ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ସୁଦୃଶ ଲଘୁଚାପରେ ପରିଣତ ହୋଇଛି । ଏହା ବର୍ତ୍ତମାନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ରହିଛି । ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ଏହା ଓଡ଼ିଶା ଉପରେ ରହିବାକୁ ଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ଆଶଙ୍କା ରହିଛି । ଗୁରୁବାର ବିଶେଷ କରି ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା ଓ ବରଗଡ଼ ଆଦିରେ ବର୍ଷାର ପ୍ରଭାବ ଅଧିକ ରହିବା ନେଇ ପାଣିପାଗ କେନ୍ଦ୍ର କହିଛି । ଅନ୍ୟପଟେ ଉତ୍ତର ଓଡ଼ିଶାରେ ମଧ୍ୟ ବର୍ଷା ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି ।

ଗତ ୨୪ ଘଣ୍ଟାରେ ରାଜ୍ୟର ୮ଟି ଅଞ୍ଚଳରେ ୧୦୦ ମିମିରୁ ଅଧିକ ବର୍ଷା ହୋଇଥିବା ବେଳେ ୫ ଟି ଅଞ୍ଚଳରେ ୬୦-୯୦ ମିମି ମଧ୍ୟରେ ବର୍ଷା ରେକର୍ଡ ହୋଇଛି । ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିଥିବାରୁ ଏଠାରେ ବିଭିନ୍ନ ସ୍ଥାନରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ରାଜ୍ୟ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଚନ୍ଦ୍ରଶେଖର ପାଢୀ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ବନ୍ୟା ସ୍ଥିତିରେ ସୁଧାର ଆସିବାରେ ଲାଗିଛି । ଏବେ କୌଣସି ନଦୀରେ ବନ୍ୟା ସ୍ଥିତି ନାହିଁ । ଲଘୁଚାପ ପ୍ରଭାବରେ କୋରାପୁଟରେ ପ୍ରବଳ ବର୍ଷା ହୋଇଛି । ସବୁଠୁ ଅଧିକ ବର୍ଷା କୋଲାବ ଅବବାହିକାରେ ହୋଇଛି । ▶ପୃଷ୍ଠା-୭

## ନୂଆଁଖାଇ ଶୁଭେଚ୍ଛା ଜଣାଇଲେ ନବୀନ

■ **ଭୁବନେଶ୍ୱର,୨୭।୮ (ସମିସ):** ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସମ୍ବଲପୁରୀ ଭାଷାରେ ନବୀନ ଏକ ଭିଡିଓ ବାର୍ତ୍ତାରେ ନୂଆଁଖାଇ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି, "ନୂଆଁଖାଇ ଅବସର୍‌ଥି ଆପଣମାନ୍‌କେ ସମ୍‌କେ ମୋର୍ ଜୁହାର୍ । ମାଁ ସମ୍‌ଲେଇ କୃପା ଆପଣମାନ୍‌ଙ୍କର୍ ସମ୍‌ଙ୍କର୍ ଉପରେ ବର୍ଷୁଥାଉ । ଆପଣମାନ୍‌ଙ୍କର୍ ଜୀବନ ସୁଖ୍ ସମୃଦ୍ଧିରେ ଭରିଯାଉ । ଏତ୍‌କି ଗୁହାରି କରୁଛେ । ଜୟ ମାଁ ସମଲେଶ୍ୱରୀ" ।



**ଲଗାଣ ବର୍ଷାରେ ବୁଡ଼ିଗଲା ରାଜପଥ**

# କାର୍ ସହ ଭାସିଗଲେ ପରିବାରର ୪

■ ମାଲକାନଗିରି,୨୭।୮ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍ଗର ଭ୍ୟାଲି ଜାତୀୟ ଉଦ୍ୟାନ ଅଞ୍ଚଳର ୩୦ନମ୍ବର ଜାତୀୟ ରାଜପଥର ଦରଭା ନିକଟରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି । ବନ୍ୟା ପାଣିରେ କାର୍ ଭାସିଯାଇ ଗୋଟିଏ ପରିବାରର ୪ ଜଣଙ୍କର ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ସ୍ୱାମୀ-ସ୍ତ୍ରୀ ଏବଂ ସେମାନଙ୍କର ଦୁଇ ଝିଅ ଅଛନ୍ତି ।



ସୂଚନା ଅନୁଯାୟୀ, ତାମିଲନାଡୁର ଏହି ପରିବାର ବସ୍ତର ବୁଲିବାକୁ ଆସିଥିଲେ । ପରିବାରର ଚାରି ଜଣ ସଦସ୍ୟ ପାଣିର ପ୍ରବଳ ପ୍ରବାହରେ ଫସି ଯାଇଥିଲେ । ପରେ କାର୍‌ଟି ଜଳସ୍ରୋତରେ ଭାସି ଯାଇ ବୁଡ଼ି ଯାଇଥିଲା । କାର୍ ଚାଳକ କୌଶଳ କ୍ରମେ ବର୍ତ୍ତି ଯାଇଥିବା ବେଳେ ପରିବାରର ୪ ଜଣଙ୍କର ମୃତ୍ୟୁ ଘଟିଛି । ଏ ସମ୍ପର୍କରେ ସୂଚନା ପାଇ ପୋଲିସ ଟିମ୍ ସେଠାରେ ପହଞ୍ଚି ଥିଲେ । ଏଏସ୍ପି ମହେଶ୍ୱର ନାଗ କହିଛନ୍ତି ଯେ ବିଳମ୍ବିତ ରାତିରେ ବହୁ ପରିଶ୍ରମ ପରେ ଏସଡିଆରଏଫ ଦଳ କାରରେ ଫସି ରହିଥିବା ମୃତଦେହ ଗୁଡ଼ିକୁ ବାହାର କରିଛି । ସମସ୍ତ ମୃତଦେହ ଗୁଡିକର ବ୍ୟବଚ୍ଛେଦ ପାଇଁ ଜଗଦଲପୁର ମେଡିକାଲ କଲେଜକୁ ପଠାଯାଇଛି । ଘଟଣାର ତଦନ୍ତ ଜାରି ରହିଛି । ମୃତକମାନେ ରାଜେଶ (୪୩), ପତ୍ନୀ ପବିତ୍ରା ରାଜେଶ (୪୦), ସୌଜନ୍ୟା (୭) ଏବଂ ସୌମ୍ୟା (୪) ବୋଲି ଜଣାପଡିଛି ।







● ଟ୍ରାନ୍ସଫର୍ମର ପୋଡ଼ି

# ୧୫ ଦିନ ହେଲା ସିରିସିଗୁଡା ଗାଁ ଅନ୍ଧାରରେ

ନନ୍ଦପୁର, ୨୭।୮ (ସମିସ): ଏହି ବ୍ଲକ ଅଧିନସ୍ଥ ପାଡୁଆ ପଞ୍ଚାୟତ ଅନ୍ତର୍ଗତ ସିର୍ଶିଗୁଡ଼ା ଗ୍ରାମରେ ବସବାସ କରୁଥିବା ୪୦ ଘରର ପ୍ରାୟ ୨୦୦ ବସ୍ତିବାସୀ ବିକଟ ଜଳ ସମସ୍ୟା ଘେରରେ। ବସ୍ତିରେ ଥିବା ୨ଟି ନଳକୂପ ମଧ୍ୟରୁ ଗୋଟିଏ ଅଚଳ ଥିବାବେଳେ ଅନ୍ୟଟି ଜଳ ଆବଶ୍ୟକତା ମେଣ୍ଟାଇ ପାରୁନାହିଁ। ବିକଳ୍ପ ଭାବରେ ଥିବା ଗ୍ରାମର ପୁରୁଣା କୂଅ ଯାହା ଝରଣା ଜଳ ପ୍ରବେଶ କରି ଦୂଷିତ ହେବା ଯୋଗୁ ବ୍ୟବହାର ଉପଯୋଗୀ ନାହିଁ। ପାନୀୟ ଜଳ ଅଭାବରେ ଦୂଷିତ ଜଳ ବ୍ୟବହାର କରିବାକୁ ବାଧ ହେଉଥିବା ଗ୍ରାମବାସୀ କୂଅ ନିକଟରେ ପ୍ରୋଟେକ୍ସନ ୱାଲ୍ ଦେବା ସହ ପାନୀୟ ଜଳ ଲାଗି ବିକଳ୍ପ ବ୍ୟବସ୍ଥା କରିବାକୁ ନେହୁରା ହୋଇଛନ୍ତି। ସେପଟେ ବିଗତ ୧୫ ଦିନରୁ ଅଧିକ ହେଲା ଟ୍ରାନ୍ସଫର୍ମର ଅଚଳ ପଡ଼ିଥିବା ଯୋଗୁ ଅନ୍ଧାରରେ ଗ୍ରାମବାସୀ। ଏତେ ଦିନ ପର୍ଯ୍ୟନ୍ତ ଉପଭୋକ୍ତା ଅନ୍ଧାରରେ ରହିବା ସତ୍ତ୍ୱେ ସଂପୃକ୍ତ ବିଭାଗର ଏହାପ୍ରତି ନିଘା ନାହିଁ। ସଂପୃକ୍ତ ବିଭାଗୀୟ ଜେଇଙ୍କ ସହ ଯୋଗାଯୋଗ କରିବାରେ ସେ ଏ ବିଷୟରେ ଅବଗତ ଥିବା ଏବଂ ନୂଆ ଟ୍ରାନ୍ସଫର୍ମର ଲାଗି କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି, ଦିନେ ଦୁଇ ଦିନ ମଧ୍ୟରେ ଲଗାଇ ଦିଆଯିବ ବୋଲି କହିଛନ୍ତି।

# କୁଇ ଭାଷାର ବହୁଭାଷୀ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା




କୋରାପୁଟ,୨୭।୮ (ସମିସ): ସ୍ଥାନୀୟ ଆରକ୍ଷୀ ଉଚ୍ଚ ବିଦ୍ୟାଳୟଠାରେ କୁୱି ଭାଷାର ବହୁଭାଷୀ ଶିକ୍ଷଣସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି କର୍ମଶାଳାରେ ପଟାଙ୍ଗି ଓ ଲକ୍ଷ୍ମୀପୁର ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯୋଗଦେଇ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ଭାଷା କାର୍ଯ୍ୟପୁସ୍ତିକା, କବିତା ପୋଷ୍ଟର, ବଡବହି ଓ କଥୋପକଥନ ଚାର୍ଟ ପ୍ରସ୍ତୁତି କରିଥିଲେ। ସମଗ୍ର ଶିକ୍ଷା, ଅଭିଯାନ କୋରାପୁଟର ତତ୍ତ୍ୱାବଧାନରେ ପ୍ରଥମ ଥର ପାଇଁ କୁୱି ଭାଷାର ପିଲାଙ୍କ ପାଇଁ ଏହି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଆୟୋଜିତ ହୋଇଥିଲା। ଲାଙ୍ଗୁଏଜ ଲର୍ଣ୍ଣିଙ୍ଗ ଫାଉଣ୍ଡେସନର ବୈଷୟିକ ସହାୟକ ସନ୍ତୋଷ କୁମାର ମହାନ୍ତି, ସନ୍ତୋଷ କୁମାର ଦାସ ଏବଂ ଶ୍ରୀମତୀ ତପସ୍ୱିନୀ ସ୍ୱାଇଁଙ୍କ ନେତୃତ୍ୱରେ ଏହି କର୍ମଶାଳା ପରିଚାଳନା କରା ଯାଇଥିଲା। ଜିଲ୍ଲା ଆଦିବାସୀ ଓ ଅର୍ନ୍ତନିବେଶୀ ଶିକ୍ଷା ସଂଯୋଜକ ଶୁଭେନ୍ଦୁ ବାରିକ ଯୋଗଦେଇ କୁୱି ଭାଷାର ପ୍ରସ୍ତୁତ ସାମଗ୍ରୀକୁ ବିଦ୍ୟାଳୟ ସ୍ତରରେ ପିଲାମାନେ କିପରି ସଠିକ୍ ଭାବରେ ବ୍ୟବହାର କରିବେ ସେ ସମ୍ବନ୍ଧରେ ନିଜର ମତ ରଖିଥିଲେ। ଏହି କର୍ମଶାଳା କୋରାପୁଟର ଅବସରପ୍ରାପ୍ତ ଏବିଇଓ ତଥା ବହୁଭାଷୀ ଶିକ୍ଷାବିତ ଶିବ ଶଙ୍କର ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

# ବୋଉଲାଣି ପର୍ବ' ପାଳିତ



କୋଷାଗୁମୁଡ଼ା ୨୭।୮ (ସମିସ): ଆଦିବାସୀ ପରମ୍ପରା ଅନୁସାରେ ଗ୍ରାମଦେବୀଙ୍କ ମନ୍ଦିରରେ ପୂଜା ଅର୍ଚ୍ଚନା କଲେ କୋଷାଗୁମୁଡା ଗ୍ରାମବାସୀ। ଏହି ପୂଜାରେ ବର୍ଷକୁ ଥରେ ଗ୍ରାମବାସୀ ଏକତ୍ରିତ ହୋଇ ଏକା ସାଙ୍ଗରେ ପୂଜା ଅର୍ଚ୍ଚନା, ମାନସିକ କରି ଛୋଟ ଛୋଟ କାଠରେ ନିର୍ମିତ ରଥକୁ ବିଭିନ୍ନ ରଙ୍ଗର କପଡା ଓ ଫୁଲରେ ସଜାଡି ଗ୍ରାମର ଶେଷ ସୀମାକୁ ନେଇନ୍ତି। ଏହି ରଥ ଗୁଡ଼ିକକୁ ନେବା ସମୟରେ ବାଦ୍ୟ, ତୁରୀ, ନାଚ ଗୀତର ଆସରରେ ଗ୍ରାମର ସମସ୍ତ ଛୋଟ ପିଲା, ବୁଢ଼ା, ଯୁବକ, ମହିଳା ଏକତ୍ରିତ ହୋଇଥାନ୍ତି। ବଣ ଭୋଜିଭଳି କରି ରଥ ଛାଡ଼ି ସନ୍ଧ୍ୟାରେ ଫେରନ୍ତି। ଆଜିର ଏହି "ବୋଉଲାଣି ପର୍ବ" ପାଇଁ କୋଷାଗୁମୁଡାର ଗ୍ରାମ ଦେବୀ ମା ଭଣ୍ଡାରୁଣୀ ମନ୍ଦିର ଠାରେ ପୂଜାର୍ଚ୍ଚନା ହୋଇଥିଲା। ଏହି ପୂଜା ପର୍ବ କରିବା ପାଇଁ କୋଷାଗୁମୁଡା ଗ୍ରାମର ପୂଜାରୀ, ଶିରା, ଗଣ୍ଡା, ସହ ଗ୍ରାମର ଭଦ୍ର ମଣ୍ଡଳୀ ଓ ଯୁବକ ଦଳ ଏକତ୍ରିତ ହୋଇଥିଲେ।

# ଲଗାଣ ବର୍ଷା, ପାହାଡ଼ ପାଣି ଘରେ ପଶିଗଲା

ଲମତାପୁଟ ୨୭।୮ (ସମିସ ): ଦୀର୍ଘ ୪୮ ଘଣ୍ଟାର ଲଗାଣ ବର୍ଷାରେ ଲମତାପୁଟ ବେହାଲ ହୋଇଛି। ମଧ୍ୟ ରାତି ପ୍ରାୟ ୩ଟାରେ ଅଚାନକ ପାହାଡିଆ ପାଣି ମାଡି ଆସିବା ଫଳରେ ଘର ଭିତରେ ୫ ଫୁଟର ପାଣି ପଶି ଜିନିଷପତ୍ର ନଷ୍ଟ ହୋଇଯିବା ସହ ଲୋକେ ହନ୍ତସନ୍ତ ହେଉଛନ୍ତି। ରାସ୍ତା କଡ଼ରେ ଥିବା କାର ସମ୍ପୂର୍ଣ ବୁଡ଼ିଯାଇଥିବା ବେଳେ ଜୟପୁର ଲମତାପୁଟ ମୁଖ୍ୟରାସ୍ତା କଡରେ କଲଭେଟ କୂଳ ଖାଇ ବିପଦ ସଂକୁଳ ଅବସ୍ଥାରେ ରହିଛି ରାସ୍ତା। ଭାରିଯାନ ମୁଖ୍ୟ ରାସ୍ତାରେ ଗଲେ ରାସ୍ତା ଧସି ପଡିବା ଭଳି ସମସ୍ୟା ଉପୁଜିଛି। ମୁଖ୍ୟ ବଜାର ପାଖରେ ୧୧କେଭି ଏବଂ ଏଲଟି ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡିବାରୁ ବିଦ୍ୟୁତ ଯୋଗାଣ ବନ୍ଦ ହୋଇଯାଇଛି।










ଉମରକୋଟ ନୁଣିଆଧୋଡି ଗଣେଶ ପୂଜା



ଉମରକୋଟ ପିଏଚଡ଼ି କୋଲନୀ ଗଣେଶ ପୂଜା



ରାୟଗଡ଼ାରେ ଇଣ୍ଡିଆଗେଟ୍ ତୋରଣ



ଉମରକୋଟ ରାଇଘର ରୋଡ ସ୍ଥିତ ଗଣେଶ ପୂଜା



ଗୁଡାରିରେ ଗଜାନନ




ରାୟଗଡ଼ା

# ଧୋଇଗଲା ରାସ୍ତା, ୬ ଖଣ୍ଡ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ



ବୈପାରୀଗୁଡ଼ା, ୨୭।୮ (ସମିସ): କୋରାପୁଟ ଜିଲ୍ଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗିରହିଥିବା ବେଳେ ବୈପାରୀଗୁଡା ଠାରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ବୁଧବାର ସର୍ବାଧିକ ୩୦୬ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବ୍ଲକର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବୈପାରୀଗୁଡା ବ୍ଲକର ଦଶମନ୍ତପୁର ପଞ୍ଚାୟତର ବରୁଆବାଡ଼ି ଓ ଗରୁଡୁଗୁଡା ମଝିରେ ଥିବା ପୋଲ ଆପ୍ରୋଚ୍ ରୋଡ୍ ବର୍ଷାରେ ଧୋଇ ହୋଇଯାଇଛି। ଫଳରେ ରାଜୁଗୁଡ଼ା, ଉଛୁଲଗୁଡ଼ା ନୂଆଗୁଡ଼ା, ସିନ୍ଦୁରମୁଣ୍ଡି, ଗୟଲଖାରି ଏବଂ ଗେନ୍ଦରଗୁଡ଼ା ଭଳି ୬ ଖଣ୍ଡ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଫଳରେ ପ୍ରାୟ ୬ ଶହ ପରିବାର ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିମ୍ନମାନର କାମ ଯୋଗୁଁ ରାସ୍ତା ଧୋଇ ଯାଇଥିବା ନେଇ ଗ୍ରାମବାସୀ ଅଭିଯୋଗ ଆଣିଥିବା ବେଳେ କୋରାପୁଟ ବିଧାୟକ ରଘୁରାମ ମାଛ ଗାଁ ସ୍ଥିତି ଅନୁଧ୍ୟାନ କରିଛନ୍ତି। ତୁରନ୍ତ ରାସ୍ତା ମରାମତି କରାଯିବ ବୋଲି ବିଧାୟକ ଗାଁ ଲୋକଙ୍କୁ ପ୍ରତିଶ୍ରୁତି ଦେବା ସହ ଠିକାଦାରଙ୍କୁ ଘଟଣାସ୍ଥଳକୁ ଡକାଇ ତୁରନ୍ତ ରାସ୍ତା ମରାମତି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କୋରାପୁଟ ବିଧାୟକ କହିଛନ୍ତି ଯେ, ନିମ୍ନ ମାନର କାମ ଲାଗି ଏଭଳି ପରିସ୍ଥିତି ଉପୁଜିଛି, ଏଣୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଧାୟକଙ୍କ ସ୍ଥିତି ଅନୁଧ୍ୟାନ ସମୟରେ ବିଜେପିର ମୋନଜ ନାୟକ, ନଟବର ପଟ୍ଟନାୟକ, ପଦ୍ମନ ମାଳି, କୁନୁ ପ୍ରଧାନୀ, ଲୁକୁ ଖରା, ଅର୍ଜୁନ ଶୁକ୍ରୀ, କୁଶ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

■ ପାଣି ଘେରରେ ଶହ ଶହ ଏକର ଫସଲ

# ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ

କୁନ୍ଦୁରା, ୨୭।୮ (ସମିସ): ଲଗାଣ ବର୍ଷା ଯୋଗୁଁ କୁନ୍ଦୁରା ବ୍ଲକର ବିଭିନ୍ନ ଅଞ୍ଚଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ବନ୍ୟା ସ୍ଥିତି ଅନୁଧ୍ୟାନ କଲେ କୋରାପୁଟ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧାବୋନୋଦ ସାମନ୍ତରାୟ। ଦିଗାପୁର ଅଞ୍ଚଳରେ ନାଡ଼ିଆଲପାଲୀ ଓ ବରଗାଁ ମଝିରେ ଥିବା ବିରି ନଦୀ ଉପରେ ସର୍ବାଧିକ ତିନିରୁ ଚାରି ଫୁଟ ପାଣି ପ୍ରବାହିତ ହେଉଛି। ବିରି ନଦୀରେ ଗତକାଲି ଠାରୁ ଅଧିକ ଚାରି ପାଞ୍ଚ ଗୁଣା ପାଣି ବଢିଛି। ବ୍ଲକ ସଦରକୁ ଦିଗାପୁର, ବାଗଦେରୀ, ଲିମା,ଆସନା, ଫୁଲଭଟ୍ଟା, କେରମେଟି ଆଦି ପଞ୍ଚାୟତ ଠାରୁ ବ୍ଲକ ସଦର ସଂଯୋଗ କରୁଥିବା ଘାଡଙ୍ଗାଗୁଡ଼ା, ଲିମା, କୂର୍ଲୁ ନଦୀ ପୋଲ ଓ ରାସ୍ତା ଉପରେ ଦୁଇ, ତିନି ଫୁଟ ବର୍ଷା ପାଣି ପ୍ରବାହିତ ହେଉଛି। ପତ୍ରା ନଦୀ ଫୁଲିବା ଯୋଗୁଁ କଟରୀପୁଟ ସହ ଜୟପୁର ଯାତାୟତ ବାଧାପ୍ରାପ୍ତ। ଦିଗାପୂର ଅଞ୍ଚଳରେ ପ୍ରାୟ ପାଞ୍ଚ ଶହ ଏକର, କଟାରୀପୁଟ ଓ ଆଇତାହାଣ୍ଡି ଅଞ୍ଚଳରେ ପ୍ରାୟ ଛଅ ଶହ ଏକର ଚାଷ ଜମି ଜଳମଗ୍ନ ହୋଇଛି। ଶେଷ ପର୍ଯ୍ୟାୟରେ ରୁଆ ସରିଥିବା ଜମି ଗୁଡ଼ିକର ଧାନ ଗଛ ଭାସି ଯାଇଛି। ଚାଷୀଙ୍କ କ୍ଷୟକ୍ଷତି ହୋଇଛି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଯୋଗାଇଦେବାକୁ ଉପାଧ୍ୟକ୍ଷ ସାମନ୍ତରାୟ କହିଛନ୍ତି। କୁନ୍ଦୁରା ଚାରିପଟେ ଘେରି ରହିଥିବା ଛୋଟ ନଦୀ ଗୁଡ଼ିକର ପାଣି କୋଲାବ ନଦୀରେ ମିଶିଥା। ଯେହେତୁ କୋଲାବ ନଦୀରେ ପାଣି ଭର୍ତି ରହିଛି। ତେଣୁ ଜଳ ନିଷ୍କାସନ ହୋଇ ପାରୁନାହିଁ। ତେଣୁ ଜଳସ୍ତର ବଢୁଛି। ଏଥିଲାଗି ଏକ ପ୍ରକାର ବନ୍ୟା ସ୍ଥିତି ଉପୁଜିଛି। କୁନ୍ଦୁରା ଥାନା ଅଧିକାରୀ ଅଶ୍ୱନୀ କୁମାର ପଟ୍ଟନାୟକ, ବୈପାରୀଗୁଡ଼ା ଥାନା ଅଧିକାରୀ ରଶ୍ମୀ ରଞ୍ଜନ ପ୍ରଧାନ ଏ ସବୁ ଅଞ୍ଚଳ ପରିଦର୍ଶନ କରିଛନ୍ତି।

# ଲଘୁଚାପ ପ୍ରଭାବ; ୨୪ ଘଣ୍ଟାରେ ରେକର୍ଡ ବର୍ଷା

କୋରାପୁଟ,୨୭।୮ (ସମିସ): ଲଘୁଚାପ ପ୍ରଭାବରେ କୋରାପୁଟ ଜିଲ୍ଲାରେ ଗତ ୨୪ ଘଣ୍ଟାରେ ୧୬୧୮ ମିମି ବର୍ଷା ହୋଇଥିବାବେଳେ ଜନ ଜୀବନ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ବୈପାରିଗୁଡ଼ା ବ୍ଲକରେ ଗତ ୨୪ ଘଣ୍ଟାରେ ୩୦୬ ମିମି ବର୍ଷା ହୋଇଥିବା ରେକର୍ଡ କରା ଯାଇଛି। ସେହିପରି କୋରାପୁଟ ବ୍ଲକରେ ୧୧୮.୪ ମିମି ବର୍ଷା ହୋଇଥିବା ବେଳେ ଲମତାପୁଟରେ ୧୨୩, ପଟ୍ଟାଙ୍ଗିରେ ୬୫.୪, ବନ୍ଧୁଗାଁରେ ୨, ନନ୍ଦପୁରରେ ୧୨୫, ଦଶମନ୍ତପୁରରେ ୬୮ ମିମି ବର୍ଷା ହୋଇଛି। ଅନ୍ୟ ପକ୍ଷରେ ନାରାୟଣପାଟଣା ବ୍ଲକରେ ୧୭ ମିମି ବର୍ଷା ହୋଇଥିବା ବେଳେ ଲକ୍ଷ୍ମୀପୁରରେ ୬୧.୪,ସେମିଳିଗୁଡାରେ ୧୦୮.୪, ଜୟପୁରରେ ୧୮୬, କୋଟପାଡରେ ୧୫୯, କୁନ୍ଦୁରାରେ ୧୨୨.୬ ଏବଂ ବୋରିଗୁମ୍ମାରେ ୧୫୫.୮ ମିମି ବର୍ଷା ହୋଇଛି। ପ୍ରବଳ ବର୍ଷା ଯୋଗୁଁ ନଦୀ ନାଳ, ରାସ୍ତା ଘାଟ ଜଳାର୍ଣ୍ଣବ ହୋଇଥିବା ଦେଖିବାକୁ ମିଳିଛି। ଅନ୍ୟ ପକ୍ଷରେ ଲଗାଣ ବର୍ଷା ଯୋଗୁଁ ଜଲାପୁଟ,ମାଛକୁଣ୍ଡ, ଉପର କୋଲାବ ଜଳ ଭଣ୍ଡାରରେ ଜଳପତନ ବୃଦ୍ଧି ପାଇଛି।

# ତୃତୀୟ ଶ୍ରେଣୀ ଛାତ୍ର ଜଙ୍ଘରେ ଗଳିଗଲା ଲୁହା ରଡ଼

ରାୟଗଡା, ୨୭।୮ (ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ସହରର ପୁରୁଣା ଗୁଣପୁର ଆଶ୍ରମ ବିଦ୍ୟାଳୟରେ ଅଘଟଣ ଘଟିଛି। ବିଦ୍ୟାଳୟରେ ଗଣେଶ ପୂଜା ଚାଲିଥିବା ସମୟରେ ଜଣେ ତୃତୀୟଶ୍ରେଣୀ ଛାତ୍ରର ଜଙ୍ଘରେ ରୋଷେଇ ଘର ପଛପଟେ ଥିବା ଏକ ଫାଟକର ଲୁହା ରଡ଼ ଗଳି ଯାଇଥିଲା। ଆହତ ଛାତ୍ର ଜଣକ ହେଲେ ଗିରିଧର ଶବର। ସେ ପୁରୁଣା ଗୁଣପୁର ଗ୍ରାମର ବୋଲି ଜଣାପଡ଼ିଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଗୁଣପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଗୁଣପୁର ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଦଳର ପ୍ରୟାସରେ ଆହତ ଛାତ୍ରକୁ ଉଦ୍ଧାର କରି ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଯାଇଛି। ଆହତ ଛାତ୍ର ଜଣକ ସୁସ୍ଥ ରହିଥିବା ଗୁଣପୁର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା ପ୍ରକାଶ କରିଛନ୍ତି।

# ବର୍ଷା ପାଇଁ ଫିକା ପଡ଼ିଲା ଗଣେଶ ଚତୁର୍ଥୀ

ବୈପାରୀଗୁଡ଼ା,୨୭।୮ (ସମିସ): ବୈପାରୀଗୁଡା ଠାରେ ବର୍ଷା ଯୋଗୁଁ ଫିକା ପଡିଲା ଗଣେଶ ଚତୁର୍ଥୀ। ପ୍ରତିବର୍ଷ ଭଗବାନ ଗଣେଶଙ୍କ ପୂଜାର୍ଚ୍ଚନା ପାଇଁ ଚାରିଆଡେ ଉତ୍ସାହ ଦେଖିବାକୁ ମିଳିଥିବା ବେଳେ ଚଳିତ ବର୍ଷ ଲଗାଣ ବର୍ଷା ଯୋଗୁଁ ଫିକା ପଡିଛି ଗଣେଶ ପୂଜା। ସହରର କାଠମିଲ ସାହି, ଗୌଡ଼ ସାହି, ଟାପାକାରିଆ ସାହି, ହନୁମାନ ନଗର, ବିରୋଖମ୍ବ ସାହି, ଲିଙ୍ଗରାଜ ନଗର ଭଳି ସମସ୍ତ ସାହିରେ ଗଣେଷ ପୂଜା ପାଳନ ହୋଇଛି। ଲଗାଣ ବର୍ଷା ଯୋଗୁଁ ନିରାଡମ୍ବର ପୂଜା ପାଳିତ ହୋଇଯାଇଛି। ସେହିପରି ସହରର ଶିକ୍ଷାନୁଷ୍ଠାନ ମଧ୍ୟରୁ ସହିଦ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ବୈପାରୀଗୁଡା ହାଇସ୍କୁଲ, ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ସମେତ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା ପାଳିତ ହେଉଛି।

# ପୂଜା ପାଇଲେ ୨୦ ଫୁଟ୍‌ର ଗଣେଶ ମୂର୍ତ୍ତି



ଟିକିରି,୨୭।୮ (ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ବଣିକ ସଂଘରେ ଗଣେଶ ପୂଜା ପାଳିତ ହୋଇଯାଇଛି। ଚଳିତ ବର୍ଷ ସୁନ୍ଦର ମେଢ ସହ ପ୍ରଥମ ଥର ୨୦ ଫୁଟର ଗଣେଶ ମୂର୍ତ୍ତି ପୂଜା ପାଉଛନ୍ତି। ବଜାର ସାରା ଆଲୋକ ମାଳା ସୁସଜ୍ଜିତ ହୋଇଛି। ଗତବର୍ଷ ମଧ୍ୟ ୧୨ ଫୁଟର ଗଣେଶ ପୂଜା କରାଯାଇଥିଲା। ଚଳିତ ବର୍ଷ ଭଜନ ସମାରୋହ ସହ ପ୍ରସାଦସେବନର ବ୍ୟବସ୍ଥା ହୋଇଛି ବୋଲି ସଭାପତି ମନୋଜ ବେହେରା କହିଛନ୍ତି। ବଣିକ ସଂଘର ସଭାପତି ମନୋଜ ବେହେରାଙ୍କ ଅଧ୍ୟକ୍ଷତାରେ ଟିକିରି ବଜାରର ସମସ୍ତ ଦୋକାନୀ ସହଯୋଗ କରିଥିଲେ।

# କତାମେଟାରେ ଗଣେଶ ପୂଜା

ମାଲକାନଗିରି, ୨୭।୮ (ସମିସ): ମାଲକାନଗିରି ଜିଲ୍ଲା କତାମେଟା ଗ୍ରାମରେ ଜନତା ସେବା କ୍ଲବ ତରଫରୁ ଚଳିତ ବର୍ଷ ଗଣେଶ ପୂଜା ମହାଆଡ଼ମ୍ବରେ ପାଳିତ ହୋଇଯାଇଛି । ପୂଜାରେ ବିଶିଷ୍ଟ ସମାଜସେବୀ ରଞ୍ଜିତ ଦାସ କର୍ତ୍ତା ଭାବେ ପୂଜା କାର୍ଯ୍ୟ ତୁଲାଇ ଥିବା ବେଳେ କ୍ଲବର ସଭାପତି ଡମ୍ବରୁଧର ସ୍ୱାଇଁ, ସମ୍ପାଦକ ଆସିକ ସରକାର, ରାକେଶ କୁମାର ଦେ, ଅଭିଶେଖ ଦେ, ଗଣେଶ ଦେ ଏବଂ କ୍ଲବର ଅନ୍ୟ ସଦସ୍ୟ ବୃନ୍ଦ ଉପସ୍ଥିତ ରହି ସମ୍ପୂର୍ଣ ସହଯୋଗ କରିଥିଲେ। ଗ୍ରାମର ଶତାଧିକ ମହିଳା ଏବଂ ଭଦ୍ର ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ।

# ତିନି ବାଇକ୍ ଦୁର୍ଘଟଣା, ୫ ଗୁରୁତର

ବୈପାରିଗୁଡ଼ା, ୨୭।୮ (ସମିସ): ତିନି ବାଇକ୍ ଦୁର୍ଘଟଣା ଘଟି ୫ ଜଣ ଗୁରୁତର ହୋଇଥିବା ଜଣାପଡିଛି। ଘଟଣା ଅନୁଯାୟୀ, ବୈପାରିଗୁଡା ଥାନା ଅନ୍ତର୍ଗତ ଟାଙ୍ଗିଣିଗୁଡା ହଷ୍ଟେଲ ନିକଟରେ ଟାପାଯୋଡି ଗ୍ରାମର ତ୍ରିନାଥ ପାଙ୍ଗି (୩୦) କୌଣସି କାମରେ ବୈପାରିଗୁଡା ଆସି ରାତି ୮ଟା ବେଳେ ନିଜ ଗାଁକୁ ଫେରୁଥିବା ବେଳେ ଟାଙ୍ଗିଣିଗୁଡା ହଷ୍ଟେଲ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାରେ ପଡ଼ିଥିଲେ। ଉକ୍ତ ସମୟରେ ବାଇକ୍‌ରେ ଟୋପାଯୋଡି ଗ୍ରାମର ମୁକୁନ୍ଦ ବୁରୁଡି (୨୮) ଏବଂ ବିଚି ସ୍ୱାଇଁ (୫୫) ଏବଂ ଅନ୍ୟ ଏକ ବାଇକରେ ଡମ୍ବରୁ ଖରା (୪୦) ଓ ଡମ୍ବରୁ ଗୁଣ୍ଟା(୨୮) ଆଗ ପଛ ହୋଇ ବୈପାରିଗୁଡାରୁ ଟାପାଯୋଡି ଫେରୁଥିଲେ। ପୂର୍ବରୁ ତ୍ରିନାଥ ପାଙ୍ଗି ଦୁର୍ଘଟଣା ହୋଇ ରାସ୍ତା ଉପରେ ପଡ଼ିଥିବା ବେଳେ ପଛରେ ଆସୁଥିବା ଦୁଇଟି ବାଇକ୍ ତ୍ରିନାଥ ଉପରେ ମାଡ଼ି ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସେହି ସମୟରେ ବୈପାରିଗୁଡା ଥାନା ଆଇଆଇସି ରଶ୍ମି ରଂଜନ ପ୍ରଧାନ ପାଟ୍ରୋଲିଂ ପାଇଁ ମାଲକାନଗିରି ରାସ୍ତାରେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିବା ଦେଖି ତୁରନ୍ତ ସମସ୍ତ ଆହତଙ୍କୁ ବୈପାରିଗୁଡା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ତ୍ରିନାଥ ପାଙ୍ଗିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଡ଼ାକ୍ତର ପ୍ରାଥମିକ ଚିକିତ୍ସା ପରେ ଜୟପୁର ମେଡିକାଲ କଲେଜକୁ ସ୍ଥାନାନ୍ତର କରିଛନ୍ତି। ଅନ୍ୟ ଚାରିଜଣ ଆହତଙ୍କୁ ବୈପାରିଗୁଡା ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।




### ସାର ସଙ୍କଟ ଉତ୍କଟ

# ଦୁଇଗୁଣରେ ବିକୁଛନ୍ତି ଦଲାଲ; ଚାଷୀ ହତାଶ



ଅନୁଗୋଳ,୨୭ ।୮ (ସମିସ): ଚାଷରେ ବାଧକ ସାଜିଛି ସାର ସଙ୍କଟ। ଚାଷ ହିସାବରେ ସାର ଯୋଗାଇବାରେ ସରକାର ବିଫଳ ହୋଇଥିବା ଅଭିଯୋଗ ହେଉଛି। ଧାନର ସହାୟକ ମୂଲ୍ୟ ବଢ଼ିଥିବାରୁ ଚାଷ ପ୍ରତି ଲୋକଙ୍କ ଆଗ୍ରହ ବଢ଼ିଛି। ଏଭଳି ସ୍ଥିତିରେ ଚାଷଜମି ହିସାବରେ ମିଳୁନି ସାର। ଏ ନେଇ ଅନୁଗୋଳ ବ୍ଲକ ବନ୍ତଲା ଅଞ୍ଚଳର ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୋକତୁଙ୍ଗା, ଖାଲଗାଁ, ବଡ଼କନ୍ତକୂଳ, ଗଡ଼ତରାସ, ଖିଣ୍ଡା, ବେଡ଼ା ଶାସନ, ଇଙ୍କରବନ୍ଧ, କୁମୁରସିଂହା ଆଦି ସମବାୟ ସମିତିରେ ସାର ମିଳୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ୟୁରିଆ ସାର ସରକାରୀ ଭାବେ ୨୬୬.୫୦ ଟଙ୍କା ଥିବା ବେଳେ ବଜାରରୁ ୫୦୦ରୁ ୫୫୦ ଟଙ୍କାରେ କିଣିବାକୁ ପଡୁଛି। ଫଳରେ ଚାଷୀ କ୍ଷତି ସହୁଛି। ତୁରନ୍ତ ସରକାର ସମବାୟ ସମିତି ମାଧ୍ୟମରେ ସାର ଯୋଗାଇ ଦେବାକୁ ଚାଷୀ ଧୀରେନ୍ଦ୍ର ସାହୁ, ବୁଲୁ ଅମାନ୍ତ, ଅମିୟ ସାହୁ, କ୍ଷୀରୋଦ ସାହୁ, ନରେନ୍ଦ୍ର ସାହୁ, ସୁଶାନ୍ତ କୁମାର ସାହୁ, ସଞ୍ଜୟ ସାହୁ, ବିନୋଦ ସାହୁ, ସରୋଜ ସାହୁ, ନୀହାରକାନ୍ତ ସାହୁ, ବିବେକାନନ୍ଦ ପ୍ରଧାନ, ଅରବିନ୍ଦ ପ୍ରଧାନ, ହୃଷୀକେଶ ଦେହୁରୀ, ଭାବଗ୍ରାହୀ ସାହୁ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଅନୁଗୋଳ ଏଆରସିସି ନିରଞ୍ଜନ ସେଠଙ୍କୁ ପଚାରିବାରୁ ସେ କହନ୍ତି, ୟୁରିଆ ସାର ଅଭାବ ନେଇ ଜିଲ୍ଲାପାଳଙ୍କ ମାଧ୍ୟମରେ ସରକାରଙ୍କୁ ଅବଗତ କରିଛୁ। ଖୁଚୁରା ବଜାରରେ ଚଢ଼ା ଦରରେ ସାର ବିକୁଥିବା ଡିଲରଙ୍କ ଉପରେ ଚଢ଼ଉ କରୁଛୁ। ଖୁବଶୀଘ୍ର ସମସ୍ୟା ସମାଧାନ ହେବ ବୋଲି ସେ କହିଛନ୍ତି।

# କିଶୋରନଗର କଲେଜରେ ଆଲୋଚନାଚକ୍ର

କିଶୋରନଗର,୨୭ ।୮ (ସମିସ): ଆଠମଲ୍ଲିକର ପ୍ରଜାବତ୍ସଳ ରାଜା କିଶୋର ଚନ୍ଦ୍ର ଦେଓଙ୍କ ସିଂହାସନ ଆରୋହଣର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ କିଶୋରନଗର ଡିଗ୍ରୀ କଲେଜରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। 'ସ୍ୱତନ୍ତ୍ର ପ୍ରଦେଶ ଗଠନ, ମାତୃଭାଷା ସୁରକ୍ଷାରେ ଉତ୍କଳ ସମ୍ମିଳନୀର ଭୂମିକା' ଶୀର୍ଷକ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଉତ୍କଳ ସମ୍ମିଳନୀ ଅନୁଗୋଳ ଜିଲ୍ଲାର ଉପଦେଷ୍ଟା ଯୁବରାଜ ପରେଶ ଦେଓ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଆଠମଲ୍ଲିକ ଅଞ୍ଚଳରେ କିଶୋର ଚନ୍ଦ୍ର ଦେଓଙ୍କ ଅବଦାନ ବର୍ଣ୍ଣନା କରିଥିଲେ। ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ମହେନ୍ଦ୍ର ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ଦେବରାଜ ନାୟକ ଯୋଗଦେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ମାତୃଭାଷା ସୁରକ୍ଷା ଏବଂ କିଶୋର ଚନ୍ଦ୍ର ଦେଓଙ୍କ କୃତୀ ବିଷୟରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ ଶିକ୍ଷା କ୍ଷେତ୍ରରେ କିଶୋର ଚନ୍ଦ୍ର ଦେଓଙ୍କ ଭୂମିକା ବିଷୟରେ ସୂଚନା ଦେଇଥିଲେ। ଉତ୍କଳ ସମ୍ମିଳନୀର ସାଙ୍ଗଠନିକ ସମ୍ପାଦିକା ଲିପିକା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ପରିଚାଳନା କରିଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ତରଣୀସେନ ସାହୁ ଧନ୍ୟବାଦ ଦେଇଥିଲେ।

### କଣିହାଁ ଗସ୍ତରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ



କଣିହାଁ,୨୭ ।୮ (ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଦିନିକିଆ କଣିହାଁ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାଶ କରିଛନ୍ତି। ପୂର୍ବାହ୍ନ ସାଢ଼େ ୧୧ଟାରେ ବ୍ଲକ୍‌ର ସମଲ ବ୍ୟାରେଜ୍ ଛକରେ ମନ୍ତ୍ରୀଙ୍କୁ ସ୍ୱାଗତ, ସମ୍ବର୍ଦ୍ଧନା ଦିଆଯାଇଥିଲା। ଦଳୀୟ କାର୍ଯ୍ୟକର୍ତ୍ତା ସମେତ ଶତାଧିକ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ। ପରେ ଏନଟିପିସି ବାଇପାସ୍ ରୋଡ୍ ସାରଥି ପେଟ୍ରୋଲ ପମ୍ପ ଓ ଏନଟିପିସି ବାଇପାସ୍ ଛକରେ ଦଳୀୟ କାର୍ଯ୍ୟକର୍ତ୍ତା ଓ ଏନଟିପିସି ପକ୍ଷରୁ ମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ସେଠାରେ ମନ୍ତ୍ରୀ ସହିଦ୍ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ଟ୍ରକ୍ ଆସୋସିଏସନ୍ ପକ୍ଷରୁ ଭୀମକାଣ୍ଡ ଶିବ ମନ୍ଦିର ସାମ୍ନା ରାସ୍ତାରେ ଓ କଣିହାଁ ମଣ୍ଡଳ ବିଜେପି ପକ୍ଷରୁ କଣିହାଁ ତହସିଲ କାର୍ଯ୍ୟାଳୟଠାରେ ସ୍ୱାଗତ କରାଯାଇଥିଲା। ପାରମ୍ପରିକ ଦୁଲୁଦୁଲି ବାଜା, ନାମସଂକୀର୍ତ୍ତନରେ ମନ୍ତ୍ରୀ ଓ ଅନ୍ୟ ଅତିଥିଙ୍କୁ ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଫୁଲତୋଡ଼ା, ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରାଯାଇଥିଲା।

ପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ପରିସରରେ ଦୁଇମହଲା ବିଶିଷ୍ଟ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। କଣିହାଁ ପିଏମଶ୍ରୀ ପବିତ୍ରମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସର ଭିତିପ୍ରସ୍ତର ସ୍ଥାପନ, ୮୭.୩୭ ଲକ୍ଷ ଟଙ୍କାରେ ନୂତନ ବିଜ୍ଞାନ ପ୍ରୟୋଗଶାଳା, ୮୮.୫୧ଲକ୍ଷ ଟଙ୍କାରେ ନୂତନ ଅତିରିକ୍ତ ଶ୍ରେଣୀଗୃହ ଓ ୩୫.୦୫ଲକ୍ଷ ଟଙ୍କା ବ୍ୟୟରେ ନୂତନ ରୋଷେଇ ଘର ସହ ଭୋଜନାଳୟର ଲୋକାର୍ପଣ କରିଥିଲେ। ଏ ସମସ୍ତ ପ୍ରକଳ୍ପରେ ଏନଟିପିସି, ଜେଆଇପିଏଲ, ଏମସିଏଲର ସିଏସଆର ଅର୍ଥ ବିନିଯୋଗ ହୋଇଛି। ସେହିପରି କଣିହାଁଠାରୁ ପଙ୍ଗାଖମଣ ପର୍ଯ୍ୟନ୍ତ ଟିକିରା ନାଳ ଉପରେ ଉଚ୍ଚସ୍ତରୀୟ ବ୍ରିଜ୍‌ର ଲୋକାର୍ପଣ କରିଥିଲେ ମନ୍ତ୍ରୀ ପ୍ରଧାନ। ଏହି ବ୍ରିଜ୍ ଜିଲ୍ଲା ଖଣିଜ ପାଣ୍ଠିରୁ ୨୩ କୋଟି ୩୬ ଲକ୍ଷ ୭୧ ହଜାର ୨୪୮ ଟଙ୍କାରେ ନିର୍ମାଣ ହୋଇଛି।

କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, ଆଇଜି ସତ୍ୟବ୍ରତ ଭୋଇ, ଜିଲ୍ଲାପାଳ ଅବ୍ଦଲ୍ ଅକ୍ତର, ଏସ୍‌ପି ରାହୁଲ ଜୈନ, ଉପଜିଲ୍ଲାପାଳ ସମୀର ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ପୂର୍ତ୍ତ ବିଭାଗ ଜିଲ୍ଲା ଅଧିକାରୀ ପ୍ରତାପ ହରିପାଲ, କଣିହାଁ ତହସିଲଦାର ଚିନ୍ମୟ ଦାଶ, କଣିହାଁ ବିଡିଓ ତ୍ରିବିକ୍ରମ କୁମାର, ମେମୋରିଆଲ ଟ୍ରଷ୍ଟ ସଭାପତି ବିନାୟକ ପ୍ରଧାନ, ସମ୍ପାଦକ କ୍ଷୀରସିନ୍ଧୁ ସେଠୀ, ଉପସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ କର୍ଣ୍ଣ ଭୂତିଆ, ପ୍ରାକ୍ତନ ଜିଲ୍ଲା ବିଜେପି ସଭାପତି ଦିଲେଶ୍ୱର ପ୍ରଧାନ, କଣିହାଁ ମଣ୍ଡଳ ବିଜେପି ସଭାପତି ସୁଶାନ୍ତ କୁମାର ସାମଲ, ବରିଷ୍ଠ ବିଜେପି ନେତା ଦୟାନିଧି ନାଏକ, ଆଇନଜୀବୀ ତ୍ରିପୁରାରୀ ପ୍ରଧାନ, ଉକାଲୁ ସାହୁ, ପୂର୍ବତନ ସଭାପତି ଦେବେନ୍ଦ୍ର ବାରିକ, ଏବି. ଚନ୍ଦନ ସ୍ୱରାଜ, ବିନୟ ପ୍ରଧାନ, ଦିବାକର ପ୍ରଧାନ, ଲୋକନାଥ ସାହୁ, ବସନ୍ତ ମଞ୍ଜରୀ ପ୍ରଧାନ, ହରମୋହନ ସାହୁ, ପୂର୍ବତନ ସରପଞ୍ଚ ବିନତୀ ନାଏକ, ଯୁବନେତା ସୁଲେନ କୁମାର ଧର, ହେମନ୍ତ କୁମାର ପ୍ରଧାନ ପ୍ରମୁଖ ସାମିଲ ଥିଲେ। ପୂର୍ତ୍ତ, ଶିକ୍ଷା, ପୁଲିସ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### ଏନଟିପିସି, ଜେଆଇପିଏଲ, ଏମସିଏଲ ଦ୍ୱାରା ରେଙ୍ଗାଳି ଓ ସମଲ ଅବହେଳିତ

# କଟକଣାବିହୀନ ଭାରୀଯାନ ଚଳାଚଳ ଯୋଗୁଁ ଲୋକଙ୍କ ଜୀବନ ବିପନ୍ନ

କଣିହାଁ,୨୭ ।୮ (ସମିସ): ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲ୍ଲାର କଣିହାଁ ବ୍ଲକରେ କୋଇଲା ଖଣି, ଜେଆଇଟିପିଏଲ ବିଦ୍ୟୁତ ପ୍ରକଳ୍ପର ପାଉଁଶ ପୋଖରୀ ଭଳି ଅନେକ ଶିଳ୍ପସଂସ୍ଥା ଗଢ଼ିଉଠିଛି। ବହୁ ସମୟରେ ଟ୍ରାଫିକ୍ ସମସ୍ୟା ନେଇ ଅଭିଯୋଗ ହେଉଥିଲେ ମଧ୍ୟ ଏହାର ସମାଧାନ ହେଉନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବଢୁଥିବା ବେଳେ ପ୍ରଶାସନ ସହ ବିଭିନ୍ନ ସଂସ୍ଥା କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଓ ତାଳଚେର ଆରଟିଓର ଅବହେଳା ମୂଳକାରଣ ହୋଇଛି। ଟୋଲକବେଡ଼ା ମୁଣ୍ଡା ହଟିଂ ବାଇପାସ୍ ରୋଡ୍ ହେଉ କି କଣିହାଁରୁ ପଥରମୁଣ୍ଡା ଓ ତେଲିସିଂହା ଦେଇ ତାଳଚେରକୁ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥ ପଥଚାରୀଙ୍କ ଦୁର୍ଦ୍ଦିନର କାରଣ ହୋଇଛି। ଏହି ରାସ୍ତାରେ ନିର୍ଭର କରୁଥିବା କର୍ମଜୀବୀ ଜନସାଧାରଣଙ୍କ ସହ ଛାତ୍ରଛାତ୍ରୀ ସ୍କୁଲ, କଲେଜ ଯିବା ଆସିବା ବେଳେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଭାରୀଯାନ ଚଳାଚଳ ଯୋଗୁଁ ପୂର୍ବାହ୍ନରୁ ଅପରାହ୍ନ ଯାଏ ଜୀବନଯାତ୍ରା ଦୁର୍ବିସହ ହୋଇପଡୁଛି। ପ୍ରତିଦିନ ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଛି। କୋଇଲା ଖଣି, ଜେଆଇଟିପିଏଲ ପାଉଁଶ ପୋଖରୀରୁ ପ୍ରତ୍ୟେକ ଦିନ ପଥରମୁଣ୍ଡା ତେଲିସିଂହା ଛକରୁ ବଲାଙ୍ଗି ଲେବୁଲ କ୍ରସିଂ ପର୍ଯ୍ୟନ୍ତ ସହସ୍ରାଧିକ କୋଇଲା ଓ ପାଉଁଶ ପରିବହନ ଗାଡ଼ିଗୁଡ଼ିକ ଟ୍ରିପଲ ଲାଇନ କରି ପାର୍କିଂ କରି ରଖି ଦେଉଛନ୍ତି। ଏଥି ପାଇଁ ପଥଚାରୀ, ସ୍କୁଲ କଲେଜ ଛାତ୍ରଛାତ୍ରୀ ଓ ଦମକଳ ସହ ଆମ୍ବୁଲାନ୍ସ ଆଦି ଜରୁରୀକାଳୀନ ସେବା ଯୋଗାଉଥିବା ଗାଡ଼ି ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୯୭୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀ କଣିହାଁ ବ୍ଲକ ରେଙ୍ଗାଳୀଠାରେ ରେଙ୍ଗାଳୀ ଡ୍ୟାମର ଉଦଘାଟନ କରିଥିଲେ। ଏହି ବହୁମୁଖୀ ପ୍ରକଳ୍ପ ଦ୍ୱାରା ଚାଷଜମିକୁ ପାଣି ଯୋଗାମ ସହ ବିଦ୍ୟୁତ୍ ଉତ୍ପାଦନ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ଏବେ ସେଠାରୁ କେବଳ ବିଦ୍ୟୁତ୍ ଉତ୍ପାଦନ ହେଉଛି। ରେଙ୍ଗାଳୀ ଡ୍ୟାମକୁ ୪୯ ବର୍ଷ ପୂରଣ ହୋଇଥିବା ବେଳେ ଆଜିପର୍ଯ୍ୟନ୍ତ ଡ୍ୟାମରେ କ୍ଷେତିଗ୍ରସ୍ତ ପ୍ରଜାଙ୍କୁ କିଛି ଉନ୍ନତି ମୂଳକ କାର୍ଯ୍ୟ ମିଳିପାରିଲା ନାହିଁ। ସେହିପରି ୧୯୮୯ ଜୁନ ୨ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ ଏନଟିପିସିର ଉଦଘାଟନ କରିଥିଲେ। ଏନଟିପିସି ଶିଳ୍ପ କାରଖାନାରେ କ୍ଷତିଗ୍ରସ୍ତ ପରିବାରକୁ ଆଗେ ଅଗ୍ରାଧିକାର ଦିଆଯିବ ବୋଲି ନିଷ୍ପତି ହୋଇଥିଲା। ଏନଟିପିସି କାରଖାନାକୁ ୩୫ ବର୍ଷ ପୂରିଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଏହି ଶିଳ୍ପ କାରଖାନା କଣିହାଁ ଅଞ୍ଚଳବାସୀଙ୍କ ପାଇଁ କିଛି ବି ସୁବିଧା କରିଲା ନାହିଁ। ନା ଭଲ ରାସ୍ତା ଅଛି ନା ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। କଣିହାଁ ଏମସିଏଲ ଓ ତାଳଚେର କୋଇଲା ଖଣିରୁ କୋଇଲା ନେଇ ବିଦ୍ୟୁତ ବାହାର ଉତ୍ପାଦନ କରି ବାହାର ରାଜ୍ୟକୁ ଯୋଗାଣ କରୁଥିବା ବେଳେ ନିକଟବର୍ତ୍ତୀ ୫ କିଲୋମିଟର ଭିତରେ ବିଦ୍ୟୁତ ଯୋଗାଇ ପାରିଲା ନାହିଁ ଏନଟିପିସି। ଅନ୍ୟପଟେ ଏ ଅଞ୍ଚଳ ରାସ୍ତାରେ ଏନ୍‌ଟିପିସିର ପାଉଁଶ ଗାଡ଼ି ଚାଲିବା ଓ ଟିକିରା ନଦୀରେ ପାଉଁଶ ମିଶ୍ରିତ ଧଳାଜହର ଛାଡ଼ିବା ଦ୍ୱାରା ଅଞ୍ଚଳବାସୀ ଉଭୟ ବାୟୁ ଓ ଜଳ ପ୍ରଦୂଷଣରେ ହନ୍ତସନ୍ତ ହେଉଛନ୍ତି। ସେହିପରି ସମଲ ବ୍ୟାରେଜ ସମଲଠାରେ ଗଢ଼ି ଉଠିଲା କିନ୍ତୁ ପରିତାପର ବିଷୟ ଚାଷଜମିକୁ ପାଣି ମିଳୁ ନ ଥିବା ବେଳେ ଏନଟିପିସି, ଅନୁଗୋଳ ଜିନ୍ଦଲ, ଡେରଙ୍ଗ ଜିନ୍ଦଲକୁ ପାଣି ଯୋଗାଇ ଦିଆଯାଉଛି। ଏବେ ପୁଣି ଟିଟିପିଏସ ଥର୍ମାଲକୁ ପାଣି ଦେବାକୁ ପମ୍ପ ହାଉସ କାର୍ଯ୍ୟ ଆରମ୍ଭ କରିଛି। ସରକାରଙ୍କ ପାଖକୁ କୋଟି କୋଟି ଟଙ୍କା ରାଜସ୍ୱ ଯାଉଛି କିନ୍ତୁ କଣିହାଁ ବ୍ଲକ ଅଞ୍ଚଳବାସୀ କ'ଣ ପାଇଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି କଣିହାଁ ବ୍ଲକ ଡେରଙ୍ଗ ପଞ୍ଚାୟତରେ ଜେଆଇପିଏଲ କମ୍ପାନୀ ଗଢ଼ି ଉଠିଥିବା ବେଳେ କଣିହାଁ ଖଣିରୁ କୋଇଲା ନେଇ ବିଦ୍ୟୁତ ଉତ୍ପାଦନ କରୁଛି। ହେଲେ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ମିଳିଥିବା ପ୍ରତିଶ୍ରୁତି ଆଜିପର୍ଯ୍ୟନ୍ତ ପୂରଣ ହୋଇପାରିଲା ନାହିଁ କି କମ୍ପାନୀଠାରୁ ଏକ କିଲୋମିଟର ଦୂରରେ ଥିବା ଗାଁଗୁଡ଼ିକରେ ରାସ୍ତା କି ଆଲୋକୀକରଣ ବ୍ୟବସ୍ଥା ହୋଇପାରିଲା ନାହିଁ। କଣିହାଁ ବ୍ଲକ ଅଞ୍ଚଳବାସୀଙ୍କ ଜାଗାରେ ଏଇଠୁ କୋଇଲା, ପାଣି ନେଇ ଏଇଠି ପ୍ଲାଣ୍ଟ ବସିଲା। କିନ୍ତୁ ଅଞ୍ଚଳବାସୀ ଅନ୍ଧାରରେ ଥିବାବେଳେ ବାହାର ରାଜ୍ୟକୁ ବିଦ୍ୟୁତ ଯାଉଛି। ସେପଟେ ଜିଲ୍ଲା ପ୍ରଶାସନ କମ୍ପାନୀ କର୍ତ୍ତୃପକ୍ଷଙ୍କ କଥାରେ ପରିଚାଳିତ ହେଉଥିବା ବେଳେ ଲୋକଙ୍କ ସମସ୍ୟା ବୁଝୁଛି କିଏ। ସେହିପରି ସମଲଠାରେ ଓପିସିଏଲ ବିଦ୍ୟୁତ ପାୱାର ପ୍ଲାଣ୍ଟ ହୋଇଛି। ୫କିଲୋମିଟର ଭିତରେ ଦୁଇଟି ପଞ୍ଚାୟତ କୁଲେଇ ଓ ସମଲ ରହିଛି। ଏହି ବିଦ୍ୟୁତ ପ୍ଲାଣ୍ଟରୁ ବାହାରକୁ ବିଦ୍ୟୁତ ଯାଉଥିବା ବେଳେ ଚୁଲେଇ ଓ ସମଲ ପଞ୍ଚାୟତରେ କିଛି ବି ଉନ୍ନତିମୂଳକ କାର୍ଯ୍ୟ ହୋଇପାରି ନାହିଁ। ଆଲୋକୀକରଣ କୋଣସି ଗାଁରେ ହୋଇପାରିଲା ନାହିଁ କି ରାସ୍ତା କଡ଼ରେ ଲାଇଟ ବ୍ୟବସ୍ଥା ହୋଇପାରିଲା ନାହିଁ।



ତାଳଚେର ଉପଖଣ୍ଡ ଅନ୍ତର୍ଗତ କଣିହାଁ ବ୍ଲକ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ଜନ୍ମଭୂମି ହୋଇଥିଲେ ମଧ୍ୟ ଅଞ୍ଚଳବାସୀ ଏକପ୍ରକାର ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ରହିଛନ୍ତି। ଅଞ୍ଚଳବାସୀ ଦୈନନ୍ଦିନ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ ସୁଦ୍ଧା ସ୍ୱାଧୀନତାର ୮୦ ଦଶକ ପରେ ବି ଗମନାଗମନ କ୍ଷେତ୍ରରେ ଅବହେଳିତ ହୋଇ ରହିଛନ୍ତି। ଏନଟିପିସିର ନିଜସ୍ୱ ରାସ୍ତା ଉପରେ ଶହ ଶହ କୋଇଲା ପାଉଁଶ ବୋଝେଇ ଟ୍ରକ ମଝିରେ ଜୀବନକୁ ବାଜି ଲଗାଇ ଜନସାଧାରଣ ନିଜ ଦୈନନ୍ଦିନ ଆବଶ୍ୟକତା ପୂରଣ କରୁଛନ୍ତି। ସେହିପରି କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ସାଙ୍ଗକୁ ଅସ୍ତ୍ରୋପ୍ରଚାର ଗୃହରେ ଡାକ୍ତରୀ ଯନ୍ତ୍ରପାତି ନ ଥିବାରୁ ଦୂରଦୂରାନ୍ତରୁ ପ୍ରସବ ପାଇଁ ଆସୁଥିବା ଗରିବ ମହିଳା ନାହିଁ ନ ଥିବା ହଇରାଣ ହେଉଛନ୍ତି। ପ୍ରତ୍ୟେକ କ୍ଷେତ୍ରରେ ତାଙ୍କୁ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିବା ଦ୍ୱାରା ଅଯଥାରେ ଖର୍ଚ୍ଚାନ୍ତ ହୋଇ ସର୍ବସ୍ୱାନ୍ତ ହେଉଛନ୍ତି। ରାସ୍ତା ଜାମ୍‌ରେ ଫସି ଆମ୍ବୁଲାନ୍ସ ଭିତରେ ଜନନୀ ଯନ୍ତ୍ରଣା ପାଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏ ସବୁ ସମସ୍ୟାର କେବେ ସମାଧାନ ହେବ ତାହାକୁ ଚାହିଁବସିଛନ୍ତି ଅଞ୍ଚଳବାସୀ।

# 'ଶ୍ୱେତପଦ୍ମା' ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା



ଅନୁଗୋଳ,୨୭ ।୮ (ସମିସ): ପବିତ୍ର ଗଣେଶ ପୂଜା ଅବସରରେ ସ୍ୱପ୍ନର ଭାସ୍ୱତୀ ଶ୍ୱେତପଦ୍ମା ସାହିତ୍ୟ ପତ୍ରିକା ପକ୍ଷରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ହସ୍ତାକ୍ଷର, ଗୀତ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଶିକ୍ଷାବିତ ସରୋଜ ପାଣିଗ୍ରାହୀ ଓ ସଙ୍ଗୀତ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ପ୍ରମିଳା ଦାସ ବିଚାରକ ଭାବେ ଯୋଗଦେଇଥିଲେ। ଆଦର୍ଶ ବରାଳ ପ୍ରଥମ ଓ ଶିତୀ ସମ୍ପର୍ଣ୍ଣା ସିଂ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସମ୍ପାଦିକା ଅନୀତା ପାଣିଙ୍କ ତତ୍ତ୍ୱବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

## ଗୋତମରା ଗ୍ରାମରେ ମା' ମହାପାଟଙ୍କ ବାର୍ଷିକ ପୂଜା

ବଁଅରପାଳ,୨୭ ।୮ (ସମିସ): ବଁଅରପାଳ ବ୍ଲକ ଗୋତମରା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମହାପାଟଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଛି। ସକାଳେ ମା'ଙ୍କ ଆଲାମ ଦିଅଁଘରୁ ବାଜା, ଛତି, ତରାଶ ଧରି ଗ୍ରାମ ପରିକ୍ରମା କରି ପୀଠକୁ ଅଣାଯାଇଥିଲା। ମାଜଣା ପରେ ପୂଜା ଅନୁଷ୍ଠିତ ହୋଇଥିଲା। ଶହ ମାନସିକଧାରୀ ଭକ୍ତମାନେ ଅଧିଆ ପଡ଼ି ନିଜ ମନସ୍କାମନା ପୂରଣ କରିଥିଲେ। ସତ୍ୟବାନ ଅମାନ୍ତ ପୂଜକାର୍ଯ୍ୟ କରିଥିଲେ। ପୂଜା କମିଟି ସଦସ୍ୟ ସତ୍ୟବାନ ବରାହ, ଜଗବନ୍ଧୁ ବିଶ୍ୱାଳ, ଶ୍ରୀମୁଖ ଭୁତିଆ, ରବିନାରାୟଣ ବେହେରା, ଗୁରୁଦେବ ରାଉତ, ପ୍ରଭାକର ଜେନା, ନବକିଶୋର ସାମଲ, ନିମାଇଁ ସାମଲ, ସୁରେନ୍ଦ୍ର ବିଶ୍ୱାଳ, ଅରୁଣାଭ ସିଂହ, ବିଶ୍ୱମ୍ବର ରାଉତ, ନିରଞ୍ଜନ ବିଶ୍ୱାଳଙ୍କ ସମେତ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ। ଶେଷରେ କାଳିଶି ମାନସିକଧାରୀ ଭକ୍ତଙ୍କୁ ପ୍ରସାଦ ବାଣ୍ଟିଥିଲେ।

## ଶ୍ରମିକ ନେତାଙ୍କ ପତ୍ନୀ ବିୟୋଗ

କଣିହାଁ,୨୭ ।୮ (ସମିସ): କଣିହାଁ ବ୍ଲକ ବଡ଼ତ୍ରିବିଡ଼ା ଗ୍ରାମର କଳ୍ପନା ପ୍ରଧାନ (୬୫)ଙ୍କ ଦେହାନ୍ତ ହୋଇଛି। କଳ୍ପନା ହେଉଛନ୍ତି ଓସିଏମସି (ଆଇଏନଟିୟୁସି) ଶ୍ରମିକ ସଂଗଠନର ବଲଣ୍ଡାର ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ପ୍ରଧାନଙ୍କ ପତ୍ନୀ। ସେ ଜଣେ ଧର୍ମପରାୟଣା, ମେଳାପୀ ମହିଳା ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

### ସିଏମ୍ କିଷାନ ସହାୟତା ରାଶି ପ୍ରଦାନ

# ଜିଲ୍ଲାର ୧୭ ୯ ୬ ୯ ୫ ଚାଷୀଙ୍କ ଆକାଉଣ୍ଟକୁ ଗଲା ଟଙ୍କା

ଅନୁଗୋଳ,୨୭ ।୮ (ସମିସ): କୃଷିଭିତ୍ତିକ ଗଣପର୍ବ ନୂଆଖାଇ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ୨୦୨୫-୨୬ ରବି ଋତୁ ପାଇଁ ସିଏମ୍ କିଷାନ ସହାୟତା ରାଶି ବୁଧବାର ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଅନୁଗୋଳ ପଞ୍ଚମହଲାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଶେଷଦେବ ସାହୁ, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିରୋଦ ଦାସ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମର ଲୁଗୁନ୍, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଜୟଶଙ୍କର ପ୍ରଧାନ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ. ଧରିତ୍ରୀ ପାତ୍ର, ଅନୁଗୋଳ ସମବାୟ ସମିତି ସମୂହର ଉପ-ନିବନ୍ଧକ ଶରତ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର ଏହି ଯୋଜନା ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇଥିଲେ। ବିଭାଗୀୟ ଅଧିକାରୀମାନେ ନିଜ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନୁଗୋଳ ଜିଲ୍ଲାର ମୋଟ ୧ ଲକ୍ଷ ୭୯ ହଜାର ୬୯୫ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୩୫ କୋଟି ୯୩ ଲକ୍ଷ ୯୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି।

## କିଶୋରନଗରରେ ଭିନ୍ନକ୍ଷମ ଶିବିର

କିଶୋରନଗର,୨୭ ।୮ (ସମିସ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କିଶୋରନଗର ବ୍ଲକ କାର୍ଯ୍ୟାଳୟରେ ବୁଧବାର ସ୍ୱତନ୍ତ୍ର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୩୪ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଛି। ଏଥିରେ ସାଇକ୍ରିଆଟିକ୍ ବିଶେଷଜ୍ଞ ଡା. ଭଞ୍ଜ ଦେଓ, ଭେଷଜ ବିଶେଷଜ୍ଞ ଡା. ଦୀପକ ଗଡ଼ନାୟକ, ଅସ୍ଥିଶଲ୍ୟ ବିଭାଗ ବିଶେଷଜ୍ଞ ଡା. ଆଶୁତୋଷ ମିଶ୍ର ଯୋଗଦେଇଥିଲେ।




## ବାସନ୍ତୀ ଦୁର୍ଗା ପଡ଼ିଆରେ ଗଣେଶ ପୂଜା



ଅନୁଗୋଳ,୨୭ ।୮ (ସମିସ): ଅମଳାପଡ଼ା ବାସନ୍ତୀ ଦୁର୍ଗାପୂଜା ପଡ଼ିଆରେ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଛି। ପୂର୍ବାହ୍ନ ୧୦ଟାରେ ପୂଜା ଆରମ୍ଭ ହୋଇଥିଲା। ୧୧ଟାରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଅପରାହ୍ନ ଗୋଟାଏରେ ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ବିତରଣ କରାଯାଇଥିଲା। ବାସନ୍ତୀ ଦୁର୍ଗାପୂଜା କମିଟି ସଭାପତି ଶକ୍ତିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଅନୁପ କୁମାର ମହାନ୍ତି, ଉପଦେଷ୍ଟା ଆଇନଜୀବୀ ପ୍ରଦୀପ ଦେବତାଙ୍କ ସମେତ ଅନ୍ୟ ସଦସ୍ୟ ଓ ସାହି ବାସିନ୍ଦା ପୂଜାରେ ଯୋଗଦେଇଥିଲେ।

## ବାଣୀରୂପା ଷ୍ଟଡି ସେଣ୍ଟର୍‌ରେ ଗଣେଶ ପୂଜା

ଅନୁଗୋଳ,୨୭ ।୮ (ସମିସ): ଅମଳାପଡ଼ା ବାଣୀରୂପା ଷ୍ଟଡି ସେଣ୍ଟରରେ ବିଘ୍ନ ବିନାଶକ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା ନୀତିକାନ୍ତି ସହ ପାଳିତ ହୋଇଛି। ପୂର୍ବାହ୍ନ ୧୦ଟାରେ ପୂଜା ଆରମ୍ଭ ହୋଇଥିଲା। ଅପରାହ୍ନ ୧୧ଟାରେ ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଜୀବନରେ ସଫଳ ହେବା ପାଇଁ କଠିନ ପରିଶ୍ରମ କରିବାକୁ ଛାତ୍ରଛାତ୍ରୀମାନେ ଗଣେଶଙ୍କ ନିକଟରେ ସଂକଳ୍ପ ନେଇଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ଶକ୍ତିପ୍ରସାଦ ପଟ୍ଟନାୟକ ଓ ସମସ୍ତ ଅଧ୍ୟାପକ, ଶିକ୍ଷକ ପୂଜା ପରିଚାଳନାରେ ସହଯୋଗ କରିଥିଲେ।





## ହିନ୍ଦୋଳରେ ଗଣମାଧ୍ୟମର କଣ୍ଠରୋଧ

ଖଜୁରିଆକଟା, ୨୭ ।୮ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀ ଓଡ଼ାପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡିଓ ଗଣମାଧ୍ୟମ ପାଇଁ ଏକ ନୂତନ ନିୟମ ପ୍ରଚଳନ କରିଛନ୍ତି। ସର୍ବସାଧାରଣରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରିବା ସହ ବ୍ଲକ ପରିସରକୁ ପ୍ରବେଶ ନ କରିବା ଓ ବିନା ଅନୁମତିରେ ଗୋଟିଏ ବି ଫଟୋ ଉତ୍ତୋଳନ ନ କରିବାକୁ ଖୋଲାଖୋଲି ଧମକ ଦେଉଛନ୍ତି। କିଛିଦିନ ତଳେ ଓଡ଼ାପଡ଼ାର ବିଏଲସିଙ୍କ କାର୍ଯ୍ୟକଳାପକୁ ନେଇ ଅତିଷ୍ଠ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଅଭିଯୋଗ କରିଥିଲେ। ଗଣମାଧ୍ୟମରେ ଏହାର ଖବର ପ୍ରସାରଣ ହୋଇଥିଲା। ବ୍ଲକରେ ଅନ୍ତ୍ୟୋଦୟ ଆବାସ ଯୋଜନାର କାର୍ଯ୍ୟକାରିତା ଓ ଶଙ୍କରପ୍ରତାପପୁର ସ୍କୁଲ ପରିସରରେ କିପରି ତାଲା ଭାଙ୍ଗି ବେଆଇନ ଭାବେ କିଛି ଚେନ ହିଟାଚି ଅପରେଟର ସେଥିରେ ବିନା ଅନୁମତିରେ ପ୍ରବେଶ କରି ଆଶ୍ରୟ ନେଉଛନ୍ତି ସେ ବାବଦରେ ଅଧିକ ତଥ୍ୟ ସଂଗ୍ରହ କରିବାକୁ ଗଣମାଧ୍ୟମ ପ୍ରତିନିଧିମାନେ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। ସେପଟେ ସୋମବାର ଅଭିଯୋଗ ଶୁଣାଣି ଦିବସ ହୋଇଥିଲେ ବି ବିଡିଓ ଲୋକଙ୍କ ଅଭିଯୋଗ ଓ ସମସ୍ୟା ନ ଶୁଣି ୪ ଘଣ୍ଟାରୁ ଅଧିକ ସମୟଧରି ଅଧିକାରୀମାନଙ୍କ ସହ ବୈଠକ କରୁଥିଲେ। ଏଥିପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ବ୍ଲକ ବିପିସିଙ୍କଠାରୁ ତଥ୍ୟ ପାଇଁ ଯୋଗାଯୋଗ କରିଥିଲେ। ତେବେ ବୈଠକ ସରିବା ପରେ ବିଡିଓଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗ କରୁଥିବା ବେଳେ ବ୍ଲକ ପରିସରରେ ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରୁ ଚିହିଁକି ଉଠି ଦୁର୍ବ୍ୟବହାର କରିବା ସହ ବ୍ଲକ ପରିସରରେ ମୋ ବିନା ଅନୁମତିରେ କାହିଁକି ପ୍ରବେଶ କଲେ ଏବଂ କାହିଁକି ଖବରରେ ବିଏଲସିଙ୍କ ବାବଦରେ ଲେଖିଲେ, କାହିଁକି ବ୍ଲକରେ ଫଟୋ ଉଠେଇବେ, ବିପିସିଙ୍କୁ ଆବାସ ଯୋଜନା ବିଷୟରେ କାହିଁକି ପଚାରିବେ, ମିଡିଆ ବୋଲି ମନେ ମନେ କାମ କରିବେ ଏଭଳି ବିଭିନ୍ନ କଥା କହି ସାମ୍ବାଦିକମାନଙ୍କୁ ନାଲିଆଖି ଦେଖାଇଥିଲେ। ତେବେ ଏଠି ପ୍ରଶ୍ନ ଉଠୁଛି ଯେ ତଥ୍ୟ ମାଗିଲେ ବିଡିଓ କାହିଁକି ଉତ୍ତ୍ୟକ୍ତ ହୋଇପଡୁଛନ୍ତି? ସରକାରଙ୍କ କେଉଁ ଚିଠି ବଳରେ ଗଣମାଧ୍ୟମ ଉପରେ ଏପରି ଅଜବ କଟକଣା ଲାଗୁ କରିଛନ୍ତି? ବିଡିଓଙ୍କ ଏଭଳି ଅଜବ ନୀତିକୁ ସମଗ୍ର ହିନ୍ଦୋଳ ନିର୍ବାଚନମଣ୍ଡଳୀର ଗଣମାଧ୍ୟମ ପ୍ରତିନିଧି ସମେତ ଜନସାଧାରଣ ତୀବ୍ର ନିନ୍ଦା କରିଛନ୍ତି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

## ଏମଜିଏମ କମ୍ପାନୀକୁ ସୁରକ୍ଷା ପାଇଁ ପ୍ରଶାସନ ତତ୍ପର

ହିନ୍ଦୋଳ/ଖଜୁରିଆକଟା, ୨୭ ।୮ (ସମିସ)




ଢେଙ୍କାନାଳ ଜିଲ୍ଲା ଏମଜିଏମ କମ୍ପାନୀକୁ ସୁରକ୍ଷା ଦେବାକୁ ପ୍ରଶାସନ ତତ୍ପରତା ଦେଖାଇବା ସହ କ୍ଷତିଗ୍ରସ୍ତ ପ୍ରଜାଙ୍କ ସ୍ୱରକୁ ଚାପିଦେବାକୁ ୧୬୩ ଧାରା ଜାରି କରାଯାଇଛି। ଓଡ଼ାପଡ଼ା ବ୍ଲକରେ ଅନେକ ଶିଳ୍ପ ସ୍ଥାପନ କରାଯାଇଥିଲେ ମଧ୍ୟ ଅଞ୍ଚଳର ମୌଳିକ ସମସ୍ୟାର ସମାଧାନ ହୋଇପାରୁନାହିଁ। ଲୋକଙ୍କ ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଆସୁଛି। ପ୍ରଶାସନିକ ଅଧିକାରୀଙ୍କ କମ୍ପାନୀ ପ୍ରୀତି ଯୋଗୁଁ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ଓଡ଼ାପଡ଼ା ବ୍ଲକ ନିମିଧାସ୍ଥିତ ଏମଜିଏମ ମିନେରାଲ ଷ୍ଟିଲ ଡିଭିଜନ କାରଖାନା କର୍ତ୍ତୃପକ୍ଷ କ୍ଷତିଗ୍ରସ୍ତ ପ୍ରଜାଙ୍କ ଦାବି ଆପତ୍ତିକୁ ଅଣଦେଖା କରି ଲୋକଙ୍କ ସ୍ୱରକୁ ଚାପିଦେବାକୁ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ସହାୟତାରେ କାରଖାନା ସମ୍ମୁଖରେ ୧୬୩ ଧାରା ଲାଗୁ କରାଇଛନ୍ତି। ଏ ନେଇ ନିମିଧା ସରପଞ୍ଚ ଚୁମୁକି ବେହେରା ଓ ନୟାଭାଗୀରଥିପୁର ସରପଞ୍ଚ ଜତି ନାଏକଙ୍କ ସହ ଉଭୟ ପଞ୍ଚାୟତର ନାଏବ ସରପଞ୍ଚ, ୱାର୍ଡମେମ୍ବର ଓ ପ୍ରଜାମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା ଏମଜିଏମ କମ୍ପାନୀ କର୍ତ୍ତୃପକ୍ଷ କ୍ଷତିଗ୍ରସ୍ତ ପ୍ରଜାଙ୍କ ମୌଳିକ ସମସ୍ୟା ପ୍ରତି ଗୁରୁତ୍ୱ ଦେଉ ନ ଥିବା ବେଳେ ସେମାନଙ୍କ ଦାବି ଆପତ୍ତିକୁ ନ ମାନି ପ୍ରଶାସନକୁ ହାତକରି ଲୋକଙ୍କ ସ୍ୱରକୁ ଚାପିଦେବାକୁ ଉଦ୍ୟମ କରି କାରଖାନା ସମ୍ମୁଖରେ ବିଏନ୍‌ଏସ୍‌ର ଧାରା ୧୬୩ ଲାଗୁ କରାଇଛନ୍ତି। ଏମଜିଏମ ଷ୍ଟିଲ କାରଖାନା ନିର୍ମାଣ କରିବା ପାଇଁ ଜମି ଅଧିଗ୍ରହଣ କରିବା ସମୟରେ ଜମିହରା ପ୍ରଜାଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା କର୍ତ୍ତୃପକ୍ଷ ପାଳନ କଲେନାହିଁ। କାରଖାନା ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ କୌଣସି ପାରିପାର୍ଶ୍ୱିକ ଉନ୍ନତି କରାଯାଇନାହିଁ। ଅନ୍ୟପଟେ କାରଖାନା କର୍ତ୍ତୃପକ୍ଷ ଉଭୟ ଗ୍ରାମର ଗୋଚର ଜମି ଜବରଦଖଲ କରି କାରଖାନା ନିର୍ମାଣ କରିଛନ୍ତି। ରଣେଶ୍ୱର ମହାଦେବ ମନ୍ଦିର ଜମି ନେଇ ମନ୍ଦିରର କୌଣସି ଉନ୍ନୟନ କାର୍ଯ୍ୟ କଲେନାହିଁ। ମନଇଚ୍ଛା ପାଣି ପାଇପ୍ ପକାଇ ବ୍ରାହ୍ମଣୀ ନଦୀରୁ ପାଣି ନେଇଛନ୍ତି। ଅଞ୍ଚଳରୁ ସମସ୍ତ ସୁବିଧା ପାଇଲେ ମଧ୍ୟ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ନ ଦେଇ ବାହାର ଲୋକଙ୍କୁ ନିଯୁକ୍ତି ଦେଉଛନ୍ତି। କମ୍ପାନୀ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ଅନ୍ୟ ସ୍ଥାନରେ ଖର୍ଚ୍ଚ କରାଯାଉଥିବା

### ୧୬୩ ଧାରା ଜାରି

ବେଳେ ଗ୍ରାମବାସୀଙ୍କ ମୌଳିକ ସମସ୍ୟା ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଏହି ସବୁର ସମାଧାନ ପାଇଁ ଗ୍ରାମବାସୀ କାରଖାନା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନକୁ ଲିଖିତ ଭାବେ ବାରମ୍ବାର ଜଣାଇ ଆସୁଥିଲେ ମଧ୍ୟ କୌଣସି ସମାଧାନ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି। ନିମିଧା ଓ ନୟାଭାଗୀରଥିପୁର ପଞ୍ଚାୟତର ପ୍ରଜାମାନେ ଏ ସମ୍ପର୍କିତ ୧୦ ଦଫା ଦାବି କାରଖାନା କର୍ତ୍ତୃପକ୍ଷ, ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଓ ପୁଲିସ ଅଧିକାରୀମାନଙ୍କୁ ଲିଖିତ ଭାବେ ଅବଗତ କରିଥିଲେ। ଅଗଷ୍ଟ ୨୫ ସୁଦ୍ଧା ସମସ୍ୟା ସମାଧାନ କରା ନ ଗଲେ ୨୬ ତାରିଖରୁ କାରଖାନା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ। ଏ ସମ୍ପର୍କରେ ହିନ୍ଦୋଳ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦ କାରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରି ସମାଧାନ କରିବା ପାଇଁ ପରାମର୍ଶ ଦେବା ସହ ଢେଙ୍କାନାଳ ଏସ୍‌ପି ଓ ମୋଟଙ୍ଗା ଥାନା ପୁଲିସକୁ ଜଣାଇଛନ୍ତି। ତେବେ ସମସ୍ୟା ସମାଧାନ ନ ହେବାରୁ ଲୋକେ ଆନ୍ଦୋଳନରେ ବସିଥିବା ବେଳେ କାରଖାନା କର୍ତ୍ତୃପକ୍ଷ ଏହାକୁ ଭଣ୍ଡୁର କରିବା ପାଇଁ ପ୍ରସାଶନ ସହାୟତାରେ ପୂର୍ବରୁ ଥିବା କ୍ରିମିନାଲ ମିସ୍ କେସ୍ ନଂ ୩୩୮/୨୦୨୫ ବଳରେ କୌଣସି ବିଶୃଙ୍ଖଳାକୁ ପ୍ରତିହତ କରିବା ପାଇଁ ବିଏନ୍‌ଏସ୍‌ର ଧାରା ୧୬୩ ଲାଗୁ କରିଛନ୍ତି। ଏହାକୁ ନିମିଧା ଓ ନୟାଭାଗୀରଥିପୁର ପଞ୍ଚାୟତର ଜନପ୍ରତିନିଧିଙ୍କ ସମେତ ଅଞ୍ଚଳବାସୀ ନାପସନ୍ଦ କରିଛନ୍ତି। ଆବଶ୍ୟକ ହେଲେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବାକୁ କହିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଢେଙ୍କାନାଳ ଉପଜିଲ୍ଲାପାଳଙ୍କୁ ମୋବାଇଲ ଫୋନରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ମତାମତ ମିଳିପାରିନାହିଁ।

**ଚାଷୀଙ୍କୁ ସିଏମ କିଷାନ ସହାୟତା ରାଶି ପ୍ରଦାନ**

## ଜିଲ୍ଲାର ୧୬୧୬୩୨ ଚାଷୀ ଉପକୃତ



ଢେଙ୍କାନାଳ, ୨୭ ।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ବୁଧବାର ସିଏମ୍ କିଷାନ ଯୋଜନାରେ କୃଷକଙ୍କୁ ତୃତୀୟ କିସ୍ତି ସହାୟତା ରାଶି ପ୍ରଦାନ କରିଛନ୍ତି। ଢେଙ୍କାନାଳର କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲରେ ଏହାର ଜିଲ୍ଲାସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାର ୧ ଲକ୍ଷ ୬୧ ହଜାର ୬୩୨ ଜଣ କୃଷକଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିବା କହିଛନ୍ତି। ଧାନର ସହାୟକ ମୂଲ୍ୟ ବୃଦ୍ଧି ଯୋଗୁଁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଚାଷ କାର୍ଯ୍ୟକୁ ଫେରିଛନ୍ତି। ଏହାଦ୍ୱାରା ଦାଦନ ଶ୍ରମିକ ସଂଖ୍ୟା ବହୁ ମାତ୍ରାରେ ହ୍ରାସ ଘଟିଛି। କୃଷକମାନଙ୍କ ସମସ୍ୟା ଦୂର ହେବାରେ ଲାଗିଛି। ଚାଷୀମାନେ ଜିଲ୍ଲା ତଥା ରାଜ୍ୟରେ କୃଷି କାର୍ଯ୍ୟ ପାଇଁ ଉତ୍ସାହିତ ହେଉଛନ୍ତି। ଏହା ରାଜ୍ୟର ଅର୍ଥନୈତିକ ବିକାଶରେ ସହାୟକ ହେଉଛି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଉତ୍ସବରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ସାଂସଦଙ୍କ ପ୍ରତିନିଧି ନରେଶ ଚନ୍ଦ୍ର ମହାପାତ୍ର, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱନାଥ ଦାସ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

## ମୋ ଢେଙ୍କାନାଳ ଡିଜିଟାଲର ପ୍ରତିଷ୍ଠା ଦିବସ

ଢେଙ୍କାନାଳ, ୨୭ ।୮ (ସମିସ): ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ଗୋବିନ୍ଦପୁର ପଞ୍ଚାୟତସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଶିଶୁଗୃହରେ ମୋ ଢେଙ୍କାନାଳ ଚ୍ୟାନେଲର ସପ୍ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ମୋ ଢେଙ୍କାନାଳ ମହୋତ୍ସବ-୨୦୨୫ ଓ ମୋ ସେବା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇ ଏହି ଦିବସକୁ ନିଆରା ଭାବେ ପାଳନ କରାଯାଇଛି। ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶିଷ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଚ୍ୟାନେଲର ଏହି ଭଳି କାର୍ଯ୍ୟକ୍ରମକୁ ପ୍ରସଂଶା କରିବା ସହ ପ୍ରତିଷ୍ଠାତା ଓ ତାଙ୍କ ଟିମକୁ ଶୁଭେଚ୍ଛା ଜଣାଇଥିଲେ। ଉପଦେଷ୍ଟା ପରେଶ ଚନ୍ଦ୍ର ପଟ୍ଟନାୟକ, ଶତ୍ରୁଘ୍ନ ମାଟି, ଅବନୀ କୁମାର ମିଶ୍ର, ରୋଟାରିଆନ ରାଜକିଶୋର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଗାମୀ ଦିନରେ ବିଭିନ୍ନ ବ୍ଲକରେ ଏହି ମହୋତ୍ସବ ପାଇଁ ବ୍ଲକସ୍ତରୀୟ ଓ ପରେ ଜିଲ୍ଲାସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ, ନୃତ୍ୟ ଓ ଅଭିନୟ ପ୍ରତିଯୋଗିତା ଆୟୋଜିତ ହେବ। ଏଥିରେ ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଯୋଗଦେଇ ନିଜ ପ୍ରତିଭା ପ୍ରଦର୍ଶନ କରିପାରିବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ପରେ ପରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ସହ ଜଣାଅଜଣା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୋ ଢେଙ୍କାନାଳ ତଥା ଗୁରୁଦେବଜୀ ଫାଉଣ୍ଡେସନ ଅଧ୍ୟକ୍ଷ ମାଷ୍ଟର ଇଞ୍ଜିନିୟର ସୌମ୍ୟବ୍ରତ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇଥିଲେ। ଗୁରୁଦେବଜୀ ଫାଉଣ୍ଡେସନ ସଦସ୍ୟ ଇନ୍ଦ୍ରଜିତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରଥିବା ବେଳେ ସତ୍ୟଜିତ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ। ଲିଟୁ ଦେହୁରୀ, ଅମିତ ବାରିକ, ସନ୍ଦୀପ କର, ପ୍ରତାପ ନାଏକ, କାହ୍ନାଜୀ ମହାରଣା, ଭବାନୀ ଶଙ୍କର, ବିଶ୍ୱଜିତ ଓ ନାରାୟଣ ପ୍ରମୁଖ ସହଯୋଗ କରିଥିଲେ।

## ଡାକବିଭାଗ ପକ୍ଷରୁ ଆର୍ଥିକ ସଚେତନତା ଶିବିର



ଖଜୁରିଆକଟା, ୨୭ ।୮ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରଞ୍ଜାଗୋଳ ପଞ୍ଚାୟତ ସଭାଗୃହରେ ଡାକ ବିଭାଗ ତରଫରୁ ଦିନିକିଆ ଆର୍ôଥକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଡାକପାଳ ସୌମ୍ୟରଞ୍ଜନ ସାହୁଙ୍କ ଦ୍ୱାରା ଆୟୋଜିତ ଏହି ଶିବିରରେ ଢେଙ୍କାନାଳ ମଣ୍ଡଳ ମୁଖ୍ୟ ଡାକଘର ଡାକ ଅଧୀକ୍ଷକ ଜମ୍ବେଶ୍ୱର ଗଡ଼ନାୟକ ମୁଖ୍ୟଅତିଥି, ଅନୁଗୋଳ ସହ ଡାକ ଅଧୀକ୍ଷକ ବିଷ୍ଣୁପ୍ରସାଦ ନାୟକ ମୁଖ୍ୟବକ୍ତା, ଡାକ ଜୀବନବୀମା ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସାମନ୍ତ, ରଞ୍ଜାଗୋଳ ସରପଞ୍ଚ ରମେଶ ବିଶ୍ୱାଳ, ରଞ୍ଜାଗୋଳ ଗ୍ରାମ ସଭାପତି ବାସୁଦେବ ପ୍ରଧାନ, ସମାଜସେବୀ କ୍ଷେତ୍ରବାସୀ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପଞ୍ଚାୟତର ସମସ୍ତ ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଶତାଧିକ ଗ୍ରାମବାସୀ, ବାଲିମି ଉପ ଡାକଘର କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଡାକ ଅଧୀକ୍ଷକ ଡାକଘରେ ମିଳୁଥିବା ସମସ୍ତ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଡାକ ସଞ୍ଚୟ ଖାତା, ସୁକନ୍ୟା ସମୃଦ୍ଧି, ଡାକ ଜୀବନବୀମା ଆଦି ଯୋଜନାଗୁଡ଼ିକ ସମସ୍ତ ନାଗରିକଙ୍କ ପାଇଁ ବେଶ୍ ଉପଯୋଗୀ ବୋଲି କହିଥିଲେ। ରଞ୍ଜାଗୋଳ ଶାଖା ଡାକପାଳ ସୌମ୍ୟରଞ୍ଜନ ସାହୁ ଖୁବ୍ କମ୍ ଦିନରେ ଲୋକଙ୍କ ପାଖରେ ପହଞ୍ଚି ସମସ୍ତ ଡାକସେବା ଯୋଗାଇ ଦେଇପାରିଥିବାରୁ ଅଧିକାରୀ ଓ ଗ୍ରାମବାସୀ ଖୁସିବ୍ୟକ୍ତ କରିଛନ୍ତି। ଏହି ଅବସରରେ ସାହୁ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ପାଇଁ ଡାକ ସଞ୍ଚୟ ଖାତା ଖୋଲିବାକୁ ଚେଷ୍ଟା ଚଳାଇଥିବା କହିଛନ୍ତି। ପଞ୍ଚପଡ଼ା ଡାକପାଳ ସ୍ମୃତିରେଖା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦ୍ୱିତୀୟ ଦିନରେ ଗ୍ରାମୀଣ ପରିବହନ ସେବା ଠପ୍



ପରଜଙ୍ଗ, ୨୭ ।୮ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକରେ ଚାଲୁଥିବା ପାଞ୍ଚଟି ଯାକ ବସ୍ ଦୁଇଦିନ ଧରି ସମ୍ପୂର୍ଣ୍ଣ ଠପ୍ ହୋଇଛି। ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ବସ୍‌ଗୁଡ଼ିକ ରାତିରେ ରହି ସକାଳେ ପରଜଙ୍ଗ ବଜାରକୁ ଯାଇଥାଏ। ସେଠାରୁ ବସଗୁଡ଼ିକ ବିଭିନ୍ନ ପଞ୍ଚାୟତକୁ ଯାତ୍ରୀ ପରବହନ କରିଥାଏ। ତେବେ ବର୍ତ୍ତମାନ ମଙ୍ଗଳବାରଠାରୁ ପାଞ୍ଚଟି ଯାକ ବସ୍ ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ରହିଥିବା ଦେଖିବାକୁ ମିଳିଛି। ବସଗୁଡ଼ିକର ଦାୟିତ୍ୱ ନିର୍ବାହ କରୁଥିବା ବ୍ଲକ ସୁପରଭାଇଜର କଳ୍ପନା ମହାପାତ୍ରଙ୍କ ମନମୁଖି କାର୍ଯ୍ୟକୁ ନେଇ ବସରେ କାର୍ଯ୍ୟରତ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ସୁପରଭାଇଜର ମହାପାତ୍ରଙ୍କୁ ଅନ୍ୟତ୍ର ବଦଳି କରିବାକୁ ସେମାନେ ଦାବି କରିଛନ୍ତି। ସେହିପରି କର୍ମଚାରୀଙ୍କ ଇପିଏଫ୍, ଇଏସଆଇ, ବୋନସ, ଲାଇଭ ବୋନସ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏ ନେଇ କର୍ମଚାରୀମାନେ ଜିଲ୍ଲା ମ୍ୟାନେଜରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦୁଇଦିନ ଧରି ବସ ଚଳାଚଳ ବନ୍ଦ ଥିବାରୁ ଅଞ୍ଚଳବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ମହିଳା ସଶକ୍ତୀକରଣ ପାଇଁ 'ଶକ୍ତିଶ୍ରୀ' ସଚେତନତା

ପରଜଙ୍ଗ, ୨୭ ।୮ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟ ସଭାଗୃହରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ପ୍ରଧାନଙ୍କ ପୌରୋହିତ୍ୟରେ ମହିଳା ସଶକ୍ତୀକରଣ ଉଦ୍ଦେଶ୍ୟରେ ଶକ୍ତିଶ୍ରୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବର୍ତ୍ତମାନ ସମାଜରେ ଛାତ୍ରୀ ଓ ମହିଳାମାନେ ଘରୁ ବାହାରକୁ ବାହାରିଲେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ମହିଳାମାନେ ସମାଜରେ କିପରି ନିଜ ମନୋବଳକୁ ସୁଦୃଢ଼ କରି ପ୍ରତ୍ୟେକ ସମସ୍ୟାର ସମ୍ମୁଖୀନ ହୋଇପାରିବେ ସେଥି ପାଇଁ ସରକାର ଗତ ଜୁଲାଇ ୧୯ ତାରିଖରୁ ପ୍ରତ୍ୟେକ କଲେଜ ସ୍ତରରେ ଅଧ୍ୟୟନ କରୁଥିବା ଛାତ୍ରୀମାନଙ୍କୁ ସଶକ୍ତ କରିବା ପାଇଁ ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ମହାବିଦ୍ୟାଳୟର ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ସାଗରିକା ଜେନା କହିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପିକା ଜୟଯୁକ୍ତା ପଟ୍ଟନାୟକ, କବିତା ସ୍ୱାଇଁ, ମୌସୁମୀ ବାଗ, ସସ୍ମିତା ସାହୁ ପ୍ରମୁଖ ମହିଳା ଓ ଛାତ୍ରୀମାନଙ୍କ ସୁରକ୍ଷା ଦିଗଦର୍ଶନ ଦେଇଥିଲେ। ନାରୀ ସମାଜର ସଶକ୍ତୀକରଣ ପାଇଁ ମହାବିଦ୍ୟାଳୟ ସ୍ତରରେ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। କାର୍ଯ୍ୟକ୍ରମରେ ବିକାଶ କୁମାର ପ୍ରଧାନ, ପ୍ରସନ୍ନ କୁମାର ସାହୁ, ଶ୍ୱେତପଦ୍ମା କର, ସୁରଭି ସୁରୁଆ, ଜ୍ୟୋତିର୍ମୟୀ ପରିଡ଼ା, ଦେବୀକୃପା ପ୍ରଜ୍ଞା ପାରମିତା ଦଳବେହେରାଙ୍କ ସମେତ ସମସ୍ତ ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପକ କୁମାର କୌଶିକ ଦେହୁରୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଅଧ୍ୟାପକ ବିଶିକେଶନ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।




**ସର୍ବଭାରତୀୟ କନିଷ୍ଠ କିକ୍ ବକ୍ସିଂ ପ୍ରତିଯୋଗିତା**

## ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନର ୮ ଖେଳାଳି

ଢେଙ୍କାନାଳ, ୨୭ ।୮ (ସମିସ)



ଢେଙ୍କାନାଳ ଡାଇମଣ୍ଡ କିକ ବକ୍ସିଂ ଆସୋସିଏସନର ୮ ଖେଳାଳି ଚେନ୍ନାଇର ଜବହରଲାଲ୍ ନେହରୁ ଇନ୍‌ଡୋର ଷ୍ଟାଡ଼ିୟମରେ ଆୟୋଜିତ ସର୍ବଭାରତୀୟ କନିଷ୍ଠ କିକ୍ ବକ୍ସିଂ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଅଂଶଗ୍ରହଣ କରିବା ପାଇଁ ଢେଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନ୍‌ର ବାଳକ ବିଭାଗରେ ବିହାନ ଜେନା, ଭବାନୀ ପ୍ରସାଦ ଭଞ୍ଜ ଏବଂ ବାଳିକା ବଭାଗରେ ଅଙ୍କିତା ପ୍ରିୟଦର୍ଶିନୀ ଭଞ୍ଜ, ଅନୁସୟା ବେହେରା, ଲକ୍ଷ୍ମୀପ୍ରିୟା ସାହୁ, ଶ୍ରୀତ୍ରିସ୍ମା ସାହୁ, ବିଷ୍ଣୁପ୍ରିୟା ଭୋଲ, ରିତିଶା ମହାପାତ୍ର ସେଠାକୁ ଯାତ୍ରା କରିଛନ୍ତି। ମିହିର କୁମାର ସାହୁ ଟିମ୍ କୋଚ୍ ଭାବେ ଯାଇଛନ୍ତି। ଏମାନେ ଅନୁଗୋଳଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ ଚୟନ ହୋଇଛନ୍ତି। ସର୍ବଭାରତୀୟ ପ୍ରତଯୋଗିତାରେ ଭାଗନେବା ପାଇଁ ଖେଳାଳିମାନଙ୍କ ସମ୍ପୂର୍ଣ୍ଣ ଖର୍ଚ୍ଚ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ବହନ କରାଯାଇଛି। ଏହି ଚାମ୍ପିଅନସିପ୍ ପାଇଁ ଖେଳାଳିମାନେ କଠିନ ଅଭ୍ୟାସ କରିଛନ୍ତି। ତେଣୁ ପ୍ରତିଥର ପରି ଏଥର ମଧ୍ୟ ଖେଳାଳିମାନେ ଭଲ ପ୍ରଦର୍ଶନ କରି ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିବେ ବୋଲି ଆଶା କରାଯାଉଛି। ଖେଳାଳିମାନେ ମଙ୍ଗଳବାର ଚେନ୍ନାଇ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଅବସରରେ ଢେଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନ୍ ସଭାପତି ଶଶିକାନ୍ତ ଗଡ଼ନାୟକ, ଉପ ସଭାପତି ସନ୍ତୋଷ କୁମାର ପରିଡ଼ା, ସମ୍ପାଦିକା କୀର୍ତ୍ତିରାଣୀ ସାହୁ, ଯୁଗ୍ମ ସମ୍ପାଦକ ବାପି ସାମଲ, କୋଷାଧ୍ୟକ୍ଷ ଅରବିନ୍ଦ ବେହେରା ପ୍ରମୁଖ ଖେଳାଳିମାନଙ୍କୁ ଶୁଭକାମନା ଜଣାଇଛନ୍ତି।

## ସାନ୍ତାଳ ପ୍ରଜାମାନଙ୍କୁ ଅତ୍ୟାଚାର ନେଇ ଏସପିଙ୍କୁ ଅଭିଯୋଗ

ଢେଙ୍କାନାଳ, ୨୭ ।୮ (ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ଥାନା ଖରଖରି ଗ୍ରାମର ଲମ୍ବୋଧର ମୁର୍ମୁ ଓ ତାଙ୍କ ପରିବାରକୁ ଦୀର୍ଘ ୧ ବର୍ଷ ହେବ ବାସନ୍ଦ କରାଯିବା ସହ ମାନସିକ ନିର୍ଯାତନା ଦିଆଯାଉଛି। ଜୋରଜବରଦସ୍ତ ତାଙ୍କ ଫସଲ କାଟିନେଉଥିବା ସମ୍ପର୍କରେ ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, କାମାକ୍ଷାନଗର ଥାନା ଅନ୍ତର୍ଗତ କାଦୁଆମାରାଣ୍ଡି ଗ୍ରାମର ମାଧବାନନ୍ଦ ମାର୍ଣ୍ଡି, ଖରଖରି ଗ୍ରାମର ଚୁନାରାମ ସୁରେନ୍, କାଦେ ମାର୍ଣ୍ଡି, ବିଧାନ ସୁରେନ୍, ନନ୍ଦ ଟୁଡୁ, ଧନ ଟୁଡୁ, ତ୍ରିଲୋଚନ ଟୁଡୁ, ହରି ସୁରେନ୍, ବାସୁ ଟୁଡୁ ଓ ମିଜା ମୁର୍ମୁ ପ୍ରମୁଖ ଲମ୍ବୋଦରଙ୍କ ବାପାଙ୍କ ନାମରେ ରେକର୍ଡ ଥିବା ଜାଗାକୁ ନେଇ ତାଙ୍କ ପରିବାରକୁ ଗ୍ରାମ ସଭାରେ ଅପମାନିତ ଓ ନିର୍ଯାତନା ଦେବା ସହ ବାସନ୍ଦ କରିଛନ୍ତି। ତାଙ୍କ ବିଲରୁ ଧାନ କାଟିନେବା ସହ ଅନ୍ୟାନ୍ୟ ଜମିକୁ ଅକ୍ତିଆରକୁ ନେବା ପାଇଁ ଉଦ୍ୟମ କରୁଛନ୍ତି। ଏ ସମ୍ପର୍କରେ ପୂର୍ବରୁ ଲମ୍ବୋଦରଙ୍କ ପିତାମାତା କଙ୍କଡ଼ାହାଡ଼ ଥାନା ଏବଂ ଗତ ୧୨ ତାରିଖ ଏସ୍‌ପି, ଜିଲ୍ଲାପାଳ, ରାଜ୍ୟ ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ, କାମାକ୍ଷାନଗର ଏସ୍‌ଡିପିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାର ଉପଯୁକ୍ତ ତଦନ୍ତ କରି ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ପୁନର୍ବାର ବୁଧବାର ଏସ୍‌ପିଙ୍କୁ ଅଭିଯୋଗ କରିଛନ୍ତି। ନ୍ୟାୟ ନ ମିଳିଲେ ପରିବାର ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।



# ଭୁବନେଶ୍ୱର ସିଟି

## ରାଜଧାନୀରେ ଚୋରା ମଦର ବନ୍ୟା

# ଯେତେ ଧରିଲେ ସେତେ ବାହାରୁଛି

ଭୁବନେଶ୍ୱର, ୨୭।୮ (ସମିସ)

ସାରା ରାଜ୍ୟରେ ଦେଶୀ ମଦ ତିଆରି ଓ ବିକ୍ରି ବୃଦ୍ଧି ପାଇଛି। କିନ୍ତୁ ଗ୍ରାମାଞ୍ଚଳ ଠାରୁ ରାଜଧାନୀରେ ଚୋରା ମଦ କାରବାର ବଳି ଗଲାଣି। କେବଳ ଦେଶୀ ନୁହେଁ, ଚୋରା ବିଦେଶୀ ମଦ ମଧ୍ୟ ବିକ୍ରି ବଢ଼ିଛି। ରାଜଧାନୀରେ ସ୍ୱୀକୃତିପ୍ରାପ୍ତ ଦେଶୀ ଓ ବିଦେଶୀ ମଦ ଦୋକାନ ସଂଖ୍ୟା ୫୦ରୁ ଅଧିକ ହେବ। ଅନେକ ମଦ ଦୋକାନ ସହ ବାର୍ ଓ ପବ୍ ବି ରହିଛି। ତଥାପି ସହରରେ ଚୋରା ମଦ କାରବାର କ୍ରମଶଃ ବଢ଼ିବାରେ ଲାଗିଛି। ସ୍ୱୀକୃତିପ୍ରାପ୍ତ ମଦ ଦୋକାନଗୁଡ଼ିକ ବନ୍ଦହେଲା ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚୋରା ମଦର ଆସର ଜମୁଛି। ନିୟମିତ ବ୍ୟବଧାନରେ ଚୋରା ବିଦେଶୀ ମଦ ବେପାରୀ ଗିରଫ ହେଉଛନ୍ତି। ହେଲେ ସେମାନେ ବିକ୍ରି କରୁଥିବା ମଦ ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନରୁ କିଣୁଛନ୍ତି କି ନାହିଁ, ସେନେଇ ଖୋଳତାଡ଼ ହେଉନାହିଁ। ଫଳରେ ରାଜଧାନୀରେ ନକଲି ମଦ ବିକ୍ରି ହେଉଥିବା ନେଇ ଆଶଙ୍କା କରାଯାଉଛି।

ସେପଟେ ବସ୍ତି ଗୁଡ଼ିକରେ ଦେଶୀ ମଦ ତିଆରି ଓ ବିକ୍ରି କରି ମଧ୍ୟ ବେଶ୍ ବଢ଼ିଛି। ଉପକଣ୍ଠ ଥାନା ଠାରୁ ସମ୍ବେଦନଶୀଳ ଥାନା ପର୍ଯ୍ୟନ୍ତ ମଦ କାରବାର କରୁଛନ୍ତି ମଦ ବେପାରୀ। ଚୋରା ମଦ କାରବାର ଅଭିଯୋଗରେ ପ୍ରତିଦିନ ୨/୩ ଜଣଙ୍କୁ ଗିରଫ କରାଯାଉଥିଲେ ମଧ୍ୟ ସେଥିରେ ସମ୍ପୂର୍ଣ୍ଣ ରୋକ୍ ଲାଗି ପାରିନାହିଁ। ଚନ୍ଦକା, ଏୟାରପୋର୍ଟ, ମୈତ୍ରୀ ବିହାର, ଏୟାରଫିଲ୍ଡ, ନୂଆପଲ୍ଲୀ, ବାଲିପାଟଣା, ଭରତପୁର ଓ ଖଣ୍ଡଗିରି ଭଳି ଥାନା ଅଞ୍ଚଳରେ ଅଧିକ ମଦ ବେପାରୀ ଠାବ ହେଉଛନ୍ତି। ସେହିପରି ଗିରଫ ହେଉଥିବା ଅଧିକାଂଶ ମଦ ବେପାରୀ ଜେଲ୍ ଫେରନ୍ତା। ଅନେକ ମଦ ବେପାରୀଙ୍କ ନାମରେ ୧୦ରୁ ଅଧିକ ମାମଲା ରହିଛି। ଗିରଫ ହୋଇ ଜେଲ୍ ଯାଉଛନ୍ତି, କିଛିଦିନ ପରେ ଜାମିନରେ ଆସି ପୁଣି ଚୋରା ମଦ କାରବାର ଚଳାଉଛନ୍ତି। ବାରମ୍ବାର ଗିରଫ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।

■ ଜାମିନରେ ଆସି ବେପାର କରୁଛନ୍ତି ମାଫିଆ
■ ଗଞ୍ଜାମରୁ ଆସୁଛି ନକଲି ଅପମିଶ୍ରିତ ମଦ



### ରାଜଧାନୀରେ ତିଆରି; ଉପକଣ୍ଠରେ ବିକ୍ରି

ପ୍ରତିଦିନ ରାଜଧାନୀରେ ହଜାର ହଜାର ଲିଟର ଦେଶୀମଦ ତିଆରି ହୋଇ ଉପକଣ୍ଠକୁ ଚାଲାଣ କରାଯାଉଛି। ବିଶେଷ କରି ସାଲିଆ ସାହିରେ ଥିବା ବିଭିନ୍ନ ବସ୍ତିରେ ଦେଶୀ ମଦ ପ୍ରସ୍ତୁତ ହେଉଛି। ସେଠାରୁ କ୍ୟାପିଟାଲ, ଲକ୍ଷ୍ମୀସାଗର, ସହିଦନଗର, ଇନଫୋସିଟି, ଚନ୍ଦକା, ଭରତପୁର, ଖଣ୍ଡଗିରି ଆଦି ଥାନା ଅଞ୍ଚଳରେ ଥିବା ବିଭିନ୍ନ ବସ୍ତିକୁ ଚାଲାଣ କରାଯାଉଛି। ସେଠାରୁ ଅପମିଶ୍ରଣ କରାଯାଇ ବିକ୍ରି କରାଯାଉଛି। ଗତ ୨୩ ତାରିଖ ଦିନ ଅବକାରୀ ରେଞ୍ଜ୍ ୧ ଥାନା ମହର୍ଷି କଲେଜ ନିକଟରୁ ଜଣେ ମଦ ବେପାରୀକୁ ଗିରଫ କରି ତା' ଠାରୁ ୧୬୦ ଲିଟର ଦେଶୀମଦ ଜବତ କରିଥିଲା। ସେ ସାଲିଆ ସାହି ଅଞ୍ଚଳରୁ ଦେଶୀମଦ ନେଇ ଫୁଲେଶ୍ୱରୀ ବସ୍ତିକୁ ଯାଉଥିବା ସ୍ୱୀକାର କରିଥିଲା।

### ମଦ ମାଫିଆଙ୍କୁ ସାହା ଜଙ୍ଗଲ

ପ୍ରଥମେ ମଦ ପ୍ରସ୍ତୁତ କରୁଛନ୍ତି ଓ ପରେ ପୁଲିସ ଭୟରେ ବିଭିନ୍ନ ସ୍ଥାନରେ ଲୁଚାଉଛନ୍ତି। କେଉଁଠି ପୋଖରୀ ତ କେଉଁଠି ବିଲ ହୁଡ଼ା, ଆଉ କୋଉଠି ସୁଡ଼ଙ୍ଗ। କୁଟୀରଶିଳ୍ପ ଭଳି ଜଙ୍ଗଲରେ ଦେଶୀ ମଦର ଆସ୍ଥାନ ଜମାଇ ସେଠାରୁ ପୁରା ରାଜଧାନୀକୁ ଚାଲାଣ ହେଉଛି। ଗତ ମେ' ମାସରେ ଅବକାରୀ ବିଭାଗ ଚନ୍ଦକା ଥାନା ଦାରୁଠେଙ୍ଗ ଜଙ୍ଗଲରେ ଚଢ଼ଉ କରିଥିଲା। ଜଙ୍ଗଲ ଭିତରେ ସ୍ୱତନ୍ତ୍ର ମଦ ଫ୍ୟାକ୍ଟ୍ରି ଠାବ କରିଥିଲା। ସ୍ୱତନ୍ତ୍ର ପାଣି ବୋତଲ ତିଆରି କରି ସେଥିରେ ଦେଶୀ ମଦ ପ୍ୟାକ୍ କରି ବିକ୍ରି କରାଯାଉଥିଲା। ପ୍ରାୟ ୧୯ ଲକ୍ଷ ଟଙ୍କାର ମଜା ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଥିଲା। ଚନ୍ଦକା ଠାରୁ କଟକ, ଅନୁଗୁଳ, ଢେଙ୍କାନାଳ, ଖୋର୍ଦ୍ଧା, ନୟାଗଡ଼ ଆଦି ଜିଲ୍ଲାକୁ ସହଜରେ ଯାତାୟାତ କରିବାର ସୁବିଧା ରହିଥିବାରୁ ମଦ ମାଫିଆମାନେ ଏହି ଅଞ୍ଚଳକୁ ସୁରକ୍ଷିତ ସ୍ଥାନ ଭାବେ ବାଛିଛନ୍ତି।

ଓଡ଼ିଶାରେ ଚୋରା ମଦ କାରବାର ରୋକିବାକୁ ବିଭିନ୍ନ ଦିଗରେ ପ୍ରୟାସ କରାଯାଉଛି। ଚଢ଼ଉ ଜୋରଦାର କରିବା ସହ ନିଶା ମାଫିଆଙ୍କୁ ଗିରଫ କରାଯାଉଛି। କିନ୍ତୁ ଚୋରା ମଦ କାରବାର କମୁନି। ଗଞ୍ଜାମ ଜିଲ୍ଲାରୁ ନକଲି ମଦ ଭୁବନେଶ୍ୱର ଆସୁଛି। କମ୍ ମୂଲ୍ୟରେ ମଦ ଆଣି ରାଜଧାନୀ ଉପକଣ୍ଠରେ ରଖାଯାଉଛି। ସେଠାରେ ଅପମିଶ୍ରଣ କରାଯିବା ପରେ ଭେଣ୍ଡର ମାନଙ୍କୁ ଯୋଗାଇ ଦିଆଯାଉଛି। ନିଶା ମାଫିଆମାନେ ଗଞ୍ଜାମରୁ ଆଣୁଥିବା ମଦରେ ଭାଗମାପ ରହୁ ନ ଥିବାରୁ ଅଘଟଣ ଘଟିବାର ଆଶଙ୍କା ରହିଛି। କେବଳ ଦେଶୀ ନୁହଁ, ନକଲି ବିଦେଶୀ ମଦ ମଧ୍ୟ ରାଜଧାନୀ ଆସୁଛି। କିନ୍ତୁ ବୋତଲଗୁଡ଼ିକ ବିଭିନ୍ନ ବ୍ରାଣ୍ଡର ଅବିକଳ ନକଲ ହୋଇଥିବାରୁ ତାହା ଜଣା ପଡ଼ୁନାହିଁ। ଗଞ୍ଜାମରୁ ଦେଶୀ ମଦ ଗୁଡ଼ିକ ବସ୍ତିରେ ବିକ୍ରି ହେଉଥିବା ବେଳେ ବିଦେଶୀ ମଦଗୁଡ଼ିକ ବିଭିନ୍ନ ହୋଟେଲରେ ବିକ୍ରି କରାଯାଉଛି।

# ବାପାକୁ ମରଣାନ୍ତକ ଆକ୍ରମଣ; ପୁଅ ଗିରଫ



ହଂସପାଳ, ୨୭।୮ (ସମିସ): ବାପାକୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପାହାଳ ଥାନା ପୋଲିସ ନହରକଣ୍ଟା ହରିଦାସପୁରର ପୁଅ ମିର୍ଜା ଅସଲମ ବେଗ ଓରଫ ଛୋଟୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଛୋଟୁ ହେଉଛି ମିର୍ଜା ଅତହାର ବେଗଙ୍କ ସାନପୁଅ। ଛୋଟୁ କୌଣସି ଏକ ମାମଲାକୁ କେନ୍ଦ୍ରକରି ପୂର୍ବରୁ କୋର୍ଟ ଚାଲାଣ ହୋଇଥିଲେ। ତାଙ୍କ ପୁଅର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପତ୍ନୀ ତାଙ୍କୁ କୋର୍ଟରୁ ବେଲରେ ମୁକୁଳାଇ ଆଣିଥିଲେ। ଘରକୁ ଆସିବା ପରେ ଆର୍ଥିକ ସମସ୍ୟାରୁ ମୁକୁଳିବା ଲାଗି ସେ ଜମି ବିକ୍ରି କରିବା ଲାଗି ପ୍ରୟାସ କରିଥିଲେ। ତାଙ୍କର ଏହି ପ୍ରସ୍ତାବରେ ପରିବାର ସଦସ୍ୟ ରାଜି ନ ହେବାରୁ ସେ ଘରେ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ଏହା ଦେଖି ଗ୍ରାମର କିଛି ଭଦ୍ର ଲୋକ ତାଙ୍କୁ ବୁଝସୁଝା କରିଥିଲେ। ଗତ ୨୬ ତାରିଖ ଅପରାହ୍ଣରେ ଛୋଟୁ ହଠାତ ପରିବାର ସଦସ୍ୟଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ବାପାଙ୍କୁ ଆକ୍ରମଣ କରିଥିଲେ ଏବଂ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବା ଲାଗି ଧମକ ମଧ୍ୟ ଦେଇଥିଲେ। ଏଥି ସହିତ ତାଙ୍କ ଶାଶୂ ତଥା ପରିବାରର ଅନ୍ୟମାନଙ୍କୁ ଏକ କଇଁଚିରେ ଆକ୍ରମଣ କରିବା ଲାଗି ପ୍ରୟାସ କରିଥିଲେ ଏବଂ ତାଙ୍କ ବାପାଙ୍କୁ ଠେଲି ତଳେ ପକେଇଦେବା ସହ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ତାଙ୍କ ବେକ ଉପରେ ଠିଆ ହୋଇ ଯାଇଥିଲେ। ଜମି ବିକ୍ରି କରି ତାଙ୍କୁ ଯଦି ଟଙ୍କା ନ ଦିଆଯାଏ କିମ୍ବା ଏହି ଘଟଣାରେ ଯଦି ସେ ଜେଲ ଚାଲି ଯାଆନ୍ତି ତେବେ ସେ ପରିବାରର ସମସ୍ତ ସଦସ୍ୟଙ୍କୁ ଜୀବନରୁ ମାରିଦେବେ ବୋଲି ମଧ୍ୟ ଧମକ ଦେଇଥିଲେ। ପୂର୍ବରୁ ଏହି ଘଟଣାକୁ ନେଇ ଛୋଟୁର ପତ୍ନୀ ଥାନାରେ ଅଭିଯୋଗ କରିଥିବା ବେଳେ ବୁଧବାର ବାପା ମିର୍ଜା ଅତହାର ଏନେଇ ଥାନାରେ ଅଭିଯୋଗ କରିଥିଲେ। ଛୋଟୁ ନାମରେ ପୂର୍ବରୁ ଭୁବନେଶ୍ୱରର ବିଭିନ୍ନ ଥାନାରେ ୫ ଟି ଅପରାଧିକ ମାମଲା ରହିଥିବା ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଛି।

# ରାଜଧାନୀରୁ ସମ୍ବଲପୁରିଆ ଖାଲି

■ ପଶ୍ଚିମ ଓଡ଼ିଶାବାସୀଙ୍କୁ ସୁହାଇଲା ୩ ଦିନିଆ ଲଗାଣ ଛୁଟି
■ ରେଳ ଷ୍ଟେସନ ଓ ବସ୍‌ଷ୍ଟାଣ୍ଡରେ ଭିଡ଼

ଭୁବନେଶ୍ୱର, ୨୭।୮ (ସମିସ): ରାତି ପାହିଲେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ। ଏଥିପାଇଁ ରାଜଧାନୀ ଭୁବନେଶ୍ୱରରେ ରହୁଥିବା ହଜାର ହଜାର ସଂଖ୍ୟକ ପଶ୍ଚିମ ଓଡ଼ିଶାବାସୀ ଗତ ଦୁଇଦିନ ହେଲା ଭୁବନେଶ୍ୱର ଛାଡ଼ି ନିଜ ନିଜ ଅଞ୍ଚଳକୁ ଚାଲି ଯାଇଛନ୍ତି। ଯେଉଁମାନେ ଥିଲେ ଗତକାଲିଠାରୁ ରାତାରାତି ଭୁବନେଶ୍ୱର ଛାଡ଼ି ଚାଲି ଯାଇଛନ୍ତି। ଏବେ ମୋଟାମୋଟି କହିଲେ ରାଜଧାନୀରେ କାଁ ଭାଁ ସମ୍ବଲପୁରିଆ ଲୋକେ ରହିଛନ୍ତି।



ନୂଆଖାଇ ପର୍ବକୁ ନେଇ ପଶ୍ଚିମ ଓଡ଼ିଶା ଯେତିକି ଉତ୍ସବମୁଖର ହୋଇଛି ଉପକୂଳ ଓଡ଼ିଶା ବିଶେଷକରି ରାଜଧାନୀରେ ଏବେ ଖାଁ ଖାଁ ହୋଇପଡ଼ିଛି। ଏକ ଆକଳନ ଅନୁଯାୟୀ ଗଣେଶପୂଜା ପାଇଁ ରାଜଧାନୀରେ ବୁଧବାର ଯେତିକି ଭିଡ଼ ହେବାର ଥିଲା ସେତିକି ଭିଡ଼ ପରିଲକ୍ଷିତ ହୋଇନାହିଁ। ବୁଧବାରଠାରୁ ୩ ଦିନ କାଳ ଲମ୍ବା ଛୁଟି ଥିବାରୁ ସମ୍ବଲପୁର ଅଞ୍ଚଳର ତଥା ପଶ୍ଚିମ ଓଡ଼ିଶାର ହଜାର ହଜାର ଲୋକେ ଭୁବନେଶ୍ୱର ଛାଡ଼ିଛନ୍ତି। ଗତ ଦୁଇଦିନ ଧରି ରାଜଧାନୀରୁ ପଶ୍ଚିମ ଓଡ଼ିଶା ପାଇଁ ଚଳାଚଳ କରୁଥିବା ବସ୍ ଏବଂ ଟ୍ରେନ୍‌ରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଭୁବନେଶ୍ୱର ରେଳ ଷ୍ଟେସନରେ ଗତ କାଲି ଅହେତୁକ ଭିଡ଼ ପରିଲକ୍ଷିତ ହୋଇଥିଲା। ସେହିଭଳି ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ବୁଧବାର ମଧ୍ୟ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସାରାଦିନ ବସ୍‌ଷ୍ଟାଣ୍ଡ ଏବଂ ଷ୍ଟେସନରେ ପଶ୍ଚିମ ଓଡ଼ିଶା ଲୋକଙ୍କୁ ଦେଖିବାକୁ ମିଳିଥିଲା। ଏମିତି କି ଯେଉଁ କିଛି ଲୋକ ଥିଲେ ବୁଧବାର ସନ୍ଧ୍ୟାରେ ପଶ୍ଚିମ ଓଡ଼ିଶା ମୁହାଁ ହୋଇଛନ୍ତି। ନୂଆଖାଇ ଅବସରରେ ଭୁବନେଶ୍ୱର ବିଭିନ୍ନ ହାଟବଜାରରେ ମଧ୍ୟ ଗତକିଛିଦିନ ଧରି ଭିଡ଼ ଦେଖିବାକୁ ମିଳିଥିଲା। ବିଶେଷକରି ବୟନିକା ଭଳି ବହୁ କପଡ଼ା ଦୋକାନରେ ଗ୍ରାହକଙ୍କ ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ ଅଧିକାଂଶ ଲୋକେ ସମ୍ବଲପୁରୀ ପୋଷାକ କିଣିଥିଲେ।

ପ୍ରକାଶ ଥାଉ କି ବୁଧବାର ଗଣେଶପୂଜା ପାଇଁ ସରକାରୀ ଛୁଟି ଥିବା ବେଳେ ଗୁରୁବାର ନୂଆଖାଇ ଛୁଟି ସାଙ୍ଗକୁ ଶୁକ୍ରବାର ଛୁଟି ରାଜ୍ୟ ସରକାରଙ୍କ ପକ୍ଷରୁ ଛୁଟି ଘୋଷଣା କରାଯାଇଛି। ମଝିରେ ଶନିବାରକୁ ଛାଡ଼ିଲେ ରବିବାର ମଧ୍ୟ ଛୁଟି ରହିଛି। ତେଣୁ ଅଧିକାରୀ ସରକାରୀ କର୍ମଚାରୀ ଶନିବାର ଛୁଟି ନେଇ ପୂରା ଲମ୍ବା ସମୟ ପାଇଁ ନିଜ ନିଜ ଅଞ୍ଚଳକୁ ଚାଲି ଯାଇଛନ୍ତି।

# କାର କାଚ ଭାଙ୍ଗି ଲୁଟିଲେ

ଭୁବନେଶ୍ୱର, ୨୭।୮ (ସମିସ): ପାର୍ବଣ ପୂର୍ବରୁ କମିସନରେଟ ପୁଲିସକୁ ଚ୍ୟାଲେଞ୍ଜ ଦେଇଛନ୍ତି ଲୁଟେରା। କିଛି ଦିନର ବ୍ୟବଧାନ ପରେ ରାଜଧାନୀରେ ମାତିଲେ କାର କାଚ ଭଙ୍ଗା ଲୁଟେରା। ସହରର ଅନ୍ୟତମ ଜନଗହଳିପୂର୍ଣ୍ଣ ଅଞ୍ଚଳରୁ ଲୁଟି ନେଲେ ସୁନାଗହଣା। ଜନପଥରେ ପାର୍କିଂ ହୋଇଥିବା କାରରୁ କାଚ ଭାଙ୍ଗି ଲୁଟ୍ ହୋଇଥିବା ବେଳେ ଲୁଟର ଶିକାର ସୌମ୍ୟରଞ୍ଜନ କର ଖାରବେଳନଗର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ମୁତାବକ, ବୁଧବାର ରାତି ପ୍ରାୟ ୯ଟାରେ ସୌମ୍ୟରଞ୍ଜନ ଜନପଥରେ ଗାଡ଼ି ପାର୍କିଂ କରି ପରିବା ସହ ନିକଟସ୍ଥ ସୁନା ଦୋକାନକୁ କିଣାକିଣି କରିବାକୁ ଯାଇଥିଲେ। ସେଠାରୁ କିଣାକିଣି ସାରି ଗଣେଶ ମଣ୍ଡପ ବୁଲିବା ସହ ଖାଇପିଇ ଗାଡ଼ି ନିକଟକୁ ଫେରିଥିଲେ। ଏହାରି ଭିତରେ ଦୁର୍ବୃତ୍ତ ମାନେ ତାଙ୍କ କାର କାଚ ଭାଙ୍ଗି ଗାଡ଼ିରେ ଥିବା ସୁନା ମୁଦି, ସୁନା କାନ ଫୁଲ, ନଗଦ ଟଙ୍କା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଲୁଟି ନେଇଥିଲେ। ଗାଡ଼ି ପାଖକୁ ଫେରି କାଚ ଭଙ୍ଗା ହୋଇଥିବା ଦେଖିଥିଲେ। ଲୁଟ୍ ହୋଇଥିବା ଜାଣିବା ପରେ ଖାରବେଳ ନଗର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାହାରିକୁ ଚିହ୍ନଟ କରି ପାରିନାହିଁ।




# ରାତି ୨ଟାରୁ କୁକୁର ଗଣିବ ବିଏମ୍‌ସି!

ଭୁବନେଶ୍ୱର, ୨୭।୮ (ସମିସ): ରାଜଧାନୀରେ ହେବାକୁ ଥିବା କୁକୁର ଗଣନାକୁ ନେଇ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଛି। କୁକୁର ଗଣନା କିପରି ହେବ। କେଉଁମାନେ ଏଥିରେ ସାମିଲ ହେବେ। ସଠିକ୍ କୁକୁର ଗଣନା କିପରି ହୋଇପାରିବ ସେ ନେଇ ବିଏମ୍‌ସି କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଛି। ଏହି ଯୋଜନାରେ ବିଏମ୍‌ସି କମିସନରଙ୍କ ମୋହର ଲାଗିଲେ ଗଣନା କାର୍ଯ୍ୟ ବାସ୍ତବ ରୂପ ନେବ। ମିଳିଥିବା ସୂଚନା ମୁତାବକ ଯୋଜନା ଅନୁଯାୟୀ ଯଦି ସବୁକିଛି ଠିକ୍ ରୁହେ, ତେବେ ସେପ୍ଟେମ୍ବର ପ୍ରଥମରୁ ଦ୍ୱିତୀୟ ସପ୍ତାହ ମଧ୍ୟରେ ବିଏମ୍‌ସି ପକ୍ଷରୁ କୁକୁର ଗଣନା ଆରମ୍ଭ ହେବ। ରାତି ୨ଟାରୁ ଭୋର୍ ୪ଟା ମଧ୍ୟରେ କୁକୁରମାନେ ରାସ୍ତାରେ ଥିବାରୁ ସହଜ ଉପାୟରେ କୁକୁର ଗଣନା କରାଯାଇପାରେ।

## ସେପ୍ଟେମ୍ବର ପହିଲାରୁ କୁକୁର ଗଣନା



କୁକୁର ଗଣନାରେ ସ୍ୱଛସାଥିଙ୍କୁ ନିୟୋଜିତ କରାଯିବ। ପ୍ରାୟ ୪ ଶହ ସ୍ୱଛସାଥୀ, ସଫେଇ କର୍ମଚାରୀ ଏବଂ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଏଥିରେ ନିୟୋଜିତ କରାଯିବ। ଏମାନଙ୍କୁ ଗଣନା ପୂର୍ବରୁ ଏକ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯିବ। ପ୍ରତ୍ୟେକ ୱାର୍ଡ ପାଇଁ ଜଣେ ସୁପରଭାଇଜର ରହିବେ। ତାଙ୍କ ଅଧୀନରେ ୪ଟି ଟିମ୍ ଗଠନ କରାଯିବ। ଏହି ଟିମ୍‌ରେ ୪ରୁ୫ ଜଣ ସଦସ୍ୟ ରହିବେ। ଏହି ଟିମ୍‌ର କାମ ହେଉଛି ବାଇକ୍‌ରେ ବିଭିନ୍ନ ଗଳି ବୁଲି କୁକୁର ଗଣନା କରିବେ। କୁକୁରମାନେ ଯେପରି ଜାଣି ନ ପାରିବେ ଏଣୁ ପ୍ରତିଟି ଟିମ୍ ସ୍ୱଳ୍ପ ଗତିରେ ବାଇକ୍ ଚାଳନା କରିବେ। କୁକୁର ଗଣନା କରି ସୁପରଭାଇଜମାନଙ୍କୁ ଜଣାଇବେ। ବିଏମ୍‌ସି ଅଞ୍ଚଳରେ ଏହି ଗଣନା ୯ ଦିନ ଧରି ଚାଲିବ। ଏହି ୯ଦିନ ମଧ୍ୟରେ ସମଗ୍ର ଭୁବନେଶ୍ୱର ସହରରେ ଗଣନା ଶେଷ ହେବ। ପରେ ରାଜଧାନୀରେ କେତେ ସଂଖ୍ୟକ କୁକୁର ଅଛନ୍ତି ତାହା ଜଣାପଡ଼ିବ। ଏଥିପାଇଁ ଯଦିଓ ବିଏମ୍‌ସି ପକ୍ଷରୁ କୌଣସି ସ୍ୱତନ୍ତ୍ର ପାଣ୍ଠି ପ୍ରସ୍ତୁତ କରାଯାଇ ନାହିଁ ତେବେ ଯେଉଁମାନେ ଗଣନା କରିବେ ସେମାନଙ୍କୁ ବିଏମ୍‌ସି ପକ୍ଷରୁ କିଛି ଅର୍ଥ ପ୍ରଦାନ କରାଯିବ। ଏହି ପଦ୍ଧତିରେ ଗଣନା ଦ୍ୱାରା ଯଦିଓ ରାଜଧାନୀର କେତେ କୁକୁର ଅଛନ୍ତି ତାହାର ପ୍ରକୃତ ସଂଖ୍ୟା ଜଣା ନ ପଡ଼ିବ, ଏହି ପଦ୍ଧତିରେ ୯୫ ପ୍ରତିଶତ ସଠିକତା ରହିବ ବୋଲି ବିଏମ୍‌ସିର ଜଣେ ଉଚ୍ଚ ପଦସ୍ଥ ଅଧିକାରୀ କହିଛନ୍ତି।

### ସହରରେ କୁକୁର କାହିଁକି ଗଣାଯାଏ

ସହରରେ କୁକୁର ସଂଖ୍ୟା କମାଇବାକୁ ହେଲେ ବନ୍ଧ୍ୟାକରଣ ଏକ ଶ୍ରେଷ୍ଠ ମାଧ୍ୟମ। ଏଣୁ ସହରରେ କୁକୁର ସଂଖ୍ୟା ଜାଣିଲେ ପ୍ରଶାସନ ଏହି ଅନୁଯାୟୀ ଯୋଜନା ପ୍ରସ୍ତୁତ କରିବ। ଆବଶ୍ୟକ ସଂଖ୍ୟକ କୁକୁର ବନ୍ଧ୍ୟାକରଣ କେନ୍ଦ୍ର, ଓଟି, ଡାକ୍ତର ଏବଂ ଚିକିତ୍ସା ସୁବିଧା ଯୋଗାଇବାକୁ ଯୋଜନା ପ୍ରସ୍ତୁତ ହୁଏ। ଯଦି ସହରରେ ୮୦ହଜାର କୁକୁର ଥିବେ ମାତ୍ର ୨ ଜଣ ଡାକ୍ତର ବନ୍ଧ୍ୟାକରଣ କରିବେ। ତେବେ ବର୍ଷ ବର୍ଷ ଧରି ବନ୍ଧ୍ୟାକରଣ ପ୍ରକ୍ରିୟା ଚାଲିଲେ ମଧ୍ୟ କୁକୁର ସଂଖ୍ୟା ବଢ଼ିବେ ପଛେ କମିବେ ନାହିଁ। ଏଣୁ କୁକୁର ସଂଖ୍ୟା ଅନୁଯାୟୀ ଡାକ୍ତର ନିୟୋଜିତ ହୋଇଥାନ୍ତି। ରାଜ୍ୟରେ କେତେ କୁକୁର ଅଛନ୍ତି ତାହା ନ ଜାଣି ବହୁ ଦିନ ହେବ କୁକୁର ବନ୍ଧ୍ୟାକରଣ ଚାଲିଛି। ଏବେ କୁକୁର ଗଣନା ଉପରେ ସରକାର ବିଶେଷ ଭାବେ ଗୁରୁତ୍ୱ ଦେଉଛନ୍ତି।

### ସ୍ୱତନ୍ତ୍ର କୁକୁର ଗଣନା କେବେ ବି ହୋଇନି

ରାଜ୍ୟରେ କେବେ ବି ସ୍ୱତନ୍ତ୍ର ଭାବେ କୁକୁର ଗଣନା କେବେ ବି ହୋଇନାହିଁ। ପଶୁ ସମ୍ପଦ ବିଭାଗ ବିଭିନ୍ନ ନିର୍ଦ୍ଦିଷ୍ଟ ବର୍ଷ ବ୍ୟବଧାନରେ ବିଭିନ୍ନ ସ୍ଥାନରେ ପଶୁ ଗଣନା କରିଥାଏ। ଏହି ସମୟରେ କୁକୁର ଗଣନା କରାଯାଏ। ଏଣୁ ଏହି ଗଣତି ମାଧ୍ୟମରେ ଦିଆ ଯାଇଥିବା ସଂଖ୍ୟାକୁ କେହି ଗୁରୁତର ସହ ନିଅନ୍ତି ନାହିଁ। ଅନ୍ୟପକ୍ଷରେ ଅନ୍ୟ ଏକ ମାଧ୍ୟମରେ କୌଣସି ଏକ ସହରର କୁକୁର ସଂଖ୍ୟାକୁ ଆକଳନ କରାଯାଏ। କୌଣସି ଏକ ସହରରେ ମଣିଷର ଜନସଂଖ୍ୟା ଅନୁଯାୟୀ କୁକୁର ସଂଖ୍ୟା ସ୍ଥିର କରାଯାଏ। ଏହି ଦୃଷ୍ଟିରୁ ଭୁବନେଶ୍ୱରରେ ୨୦୧୯ରେ ଜନସଂଖ୍ୟା ୧୦ଲକ୍ଷ ଅନୁମାନ କରାଯାଉଥିଲା ବେଳେ କୁକୁର ସଂଖ୍ୟା ୪୦ହଜାର ବୋଲି ଅନୁମାନ କରାଯାଉଥିଲା। କେନ୍ଦ୍ରୀୟ ନିୟମ ମୁତାବକ ୨୦୨୩ ମସିହା ପର ଠାରୁ ପଶୁ ସମ୍ପଦ ବିଭାଗ ଆଉ କୁକୁର ଗଣନା କରିବ ନାହିଁ। କେବେଳ ୟୁଏଲ୍‌ବିଗୁଡ଼ିକ ନିଜ ନିଜ ଅଞ୍ଚଳରେ କୁକୁର ଗଣନା କରିବେ।

କୁକୁର ଗଣନା ପାଇଁ ଅର୍ଦ୍ଧରାତ୍ର ସବୁଠାରୁ ଉଚିତ୍ ସମୟ ବୋଲି ଧରାଯାଏ। ଏଣୁ ରାତି ୨ଟାରୁ ୪ଟା ମଧ୍ୟରେ ସଠିକ୍ କୁକୁର ଗଣନା ସମ୍ଭବ ହୋଇପାରିବ। ଏହି ସମୟ ସବୁଠାରୁ ଶୁନ୍‌ଶାନ୍ ସମୟ ହୋଇଥିବାରୁ କୁକୁରମାନେ ରାସ୍ତା ଉପରେ ମେଳି ହୋଇଥାନ୍ତି। ତେଣୁ ଏହି ସମୟରେ କୁକୁର ଗଣନା ହୋଇପାରେ ବୋଲି ପ୍ରାଣୀ ବିଶେଷଜ୍ଞମାନେ ମତ ଦେଇଛନ୍ତି।

# ଧାର ଆଳରେ ଠକେଇ; ଜଣେ ଗିରଫ

ଭୁବନେଶ୍ୱର, ୨୭।୮ (ସମିସ): ଧାର ଆଳରେ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। କସ୍‌ମୋପଲିସ୍ ଆପାର୍ଟମେଣ୍ଟରେ ରହୁଥିବା ନିହାର ରଞ୍ଜନ ସାହୁ (୩୫)ଙ୍କ ସହ ବିଷ୍ଣୁଶଙ୍କର ଦାସଙ୍କ ପୂର୍ବରୁ ଚିହ୍ନାପରିଚୟ ଥିଲା। ପତ୍ନୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା କହି ବିଷ୍ଣୁଙ୍କୁ ଟଙ୍କା ମାଗିଥିଲା ନିହାର। ବିଷ୍ଣୁ ୨୦୨୨ ରୁ ୨୦୨୪ ମସିହା ମଧ୍ୟରେ ନିହାରକୁ ୧୫ ଲକ୍ଷ ଟଙ୍କା ଦେଇଥିଲେ। ନିହାର ୯ ଲକ୍ଷ ଟଙ୍କା ଫେରାଇ ଥିଲା। ବାକି ଟଙ୍କା ପାଇଁ ତାଙ୍କ ପତ୍ନୀଙ୍କୁ ଯୋଗାଯୋଗ କରିବାରୁ ଉଭୟ ପତିପତ୍ନୀ ଧମକ ଦେଇଥିଲେ। ଏନେଇ ବିଷ୍ଣୁ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ତା' ନାମରେ ପୂର୍ବରୁ ବିଭିନ୍ନ ଥାନାରେ ମୋଟ ୫ଟି ଭିନ୍ନ ମାମଲା ରହିଥିବା ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଛି।



## ଅଗ୍ରପୂଜ୍ୟଙ୍କୁ ଆରାଧନା

# ଉତ୍ସବ ମୁଖର ଗାଁଠୁ ସହର






ପୁରୀ, ୨୭।୮ (ସମିସ)

ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ବୁଧବାର ଅଗ୍ରପୂଜ୍ୟ ଗଣେଶଙ୍କ ଆରାଧନା ପାଇଁ ଗାଁଠୁ ସହର ସବୁଠି ଉତ୍ସବ ମୁଖର ପରିବେଶ। ପୂଜା ପାଇଁ ଚଳଚଞ୍ଚଳ ଶିକ୍ଷାନୁଷ୍ଠାନ। ବିଭିନ୍ନ କ୍ଲବ ଏବଂ ଅନୁଷ୍ଠାନ ପକ୍ଷରୁ ମଧ୍ୟ ବିଘ୍ନ ବିନାଶକଙ୍କ ପୂଜା କରାଯାଉଛି। ପୂଜାମଣ୍ଡପରେ ଶୋଭା ପାଉଛନ୍ତି ଗଜାନନ। ଆଖି ଝଲସେଇ ଦେବା ପରି ସାଜସଜ୍ଜା ଏବଂ ତୋରଣ ମନରେ ସୃଷ୍ଟି କରୁଛି ଆଧ୍ୟାତ୍ମିକ ଭାବ। ବିଶେଷକରି ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ କ୍ଲବଗୁଡ଼ିକରେ ଗଜାନନଙ୍କ ପୂଜା ବେଶ୍ ଧୂମ୍‌ଧାମରେ ଅନୁଷ୍ଠିତ ହୋଇଛି। ଗଣେଶ ପୂଜା ପାଇଁ ଉତ୍ସବ ମୁଖର ହୋଇପଡ଼ିଛି ଶ୍ରୀକ୍ଷେତ୍ର ପୁରୀ। ସହରର ବଡ଼ଦାଣ୍ଡ ସମେତ ବିଭିନ୍ନ ଗଳି, କନ୍ଦିରେ ଗଣପତିଙ୍କୁ ଆରାଧନା କରାଯାଉଛି।

ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ଗଣନାଥଙ୍କ ପୂଜା ହୋଇଛି। ଓମ୍ ନମଃ ଗଣେଶ ବିଘ୍ନେଶ ଗିରିଜାନନ୍ଦନଂ ପ୍ରଭୁ...” ମନ୍ତ୍ର ଧ୍ୱନିରେ ଗୁଞ୍ଜରିତ ହେଉଛି ଗାଁଠୁ ସହର। ଶ୍ରୀକ୍ଷେତ୍ରରେ ସୃଷ୍ଟି ହୋଇଛି ଭକ୍ତିମୟ ପରିବେଶ। ପୁରୀ ସହରର ପ୍ରମୁଖ ପୂଜାମଣ୍ଡପ ବଡ଼ଦାଣ୍ଡରେ ରହିଛି। ହୋମଯଜ୍ଞରେ ପ୍ରକମ୍ପିତ ହେଉଛି ପରିବେଶ। ଏହାବ୍ୟତୀତ ବିଭିନ୍ନ ସାହି, ଗଳିରେ ମଧ୍ୟ ଧୂମ୍‌ଧାମରେ ପୂଜା କରାଯାଉଛି। ସକାଳୁ ସକାଳୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ପୂଜା କରାଯାଇଥିବା ବେଳେ କ୍ଲବ ଏବଂ ବିଭିନ୍ନ ଅନୁଷ୍ଠାନରେ ସନ୍ଧ୍ୟାରେ ପୂଜା ହୋଇଛି। ବିଶେଷକରି ବଡ଼ଦାଣ୍ଡରେ ଉଭୟ ପାର୍ଶ୍ୱରେ ଏକାଧିକ ପୂଜାମଣ୍ଡପ ଆଧ୍ୟାତ୍ମିକ ଭାବ ସୃଷ୍ଟି କରୁଛି। ସହରର ପ୍ରମୁଖ ପୂଜାମଣ୍ଡପ ମଧ୍ୟରେ ଅଶୋକ ଗାଣପତ୍ୟ ସମିତି, ଶ୍ରୀ ଶ୍ରୀ ନୀଳଗିରି ଚାର୍ ଗଣେଶ ଗୁରୁଜ ଜାଗା ପଞ୍ଚାୟତ, ପଞ୍ଚମୁଖୀ ବିନାୟକ ସମିତି, ନରସିଂହ ୟୁଥ୍ ଆସୋସିଏଶନ, ବଳଗଣ୍ଡି ଗଣପତି ସଂଘ, ଦର୍ଜୀପୋଖରୀ ଛକ ପୂଜା କମିଟି ପ୍ରଭୃତିରେ ଆନନ୍ଦ ଉତ୍ସାହର ସହ ଗଣପତିଙ୍କ ଆରାଧନା କରାଯାଇଛି। ଶ୍ରୀକ୍ଷେତ୍ରରେ ହେଉଥିବା ଗଣେଶ ପୂଜାର ଏକ ସ୍ୱତନ୍ତ୍ରତା ରହିଛି। ଏଠାକାର ପ୍ରମୁଖ ପୂଜାମଣ୍ଡପଗୁଡ଼ିକ ମଧ୍ୟରୁ ଅଧିକାଂଶ ସ୍ଥାନରେ ୭ ଦିନ ପୂଜା ଚାଲିବ।

ଏହି ଅବସରରେ ସହରର କେତେକ ପୂଜାମଣ୍ଡପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ମଣ୍ଡପକୁ ଆକର୍ଷଣୀୟ ଭାବେ ସଜା ଯାଇଛି। କେଉଁଠି ରଙ୍ଗୀନ ଆଲୋକମାଳାରେ ଠାକୁର ଝଲସି ଉଠୁଛନ୍ତି ତ ପୁଣି କେଉଁଠି ଆକର୍ଷଣୀୟ ତୋରଣ ଦେଖଣାହାରୀଙ୍କୁ ଟାଣି ନେଉଛି। ନିଆରା କିଛି କରିବାର ମନୋବୃତ୍ତି ଯୋଗୁଁ ବିଭିନ୍ନ ମଣ୍ଡପ ଶ୍ରଦ୍ଧାଳୁଙ୍କ ଆକର୍ଷଣ ସାଜୁଛି। କେଉଁଠି ମୂର୍ତ୍ତିରେ ସ୍ୱତନ୍ତ୍ରତା ତ ପୁଣି କେଉଁଠି ସାଜସଜ୍ଜାକୁ ଅନୁଷ୍ଠାନର କର୍ମକର୍ତ୍ତା ଗୁରୁତ୍ୱ ଦେଇଛନ୍ତି।


ପିପିଲି


ଶରଧାବାଲି ବ୍ୟବସାୟୀ ସଂଘ


ମୋତିଚନ୍ଦ ବଜାର


ନୀଳକଣ୍ଠେଶ୍ୱର ଅଟୋଚାଳକ ସଂଘ



ନିମାପଡ଼ା


କାକଟପୁର


ବ୍ରହ୍ମଗିରି


ସାକ୍ଷୀଗୋପାଳ ବୁଢ଼ାଗଣେଶ


ନୟାହାଟ


ଡେଲାଙ୍ଗ


କଣାସ ଗୋଲବଜାର


କଣାସ


କୃଷ୍ଣନଗର ଗଣେଶ କ୍ଲବ

## ଶ୍ରୀମନ୍ଦିରରେ ଗଣେଶ ଚତୁର୍ଥୀ

ଶ୍ରୀମନ୍ଦିରରେ ଗଣେଶ ଚତୁର୍ଥୀ ପାଳିତ ହୋଇଯାଇଛି। ଏହି ପବିତ୍ର ତିଥିରେ ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି। ସକାଳୁ ସକାଳୁ ଭକ୍ତଙ୍କ ଲମ୍ବା ଧାଡି ଲାଗିଥିଲା ବଡ଼ଦେଉଳକୁ। ମନ୍ଦିର ପରିସରରେ ବଟ ଗଣେଶ, ନୃତ୍ୟ ଗଣେଶ, ଭକ୍ତ ଗଣେଶ ପ୍ରଭୃତି ବହୁ ଗଣେଶ ପୂଜା ପାଉଛନ୍ତି। ବିଶେଷକରି ବଟ ଗଣେଶଙ୍କ ପାଖରେ ଅଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଥିଲେ। ଏହିଠାରେ ବହୁ ଶ୍ରଦ୍ଧାଳୁ ମହାବିନାୟକ ମହାବ୍ରତ ମଧ୍ୟ ପାଳନ କରିଥିଲେ। ସନ୍ଧ୍ୟା ଧୂପ ପରେ ବିଶେଷ ଭୋଗ ଓ ବନ୍ଦାପନା ଇତ୍ୟାଦି କରାଯାଇଥିଲା। ସେହିପରି ସରସ୍ୱତୀଙ୍କ ମନ୍ଦିରରେ ଏକ ଭଦ୍ରାସନ ଉପରେ ମାଦଳା ପାଞ୍ଜିକୁ ରଖାଯାଇ ପତନୀ, ଫୁଲ ମାଳ ଦିଆଯାଇଥିଲା। ଏହା ପରେ ଶୀତଳ ଭୋଗ ବନ୍ଦାପନା ସରିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ୨୨ଟି ନଡ଼ିଆ ଭଙ୍ଗା ଯାଇଥିଲା।

## ମଣ୍ଡପରେ ହେଲା ଖଡ଼ିଛୁଆଁ

ହିନ୍ଦୁମାନଙ୍କ ଏକ ପ୍ରମୁଖ ପୂଜା ହେଉଛି ଗଣେଶ ପୂଜା। ଏହାକୁ ସମଗ୍ର ହିନ୍ଦୁମାନେ ବେଶ୍ ଆନନ୍ଦ ଉଲ୍ଲାସ ସହକାରେ ପାଳନ କରୁଥିବା ବେଳେ ଓଡ଼ିଆମାନଙ୍କର ଆଉ ଏକ ନିଆରା ପ୍ରାଚୀନ ପରମ୍ପରା ଏହା ସହ ଯୋଡି ହୋଇରହିଛି। ଓଡ଼ିଶାର ହିନ୍ଦୁଧର୍ମୀମାନେ ଗଣେଶ ଚତୁର୍ଥୀ ଏବଂ ଶ୍ରୀପଞ୍ଚମୀ ତିଥିକୁ ଛୋଟପିଲାଙ୍କ ବିଦ୍ୟାରମ୍ଭ ପାଇଁ ଏକ ପବିତ୍ର ଦିନ ବୋଲି ବିଶ୍ୱାସ କରିଥାନ୍ତି। ଏହି ବିଦ୍ୟାରମ୍ଭ ଉତ୍ସବକୁ ଖଡ଼ିଛୁଆଁ କୁହାଯାଏ। ଏହିଦିନ ପିଲା ଖଡ଼ି ଧରିବା ବା ଅକ୍ଷର ଲେଖା ଶିଖିବା ଆରମ୍ଭ କରିଥାନ୍ତି। ଏହି ଖଡ଼ିଛୁଆଁ କାର୍ଯ୍ୟକ୍ରମ ବିଭିନ୍ନ ପୂଜା ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଛୋଟ ପିଲାଙ୍କୁ ପୂଜକ ଖଡ଼ିଛୁଆଁଇଥିଲେ। ପ୍ରଥମେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଲେଖା ଶିଖାଇଥିଲେ। ସେମାନଙ୍କ ହାତ ଧରି ଏହି ଖଡ଼ିଛୁଆଁ କରିଥିଲେ।

## ଅସ୍ତରଙ୍ଗ ସାମ୍ବାଦିକ ସଂଘର ଗଣେଶ ପୂଜା ଅନୁଷ୍ଠିତ

■ ମୁଦ୍‌ଗଲ୍‌ରେ ଭକ୍ତଙ୍କୁ ଚାରା ବାଣ୍ଟି କଲେ ସଚେତନ



ଅସ୍ତରଙ୍ଗ, ୨୭।୮ (ସମିସ): ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ତରଫରୁ ବୁଧବାର ଲକ୍ଷ୍ମୀ କଲ୍ୟାଣ ମଣ୍ଡପରେ ଦ୍ୱିତୀୟ ବାର୍ଷିକୀ ଶ୍ରୀ ଗଜାନନଙ୍କ ପୂଜା ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ବାବୁ ନନାଙ୍କ ପୌରୋହିତ୍ୟରେ ସଙ୍ଘ କୋଷାଧ୍ୟକ୍ଷ ସମୀର କର କର୍ତ୍ତା ହୋଇ ପୂଜା କରାଇଥିଲେ। ଅନ୍ୟମାନଙ୍କ ଭିତରେ ସଭାପତି ବିଶ୍ୱ ରଞ୍ଜନ ବିଶ୍ୱଶ୍ରୀ, ସମ୍ପାଦକ ଲୋକନାଥ ସ୍ୱାଇଁ, ବରିଷ୍ଠ ଉପଦେଷ୍ଟା ନିରଞ୍ଜନ ଦାସ, ବରିଷ୍ଠ ସଦସ୍ୟ ପ୍ରଶାନ୍ତ ବାରିକ, ଦୁଃଶାସନ ନାୟକ ଓ ଅନ୍ୟ ସଦସ୍ୟଙ୍କ ଭିତରେ ସୁଧୀର କର, ଆର୍ତ୍ତତ୍ରାଣ ମହାନ୍ତି, ଆଦିତ୍ୟ ବିଶ୍ୱାଳ ଓ ଅନେକ ବୁଦ୍ଧିଜୀବୀ ମହିଳା ପୁରୁଷ ଉଭୟ ଉପସ୍ଥିତ ରହି ପୁଷ୍ପାଞ୍ଜଳୀ ଦେବା ସହ ଅସ୍ତରଙ୍ଗ ଅଞ୍ଚଳର ଏକ ପ୍ରମୁଖ ସାମ୍ବାଦିକ ଅନୁଷ୍ଠାନ ‘ଅସ୍ତରଙ୍ଗ ସାମ୍ବାଦିକ ସଂଘ’ ଉତ୍ତରୋତ୍ତର ଉନ୍ନତି ପାଇଁ ପାର୍ଥନା କରିଥିଲେ। ପୂଜାର ସମସ୍ତ ଦାୟିତ୍ୱ ସଂଘ କାର୍ଯ୍ୟକାରୀ ସଭାପତି ଆର୍ଯ୍ୟ ବିଶ୍ୱାଳ ସମ୍ପାଦନ କରିଥିବା ବେଳେ ଉପ ସଭାପତି ସମୀର ବେହୁରା ଓ ସାଂସ୍କୃତିକ ସମ୍ପାଦକ ମନୋଜ ବିଶ୍ୱାଳ ସମସ୍ତ ସହଯୋଗ ପ୍ରଦାନ କରିଥିଲେ। ଅନ୍ୟପକ୍ଷେ ନୀଳମାଧବ ଯୁବକ ସଂଘ ମୁଦୁଗଲ ତରଫରୁ ପୂଜା ମଣ୍ଡପକୁ ଆସୁଥିବା ପ୍ରତ୍ୟେକ ଭକ୍ତଙ୍କୁ ଚାରା ବାଣ୍ଟି ପରିବେଶ ସୁରକ୍ଷା ପାଇଁ ସଚେତନ କରିଥିଲେ।






## ଦାଦନ ଖଟିବାକୁ ଯାଇ ଚାଲିଗଲା ଜୀବନ

■ ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଗ୍ରାମକୁ ଅଣାଗଲା ମୃତଦେହ

ନିମାପଡ଼ା, ୨୭।୮ (ସମିସ): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ବଡ଼ମାଛପୁର ଗ୍ରାମର ବିଜୟ ନାୟକ(୪୮) ୩ ବର୍ଷ ତଳେ ଦାଦନ ଖଟିବାକୁ କେରଳଯାଇଥିଲେ। ସେଠାରେ ସେ ମାଛ ଟ୍ରଲରରେ ରହି କାମ କରୁଥିଲେ। ଯାହା ରୋଜଗାର ହେଉଥିଲା ଘରକୁ ପଠାଉଥିଲେ। ସେହି ଟଙ୍କାରେ ତାଙ୍କ ପତ୍ନୀ, ୪ ଝିଅ ଏବଂ ବୃଦ୍ଧ ପିତାମାତା ଚଳୁଥିଲେ। ୪ଟି ଝିଅ ମଧ୍ୟରୁ ୨ଟି ଝିଅ ବିବାହ କରି ସାରିଛନ୍ତି। ଗତ ଦେଢ଼ବର୍ଷ ତଳେ ବିଜୟ ଗାଁକୁ ବୁଲିବାକୁ ଆସି ପୁଣି କେରଳ ଫେରିଯାଇଥିଲେ। ଗତ ୪ଦିନ ତଳେ ବିଜୟ ଅସୁସ୍ଥ ଥିବା ତାଙ୍କ ପତ୍ନୀ ପ୍ରମିଳା ନାୟକଙ୍କ ନିକଟକୁ ଫୋନ୍ କରିଥିଲେ। ଡାକ୍ତରଙ୍କୁ ଦେଖାଇ ଔଷଧ ଖାଇ ଘରକୁ ଫେରିଆସିବାକୁ ପତ୍ନୀ ତାଙ୍କୁ କହିଥିଲେ। ବିଜୟ ଟ୍ରେନରେ କେରଳରୁ ଘରକୁ ଫେରୁଥିଲେ। ଗତ ବୁଧବାର ସକାଳ ୯ଟାରେ ଟ୍ରେନରେ ତାଙ୍କ ଦେହ ଅତି ଖରାପ ହେବାରୁ ସେ ଘରକୁ ଫୋନ କରି ଜଣାଇଥିଲେ। ପରେ ସେ ଟ୍ରେନର କର୍ମଚାରୀଙ୍କୁ କହିବାରୁ ପାଲଘାଟ ଷ୍ଟେସନଠାରେ ରେଳ କର୍ମଚାରୀ ଓ ପୁଲିସ ତାଙ୍କୁ ନିକଟସ୍ଥ ପାଲଘାଟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ତେବେ ସେଠାରେ ବିଜୟଙ୍କ ମୃତ୍ୟୁ ଘଟିଥିଲା। ବିଜୟଙ୍କ ମୋବାଇଲ ଫୋନରୁ ତାଙ୍କ ପରିବାରକୁ ମୃତ୍ୟୁ ଘଟିଥିବା ସମ୍ପର୍କରେ ପାଲଘାଟ ପୁଲିସ ଜଣାଇଥିଲା। ତେବେ ଅର୍ଥ ଅଭାବରୁ ବିଜୟଙ୍କ ଶବ ଆଣିବାକୁ ପତ୍ନୀ ପ୍ରମିଳା ଅସମର୍ଥ ହୋଇପଡ଼ିଥିଲେ। ଏ ସମ୍ପର୍କରେ ଗ୍ରାମର ପ୍ରତାପ ଚନ୍ଦ୍ର ପରିଡ଼ା, ବଳରାମ ସାହୁ, ରାଧାକାନ୍ତ ପୃଷ୍ଟି, ଟୁଟୁ ବାରିକ, ପ୍ରଭାତ ପ୍ରଧାନ, ବିପିନ ପ୍ରଧାନ ପ୍ରମୁଖ ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଜଣାଇଥିଲେ। ତାଙ୍କ ଉଦ୍ୟମରେ ଗୁରୁବାର ୧୦ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ବିଜୟଙ୍କ ଶବ ପହଞ୍ଚିବା ପରେ ଦିନ ୧୧ଟା ୩୦ରେ ବଡ଼ମାଛପୁର ଗ୍ରାମରେ ପହଞ୍ଚିବ ବୋଲି ଜଣାପଡ଼ିଛି। ଆଜି ପୁରୀରୁ ଲେବର କମିଶନର ଅଫିସରୁ ୩ଜଣ ଅଧିକାରୀ ଆସି ବିଜୟଙ୍କ ଘରେ ପହଞ୍ଚି କାଲି ଶବ ଆସି ପହଞ୍ଚିବ ବୋଲି ତାଙ୍କ ପତ୍ନୀଙ୍କୁ ସୂଚନା ଦେଇଥିଲେ। ମୃତ ବିଜୟ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ରହିବାକୁ ଭଲ ଘର ନାହିଁ। ୨ ଝିଅ ବିବାହ ସରିଥିବା ବେଳେ ଏବେ ୨ଟି ବଢ଼ିଲା ଝିଅ ଘରେ ରହିଛନ୍ତି। ତାଙ୍କ ମୃତ୍ୟୁ ପରେ କେମିତି ଘର ଚଳିବ ଚିନ୍ତାରେ ପୁରା ପରିବାର ଭାଙ୍ଗିପଡ଼ିଛନ୍ତି। ସରକାରୀ ସହାୟତା ଯୋଗାଇ ଦେବାକୁ ବିଜୟଙ୍କ ୨ ଝିଅ ଏବଂ ଗ୍ରାମବାସୀ ନିବେଦନ କରିଛନ୍ତି।

## ବାଟ ପଚାରି ସୁନାଚେନ୍ ଲୁଟ୍ ଉଦ୍ୟମ; ଜଣେ ଗିରଫ

କାକଟପୁର/ବାଙ୍ଗୁରିଗାଁ, ୨୭।୮ (ସମିସ): କାକଟପୁର ଥାନା ଅଧିନସ୍ଥ ବିଭୂତିପୁର ଗ୍ରାମର ନଳିନୀ ଚାନ୍ଦ ମଙ୍ଗଳବାର ସନ୍ଧ୍ୟାରେ ଦାଣ୍ଡ ଓଳାଉଥିବାବେଳେ ୨ ଜଣ ଦୁର୍ବୃତ୍ତ ହେଲମେଟ୍ ପିନ୍ଧି ତାଙ୍କୁ କାକଟପୁର ଯିବାକୁ ବାଟ ପଚାରିଥିଲେ। ନଳିନୀ ବାଟ ବତାଇବାବେଳେ ଅନ୍ୟମନସ୍କ ହୋଇପଡ଼ିବାରୁ ସେ ପିନ୍ଧିଥିବା ଏକ ୧୫ ଭରିର ସୁନା ଚେନ୍‌କୁ ଦୁର୍ବୃତ୍ତ ଛିଣ୍ଡାଇବାକୁ ଉଦ୍ୟମ କରିଥିଲେ। ନଳିନୀ ପାଟି କରିବାରୁ ଗ୍ରାମବାସୀ ଦୌଡ଼ି ଆସିଥିଲେ। ଲୁଟେରାମାନେ ଖସିଯିବାବେଳେ ସେମାନଙ୍କର ଏକ ମୋବାଇଲ୍ ପଡ଼ିଯାଇଥିଲା। ନଳିନୀ କାକଟପୁର ଥାନାରେ ଅଭିଯୋଗ କରିବାପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଲୁଟେରାଙ୍କ ମୋବାଇଲ ଫୋନ ଉଦ୍ଧାର କରି ତଦନ୍ତ ପରେ ଗୋପ ଅଞ୍ଚଳର ରମଜାନ୍ ଖାଁ (ଡୁବୁଲୁ)କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଏହି ଚଢ଼ଉରେ କାକଟପୁର ଥାନା ଏସ୍‌ଆଇ ପ୍ରିୟଦର୍ଶିନୀ ବରାଳ, ଏଏସ୍‌ଆଇ ପ୍ରମୋଦ ସେଠୀ, କନେଷ୍ଟବଳ ବବ୍ରୁବାହାନ ମହାନ୍ତି ପ୍ରମୁଖ ସାମିଲ ଥିଲେ। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲୁ ରହିଛି ବୋଲି ତଦନ୍ତକାରୀ ଅଧିକାରିଣୀ ଏସ୍‌ଆଇ ପ୍ରିୟଦର୍ଶିନୀ ବରାଳ ସୂଚନା ଦେଇଛନ୍ତି। ଏଠାରେ ସୂଚନା ଥାଉକି ଅଭିଯୁକ୍ତ ରମଜାନ୍‌ଙ୍କ ନାମରେ ଜିଲ୍ଲାର ବିଭିନ୍ନ ଥାନାରେ ଚୋରି, ଡକାୟତି ଓ ରାହାଜାନୀ ଭଳି ମାମଲା ରହିଛି।

ADITYA BIRLA
HINDALCO

Aditya Aluminium

(A Unit of Hindalco Industries Ltd.)

*The Flagship Unit of Hindalco Industries Ltd., having its Smelter and Captive Power Plants in Odisha, the Land of the Sun Temple.*



*Aditya means Sun, the Primal source of Light and Energy*

**Registered Office**
One International Center, Tower 4,21st Floor,
Senapati Bapat Marg, Prabhadevi,
Mumbai- 400013,
India.Tel: (91-22) 69477000/69477150
Fax:912269477001/69477090
Corporate ID No. L27020MH1958PLC011238

**Aditya Aluminium**
At/ Po.- Lapanga
Dist- Sambalpur
Odisha -768212
Tel.: 0663-2536247, Fax : 0663-2536499

# ବଣାଇଁରେ ମହାବଳ ବାଘର ପାଦ ଚିହ୍ନ ଠାବ

ରାଉରକେଲା, ୨୭।୮ (ସମିସ): ବଣାଇଁ ବନଖଣ୍ଡରେ ନିକଟରେ ବାମଡା ବନଖଣ୍ଡରୁ ଏକ ରୟାଲ୍ ବେଙ୍ଗଲ୍ ଟାଇଗର (ମହାବଳ ବାଘ) ଆସିଥିବା ଦେଖିବାକୁ ମିଳିଛି । ଏହାର ପଞ୍ଝା ଚିହ୍ନ ଠାବ ହେବା ସହ କ୍ୟାମେରାରେ ମହାବଳ ବାଘର ଫଟୋ କଏଦ ହୋଇଛି । ଏହି ମହାବଳ ବାଘ ସୋଲ୍ ରେଞ୍ଜର ଜଙ୍ଗଲ ଭିତରେ ଏବଂ ଚାରିପାଖରେ ଚଳପ୍ରଚଳ କରୁଥିବା ସୂଚନା ମିଳିଛି । ମହାବଳ ବାଘଟି ଖାଦ୍ୟ, ଆଶ୍ରୟ ଏବଂ ପ୍ରଜନନ ପାଇଁ ଏକ ଉପଯୁକ୍ତ ବାସସ୍ଥାନ ଖୋଜୁଥିବା ଅନୁମାନ କରାଯାଉଥିବା ବନ ବିଭାଗ ପକ୍ଷରୁ ପ୍ରେସ ବାର୍ତ୍ତାରେ ସ୍ପଷ୍ଟ କରାଯାଇଛି । ବନ ବିଭାଗ ପକ୍ଷରୁ ଗଣମାଧ୍ୟମ ଜରିଆରେ ବନବିଭାଗ ବନ୍ୟପ୍ରାଣୀଙ୍କ ଜୀବନକୁ ବିପଦରେ ପକାଉଥିବା କୌଣସି ପ୍ରଥା ନ କରିବା, ଜଙ୍ଗଲରେ ଫାସ, ଜିଆଇ ତାର ଏବଂ ଜାଲ ଥିଲେ ତୁରନ୍ତ ହଟାଇବା ପାଇଁ କର୍ମଚାରୀଙ୍କୁ ନିଯୋଜିତ କରିବା ସହ ବିଭାଗ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡାକଡି କରାଯାଇଥିବା ବିଭାଗ ତରଫରୁ ପ୍ରଦତ୍ତ ପ୍ରେସ୍ ବିବୃତ୍ତିରେ ଅନୁରୋଧ କରାଯାଇଛି ।



ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ, ସେକ୍ଟର - ୬ରେ ଗଣେଶ ପୂଜା

# ଟ୍ରକ୍ ସହ ଚାଳକର ମୃତଦେହ ଉଦ୍ଧାର

ରାଉରକେଲା, ୨୭।୮ (ସମିସ): ସୁନ୍ଦରଗଡ଼ ଜିଲ୍ଲାର ବଡ଼ଗାଁ ଥାନା ଝଣ୍ଟେଲବୁଡ଼ ନିକଟ ଏକ ପୋଲ ଉପରେ ପ୍ରବାହିତ ବନ୍ୟା ଜଳରେ ମଙ୍ଗଳବାର ଭାସିଯାଇଥିବା ଟ୍ରକ୍ ସହ ଚାଳକର ମୃତଦେହ ବୁଧବାର ଉଦ୍ଧାର ହୋଇଛି । ମୃତ ଚାଳକ ସୁଜିତ କୁମାର ଆଇନ୍ଦ ବୋଲି ଜଣାପଡ଼ିଛି । ସୂଚନାନୁଯାୟୀ, ମଙ୍ଗଳବାର ଲଗାଣ ବର୍ଷା ଯୋଗୁଁ ବଡ଼ଗାଁ ଥାନା ଅନ୍ତର୍ଗତ ଝଣ୍ଟେଲବୁଡ଼ ନିକଟ ସଫେଇ ନଦୀର ବନ୍ୟା ଜଳ ନିକଟସ୍ଥ ଏକ ପୋଲ ଉପରେ ପ୍ରବାହିତ ହୋଇଥିବା ଦେଖିବାକୁ ମିଳିଥିଲା । ଏହି ପୋଲ ଅତିକ୍ରମ କରୁଥିବା ବେଳେ ଏକ ଟ୍ରକ୍ ବନ୍ୟା ଜଳରେ ଭାସି ଯାଇ ସଫେଇ ନଦୀରେ ବୁଡି ଯାଇଥିଲା । ଟ୍ରକ୍ ସହ ଚାଳକ ସୁଜିତ ମଧ୍ୟ ନଦୀ ଜଳରେ ଭାସି ଯାଇ ନିଖୋଜ ହୋଇଯାଇଥିଲେ । ନଦୀରେ ଭାସି ଯିବାର ଦୀର୍ଘ ୩୦ ଘଣ୍ଟା ପରେ ବୁଧବାର ପୋଲ ନିକଟରୁ ୧୫୦ ମିଟର ଦୂର ସଫେଇ ନଦୀ କୂଳରୁ ଟ୍ରକ୍ ଡ୍ରାଇଭର ସୁଜିତ ଆଇନ୍ଦଙ୍କ ମୃତଦେହ ଉଦ୍ଧାର ହୋଇଛି । ଏଥିସହ ବଡଗାଁ ଥାନା ଅଧିକାରୀ ବାଲୁଙ୍କେଶ୍ୱର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି କ୍ରେନ୍ ଦ୍ୱାରା ପାଣିରେ ବୁଡି ରହିଥିବା ଟ୍ରକ୍‌କୁ ଉଦ୍ଧାର କରିଛି । ଚାଳକଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

# ଅଜଣା ଗାଡି ଧକ୍କାରେ ମହିଳା ମୃତ

ବଣାଇଁ, ୨୭।୮ (ସମିସ): ବଣାଇଁ ଉପଖଣ୍ଡ ଟିକାୟତ ପାଲି ଥାନା ପିଠାଚୋର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ସକାଳେ ଉକ୍ତ ରାସ୍ତା ଦେଇ ମହିଳା ଜଣକ ଯାଉଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା । ଘଟଣା ସ୍ଥଳରେ ମହିଳାଙ୍କ ମୃତ୍ୟୁ ହୋଇଛି । ଖବରପାଇ ଟିକାୟତପାଲି ପୁଲିସ ପହଞ୍ଚି ମହିଳାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି । ତେବେ ଖବର ଲେଖାହେବା ସୁଦ୍ଧା ମୃତ ମହିଳାଙ୍କ ପରିଚୟ ମିଳିପାରିନାହିଁ ।

# ହକର୍ସ ଆସୋସିଏସନ୍‌ର ଗଣେଶ ପୂଜା

ରାଉରକେଲା, ୨୭।୮ (ସମିସ)

ରାଉରକେଲା ହକର୍ସ ଆସୋସିଏସନ ପକ୍ଷରୁ ବସ୍‌ଷ୍ଟାଣ୍ଡ ସ୍ଥିତ ଆସୋସିଏସନର ୧ ନମ୍ବର ବିତରଣ ପଏଣ୍ଟଠାରେ ଗଜାନନଙ୍କ ପୂଜା ଆୟୋଜିତ ହୋଇଛି । ବାପି ନନା ପୂଜକ ଭାବେ ପୂଜା କରିଥିବାବେଳେ ତ୍ରିଲୋଚନ ବେହେରା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ହକର୍ସ ଆସୋସିଏସନ୍‌ର ସମ୍ପାଦକ କିଶୋର ରାଉତ, ଆର୍ତ୍ତତ୍ରାଣ ବେହେରା, ଅଶୋକ ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ୨ ନମ୍ବର ବିତରଣ ପଏଣ୍ଟର ସଭାପତି ଅଶୋକ ବିଶ୍ୱାଳ, ସମ୍ପାଦକ ଶୁକେନ୍ଦୁ ପାତ୍ର, କାର୍ଯ୍ୟକାରୀ ସମ୍ପାଦକ ମନୋଜ ପଟ୍ଟନାୟକ, ମେହେର ପାତ୍ର, ଅନିରୁଦ୍ଧ ଜେନା, ନବୀନ ମାଝୀ, ରବି ସେନାପତି, ସୁରେନ୍ଦ୍ର ବିଶ୍ୱାଳ, କେଶବ ଜେନା, ଆନନ୍ଦ କୋଲେ, ହୃଷିକେଶ ବିଶ୍ୱାଳ, ନିରଞ୍ଜନ ଦାସ, ଅଶୋକ ଦାସ, ପ୍ରସନ୍ନଜିତ ବାଂଶୁରୀ, ବ୍ରଜ ନାୟକ, ନିରଞ୍ଜନ ଦାସ, ହୃଷିକେଶ ବିଶ୍ୱାଳ, ବାଦଲ ଘୋଷ, ଦେବ



ପଣ୍ଡା, ଅଭିଜିତ ରାୟ, ଅନ୍ତର୍ଯ୍ୟାମୀ ନନ୍ଦି, ପ୍ରସନ୍ନଜିତ ବାଂଶୁରୀ ପ୍ରମୁଖ ବିତରକ ସହଯୋଗ କରିଥିଲେ । ଶେଷରେ ପ୍ରସାଦ ସେବନ ଆୟୋଜିତ ହୋଇଥିଲା । ଏହି ଅବସରରେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ପ୍ରଫୁଲ କୁମାର ଷଡଙ୍ଗୀ, ଜୟଦେବ ପଣ୍ଡା, ମନୋରଞ୍ଜନ ଦାସ, ସଂଗ୍ରାମ ଭୂୟାଁ, ସୁଧାଂଶୁ ମହାପାତ୍ର, ସନ୍ତୋଷ ସାମନ୍ତରାୟ, ତିଳକରାଜ ଶର୍ମା ପ୍ରମୁଖ ଯୋଗଦେଇଥିଲେ ।

# ଜିଲ୍ଲାସ୍ତରୀୟ ସିଏମ୍ କିଶାନ ସହାୟତା ରାଶି ବଣ୍ଟନ

ରାଉରକେଲା, ୨୭।୮ (ସମିସ): ଆଜି ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ସିଏମ୍ କିଶାନ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଓଡ଼ିଶା ବିଧାନସଭାର ଉପବାଚସ୍ପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ସଦର ଉପଜିଲ୍ଲାପାଳ ସୁଶ୍ରୀ ତେଜସ୍ୱିନୀ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ । ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ପୂଜାରୀ ସିଏମ୍ କିଶାନ୍‌ର ସହାୟତା ରାଶି ଚାଷୀଙ୍କୁ ସଶକ୍ତ କରିବା ସହ ଚାଷକୁ ସୁଦୃଢ କରିବ ବୋଲି କହିଥିଲେ । ଆଜି ସିଏମ୍ କିଶାନ ଅନ୍ତର୍ଗତ ସୁନ୍ଦରଗଡ଼ ଜିଲ୍ଲାର ୧ ଲକ୍ଷ ୮୫ ହଜାର ୯୫୫ ଜଣ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ସହାୟତା ରାଶି ହସ୍ତାନ୍ତର ହୋଇଛି । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲାଲବିହାରୀ ମଲ୍ଲିକ ଅତିଥିଙ୍କୁ ସ୍ୱାଗତ କରିଥିଲେ । ଡିଆଇଓ, ଏନ୍‌ଆଇସି, କାନ୍ଦ୍ରା ହେମ୍ବ୍ରମ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଯୋଗଦେଇଥିଲେ ।







































## କଫ ସିରପ୍ କାରବାରରେ ୪ ଗିରଫ

ସମ୍ବଲପୁର, ୨୭।୮ (ସମିସ):ବେଆଇନ କଫ ସିରପ୍ କାରବାରରେ ସମ୍ପୃକ୍ତ ବୁର୍ଲା ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ବୁର୍ଲା ଥାନା ଅନ୍ଧାରୀପାତ୍ର ଗ୍ରାମର ମୁକେଶ ଛତ୍ରିଆ(୨୬) ଓ ବରଗଡ଼ ଅତାବିରା ଥାନା ପୂଜାପାଲିର ଦୟାସାଗର ବେସନ(୨୭)। ସେମାନଙ୍କ ନିକଟରୁ ୧୬୦ ବୋତଲ କଫ ସିରପ୍, କାର୍ ନଂଓଡି୧୫ୱାଇ-୯୬୬୫) ସମେତ ଅନ୍ୟାନ ସାମଗ୍ରୀ ଜବତ କରିଛି। ଗୋଶାଳା ବିଟ ହାଉସ ପୁଲିସ ଅନ୍ଧାରିପାତ୍ର ଗାଁ ରୋଡରେ ଏମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେହିପରି ଠେଲକୋଲୋଇ ଥାନା ପୁଲିସ କଫସିରପ୍ କାରବାରରେ କାର୍, ସ୍କୁଟି ଜବତ କରିବା ସହ ଗୁମକରମାର ସାଗର ନାଏକ(୨୯) ଓ ଝାରସୁଗୁଡ଼ା ସୁନାମାଲର ପ୍ରଦୀପ ପୋଦ୍ଧ(୨୨)କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୪୨ ବୋତଲ କଫ ସିରପ୍, ନିଶା ଟାବଲେଟ, ୪ ଲିଟର ତରଳ ପଦାର୍ଥ, ଗୋଟିଏ କାର୍ ଓ ସ୍କୁଟି ଜବତ କରିଛି। ଗିରଫ ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।
















# ଆଏଜ୍ ନୂଆଁଖାଇ

ସମ୍ବଲପୁର, ୨୭।୮ (ସମିସ):

ଗୁରୁବାର ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ଗାଁରୁ ସହର ପର୍ଯ୍ୟନ୍ତ ଚଳଚଞ୍ଚଳ ହୋଇପଡ଼ିଛି। ପ୍ରାୟ ମାସକ ପୂର୍ବରୁ ଘରଦ୍ୱାର ଲିପାପୋଛା କରି ପ୍ରସ୍ତୁତି ପର୍ବ ଚାଲିଛି। ମନ୍ଦିରମାନଙ୍କରେ ମଧ ରଙ୍ଗ କରିବା ସହ ସିନ୍ଦୂର ବୋଲା ଓ ଅଳଙ୍କାର ସଫେଇ ସରିଛି। ପଶ୍ଚିମ ଓଡ଼ିଶାର ଏହା ଏକ ପ୍ରମୁଖ ପର୍ବ ହୋଇଥିବାରୁ ଗତ କିଛିଦିନ ହେଲା ବଜାରରେ ପ୍ରବଳ ଭିଡ଼ ଲାଗିରହିଛି। ଏବେ ଘରେ ଘରେ କୁଣିଆ ମୈତ୍ରଙ୍କ ଭିଡ଼ ଲାଗିରହିଥିବା ବେଳେ ଦରଦାମ ଅତ୍ୟଧିକ ପରିମାଣରେ ବୃଦ୍ଧି ପାଇଛି। ଦୂରଦୂରାନ୍ତରେ ରହୁଥିବା ପରିବାରର ସଦସ୍ୟମାନେ ଘରକୁ ପହଞ୍ଚି ସାରିଲେଣି।

ନୂଆଁଖାଇ ପୂଜାର୍ଚ୍ଚନା ପାଇଁ ସବୁଆଡ଼େ ଆବଶ୍ୟକ ସାମଗ୍ରୀର ପସରା ବସିଛି। ନୂଆ ଧାନ, କୁରେଇ ପତ୍ର ଓ ଦନା, ସାରୁ ଶାଗ, ମାଖନ ଶାଗ ଆଦି ବିକ୍ରୟ ହେଉଛି। ନୂଆଁଖାଇ ଦିନ ସମସ୍ତେ ଇଷ୍ଟ ଦେବତା ଓ ଇଷ୍ଟ ଦେବୀଙ୍କ ସହ ଲକ୍ଷ୍ମୀନାରାୟଣଙ୍କ ପୂଜା କରିଥାନ୍ତି। ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ସେଠାକାର ଅଧିଷ୍ଠାତ୍ରୀ ଦେବୀଙ୍କଠାରେ ଲଗ୍ନ ଅନୁଯାୟୀ ନବାନ୍ନ ଲାଗି ହେବାପରେ ଘରେ ଠାକୁରଙ୍କୁ ଭୋଗ ଲଗାଇ ନୂଆଁ ଖାଇଥାନ୍ତି। ଏହାପରେ ଜୁହାର୍ ଭେଟ୍ ହୋଇଥାଏ। ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ମନ୍ଦିର ପରିସରରେ ଥିବା ୧୧୫ ପାର୍ଶ୍ୱ ଦେବାଦେବୀଙ୍କୁ ସିନ୍ଦୂର ବୋଳା କାମ ସରିଛି। ଏହାପରେ ମା'ଙ୍କ ସୁନା ଓ ରୂପା ଅଳଙ୍କାର ସଫା କରାଯିବାସହ ମା'ଙ୍କ ରୂପା ଛତର ଓ ଅନ୍ୟ ଆଭୂଷଣ ସଫା କରାଯାଇଛି।



ନୂଆଁଖାଇ ଦିନ ଗୁରୁବାର ବଡ଼ିଭୋରରୁ ମା'ଙ୍କ ସ୍ନାନ ଆଦି ରୀତିନୀତି ପରେ ବେଶଭୂଷା କରାଯିବ। ମା' ସମଲେଶ୍ୱରୀଙ୍କ ସମ୍ବଲପୁରୀ ପାଟବସ୍ତ୍ର ଓ ପାର୍ଶ୍ୱଦେବାଦେବୀଙ୍କ ନୂତନ ବସ୍ତ୍ର ବ୍ୟବସ୍ଥା କରାଯାଇଛି। ଏହାପରେ ପଣ୍ଡିତମାନଙ୍କ ଗଣନା ଅନୁଯାୟୀ ପୂର୍ବ ନିର୍ଦ୍ଧାରିତ ଲଗ୍ନ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀତିଥି ଦିବା ୧୦ଟା୩୩ମିନିଟ୍‌ରୁ ୧୦ଟା ୫୫ ମିନିଟ୍ ମଧ୍ୟରେ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି କରାଯିବ। ଏହାପରେ ସମ୍ବଲପୁର ତଥା ଅଞ୍ଚଳବାସୀ ନୂଆଁ ଖାଇବେ।ନୂଆଁଖାଇ ଦିନ ସନ୍ଧ୍ୟାରେ ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ 'ନୂଆଁଖାଇ ଭେଟ୍‌ଘାଟ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ଚାଷର ଉନ୍ନତି, ଗୁରୁଜନଙ୍କୁ ସମ୍ମାନ ଦେବାର ପର୍ବ 'ନୂଆଁଖାଇ': ଧର୍ମେନ୍ଦ୍ର

ସମ୍ବଲପୁର, ୨୭।୮ (ସମିସ):ଗୁରୁବାର ସମ୍ବଲପୁର ମାନେଶ୍ୱର ବ୍ଲକ ସିନ୍ଦୁରପଙ୍କରେ ନୂଆଁଖାଇ ପାଳିବା ସହ ମା'ସମଲେଶ୍ୱରୀ ମନ୍ଦିରରେ ଦର୍ଶନ କରିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଓଡ଼ିଶା ସାଂସ୍କୃତିକ ସମାଜ, ଚିତ୍ରୋତ୍ପଲା ଯୁବକ ସଂଘ ଏବଂ ସମଲେଶ୍ୱରୀ ଯୁବକ ସଂଘ ଦ୍ୱାରା ଆୟୋଜିତ ପୃଥକ 'ନୂଆଁଖାଇ ଭେଟଘାଟ -୨୦୨୫'ରେ ସାମିଲ ହେବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଚାଷୀ ଓ ଚାଷୀର ଉନ୍ନତି, ସମସ୍ତଙ୍କର ଖାଦ୍ୟ ସୁରକ୍ଷା, ବନ୍ଧୁମିଳନ ତଥା ଗୁରୁଜନଙ୍କୁ ସମ୍ମାନ ଜଣାଇବା ନୂଆଁଖାଇ ପର୍ବର ଅନନ୍ୟ ବିଶେଷତ୍ୱ ବୋଲି ଶ୍ରୀ ପ୍ରଧନ କହିଛନ୍ତି। ନୂଆଁଖାଇ'ର ଶୁଭେଚ୍ଛା ଜଣାଇବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ନୂଆଁଖାଇ କେବଳ ନବାନ୍ନ ସେବନର ପର୍ବ ନୁହେଁ, ଏହା ମଧ ବନ୍ଧୁମିଳନ ଓ ଗୁରୁଜନଙ୍କ ପ୍ରତି ସମ୍ମାନର ପର୍ବ। ମା' ସମଲେଇଙ୍କ ଆଶୀର୍ବାଦ ସମସ୍ତଙ୍କ ଜୀବନରେ ଖୁସି ଓ ସମୃଦ୍ଧି ଆଣିଦେଉ ବୋଲି ଶ୍ରୀ ପ୍ରଧାନ ପ୍ରାର୍ଥନା କରିଛନ୍ତି।













## ନଟରାଜ କ୍ଲବ୍ ପକ୍ଷରୁ ନିଆରା ଗଣେଶ ମୂର୍ତ୍ତି

ସମ୍ବଲପୁର, ୨୭।୮ (ସମିସ):କ୍ଷେତରାଜପୁରସ୍ଥିତ ନଟରାଜ କ୍ଲବ ପକ୍ଷରୁ ପ୍ରତିବର୍ଷ କିଛି ନିଆରା ଢଙ୍ଗରେ ଗଣେଶ ମୂର୍ତ୍ତି ତିଆରି କରାଯାଇଥାଏ। ଚଳିତ ବର୍ଷ ନଟରାଜ କ୍ଲବ୍ ଗଣେଶ ପୂଜାର ୫୦ ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ଏହି ଅବସରରେ କ୍ଲବ୍ ପକ୍ଷରୁ ୨୬ ଫୁଟର ବିଶାଳକାୟ ଗଣେଶ ମୂର୍ତ୍ତି ତିଆରି କରାଯାଇଛି। ମୂର୍ତ୍ତି ଫଳ ସେଓରେ ତିଆରି କରାଯାଇଛି। ମୂର୍ତ୍ତି ତିଆରି ପାଇଁ କୌଣସି କାରିଗରଙ୍କୁ ନିୟୋଜିତ କରାନଯାଇ ବରଂ ନଟରାଜ କ୍ଲବ୍‌ର ସଦସ୍ୟମାନେ ନିଜେ ବିଶାଳ ଗଣେଶ ମୂର୍ତ୍ତିକୁ ଦିନରାତି ପରିଶ୍ରମ କରି ତିଆରି କରି ନିଆରା ଉଦାହରଣ ସୃଷ୍ଟି କରିଛନ୍ତି।




## ଇ-ଚାଲାଣ ନାମରେ ୨ ଲକ୍ଷ ୪୯ ହଜାର ସାଇବର ଠକେଇ

ସମ୍ବଲପୁର, ୨୭।୮ (ସମିସ):ଇ-ଚାଲାନ ନାମରେ ସମ୍ବଲପୁରର ଜଣେ ବ୍ୟବସାୟୀ ୨ ଲକ୍ଷ ୪୯ ହଜାର ଟଙ୍କା ସାଇବର୍ ଠକେଇର ଶିକାର ହୋଇଛନ୍ତି। ସୂଚନା ଅନୁଯାୟୀ, ବ୍ୟବସାୟୀ ଶିଳା ଶିବପ୍ରସାଦଙ୍କ ପାଖକୁ ମଙ୍ଗଳବାର ସନ୍ଧ୍ୟାରେ ଏକ ଆର୍‌ଟିଓ ଇ-ଚାଲାନ ଆସିଥିଲା। ସେ ମଙ୍ଗଳବାର ରାତିରେ ଏହାକୁ ଡାଉନଲୋଡ କରିବାକୁ ଚେଷ୍ଟା କଲେ କିନ୍ତୁ ହେଲାନାହିଁ। ଅନ୍ୟପକ୍ଷରେ ସାଇବର ଠକମାନେ କିନ୍ତୁ ଶିବପ୍ରସାଦଙ୍କ ଆକାଉଣ୍ଟକୁ ଆକ୍ସେସ୍ ପାଇଗଲେ। ବୁଧବାର ତାଙ୍କ ଏକ କ୍ରେଡିଟ୍ ଆକାଉଣ୍ଟରୁ ୨, ୪୯, ୦୦୦ ଟଙ୍କା ଟ୍ରାନ୍ସଫର୍ ହୋଇଯାଇଛି। ସମ୍ପ୍ରତି ଏପିକେ ଫାଇଲ ଆସୁଥିବା ବେଳେ ତାହା ଖୋଲିବାକୁ ଚେଷ୍ଟା କଲେ ମୋବାଇଲ ହ୍ୟାଙ୍ଗ୍ ହେବାସହ ଠକମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ଆକାଉଣ୍ଟକୁ ପରିଚାଳନା କରିପାରୁଛନ୍ତି। ଏନେଇ ଶିବ ପ୍ରସାଦ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ସାଇବର୍ ଥାନା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।




## ଟ୍ରେନ୍‌ରେ କଟି ଯାତ୍ରୀ ମୃତ

ସମ୍ବଲପୁର, ୨୭।୮ (ସମିସ): ସମ୍ବଲପୁରସିଟି ଷ୍ଟେସନରେ ଟ୍ରେନରେକଟି ଜଣେ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସମ୍ବଲପୁର ସିଟି ଷ୍ଟେସନରେ ଟ୍ରେନରୁ ଓହ୍ଲାଇବା ସମୟରେ ଟ୍ରାକ୍‌କୁ ଖସିଯାଇଥିବା ଅନୁମାନ କରାଯାଉଛି। ସକାଳେ ଜିଆର୍‌ପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟକ୍ତି ଜଣକ ସିନ୍ଦୁରପଙ୍କସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘରକୁ ଆସୁଥିଲେ।









# ବିଭିନ୍ନ ସ୍ଥାନରେ ଅଗ୍ରପୂଜ୍ୟ ଗଣପତିଙ୍କୁ ଆରାଧନା

ମାର୍ଶାଘାଇ,୨୭।୮ (ସମିସ): ମାର୍ଶାଘାଇ ବ୍ଲକ୍ ସର୍ବତ୍ର ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ଆରାଧନା



କରାଯାଇଛି। ସମସ୍ତ ଶିକ୍ଷାନୁଷ୍ଠାନ ବ୍ୟବସାୟିକ ପ୍ରତିଷ୍ଠାନ, ଯୁବକ ସଂଘ, ସାଂସ୍କୃତିକ ଅନୁଷ୍ଠାନରେ ଗଣପତିଙ୍କୁ ଆରାଧନା କରାଯାଇଛି। ମାର୍ଶାଘାଇ ମହାବିଦ୍ୟାଳୟ, ମାର୍ଶାଘାଇ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ମାର୍ଶାଘାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପେଣ୍ଠ ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟରାମ ଉଚ୍ଚ ବିଦ୍ୟାଳୟ, ମଧୁସାଗର ଉଚ୍ଚ ବିଦ୍ୟାଳୟ, ମଣିନାଗେଶ୍ୱର ଉଚ୍ଚ ବିଦ୍ୟାଳୟ ସମେତ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀ ନୂତନ ବସ୍ତ୍ର ପରିଧାନକରି ଗଣନାୟକଙ୍କୁ ପୂଜା ଆରାଧନା କରିଛନ୍ତି। ସେହିପରି ପେଣ୍ଠ ମା'ସାତଭଉଣୀ କମିଟ୍ ତରଫରୁ, ଜୁଣଛକ, କୁସୁନପୁର ମା' ଚାଟେଶ୍ୱରୀ ୟୁଥ କ୍ଲବରେ ଧୁମ୍‌ଧାମରେ ଗଣପତିଙ୍କ ପୂଜା ଅନୁଷ୍ଠିତ ହେଉଛି। ମାର୍ଶାଘାଇ ଜୁଣଛକ ଦି ରୟାଲଗାଇଡ ଶିକ୍ଷା ପ୍ରତିଷ୍ଠାନ, ଗରଜଙ୍ଗା ତାରିଣୀ ଆବାସିକ ଶିକ୍ଷା ପ୍ରତିଷ୍ଠାନ ଶିଳିପୁରସ୍ଥିତ ଡଲଫିନ ଶିକ୍ଷା ପ୍ରତିଷ୍ଠାନ, କୁଳସାହିଛକ,ବନ୍ଧକଟା, ଜମପଡ଼ା କରିଲୋପାଟଣା, ହଳଦିଆଗଡ଼, ଅଙ୍ଗୁଳାଇ ମଙ୍ଗରାଜପୁର ସମେତ ବିଭିନ୍ନ ସ୍ଥାନରେ ଗଜାନନଙ୍କୁ ଭକ୍ତିପୁତ ଆରଧନା କରାଯାଇଛି।









ରାଜନଗର: ବିଦ୍ୟା, ବୁଦ୍ଧି, ସିଦ୍ଧିର ପ୍ରତୀକ ଶ୍ରୀ ଗଣେଶ। ୪ ଯୁଗରେ ଶ୍ରୀ ଗଣେଶ ବିଭିନ୍ନ ନାମାନୁସାରେ ପୂଜା ପାଇ ଆସୁଥିବା ବେଳେ ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥ ତିଥିରେ ଗାଁ ଠାରୁ ସହର, ପଲ୍ଲୀ ଠୁଁ ଦିଲ୍ଲୀ ସବୁ ସ୍ଥାନରେ ହିନ୍ଦୁ ଧର୍ମର ପ୍ରଧାନ ମୁଖ୍ୟ ଦେବତା ବିଘ୍ନରାଜ ଗଣେଶ। ଏହି ପରିପ୍ରେକ୍ଷୀରେ ରାଜନଗର ବ୍ଲକ୍ ଏହାର ଆଖପାଖ ଅଞ୍ଚଳରେ ଧୁମଧାମରେ ଶ୍ରୀ ଗଣେଶଙ୍କ ଭବ୍ୟ ଦିବ୍ୟ ମୃଣ୍ମୟ ମୂର୍ତ୍ତିକୁ ସୁସଜ୍ଜିତ ମଣ୍ଡପରେ ସ୍ଥାପନ କରାଯାଇ ବେଦମନ୍ତ୍ର ଧ୍ୱନୀରେ ପୂଜାପାଠ କରାଯାଇଛି। ରାଜନଗରସ୍ଥିତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ, ରାଜନଗର ହାଇସ୍କୁଲ, ମାଇନ ସ୍କୁଲ, ୟୁପି ସ୍କୁଲ, ଜାଭିୟର ସ୍କୁଲ, ଶିବାନନ୍ଦ ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର, ସତ୍ୟମ କମ୍ପ୍ୟୁଟର, ଭାରତମାତା କୋଚିଂ ସେଣ୍ଟର, ବିଦ୍ୟାର୍ଥୀ ଟୁଇଟରଲା ସହିତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଯୁବକ ସଂଘ ଓ ଗାଁ କମିଟିରେ ଦେବତାଙ୍କ ଅଗ୍ରଜ ଗଣେଷଙ୍କୁ ଆରାଧନା କରାଯାଉଛି।

## ଗଣେଶ ପୂଜା ଯୋଗୁଁ ପଟ୍ଟାମୁଣ୍ଡାଇ ଉତ୍ସବମୁଖର

## ବାଲିପଡ଼ାରେ ବମ୍ବେ ଲାଲବାଗ ଡିଜାଇନ ମୂର୍ତ୍ତି

ପଟ୍ଟାମୁଣ୍ଡାଇ,୨୭।୮(ସମିସ): ବିଦ୍ୟାଦାତା ପ୍ରଭୁ ଗଣେଶଙ୍କ ପୂଜା ଯୋଗୁଁ ସମଗ୍ର ପଟ୍ଟାମୁଣ୍ଡାଇ ସହର ଉତ୍ସବ ମୁଖର ହୋଇପଡିଛି। ପଟ୍ଟାମୁଣ୍ଡାଇ କଲେଜ, ମହିଳା କଲେଜ, ଦାଣ୍ଡିସାହି ବ୍ରାହ୍ମଣୀ କଲେଜ, ମଦନପୁର ଯୁକେ ମହାବୀର କଲେଜ, ଅଣ୍ଟରା ଉଷାଦେବୀ ମହିଳା କଲେଜ, ଏମଏନ ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲ, ଦାଣ୍ଡିସାହି ହାଇସ୍କୁଲ କଷଣଅଣ୍ଟା ହାଇସ୍କୁଲ ନିମପୁର-ଶାସନ ହାଇସ୍କୁଲ, ଖଡ଼ିଅଣ୍ଟା ହାଇସ୍କୁଲ, ଗୋବିନ୍ଦପୁର ହାଇସ୍କୁଲ, ବାଲିପାଟଣା ହାଇସ୍କୁଲ, ଡାମରପୁର ହାଇସ୍କୁଲ, ଚନ୍ଦନନଗର ହାଇସ୍କୁଲ, ମଦନପୁର ହାଇସ୍କୁଲଆଦି ବିଭିନ୍ନ କଲେଜ ହାଇସ୍କୁଲ ଓ ପ୍ରାଥମିକ ସ୍କୁଲ, ସରସ୍ୱତୀ ଶିଶୁ ଶିକ୍ଷାମନ୍ଦିର, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ, ଗ୍ଲୋବାଲ



ବ୍ରିଲିଆଣ୍ଟ ସ୍କୁଲରେ ଗଣେଶ ପୂଜା ପାଳିତ ହୋଇଛି। ବାଲିପଡ଼ା ଗଣପତି କ୍ଲବରେ ବମ୍ବେ ଲାଲବାଗ ଡିଜାଇନ ନିଆରା ଗଣେଶ ମୂର୍ତ୍ତି ଅପୂର୍ବ ସାଜସଜ୍ଜା ସହ ପୂଜା ପାଉଛି। ପୋଖରୀଆପଡା ଫାଇଭଷ୍ଟାର ପୂଜା କମିଟି ସହ ବିଭିନ୍ନ କ୍ଲବ୍ ଗଣେଶ ପୂଜା କମିଟି, କଷଣଅଣ୍ଟା ନିଉ ଜେନେରେସନ ଓ ଗ୍ରୀନ ଗୋଲା ୟୁଥ କ୍ଲବ୍ ପକ୍ଷରୁ ବିଭିନ୍ନ ସାଜସଜ୍ଜା ସହ ଗଣେଶ ମୂର୍ତ୍ତି ପୂଜା ପାଉଛନ୍ତି। ଅଞ୍ଚଳର ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ, କ୍ଲବ ଓ ଯୁବକ ସଂଘ ପକ୍ଷରୁ ପୂଜା ପାଳିତ ହୋଇଛି। ପୋଖରୀଆପଡା ହରପାର୍ବତୀ ମନ୍ଦିରରେ ଥିବା ପ୍ରଭୁ ଗଣେଶଙ୍କ ନିକଟରେ ପୁଷ୍ପାଞ୍ଜଳୀ ଦେବା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ମୁଖ୍ୟ ପୂଜକ କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ପୂଜା ଓ ପୁଷ୍ପାଞ୍ଜଳି ବ୍ୟବସ୍ଥା କରିବା ସହିତ ସମସ୍ତଙ୍କୁ ପ୍ରଭୁଙ୍କ ଭୋଗ ବର୍ଣ୍ଟନ କରିଥିଲେ। ବ୍ଲକ ଓ ମୁନିସିପାଲିଟିର ବିଭିନ୍ନ ଗାଁରେ ଗଣେଶ ପୂଜା ପାଳିତ ହୋଇଯାଇଛି।

ଆଳି: ବ୍ଲକ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତଥା ସମସ୍ତ କ୍ଲବ, ସ୍କୁଲ, କଲେଜ ଠାରୁ ଆରମ୍ଭ କରି ବ୍ୟବସାୟିକ ପ୍ରତିଷ୍ଠାନରେ ଶ୍ରୀ ଗଣେଶ ପୂଜା ପାଳିତ ହୋଇଛି। ସାନମଙ୍ଗ ପଞ୍ଚାୟତର ଠାକୁରସାହି ସ୍ଥିତ ଗଣେଶ ପୂଜା କମିଟି ଦୀର୍ଘ ୩୦ବର୍ଷ ହେବ ଲଗାତାର ନିଆରା ଢଙ୍ଗରେ ସୁନୀଲ ଓଝାଙ୍କ ନେତୃତ୍ୱରେ ଗଣେଶ ପୂଜା ପାଳନ କରିଆସୁ ଅଛି। ଅନୁଷ୍ଠାନରେ ତିନିଦିନ ଧରି ଶ୍ରୀ ଗଣେଶଙ୍କ ପୂଜା କରାଯାଏ। ପ୍ରତିବର୍ଷ କିଛି ଅଲଗା କୌଶଳ ବ୍ୟବହାର କରି ମୂର୍ତ୍ତି ତିଆରି କରାଯାଏ। ଯେମିତି ଚଳିତ ବର୍ଷ ହିମାଳୟରେ ବୃଷଭଙ୍କ ପିଠିରେ ଗଣପତି ବସିଥିବା ମୂର୍ତ୍ତିକୁ ଆଖପାଖ ଅଞ୍ଚଳର ଲୋକେ ଦେଖିବାକୁ ଆସିଥିଲେ। ସେହିପରି ପ୍ରଗତି ସ୍ପୋର୍ଟି କ୍ଲବ୍ ବେଉା, ନୂଆଗାଁ, ଦେମାଳ, ମୂଳସାହି, ବଳଭଦ୍ରପୁର, ମାଳପଟଣା, ଲୋକାପଡ଼ା, ଗୌଡ଼ପାଟଣା, କଳସପୁର, କୃଷ୍ଣପୁରପାଟଣା, ନିଆଳ ଆଦି ଅଞ୍ଚଳରେ ବହୁ ଧୂମଧାମରେ ଗଣେଶ ପୂଜା ପାଳିତ ହୋଇଯାଇଛି।





ଡେରାବିଶ: ଡେରାବିଶ ବ୍ଲକ୍ ଅଞ୍ଚଳରେ ଆଜି ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀ ଗଜାନନଙ୍କ ପୂଜା ମହାଆଡମ୍ବରରେ ସମ୍ପନ୍ନ ହୋଇଛି। ପୂର୍ବାହ୍ନରୁ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ଯୁବକ ସଂଘ, ବ୍ୟବସାୟ ପ୍ରତିଷ୍ଠାନ ଓ ବିଭିନ୍ନ ବ୍ୟକ୍ତିଙ୍କ ଗୃହମାନଙ୍କରେ ପ୍ରଭୁ ଶ୍ରୀ ଗଣେଶଙ୍କ ପୂଜା କରାଯାଇଛି। ଗୁଆଳସିଂ ପଞ୍ଚାୟତ ଅଧୀନ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲ ପରିସରରେ ଛାତ୍ରଛାତ୍ରୀ ଶ୍ରୀ ଗଣେଶଙ୍କର ଶୋଡ଼ଷ ଉପଚାରରେ ପୂଜାର୍ଚ୍ଚନା କରିବା ସହିତ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ସେହିପରି କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ, ଚାନ୍ଦୋଳ ମହାବିଦ୍ୟାଳୟ, ଡେରାବିଶ ମହାବିଦ୍ୟାଳୟ, ଡେରାବିଶ ମହିଳା ମହାବିଦ୍ୟାଳୟ, ଡେଲଟା ମହାବିଦ୍ୟାଳୟ, ବିବିମଡେଲ ହାଇସ୍କୁଲ, କଳିଙ୍ଗ ଆବାସିକ ବିଦ୍ୟାଳୟ, ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାଳୟ, ବାଗ୍‌ଦେବୀ ଉଚ୍ଚବିଦ୍ୟାଳୟ, ଡେରାବିଶ ହାଇସ୍କୁଲ, ବାଲୁଙ୍କେଶ୍ୱର ବିଦ୍ୟାପୀଠ, ଜେନାମଣି ପ୍ରାଥମିକ ବିଦ୍ୟାଳୟ ଇତ୍ୟାଦିରେ ବିଘ୍ନନାଶକ ମହାବିନାୟକଙ୍କ ପୂଜା ସମ୍ପନ୍ନ ହୋଇଛି।

## ବ୍ରାହ୍ମଣୀରେ ତୃତୀୟ ବନ୍ୟା; ବେହାଲ ଧୋୟାବାସୀ



ମାଳିପୁର,୨୭।୮ (ସମିସ): ସମ୍ପ୍ରତି ଲଗାତାର ଲଘୁଚାପ ଜନିତ ବର୍ଷା ଯୋଗୁଁ ରାଜ୍ୟରେ ପୁନଶ୍ଚ ବନ୍ୟା ପରିସ୍ଥିତି ଦେଖାଦେଇଛି। ଉତ୍ତିକଣ ଅଞ୍ଚଳର ତିନୋଟି ପଞ୍ଚାୟତ ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର ଅଞ୍ଚଳରେ ହଜାର ହଜାର ଏକର ଚାଷ ଜମିରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗତ ୨ଟି ବନ୍ୟାରେ ଚାଷୀଙ୍କର ଉଜୁଡି ଯାଇଥିବା ଧାନ ଫସଲକୁ ପୁନର୍ବାର ତଳି ରୋଇ ଅଣ୍ଟା ସଳଖିବାକୁ ଚାଷୀ ଚେଷ୍ଟା କରୁଥିବା ବେଳେ ପୁଣି ତୃତୀୟ ଥର ପାଇଁ ବନ୍ୟା ଆସି ଫସଲ ନଷ୍ଟ କରିଛି। ଋଣ ଆଣି ଚାଷ କରିଥିବା ଅନେକ ଚାଷୀ ଏବେ ମୁଣ୍ଡରେ ହାତଦେଇ ବସିଛନ୍ତି। ବର୍ଷକର ଭାତହାଣ୍ଡି ଉଜୁଡି ଯାଇଛି ବୋଲି ଅନେକ ଚାଷୀ ଚିନ୍ତାବ୍ୟକ୍ତ କରିଛନ୍ତି। ବନ୍ୟା ଜଳରେ ରାସ୍ତା ସବୁ ବୁଡି ଯାଇଥିବାରୁ ତିନୋଟି ଯାକ ପଞ୍ଚାୟତ ବାହ୍ୟଜଗତରୁ ବିଛିନ୍ନ ହୋଇପଡିଥିବା ବେଳେ ୧୫ ହଜାରରୁ ଅଧିକ ଜନସାଧାରଣ ଜଳବନ୍ଦୀ ହୋଇରହିଛନ୍ତି। ଆଜି ସକାଳୁ ପ୍ରଶାସନ ତରଫରୁ ୩ଟି ପଞ୍ଚାୟତ ପାଇଁ ଦୁଇଟି ସ୍ପିଡ଼ ବୋଟ

### ଉଦୟପୁରକୁ ସରକାରୀ ଡଙ୍ଗା ସେବା ନାହିଁ

ଯୋଗାଇଦିଆଯାଇଛି। ବଳଭଦ୍ରପୁର ଏବଂ ଡାମରପୁର ପଞ୍ଚାୟତ ପାଇଁ ଗୋଟିଏ ସ୍ପିଡ ବୋଟ ବାଲି ପାଟଣା ଘାଟରେ ଦିଆଯାଇଥିବା ବେଳେ ଶ୍ରୀରାମପୁର ପଞ୍ଚାୟତ ପାଇଁ ଗୋଟିଏ ବୋଟ ପଞ୍ଚାୟତର ସବୁ ଗ୍ରାମକୁ ସ୍ପର୍ଶକରି ସେବା ଯୋଗାଉଥିବା ବେଳେ ଉଦୟପୁର ଗ୍ରାମବାସୀ ସରକାରୀ ଡଙ୍ଗା ସେବା ପାଇ ପାରୁ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଆଜି ଅପରାହ୍ଣରୁ ସନ୍ଧ୍ୟା ମଧରେ ଉଦୟପୁର ବାସିନ୍ଦା ଗ୍ରାମକୁ ଫେରିବା ପାଇଁ ସରକାରୀ ଡଙ୍ଗାର ସେବା ପାଇଁ ନପାରି ବେସରକାରୀ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ଡଙ୍ଗା ରିଜର୍ଭ କରି ଗ୍ରାମକୁ ଫେରିଥିଲେ। ଗତ ଦୁଇଟି ବନ୍ୟାରେ ଭାସିଯାଇ ଦୁଇ ଜଣ ମୃତ୍ୟୁବରଣ କରିଥିବା ହେତୁ ଏବଂ କୁମ୍ଭୀର ଭୟ ଯୋଗୁଁ ଗ୍ରାମବାସୀ ଆତଙ୍କରେ ରହୁଛନ୍ତି। ଯଥାଶୀଘ୍ର ଉଦୟପୁର ଗ୍ରାମକୁ ସରକାରୀ ଡଙ୍ଗା ସେବା ଯୋଗାଇ ଦେବା ପାଇଁ ବିମଳ ବାରିକ, ପ୍ରକାଶ କୁଣ୍ଡ, ସୁନୀଲ ଦାସ, ଗଣେଶ୍ୱର କୁଣ୍ଡ, ଅମର କୁଣ୍ଡ ଓ ଅଞ୍ଜନ କୁଣ୍ଡ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

## ବନ୍ୟା ପରିସ୍ଥିତି ଗମ୍ଭୀର

# ବାହ୍ୟଜଗତରୁ ସିଂହଗାଁ, ଶ୍ରୀରାମପୁର, ବାଛରା ଡାମରପୁର, ତନୁପୁର ବିଚ୍ଛିନ୍ନ

ପଟ୍ଟାମୁଣ୍ଡାଇ,୨୭।୮ (ସମିସ):




ବ୍ରାହ୍ମଣୀ, ବୈତରଣୀ ଓ କାଣୀନଦୀରେ ବନ୍ୟା ଆସିବା ଫଳରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ଟି ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ପ୍ରାୟ ୭୦ହଜାରରୁ ଅଧିକ ଲୋକ ଓ ୧୫ହଜାର ଗୃହପାଳିତ ପଶୁ ଜଳବନ୍ଦୀ ହୋଇପଡିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ପଞ୍ଚାୟତର ସିଂହଗାଁ, କୃଷ୍ଣଦାସପୁର ରାଉଳିଆଡିଆ, ପାଣିସାଉଁଳିଆ ଆଦି ଜଳମଗ୍ନ ହୋଇ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ଅଳପୁଆ ପଞ୍ଚାୟତ ଗୋଜିଆକଣ, ବିଲମଲିକସାହି, ବେହେରାସାହି, ମିଶ୍ରବାଗ, ସେଠୀସାହି, ଜେନାସାହି, ପାହାନ୍ତାସିଂହ ସାହି, ତରଡ଼ିପାଳ ପଞ୍ଚାୟତର ପୋଖରୀକୂଳ, ଗୋପାଳପୁର, ଜେନାସାହି, ବିଶ୍ୱାଳସାହି, ନାଥସାହି, ମଳିକସାହି, ଘାଗରାଡିଆ ପେଣ୍ଠପାଳ ପଞ୍ଚାୟତର କୂଳସାହି, କୋଳଥିଆ, ବାଲିକିରା, ଦାଣ୍ଡିସାହି ଦାଣ୍ଡିସାହି, ଅଣ୍ଟରା ପଞ୍ଚାୟତର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡଉପର, ଅମୃତମଣୋହି ପଞ୍ଚାୟତର ନୂଆଡିଆ, ଜଗନ୍ନାଥ ପୁର, ଶାନ୍ତିପଡା, ସିଦ୍ଧବାଲି, ବଲୁରିଆ ପଞ୍ଚାୟତର ଫୁଲପାଟଣା ଆଦି ବହୁ ଗ୍ରାମର ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇପଡ଼ିଛି। ଦାଣ୍ଡିସାହି ହାଇସ୍କୁଲ ଓ କଲେଜ ସମ୍ମୁଖ ରାସ୍ତାରେ ବନ୍ୟା ସୁଅ ଛୁଟିଛି। ନିକଟ ଅତୀତରେ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ କୁମ୍ଭୀର ଆକ୍ରମଣ ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ଓ ବନ୍ୟା ବିପନ୍ନ ବିଭିନ୍ନ ଅଞ୍ଚଳରେ କୁମ୍ଭୀର ଦେଖାଯାଉଥିବା ଖବର ଜଣାପଡିବାରୁ ଆତଙ୍କ ସୃଷ୍ଟି ହୋଇଛି। ଅଳପୁଆ ପଞ୍ଚାୟତର ସୁବଳପୁର ସମେତ ବିଭିନ୍ନ ଅଞ୍ଚଳରେ ବନ୍ୟା ଜଳରେ କୁମ୍ଭୀର ଭାସୁଥିବା ଖବର ଆତଙ୍କ ସୃଷ୍ଟି କରିଛି। କୋଳଥିଆ ଓ ଶାସନ ସ୍କୁଲ ବନ୍ୟାଜଳରେ ବୁଡି ରହିଛି ଓ ସୁବଳପୁର-ଗୋଜିଆକଣ ରାସ୍ତାରେ ବନ୍ୟାଜଳ ସୁଅ ଛୁଟୁଛି। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର, ନୀଳକଣ୍ଠପୁର, ବାଲିପାଟଣା, ବାଛରା, ବଳଭଦ୍ରପୁର ଶାସନ ଆଦି ପଞ୍ଚାୟତର ବିଭିନ୍ନ ଅଞ୍ଚଳ ଓ ଚାଷଜମି ଜଳମଗ୍ନ ହୋଇପଡିଛି। ବନ୍ୟା ବିପନ୍ନ ବିଭିନ୍ନ ପଞ୍ଚାୟତର ରାସ୍ତାଗୁଡିକ ବୁଡି ଯାଇଥିବାରୁ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଛି। ବନ୍ୟା ବିପନ୍ନ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ହଜାର ହଜାର ଏକର ଚାଷ ଜମି ବନ୍ୟାଜଳରେ ବୁଡି ରହିଥିବାରୁ ପନିପରିବା ସମେତ ବିଭିନ୍ନ ଫସଲହାନୀ ଘଟିଛି। ବିପନ୍ନଲୋକ ଜଳବନ୍ଦୀ ହୋଇ ଅତ୍ୟାବଶ୍ୟକ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଥିବା ବେଳେ ଗୃହପାଳିତ ପଶୁମାନେ ଗୋ-ଖାଦ୍ୟ ପାଇଁ ଡହଳବିକଳ ହେଉଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକର ମାଳିପୁର ରାସ୍ତା ବୁଡି ଯାଇ ଥିବାରୁ ଶ୍ରୀରାମପୁର, ଡାମରପୁର ବାହ୍ୟ ଜଗତରୁ ବିଛିନ୍ନ ହୋଇପଡିଛି। ପଟ୍ଟାମୁଣ୍ଡାଇ ବ୍ଲକ ପ୍ରଶାସନ ପକ୍ଷରୁ ବାହ୍ୟଜଗତରୁ ବିଚ୍ଛିନ୍ନ ସିଂହଗାଁ ଶ୍ରୀରାମପୁର ଓ ବଳଭଦ୍ରପୁର ପଞ୍ଚାୟତ ଜନସାଧାରଣଙ୍କ ଯାତାୟାତ ପାଇଁ ୩ଟି ଏସଆରସି ବୋଟ ଓ ପେଣ୍ଠପାଳ ଓ ବାଛରା ପଞ୍ଚାୟତକୁ ୨ଟି ଡ଼ଙ୍ଗା ଯୋଗାଇ ଦିଆଯାଇଛି। ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ତନୁପୁର ରାସ୍ତା ବୁଡି ଯାଇଥିବାରୁ ବାଲିପାଟଣା, ଖଡ଼ିପାଳ ତନୁପୁର, ନନ୍ଦିନୀ ନଗର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ପଟ୍ଟାମୁଣ୍ଡାଇ ବ୍ଲକର ବାଛରା ପଞ୍ଚାୟତ ମଣ୍ଡପଡା ବାଛରା ରାସ୍ତା ବୁଡି ଯାଇଥିବାରୁ ବାଛରା ମଣ୍ଡପଡା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା, କଷଣଅଣ୍ଟା, ନୂଆଗାଁ, କାକୁଡିପଲ୍ଲୀ, ତନୁପୁର, ନନ୍ଦିନୀନଗର, ଷଣ୍ଢପଲ୍ଲୀ, ଅଳଭା ଆଦି ବିଭିନ୍ନ ଗ୍ରାମ ଓ ୧୧ଟି ୱାର୍ଡ ଜଳମଗ୍ନ ହୋଇପଡିବା ସହିତ ଶହ ଶହ ଏକର ଚାଷଜମି ମଧ ବୁଡି ରହିଛି। ବନ୍ୟା ସ୍ଥିତି ଗମ୍ଭୀର ହୋଇଥିବାରୁ ଦୁର୍ବଳ ନଦୀବନ୍ଧ କ୍ଷତିଗ୍ରସ୍ତ ହୋଇ ଘାଇ ସୃଷ୍ଟି ହେବା ଆଶଙ୍କା ଥିବାରୁ ଲୋକମାନେ ଦିବାରାତ୍ର ସଜାଗ ହୋଇ ରହିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବ୍ଲକ ଓ ପୌର ପ୍ରଶାସନ ବନ୍ୟା ମୁକାବିଲା ପାଇଁ ସଜାଗ ହୋଇପଡିଛି। ବନ୍ୟାବିପନ୍ନ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦୂର ପାଇଁ ନିୟମିତ ଡାକ୍ତରୀ ଟିମ ବନ୍ୟାଞ୍ଚଳ ପରିଦର୍ଶନ ସହ ପର୍ଯ୍ୟାପ୍ତ ଔଷଧ, ସାଲାଇନ, ସାପ କାମୁଡା ଇଞ୍ଜେକ୍ସନ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ପୌରାଞ୍ଚଳର ବନ୍ୟା ବିପନ୍ନ ବିଭିନ୍ନ ୱାର୍ଡର ଲୋକମାନଙ୍କ ଯାତାୟାତ ପାଇଁ ୯ଟି ଡଙ୍ଗା ଯୋଗାଇ ଦିଆଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତର ୫୦ ହଜାରରୁ ଅଧିକ ଲୋକ ଓ ପୌରାଞ୍ଚଳର ୧୧ଟି ୱାର୍ଡର ୧୧ହଜାର ଲୋକ ବନ୍ୟା ଜଳ ଘେରରେ ରହିଛନ୍ତି। ପ୍ରାୟ ୧୫ ହଜାରରୁ ଅଧିକ ଗୃହପାଳିତ ପଶୁ ଗୋଖାଦ୍ୟ ପାଇଁ ଡହଳ ବିକଳ ହେଉଛନ୍ତି। ରାସ୍ତାଘାଟ ବୁଡି ଯାଇଥିବାରୁ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ପରିଲକ୍ଷିତ ହେଉଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅଳଭା ଠାରେ ବନ୍ୟା ଜଳ ୧୭. ୮ ଫୁଟ ରହିଛି। ସରକାରୀ ଭାବେ ବିପଦ ସଂକେତ ୧୬ ଫୁଟ ରହିଛି। ସରକାର ତଥା ଜିଲ୍ଲା ପ୍ରଶାସନ ପର୍ଯ୍ୟାପ୍ତ ଔଷଧ ସାଲାଇନ, ବ୍ଲିଚିଂ, ଗୋଖାଦ୍ୟ କିରୋସିନ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ସଂଘବଦ୍ଧ ଆକ୍ରମଣରେ ଯୁବକ ଗୁରୁତର

ପଟ୍ଟାମୁଣ୍ଡାଇ,୨୭।୮ (ସମିସ): ଆଜି ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ସବ୍-ଡିଭିଜନ ମେଡିକାଲ ସମ୍ମୁଖ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଗଳିରେ ବୁଲାଗାଈଙ୍କୁ ଖାଦ୍ୟ ଖୁଆଉଥିବା ସ୍ଥାନୀୟ ଅଞ୍ଚଳର ସଞ୍ଜୀବ ରାଉତ ଓରଫ ବବଲୁଙ୍କୁ ସ୍ଥାନୀୟ ବସ୍ତିର କେତେକ ଯୁବକ ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପୁଲିସ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ସବଡିଭିଜନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ହେଁ, ଡାକ୍ତର ତାଙ୍କୁ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିବା ଜଣାପଡ଼ିଛି। ଗଣ୍ଡଗୋଳର ପ୍ରକୃତ ଘଟଣା ସ୍ପଷ୍ଟ ହୋଇନଥିବା ବେଳେ ତାଙ୍କୁ ୨୦/୩୦ ଜଣ ବ୍ୟକ୍ତି ମିଳିତ ଭାବେ ଆକ୍ରମଣ କରିଥିବା ସଞ୍ଜୀବ କହିଛନ୍ତି। ଆହତ ଯୁବକ ବଜରଙ୍ଗ ଦଳର ସଦସ୍ୟ କୁହାଯାଉଥିବା ବେଳେ ଆକ୍ରମଣକାରୀ ଅନ୍ୟ ସମ୍ପ୍ରଦାୟର ହୋଇଥିବାରୁ ଘଟଣା ଉପରେ ପୁଲିସ ତୀକ୍ଷ୍ଣ ନଜର ରଖିଛି। ସାମ୍ପ୍ରଦାୟିକ ସଦଭାବନା ରକ୍ଷା କରିବା ପାଇଁ ପୁଲିସ ପକ୍ଷରୁ ଉଭୟ ଗୋଷ୍ଠୀକୁ କୁହାଯାଇଥିବା ବେଳେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଆଇଆଇସି ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶରେ ସହରରେ ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି।




ADITYA BIRLA
HINDALCO
Aditya Aluminium
(A Unit of Hindalco Industries Ltd.)
*The Flagship Unit of Hindalco Industries Ltd., having its Smelter and Captive Power Plants in Odisha, the Land of the Sun Temple.*



*Aditya means Sun, the Primal source of Light and Energy*

**Registered Office**
One International Center, Tower 4,21st Floor,
Senapati Bapat Marg, Prabhadevi,
Mumbai- 400013,
India.Tel: (91-22) 69477000/69477150
Fax:912269477001/69477090
Corporate ID No. L27020MH1958PLC011238

**Aditya Aluminium**
At/ Po.- Lapanga
Dist- Sambalpur
Odisha -768212
Tel.: 0663-2536247, Fax : 0663-2536499

୨୭/୮/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୮୭,୩୫୫/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୦୮.୯୦୦ ଗ୍ରାମ୍



# ଶରଧାବାଲିରେ ବୁଲିଲା ଖଣ୍ଡା; ୩ ଗିରଫ

ପୁରୀ,୨୭।୮ (ସମିସ): ପୁରୀର ନୂତନ ଏସ୍‌ପି ଭାବେ ମଙ୍ଗଳବାର ପ୍ରତୀକ ସିଂ ଦାୟିତ୍ୱ ଗ୍ରହଣ କରିଥିଲେ। ଐତିହ୍ୟ ଏବଂ ପର୍ଯ୍ୟଟନର ସହର ପୁରୀକୁ ଅପରାଧ ଓ ଅପରାଧୀମୁକ୍ତ କରାଯିବ ବୋଲି ଘୋଷଣା କରିଥିଲେ। ହେଲେ ଏସ୍‌ପିଙ୍କ ଘୋଷଣାର ପରଦିନ ଅର୍ଥାତ୍ ବୁଧବାର ପୁରୀ ସହରର ଛାତି ଉପରେ ଅପରାଧ ଭିଆଇଛନ୍ତି ଅପରାଧୀ। ସ୍ୱଷ୍ଟ



ଦିବାଲୋକରେ ଜନଗହଳି ପୂର୍ଣ୍ଣ ଶରଧାବାଲିରେ ବୁଲାଇଛନ୍ତି ଖଣ୍ଡା। ପବିତ୍ର ଗଣେଶ ପୂଜାରେ ବସ୍‌ଷ୍ଟାଣ୍ଡ ପ୍ରବେଶ ପଥରେ ଅପରାଧ ଘଟାଇ ପୁଲିସକୁ ଦେଇଛନ୍ତି ଖୋଲା ଚ୍ୟାଲେଞ୍ଜ। ଅପରପକ୍ଷେ ପୁଲିସ ମଧ୍ୟ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସଙ୍ଗେ ସଙ୍ଗେ ୩ ଅଭିଯୁକ୍ତଙ୍କୁ କାବୁ କରିଥିବା ବେଳେ ୨ଟି ଖଣ୍ଡା ଏବଂ ଗୋଟିଏ ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସିଦ୍ଧମହାବୀରର ବିଶାଳ ପାତ୍ର, ମୁକୁନ୍ଦମିଶ୍ର ନଗରର ଶାଶ୍ୱତ ମହାନ୍ତି ଏବଂ ସମ୍ବିତ ମହାନ୍ତି।

କୁମ୍ଭାରପଡ଼ା ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ବସ୍‌ଷ୍ଟାଣ୍ଡ ପ୍ରବେଶ ପଥ ଶରଧାବାଲିରେ ସୌମ୍ୟରଞ୍ଜନ ପାତ୍ରଙ୍କର ନନ୍ଦିଘୋଷ ସୁଇଟ୍ସ ନାମରେ ଏକ ଖଜା ଷ୍ଟଲ ରହିଛି। ସୌମ୍ୟରଞ୍ଜନ ଅଭିଯୋଗ କରିଛନ୍ତି ଯେ, ବୁଧବାର ସକାଳେ ସାନଭାଇ ସୁଚି ରଞ୍ଜନ ତାଙ୍କ ବାନ୍ଧବୀଙ୍କୁ ନେଇ ଆଖଣ୍ଡଳମଣୀ ମନ୍ଦିରକୁ ଯାଇଥିଲେ। ସେଠାରେ ସୁଚି ରଞ୍ଜନଙ୍କ ସହିତ ମୁକୁନ୍ଦମିଶ୍ର ନଗରର ସମ୍ବିତ ମହାନ୍ତିଙ୍କର କଥା କଟାକଟି ହୋଇଥିଲା। ଏହାପରେ ଅପରାହ୍ନରେ ସମ୍ବିତ ତାଙ୍କ ସହଯୋଗୀ ଶାଶ୍ୱତ ଓ ବିଶାଳଙ୍କୁ ସାଥୀରେ ଧରି ସାରଣାସ୍ତ୍ର ସହ ସୁଚିରଞ୍ଜନଙ୍କ

- ୨/୩ ଝୁଡ଼ି ଖଜା ହାଣି ନଷ୍ଟ କଲେ
- ୨ଟି ଖଣ୍ଡା, ଗୋଟିଏ ବାଇକ୍ ଜବତ

ଖଜା ଷ୍ଟଲ ନିକଟରେ ପହଞ୍ଚିଥିଲେ। ସେତେବେଳେ ସୌମ୍ୟରଞ୍ଜନ ଷ୍ଟଲରେ ଥିଲେ। ଅଭିଯୁକ୍ତମାନେ ତାଙ୍କ ସାନଭାଇ ନାଁ ନେଇ ଖୋଜିଥିଲେ। ସେ ନ ଥିବା କହିବା ପରେ ଅଭିଯୁକ୍ତମାନେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ତେଣୁ ଏମାନଙ୍କୁ ଦେଖି ସେ ଭୟରେ ଦୌଡି ପଳାଇଥିଲେ। ଅନ୍ୟପକ୍ଷରେ ରାଗରେ ଦୋକାନକୁ ଏଠି ସେଠି ହାଣି ପକାଇଥିଲେ ଦୃର୍ବୃତ୍ତ। ପ୍ରାୟ ୨ରୁ ୩ ଝୁଡ଼ି ଖଜାକୁ ହାଣି ନଷ୍ଟ କରିଥିଲେ। ଦୋକାନରେ ଥିବା ଟଙ୍କା ମଧ୍ୟ ନେଇଯାଇଥିଲେ ବୋଲି ଅଭିଯୋଗ ହୋଇଛି।ଖବର ପାଇବା ପରେ କୁମ୍ଭାରପଡ଼ା ପୋଲିସ ଘଟଣାସ୍ଥଳରେ ଛାନଭିନ କରିଥିଲା। ଘଟଣା ବେଳର ଭିଡିଓକୁ ମଧ୍ୟ ନେଇଥିଲା ପୋଲିସ। ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା (ନଂ.୩୯୩/୨୫) ରୁଜୁ କରି ତ୍ୱରିତ ପଦକ୍ଷେପ ନେଇଥିଲା। ୩ ଅଭିଯୁକ୍ତଙ୍କୁ ମୁକୁନ୍ଦମିଶ୍ର ନଗରରୁ ଗିରଫ କରିବା ସହ ସେମାନଙ୍କଠାରୁ ୨ଟି ଖଣ୍ଡା ଏବଂ ଗୋଟିଏ ବାଇକ୍ ଜବତ କରିଛି।

## ପୁଣି ଶ୍ରୀମନ୍ଦିରରେ ଗୁପ୍ତ କ୍ୟାମେରା

# ଭିଡିଓ ଉତ୍ତୋଳନ ବେଳେ ଧରାପଡ଼ିଲେ ଭକ୍ତ

ପୁରୀ,୨୭।୮ (ସମିସ): ପୁଣି ଶ୍ରୀମନ୍ଦିର ଭିତରେ ପଶିଲା ଗୁପ୍ତ କ୍ୟାମେରା। ମନ୍ଦିର ଭିତରେ ଶୁଟିଂ କରୁଥିବା ବେଳେ ଧରାପଡିଲେ ଜଣେ ଭକ୍ତ। ସେ ହେଉଛନ୍ତି ପଶ୍ଚିମବଙ୍ଗ ଚବିଶ ପ୍ରଗଣା ବାରାନଗରର ଅରୂପ ରାୟ(୩୧)। ଜୟ ବିଜୟ ଦ୍ୱାର ନିକଟରେ ତାଙ୍କୁ ଜଣେ ଜେଟିପି ଧରିଥିଲେ। ଏହାପରେ ଅରୂପଙ୍କୁ ସିଂହଦ୍ୱାର ଥାନା ଜିମା ଦିଆଯାଇଥିଲା। ପୁଲିସ ପଚରାଉଚରା କରିବା ସହ ତାଙ୍କର ଗୁପ୍ତ କ୍ୟାମେରା ସଂଯୁକ୍ତ ଚଷମା ଏବଂ ମୋବାଇଲ ଫୋନକୁ ଜବତ କରିଛି।

ଶ୍ରୀମନ୍ଦିର ଭିତରକୁ ମୋବାଇଲ, କ୍ୟାମେରା ଆଦି ନେବା ଉପରେ କଡ଼ା କଟକଣା ରହିଛି। ଏହାସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷା ବଳୟକୁ ଭେଦ କରି ମନ୍ଦିର ଭିତରକୁ ଏ ସବୁ ଯାଉଛି। ଫଳରେ ଅନେକ ସମୟରେ ମନ୍ଦିର ଭିତରର ବହୁ ସମ୍ବେଦନଶୀଳ ଫଟୋ, ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏହିଭଳି କିଛି ଘଟଣା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯାଇଥିବା କୁହାଯାଉଛି। ହେଲେ ବାସ୍ତବତା କିନ୍ତୁ ଭିନ୍ନ। ବୁଧବାର ମନ୍ଦିର ଭିତରକୁ ଗୁପ୍ତ କ୍ୟାମରା ସଂଯୁକ୍ତ ଚଷମା ଯିବା ଏହା ପ୍ରମାଣିତ କରୁଛି।

ପୂର୍ବାହ୍ନ ପ୍ରାୟ ୧୧ଟା ୪୫ରେ ଅରୂପ ପରିବାର ସହିତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଆସିଥିଲେ। ଦର୍ଶନ ପାଇଁ ଯିବା ବେଳେ ଚଷମା ସଂଯୁକ୍ତ ହିଡେନ୍ କ୍ୟାମେରା ଶ୍ରୀମନ୍ଦିରକୁ ନେଇ ପ୍ରବେଶ କରିଥିଲେ। ହିଡେନ୍ କ୍ୟାମେରାରେ



ମନ୍ଦିର ଭିତରେ ସୁଟିଂ କରୁଥିବା ବେଳେ ସୁରକ୍ଷା କର୍ମୀ ସନ୍ଦେହ କରିଥିଲେ। ଜୟ ବିଜୟ ଦ୍ୱାର ନିକଟରୁ ତାଙ୍କୁ ଧରି ଯାଞ୍ଚ କରିବା ପରେ ସେ ଗୁପ୍ତ କ୍ୟାମେରାରେ ମନ୍ଦିର ଭିତରର ଭିଜୁଆଲ ନେଉଥିବା ଜଣାପଡିଥିଲା। ପ୍ରଥମେ ତାଙ୍କୁ ଗାରଦ ଓ ପରେ ସିଂହଦ୍ୱାର ଥାନାକୁ ନେଇଥିଲେ ସୁରକ୍ଷା କର୍ମୀ।

ଏ ସମ୍ପର୍କରେ ଏସ୍‌ପି ପ୍ରତୀକ ସିଂ କହିଛନ୍ତି ଶ୍ରୀମନ୍ଦିର ଭିତରେ ହିଡେନ କ୍ୟାମେରା ନେଇ ଯାଇଥିବା ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। କେଉଁ ପରିସ୍ଥିତିରେ ଏବଂ କ'ଣ ଉଦ୍ଦେଶ୍ୟ ନେଇ ସେ ଶ୍ରୀମନ୍ଦିର ଭିତରକୁ ହିଡେନ୍ କ୍ୟାମେରା ନେଇ ଯାଇଥିଲେ ତାର ତଦନ୍ତ ଚାଲିଛି। ତାଙ୍କଠାରୁ ମୋବାଇଲ ଫୋନ୍ ଗୁପ୍ତ କ୍ୟାମେରା ସଂଯୁକ୍ତ ଚଷମା ଜବତ କରାଯାଇଛି।

- ଗୁପ୍ତ କ୍ୟାମେରା ସଂଯୁକ୍ତ ଚଷମା, ମୋବାଇଲ ଫୋନ ଜବତ
- ମାସକ ମଧ୍ୟରେ ଧରାପଡିଲେଣି ୪ ଜଣ

ଶ୍ରୀମନ୍ଦିର ଆଇନ ଧାରା ୩୦ ଅନୁଯାୟୀ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି।

ସୂଚନାଥାଉ କି, ଗତ ମାସକ ମଧ୍ୟରେ ଏହି ଘଟଣାରେ ୪ ଜଣ ଧରା ପଡିଲେଣି। ଗତମାସ ୨୯ ତାରିଖରେ ପୁରୀର ଜଣେ ଯୁବକ ଗୁପ୍ତ କ୍ୟାମେରା ସଂଯୁକ୍ତ ଚଷମା ପିନ୍ଧି ଶ୍ରୀମନ୍ଦିର ଭିତରକୁ ଯାଇଥିବା ବେଳେ ଜଣେ ଜେଟିପି ତାଙ୍କୁ ଧରି ସିଂହଦ୍ୱାର ଥାନାରେ ଜିମା ଦେଇଥିଲେ। ଗତ ୪ ତାରିଖରେ ଗୁଜୁରାଟର ବିପୁଳ ପଟେଲ ମଧ୍ୟ ଗୁପ୍ତ କ୍ୟାମେରା ଯୁକ୍ତ ଚଷମା ପିନ୍ଧି ମନ୍ଦିର ଭିତରକୁ ଯାଇଥିବା ବେଳେ କୀର୍ତ୍ତନ ଚକଡାରୁ ଧରାପଡିଥିଲେ। ଏହା ପରଦିନ ଅର୍ଥାତ୍ ୫ ତାରିଖରେ ପଶ୍ଚିମବଙ୍ଗର ପ୍ରୀତିଶ ପାଲ୍ ମନ୍ଦିର ଭିତରକୁ ହିଡେନ୍ କ୍ୟାମେରା ନେଇ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ବେଳେ ପଶ୍ଚିମ ଦ୍ୱାରରେ ନିୟୋଜିତ ସୁରକ୍ଷା କର୍ମୀଙ୍କ ହାତରେ ଧରାପଡିଥିଲେ। ବୁଧବାର ପଶ୍ଚିମବଙ୍ଗ ଚବିଶ ପ୍ରଗଣା ଅଞ୍ଚଳର ଅରୂପ ରାୟ ଧରା ପଡିଛନ୍ତି।

ଶ୍ରୀମନ୍ଦିର ଭିତରେ ଫଟୋଗ୍ରାଫି ଏବଂ ଭିଡିଓଗ୍ରାଫି ଉପରେ ନିଷେଧାଦେଶ ଏବଂ ସାଇନ୍‌ବୋର୍ଡ ଲଗାଯାଇଥିବା ସତ୍ତ୍ୱେ ନିକଟରେ ଏପରି ଘଟଣା ବାରମ୍ବାର ଘଟୁଛି। ତେଣୁ ରାଜ୍ୟ ସରକାର ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫କୁ ସଂଶୋଧନ କରିବାକୁ ଚିନ୍ତା କରୁଥିବା ଜଣାପଡିଛି।

ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ଏ ନେଇ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଅବଗତ କରାଇଛି। କାରଣ ଶ୍ରୀମନ୍ଦିର ଆଇନରେ ଏଥିପାଇଁ କଡା କାର୍ଯ୍ୟାନୁଷ୍ଠାନ ନେବାର ନିୟମ ନ ଥିବାରୁ ସେମାନଙ୍କୁ ଛାଡି ଦେବାକୁ ବାଧ ହେଉଛି ପୁଲିସ।

# ଚୋରି ଲାପ୍‌ଟପ ବିକିବାକୁ ଯାଇ ଫସିଗଲେ ନାବାଳକ

ପୁରୀ,୨୭।୮ (ସମିସ): ଚୋରି ଲାପ୍‌ଟପ ବିକ୍ରି କରିବାକୁ ଯାଇ ଫସିଗଲା ଜଣେ ନାବାଳକ। ଯାହାଙ୍କ ପାଖକୁ ଲାପ୍‌ଟପ ବିକ୍ରି କରିବାକୁ ଯାଇଥିଲେ ସେହି ହିଁ ଧରି ପୁଲିସ ଜିମା ଦେଇଦେଲେ। ବୁଧବାର ଏମିତି ଘଟଣା ଘଟିଛି କୁମ୍ଭାରପଡ଼ା ଥାନା ଅଞ୍ଚଳରେ। ଅଭିଯୋଗ ଅନୁଯାୟୀ, ଆଶ୍ରମ ଛକ ରୋଡରେ ଥିବା ଟିପିସିଓଡିଏଲ୍‌ର କର୍ମଚାରୀ ଶରତ କୁମାର ସେଠୀ ଗତ ରବିବାର ରାତିରେ ସପରିବାର ତାଙ୍କ କ୍ୱାର୍ଟରରେ ଶୋଇଥିଲେ। କେହି ଦୁର୍ବୃତ୍ତ ତାଙ୍କ ଝରକା ଭାଙ୍ଗି ଘରେ ପଶି ଲାପ୍‌ଟନ ଏବଂ ମନିପର୍ସ ଲୁଟ୍ କରିଥିଲେ। ଯେଉଁଥିରେ ଆଧାରକାର୍ଡ ଓ ପାନ୍‌କାର୍ଡ ବି ରହିଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଅନ୍ୟପକ୍ଷରେ ବୁଧବାର ସମ୍ପୃକ୍ତ ନାବାଳକ ଦୀପା ବାରିକ ନାମକ ଜଣେ ଯୁବକଙ୍କୁ ଚୋରି ଲାପ୍‌ଟପ ବିକ୍ରି କରିବାକୁ ପହଞ୍ଚିଥିଲା। ଦୀପା ଖୋଳତାଡ଼ କରି ସବୁ ବୁଝିବା ପରେ ଏ ନେଇ ପୁଲିସକୁ ଖବର ଦେଇଥିଲେ। କୁମ୍ଭାରପଡ଼ା ପୁଲିସ ସମ୍ପୃକ୍ତ ନାବାଳକଙ୍କୁ ଧରିବା ସହ ଶରତଙ୍କୁ ତାଙ୍କର ଲାପ୍‌ଟପ ଫେରାଇଥିଲା।

# ନୀଳଗିରି ଗଣପତି ମହୋତ୍ସବର ରୌପ୍ୟ ଜୟନ୍ତୀ

ପୁରୀ,୨୭।୮ (ସମିସ): ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣରେ ରାଜା ଚୋଡ଼ଗଙ୍ଗ ଦେବଙ୍କ ପ୍ରତିଷ୍ଠିତ ନୀଳଗିରି ଚାର ଗଣେଶ ଗୁରୁଜକୁ ଓଡ଼ିଆ ଜାତି ଚିରକାଳ ସ୍ମରଣ ରଖିବ ବୋଲି କହିଛନ୍ତି ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଦସ୍ୟ ବଦ୍ରି ମିଶ୍ର। ଶ୍ରୀ ଶ୍ରୀ ନୀଳଗିରି ଚାର ଗଣେଶ ଗୁରୁଜ ଜାଗା ପଞ୍ଚାୟତ ଆୟୋଜିତ ଗଣପତି ମହୋତ୍ସବର ରୌପ୍ୟ ଜୟନ୍ତୀରେ ଉଦ୍‌ଘାଟକ ଭାବେ ଯୋଗଦେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ଓଡ଼ିଶାର ସର୍ବପ୍ରାଚୀନ ନୀଳଗିରି ଗଣେଶଙ୍କ ସମ୍ମାନରେ ଗଣପତି ମହୋତ୍ସବ ଓଡ଼ିଶାର ସର୍ବ ପୁରାତନ ଅନୁଷ୍ଠାନ ବୋଲି ଅଭିହିତ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଶିଳ୍ପପତି ଗିରିଶ ନାୟକ ଯୋଗଦେଇ ଥିଲେ। ନିତ୍ୟ ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ନିମାଇଁ ଚରଣ ମହାନ୍ତି, କେଶବ ପରିଜା, କ୍ଷେତ୍ରମୋହନ ସାହୁ, ହରିବନ୍ଧୁ ପଣ୍ଡା, ଚିତ୍ତରଞ୍ଜନ ଦାସ, ତାରାପ୍ରସାଦ ଦାସ ଓ ମହମ୍ମଦ ଉଜିରୱଲାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ ରବିନାରାୟଣ ଦାସ, ବଳଭଦ୍ର ମହାନ୍ତି, ବିନୟ ନୃସିଂହ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅନନ୍ୟା କଳାମନ୍ଦିର ପକ୍ଷରୁ ଗୁରୁ ସନ୍ତୋଷ ପ୍ରଧାନଙ୍କ ନେତୃତ୍ୱରେ ସମବେତ ଗଣେଶ ବନ୍ଦନା, ମେଳ ନୃତ୍ୟ, ଓଡ଼ିଶୀ ନୃତ୍ୟ ଓ ରାସ ନୃତ୍ୟ ପରିବେଷଣ ହୋଇଥିଲା। ଏହାକୁ ପରିଚାଳନା କରିଥିଲେ ସାଂସ୍କୃତିକ ସଂପାଦକ ଭରତ ନାୟକ। ଚିତ୍ତରଞ୍ଜନ ମହାପାତ୍ର, ବାବୁଲି ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପାଣି ସଞ୍ଚାଳନ କରିଥିବାବେଳେ ସଂଯୋଜନା କରିଥିଲେ ନାଟ୍ୟକାର ବିଶ୍ୱନାଥ ମହାପାତ୍ର। ସାତଦିନ ବ୍ୟାପି ନରେନ୍ଦ୍ର କୋଣଠାରେ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ ସଭା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଆସନ୍ତା ସେପ୍ଟେମ୍ବର ୨ ତାରିଖରେ ଉଦ୍‌ଯାପିତ ହେବ ବୋଲି ସମ୍ପାଦକ ନିମାଇଁ ଚରଣ ମହାନ୍ତି ଜଣାଇଛନ୍ତି।

## ସିଏମ୍ କିଷାନ କିସ୍ତି ପ୍ରଦାନର ଜିଲ୍ଲାସ୍ତରୀୟ ସମାରୋହ

# ଚାଷୀଙ୍କ ବ୍ୟାଙ୍କ ଖାତାକୁ ଗଲା ୪୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା

ପୁରୀ,୨୭।୮ (ସମିସ): ବୁଧବାର ରାଜ୍ୟର କୃଷକମାନଙ୍କୁ ସିଏମ୍ କିଶାନର କିସ୍ତି ଅନ୍‌ଲାଇନ ମାଧ୍ୟମରେ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲାସ୍ତରୀୟ ସିଏମ୍ କିଷାନ ଉତ୍ସବ ସାକ୍ଷୀଗୋପାଳସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାଂସଦ ଡା. ସମ୍ବିତ ପାତ୍ର ଯୋଗଦେଇ କୃଷି ଓ କୃଷକର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଚାଷକୁ ଦ୍ୱିଗୁଣିତ କରିବା ସହ କୃଷକଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସରକାର କାର୍ଯ୍ୟ କରିଚାଲିଛନ୍ତି ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସିଏମ୍ କିଷାନର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ପୁରୀ ଜିଲ୍ଲାର ମୋଟ ୨ ଲକ୍ଷ ୨୫ ହଜାର ୬୫୬ ଜଣ କ୍ଷୁଦ୍ର ଓ ନାମ ମାତ୍ର କୃଷକ ଏବଂ ୧୨୧୯ ଜଣ ଭୂମି ହୀନ କୃଷକ ଏହି କିସ୍ତିରେ ୨ହଜାର ଟଙ୍କା ହିସାବରେ ସିଏମ୍ କିଷାନ ସମ୍ମାନ ନିଧି ସହାୟତା ମାଧ୍ୟମରେ ୪୫,୩୭,୫୦୦୦୦ ଟଙ୍କା ପ୍ରାପ୍ତ କରିଛନ୍ତି। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବରିଷ୍ଠ ବୈଜ୍ଞାନିକ ଅମ୍ବିକା ପ୍ରସାଦ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ କୃଷି ଓ କୃଷକର ବିକାଶ, ସେମାନଙ୍କ ପାଇଁ ଥିବା ବ୍ୟବସ୍ଥା, ସହାୟତା ଓ ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସୁମିତ୍ରା ଆଚାର୍ଯ୍ୟ ସଭା ପରିଚାଳନା କରିଥିବାବେଳେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁଶାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।







# ରେଶମ ସହରରେ ଅଗ୍ରପୂଜ୍ୟଙ୍କୁ ଆରାଧନା

ବ୍ରହ୍ମପୁର,୨୭।୮ (ସମିସ): ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାରୁ ଆରମ୍ଭ ହୋଇଛି ପାର୍ବଣର ଆଦ୍ୟପର୍ବ। ରେଶମ ସହର ବ୍ରହ୍ମପୁରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଧୁମ୍‌ଧାମ୍‌ରେ ପାଳିତ ହୋଇଛି ଗଣେଶ ପୂଜା। ବିଭିନ୍ନ ପୂଜା ମଣ୍ଡପରେ ଗଜାନନ ବିଭିନ୍ନ ବେଶରେ ପୂଜା ପାଇଛନ୍ତି। ବିଭିନ୍ନ ସାହି, ଗଳି ସମେତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ବିଘ୍ନ ବିନାଶକ ତଥା ବିଦ୍ୟାଦାତା ଗଣେଶଙ୍କୁ ପୂଜାର୍ଚ୍ଚନା କରି ଶୁଭାଶିଷ କାମନା କରିଛନ୍ତି। ଗେଟ୍‌ବଜାର, ପୁରୁଣା ବ୍ରହ୍ମପୁର, ବଡବଜାର, ସାନବଜାର, ବିଜିପୁର, ହାଉସିଂବୋଡର୍, ଗୋଷାଣୀନୂଆଗାଁ, ଟାଟାବେଞ୍ଚ ଛକ, କମାପଲ୍ଲୀ, ଗୋଇଲୁଣ୍ଡି, ଗଜପତିନଗର, ଏସ୍‌ପି ଅଫିସ୍ ଛକ ସମେତ ଲାଞ୍ଜିପଲ୍ଲୀ, ବିଜିପୁର, ହିଲପାଟଣା ଓ ଆଙ୍କୁଲି ଆଦି ବିଭିନ୍ନ ସ୍ଥାନରେ ପୂଜା କମିଟି ପକ୍ଷରୁ ଗଣେଶ ପୂଜା ଆୟୋଜିତ ହୋଇଛି। ଅନେକ ସ୍ଥାନରେ ଆକର୍ଷଣୀୟ ମେଢ଼ ଓ ତୋରଣ ସାଜସଜ୍ଜା ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକମାଳାରେ ଉତ୍ସବ ମୁଖର ହୋଇଉଠିଛି ରେଶମ ସହର। ସେହିଭଳି ବିଭିନ୍ନ ସ୍କୁଲ ଓ କଲେଜରେ ଉତ୍ସାହର ସହକାରେ ଗଣେଶ ପୂଜା ପାଳିତ ହୋଇଛି। ବହୁ ଘରେ ମଧ୍ୟ ଗଣେଶ ପୂଜା କରାଯାଇଛି। ମହିଳାମାନେ ଗଣେଷ ବ୍ରତ କରି ବିଭିନ୍ନ ପ୍ରକାର ପିଠାପଣା ଭୋଗ ଲଗାଇଥିଲେ। ସ୍ଥାନୀୟ ଲାଞ୍ଜିପଲ୍ଲୀ ସୂର୍ଯ୍ୟନଗର ଗଣେଶ ପୂଜା କମିଟି ପକ୍ଷରୁ ୧୦ଫୁଟ ଉଚ୍ଚତା ବିଶିଷ୍ଟ ମୟୂର ସିଂହାସନ ଅବତାରରେ ଗଜାନନ ପୂଜା ପାଉଛନ୍ତି। କମିଟି ପକ୍ଷରୁ ଦୀର୍ଘ ୫ଦିନ ଧରି ବିନାୟକଙ୍କ ପୂଜାର୍ଚ୍ଚନା କରାଯିବ। ଦୀର୍ଘ ୧୫ ବର୍ଷ ଧରି କମିଟି ପକ୍ଷରୁ ଗଣେଶ ପୂଜାର ଆୟୋଜନ କରାଯାଉଛି। ସେହିପରି ଗଜପତିନଗର ଉନ୍ନୟନ କମିଟି ପକ୍ଷରୁ ୫ମ ଲାଇନ୍ ସ୍ଥିତ ଲାଇବ୍ରେରୀ ଛକରେ ଧୁମ୍‌ଧାମ୍‌ରେ ଗଣେଶ ପୂଜାର ଆୟୋଜନ କରଯାଇଛି। ଏହି ଅବସରରେ ସନ୍ଧ୍ୟାରେ ପୂଜାମଣ୍ଡପ ନିକଟରେ ଛୋଟ ପିଲାମାନେ ଓଡିଶୀ ଓ ଭାରତନାଟ୍ୟମ ଭଳି କ୍ଲାସିକାଲ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏଥିରେ ଅଂଶଗ୍ରହଣକାରି ପ୍ରତିଯୋଗୀଙ୍କୁ କମିଟି ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଗୁରୁବାର ସନ୍ଧ୍ୟାରେ ମେଲୋଡି କାର୍ଯ୍ୟକ୍ରମ ରହିଥିବା ବେଳେ ଏଥିରେ ପ୍ରତିଷ୍ଠିତ ତଥା ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ଗାନ୍ଧୀନଗର ସ୍ଥିତ ମହାମାୟୀ ମହିଳା ମହାବିଦ୍ୟାଳୟରେ ବିଘ୍ନ ବିନାଶକ ଗଣେଶ ପୂଜା କଲେଜ ଅଧ୍ୟକ୍ଷା ଡ଼. ନିବେଦିତା ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଓ ପୂର୍ବତନ ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଯୋଗଦେଇ ଶ୍ରୀଗଣେଶ ପୂଜା ସମ୍ପନ୍ନ କରିଥିଲେ। ଗଣେଶ ପୂଜା ପାଇଁ ରେଶମ ସହରରେ ଆଧ୍ୟାତ୍ମିକ ପରିବେଶ ପରିଲକ୍ଷିତ ହୋଇଥିଲା।


ଏମକେସିଜି ମେଡ଼ିକାଲ ଓ ହସ୍ପିଟାଲ(ଡ଼ିଏମଏଲଟି)


କେସି ଟାଉନ ହାଇ ସ୍କୁଲ


ଖଲାସି ସାହି


ଚନ୍ଦ୍ରପ୍ରଭା ସାହି ଦ୍ଵିତୀୟ ଗଳି


ବିଜିପୁର ଗୋପୀନାଥ ନଗର


ଲାଞ୍ଜିପଲ୍ଲୀ ସୂର୍ଯ୍ୟନଗର ଗଣେଶ ପୂଜା କମିଟି


ମହାମାୟୀ ମହିଳା ମହାବିଦ୍ୟାଳୟ



ଗଜପତିନଗର ଉନ୍ନୟନ କମିଟି ପକ୍ଷରୁ ଗଣେଷ ପୂଜାର ଆୟୋଜନ





ବ୍ରହ୍ମପୁର ପ୍ରେସ କ୍ଲବ


ଲାଞ୍ଜିପଲ୍ଲୀ ଖଳା ସାହି ଗଣେଶ ପୂଜା କମିଟି

## ହିଲ୍‌ପାଟଣା ସିଦ୍ଧ ବିନାୟକ ପୀଠରେ ଗଣେଶ ଚତୁର୍ଥୀ

ବ୍ରହ୍ମପୁର,୨୭।୮(ସମିସ):ସ୍ଥାନୀୟ ହିଲ୍‌ପାଟଣା ସ୍ଥିତ ସିଦ୍ଧ ବିନାୟକ ପୀଠ ଚତୁର୍ଥୀ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି। ବିଘ୍ନବିନାଶକ ବିନାୟକଙ୍କ ଚତୁର୍ଥୀ ପୂଜା



ପାଇଁ ବୁଧବାର ଭୋର ୩.୧୬ରୁ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଅପରାହ୍ନ ୪.୩୮ ମଧ୍ୟରେ ସିଦ୍ଧ ବିନାୟକଙ୍କ ମହାସ୍ନାନ ପରେ ମଙ୍ଗଳ ଆଳତି ହୋଇଥିଲା। ସକାଳ ୭.୧୪ରେ ଆଦି ଗଣେଶଙ୍କ ମଣ୍ଡପ ବିଜେ ନୀତି ଅନୁଷ୍ଠିତ ହୋଇଥିଲା। ସେହିପରି ମଧ୍ୟାହ୍ନ ୧.୧୫ ବେଳେ ପୁଷ୍ପାଞ୍ଜଳି, ସନ୍ଧ୍ୟାରେ ୧୦୦୮ ଆଳତି ଅନୁଷ୍ଠିତ ହୋଇଥିଲା। ଗଣେଶ ପୂଜା ପାଳନ ଅବସରରେ ସିଦ୍ଧ ବିନାୟକ ପୀଠ କମିଟି ପକ୍ଷରୁ ଗଜାନନଙ୍କ ସ୍ୱତନ୍ତ୍ର ଭୋଗ ପାଇଁ ୧୨ କିଲୋର ଏକ ସ୍ୱତନ୍ତ୍ର ଲଡୁ ପ୍ରସ୍ତୁତ କରାଯାଇ ପୂଜା କରାଯାଇଥିଲା। ସେହିପରି ୧୩ ହଜାର ଦୀପ ଓ ୧୧ହଜାର ଲଡୁ ପ୍ରସ୍ତୁତ କରି ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା। ପ୍ରତିବର୍ଷ ଭଳି ଚଳିତବର୍ଷ ୧୦୦୮ ଆଳତି ପରେ ପୂଜା କରାଯାଇ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଗୁରୁବାର ଓ ଶୁକ୍ରବାର ମଧ୍ୟ ସ୍ୱତନ୍ତ୍ର ପୂଜାର୍ଚ୍ଚନା ରୀତିନୀତି ସହକାରେ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ଶାନ୍ତିଶୃଙ୍ଖଳାର ସହ ଦର୍ଶନ ପାଇଁ ମନ୍ଦିରରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଭିନ୍ନଭିନ୍ନ ରାସ୍ତା ସହ ଭିଡ଼ ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଲିସ୍, ଆମ୍ବୁଲାନ୍ସ, ଅଗ୍ନିଶମ କର୍ମଚାରୀ ମୁତୟନ ହୋଇଥିଲେ। ସିଦ୍ଧ ବିନାୟକଙ୍କ ପୂଜାକୁ ନେଇ ଶ୍ରଦ୍ଧାଳୁଙ୍କ ମନରେ ବେଶ ଉତ୍ସାହ ଓ ଉଦ୍ଦିପନା ଦେଖିବାକୁ ମିଳିଛି। ସେହିପରି ମଧ୍ୟାହ୍ନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଜନନଙ୍କୁ ଦର୍ଶନ କରିଥିଲେ।










# ରକ୍ଷଣାବେକ୍ଷଣ ଅଭାବ: ନଷ୍ଟ ହେଉଛି କୀର୍ତ୍ତିରାଜି

ଭୁବନେଶ୍ୱର, ୨୭।୮ (ସମିସ)

■ ମନ୍ଦିର ପରିସରରେ ପଡ଼ି ରହିଛି ଆବର୍ଜନା, ବୋତଲ ଓ ପ୍ଲାଷ୍ଟିକ୍‌ରେ ପୂର୍ଣ୍ଣ ଐତିହ୍ୟ କୂଅ

■ ଅନାବନା ଗଛରେ ଲୁଚି ଯାଉଛି ମନ୍ଦିର ସୌନ୍ଦର୍ଯ୍ୟ





ରାଜଧାନୀର ପ୍ରତି ଗଳିରେ ଐତିହ୍ୟ ମନ୍ଦିର ରହିଛି। ସେଥିପାଇଁ ମନ୍ଦିରମାଳିନୀ ସହରର ଆଖ୍ୟା ମଧ୍ୟ ପାଇଛି। ପ୍ରତିଦିନ ପର୍ଯ୍ୟଟକଙ୍କ ମେଳି ସହର ବିଭିନ୍ନ ଐତିହ୍ୟସ୍ଥଳୀରେ ଦେଖିବାକୁ ମିଳେ। ହେଲେ ରକ୍ଷଣାବେକ୍ଷଣ ଅଭାବ ଓ ଏଏସଆଇ ର ଚରମ ଅବହେଳା ଯୋଗୁଁ ସେସବୁ ନଷ୍ଟ ହେବାକୁ ବସିଲାଣି। ଅନେକ ମନ୍ଦିର ପୁରୁଣା ଭୁବନେଶ୍ୱର ଏବଂ ତାର ଆଖପାଖ ସ୍ଥାନରେ ରହିଛି ଯାହା ଅବହେଳିତ ଅବସ୍ଥାରେ ପଡ଼ିରହିଛି।

ଅଧିକାଂଶ ମନ୍ଦିର ପରିସରରେ ଅଳିଆ ଆବର୍ଜନାରେ ପଡ଼ିରହୁଛି ତ କେଉଁଠି ଅନାବନା ଗଛ ମାଡି ବଣ ସୃଷ୍ଟି ହେଲାଣି। ସେହିପରି ମନ୍ଦିର ପରିସରରେ ଥିବା ଐତିହ୍ୟ କୂଅ ମଧ୍ୟ ପ୍ଲାଷ୍ଟିକ ବୋତଲ ଏବଂ ଅଳିଆରେ ପରିପୂର୍ଣ୍ଣ।

ଏହାର ଉଦାହରଣ ପୁରୁଣା ଭୁବନେଶ୍ୱରର ଭାରତୀ ମଠ ନିକଟରେ ଏକ ପୁରାତନ ମନ୍ଦିର ଦେଖିବାକୁ ମିଳିଛି। ହେଲେ ଏହା କେଉଁ ମନ୍ଦିର, କିଏ ନିର୍ମାଣ କରିଥିଲେ ଏବଂ କେଉଁ ସମୟର ମନ୍ଦିର ସେ ବିଷୟରେ କିଛି ଉଲ୍ଲେଖ ନାହିଁ। କେବଳ ସେତିକି ନୁହେଁ; ଟିକେ ଆଗକୁ ଗଲେ ମନ୍ଦିର ଏବଂ ତା' ଚାରିପାଖରେ ଅଳିଆ ଆବର୍ଜନା ସହ ପରିସରର ଅବସ୍ଥା ଅସ୍ୱଚ୍ଛ ପରିଲକ୍ଷିତ ହୋଇଥାଏ। ମନ୍ଦିରର ଭିତର ଗେଟ୍‌ରେ ତାଲା ଝୁଲିବା ସହ ମନ୍ଦିର ଭିତରେ ପ୍ରତିମାଶୂନ୍ୟ ଭଳି ପ୍ରତୀୟମାନ ହେଉଛି। ଏ ନେଇ ସ୍ଥାନୀୟ ଲୋକଙ୍କୁ ପଚାରିବାରୁ ସେ କହିଥିଲେ, ଏ ମନ୍ଦିରର ନାମ ବକ୍ରେଶ୍ୱର ମନ୍ଦିର। ଯେଉଁଠି ପୂର୍ବରୁ ଶିବଙ୍କୁ ପୂଜା କରାଯାଉଥିଲା। ହେଲେ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏହି ମନ୍ଦିରଟି ଶୂନ୍ୟ ହୋଇ ରହିଛି ଅର୍ଥାତ୍ ଏଠାରେ କାହାରିକୁ ପୂଜା କରାଯାଉ ନାହିଁ ବୋଲି ସ୍ଥାନୀୟ ଲୋକ କହିଛନ୍ତି। କେଉଁଠି ଅଳିଆ ପଡ଼ିଛି ତ କେଉଁଠି ବୋତଲ ଗଡୁଛି। ମନ୍ଦିର ସମ୍ବନ୍ଧରେ କେବଳ ଏତିକି ଜାଣିବାକୁ ମିଳିଥିଲା କି ଏହା ଚତୁର୍ଦ୍ଦଶ ଶତାବ୍ଦୀରେ ଗଙ୍ଗ ବଂଶ ଦ୍ୱାରା ନିର୍ମିତ ହୋଇଥିଲା। ହେଲେ କେବେଠାରୁ ଏବଂ କାହିଁକି ମନ୍ଦିରଟି ବନ୍ଦ କରିଦିଆଗଲା ତାହା ଏବେ ମଧ୍ୟ ରହସ୍ୟ ହୋଇ ରହିଛି। ବର୍ତ୍ତମାନ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ (ଏଏସ୍‌ଆଇ) ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା କରାଯାଉଛି। ଯଦିଓ ମନ୍ଦିରରେ ବର୍ତ୍ତମାନ ସମୟରେ କାହାରିକୁ ପୂଜା କରାଯାଉନାହିଁ ତଥାପି ଏହା ଏକ ଐତିହ୍ୟ କୀର୍ତ୍ତିରାଜି ହୋଇଥିବାରୁ ତା'ର ରକ୍ଷଣାବେକ୍ଷଣ ଆବଶ୍ୟକ। ସେହିଭଳି ଟିକେ ଆଗକୁ ଗଲେ ରହିଛି ମକରେଶ୍ୱର ମନ୍ଦିର। ହେଲେ ମନ୍ଦିରର ପାଚେରୀ ଗୋଟେ ପାର୍ଶ୍ୱ ଭାଙ୍ଗି ଯାଇଥିବାବେଳେ ମନ୍ଦିରର ନାମ ମଧ୍ୟ ବୋର୍ଡରେ ଲେଖା ନାହିଁ। ଅନ୍ୟ ଉଦାହରଣ ଭାବେ ସମ୍ପୂର୍ଣ୍ଣ ଜଳେଶ୍ୱର ମନ୍ଦିରର ମଧ୍ୟ ସମାନ ଅବସ୍ଥା। ରାଜଧାନୀରେ ଏପରି ଅନେକ ମନ୍ଦିର ଅବହେଳିତ ହୋଇ ପଡ଼ି ରହିଛି।

● ଓଡ଼ିଶା ସମତା ଅଭିଯାନ ଶୁଭାରମ୍ଭ

## ଭୋଟ ଚୋରି ଓ ଗଣତନ୍ତ୍ରର ଭବିଷ୍ୟତ ଶୀର୍ଷକ ଆଲୋଚନା

ଭୁବନେଶ୍ୱର, ୨୭।୮ (ସମିସ): ଓଡ଼ିଶା ସମତା ଅଭିଯାନ' ଶୁଭାରମ୍ଭ ଅବସରରେ 'ଭୋଟ ଚୋରି ଓ ଗଣତନ୍ତ୍ରର ଭବିଷ୍ୟତ' ଶୀର୍ଷକ ଆଲୋଚନା ଚକ୍ରରେ ଉପସ୍ଥିତ ବ୍ୟକ୍ତିବିଶେଷ ବକ୍ତବ୍ୟ ରଖିଥିଲେ। ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଓ ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ବିଧାୟକ ଏନ୍ ନାରାୟଣ ରେ‡ୀ, ଜନଆନ୍ଦୋଳନ କର୍ମୀ ନରେନ୍ଦ୍ର ମହାନ୍ତି, ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି ମିହିର ପ୍ରତାପ ଦାସ, କଂଗ୍ରେସ ମୁଖପାତ୍ର ପ୍ରଶାନ୍ତ ଶତପଥୀ, ମନୀଷା ଦାସ ପଟ୍ଟନାୟକ ଓ ନଳିନୀ ନାୟକ, ଆପ ସଙ୍ଗଠନ ସମ୍ପାଦକ କଲ୍ୟାଣ ଆନନ୍ଦ, କୃଷକ ନେତା ଶୁଭେନ୍ଦୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ନିର୍ବାଚନ କମିଶନଙ୍କ ରାଜନୈତିକ ଏତାଦୃଶ ଉଦ୍ଦେଶ୍ୟ ପ୍ରଣୋଦିତ କାର୍ଯ୍ୟକୁ ନିନ୍ଦା କରିବା ସହ ନିଜ ମତ ରଖିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବିଶିଷ୍ଟ ଗାନ୍ଧୀବାଦୀ ନେତା ଡଃ ବିଶ୍?ଜିତଙ୍କୁ ଗାନ୍ଧୀ ବିଚାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ତଥା ନାଗରିକ ସମାଜ ପାଇଁ ଚାଲିଥିବା ଆନ୍ଦୋଳନ ଭାରତ ଯୋଡୋ ଅଭିଯାନର ରାଷ୍ଟ୍ରୀୟ ସମ୍ପାଦକ ମନୋନୀତ ହୋଇଥିବାରୁ ତାଙ୍କୁ 'ପ୍ରଥମ ଓଡ଼ିଶା ସମତା ସମ୍ମାନ ୨୦୨୫ରେ ସମ୍ବର୍ଦ୍ଧିତ କରାଯାଇଥିଲା। ରାଷ୍ଟ୍ରୀୟ ଯୁବା ସଂଗଠନର ରାଜ୍ୟ ସଂଯୋଜକ ମାନସ ପଟ୍ଟନାୟକ କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ସଭା ସଞ୍ଚାଳନା କରିଥିବା ବେଳେ ଓଡ଼ିଶା ସମତା ଅଭିଯାନର ଆବାହକ ସଂଗ୍ରାମ କିଶୋର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୟ ଓଡ଼ିଶା ପକ୍ଷରୁ ରକ୍ତଦାନ ଶିବିର



ଭୁବନେଶ୍ୱର, ୨୭।୮ (ସମିସ): ଜୟ ଓଡ଼ିଶାର ୧୭ତମ ରକ୍ତଦାନ ଶିବିର ବିଶ୍ୱ ଭାଇଚାରା ଦିବସରେ ରବି ଟକିଜ୍‌ସ୍ଥିତ ବ୍ରହ୍ମକୁମାରୀ ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ରହ୍ମକୁମାରୀର ସଦସ୍ୟମାନେ ଯୋଗ ଦେଇ ନିଜେ ମଧ୍ୟ ରକ୍ତଦାନ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଗାମୀ ଦିନରେ ସେମାନଙ୍କୁ ଯୋଗାଯୋଗ କରି ଆହୁରି ଅଧିକ ରକ୍ତଦାନ ଶିବିର ଆୟୋଜନ କରିବାର ଲକ୍ଷ୍ୟ ରହିଛି ବୋଲି ଜୟ ଓଡ଼ିଶାର ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ କହିଛନ୍ତି।

## ଦୁର୍ଘଟଣାରେ ବଡିବିଲ୍‌ଡର୍‌ଙ୍କ ପରଲୋକ



ଧଉଳି, ୨୭।୮ (ସମିସ): ଭୁବନେଶ୍ୱର-ପୁରୀ ୩୧୬ ଜାତୀୟ ରାଜପଥ ଦୟାନଦୀ ସେତୁ ନିକଟରେ ମଙ୍ଗଳବାର ରାତିରେ ସଡକ ଦୁର୍ଘଟଣାରେ ଓଡ଼ିଶାର ଆଇରନମ୍ୟାନ ଭାବେ ପରିଚିତ ବଡିବିଲଡର ଭୁବନେଶ୍ୱର ଉପକଣ୍ଠ ନୂଆଗାଁ ଅଧିବାସୀ ସନ୍ତୋଷ କୁମାର ବଡ଼ଜେନା (ବାବୁନି)ଙ୍କ ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୩୮ ବର୍ଷ ହୋଇଥିଲା। ଖବରନେବାରେ ଜଣାପଡ଼ିଛି ଗତକାଲି ରାତିରେ ବାବୁନ ମୋଟର ସାଇକଲରେ ଘରକୁ ଫେରୁଥିଲେ। ରାତି ପ୍ରାୟ ସାଢେ ୧ ଟାରେ ଦୟାନଦୀ ସେତୁ ନିକଟରେ ଭାରସାମ୍ୟ ହରାଇ ଷଣ୍ଢ ସହ ଧକ୍କା ହୋଇ ରାସ୍ତାରେ ଛିଟକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଅଶୋକ ଚନ୍ଦ୍ର ପଣ୍ଡା, କର୍ପୋରେଟର ଶିବ ବେହେରା, ଜିଲ୍ଲା ପରିଷଦ ସଭ୍ୟ ସୁବାଷ ସୁନ୍ଦରାୟ ସମେତ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଆସି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସୁନାମଅର୍ଜନ କରିଥିଲେ।

ବର୍ଜ୍ୟବସ୍ତୁ ପରିଚାଳନା ଉପରେ ବିଏମ୍‌ସିର ପଦକ୍ଷେପ

## ଆରମ୍ଭ ହେଲା ଦେବାର୍ଚ୍ଚନ ଫୁଲ ସଂଗ୍ରହ

ଭୁବନେଶ୍ୱର, ୨୭।୮ (ସମିସ): ଗଣେଶ ପୂଜା ଅବସରରେ ସହର ବର୍ଜ୍ୟ ପରିଚାଳନା ପାଇଁ ବିଏମ୍‌ସିର ସ୍ୱତନ୍ତ୍ର ପଦକ୍ଷେପ। ବିଭିନ୍ନ ଗଣେଶ ପୂଜା ମଣ୍ଡପରୁ ଦେବାର୍ଚ୍ଚନ ଫୁଲ ସଂଗ୍ରହ ଏବଂ ଏହାର କାର୍ଯ୍ୟକାରିତା ଉପରେ ବିଏମ୍‌ସି ତିନୋଟି ପ୍ରଶାସନିକ ଜୋନରେ ଉତ୍ସର୍ଗୀକୃତ ଯାନ ଚଳାଚଳ ଆରମ୍ଭ କରିଛି। ଦକ୍ଷିଣ ମଣ୍ଡଳରେ ୧୭୯ଟି, ଦକ୍ଷିଣ-ପୂର୍ବ ମଣ୍ଡଳରେ ୧୨୨ ଏବଂ ଉତ୍ତର ଜୋନରେ ୭୦ ମଣ୍ଡପ ରହିଛି। ପ୍ରତ୍ୟେକ ଜୋନରେ ଗୋଟିଏ ଉତ୍ସର୍ଗୀକୃତ ଯାନ ପୂଜା ବର୍ଜ୍ୟ ସଂଗ୍ରହ ପାଇଁ ଦିନକୁ ଦୁଇଥର ମଣ୍ଡପକୁ ଯିବ ଯେଉଁଠାରେ ସ୍ଥାନୀୟ ପରିମଳ ନିରୀକ୍ଷକମାନେ ଯୋଗାଯୋଗ କରିବେ। ବର୍ଜ୍ୟବସ୍ତୁ ସଂଗ୍ରହ ପରେ, ପରବର୍ତ୍ତୀସ୍ତରର ପ୍ରକ୍ରିୟାକରଣ ପାଇଁ ପୋଖରୀପୁଟ ଏମସିସିକୁ ଅଣାଯିବ। ସେଠାରେ ଏହି ପୁଷ୍ପ ବର୍ଜ୍ୟକୁ ଶୁଖାଇବା ଏବଂ ସେଥିରୁ ଧୂପକାଠି ପ୍ରସ୍ତୁତ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏହି ପଦକ୍ଷେପର ଆସ୍ଥା, ସୌନ୍ଦର୍ଯ୍ୟ ଏବଂ ପରିବେଶ ଭଳି ତିନୋଟି ପ୍ରଭାବ ରହିଛି। ଏଭଳି ସୁବିଧା ଆରମ୍ଭ ହେବା ପୂର୍ବରୁ ସଂଗୃହୀତ ବର୍ଜ୍ୟବସ୍ତୁ ସାଧାରଣତଃ ଜଳାଶୟରେ ବୁଡ଼ାଇ ଅନ୍ୟ ଆବର୍ଜନା ସ୍ଥାନରେ ଫିଙ୍ଗି ଦିଆଯାଉଥିଲା। ଏଭଳି ପ୍ରଥା ପରିବେଶକୁ ପ୍ରଦୂଷିତ କରୁଥିଲା ଏବଂ ଲୋକଙ୍କ ଧାର୍ମିକ ବିଶ୍ୱାସକୁ ଅଣଦେଖା କରାଯାଉଥିଲା। ଅନ୍ୟ ପକ୍ଷରେ, ସହର ସ୍ଥାନଗୁଡ଼ିକର ସୌନ୍ଦର୍ଯ୍ୟ ମଧ୍ୟ ନଷ୍ଟ ହେଉଥିଲା। ଏପରି ପଦକ୍ଷେପ ଦ୍ୱାରା ସହର ସୌନ୍ଦର୍ଯ୍ୟ ଏବଂ ପରିବେଶ ଦୃଷ୍ଟିରୁ ଭଲ ହେବା ସହ ଧାର୍ମିକ ତଥା ଆମର ପରମ୍ପରା ଦୃଷ୍ଟିକୋଣରୁ ଏହା ନାଗରିକଙ୍କ ଭାବାବେଗ କୁ ସମ୍ମାନ ଦେବ ବୋଲି କମିସନର ଚଞ୍ଚଳ ରାଣା କହିଛନ୍ତି।

## ନୟାଗଡ଼ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର



ଭୁବନେଶ୍ୱର, ୨୭।୮ (ସମିସ): ନୟାଗଡ଼ ଜିଲ୍ଲା ବିକାଶ ସମ୍ମିଳନୀ (ଟ୍ରଷ୍ଟ) ପକ୍ଷରୁ ନୟାଗଡ଼ ଜିଲ୍ଲାର ବହୁମୁଖୀ ବିକାଶ ଉଦ୍ଦେଶ୍ୟରେ କିଛି ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନାକରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମ୍ମିଳନୀର ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନୟାଗଡ଼ ଜିଲ୍ଲା ବିକାଶ ସମ୍ମିଳନୀ ପକ୍ଷରୁ ନୟାଗଡ଼ ଜିଲ୍ଲା ମୁଖ୍ୟାଳୟରେ ଏକ ମେଡିକାଲ କଲେଜ ଏବଂ ନର୍ସିଂ କଲେଜ୍ ସ୍ଥାପନ, ପଠାଣି ସାମନ୍ତ ବିଶ୍ୱବିଦ୍ୟାଳୟ ସ୍ଥାପନ, ବନ୍ଦ ହୋଇଯାଇଥିବା ଚିନିକଳର ପୁନଃକାର୍ଯ୍ୟକାରୀ କରାଯିବା, କୃଷି ଭିତ୍ତିକ ଶିଳ୍ପ, ବୟନ ଶିଳ୍ପ, ଖଣି ଭିତ୍ତିକ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ଓ ପର୍ଯ୍ୟଟନ ଶିଳ୍ପ, ଲିଥିୟମ ବ୍ୟାଟେରୀ କାରଖାନା, ସୌରଶକ୍ତିରୁ ବିଦ୍ୟୁତ୍ ଉତ୍ପାଦନ କରିବାପାଇଁ ପ୍ୟାନେଲ୍ ଓ ସେମିକଣ୍ଡକ୍ଟର ନିର୍ମାଣ କାରଖାନା ସ୍ଥାପନ କରିବା ଲକ୍ଷରେ ରାଜ୍ୟ ସରକାର ଜିଲ୍ଲାରେ ଶିଳ୍ପ ସ୍ଥାପନ ପାଇଁ ଯୋଜନାବଦ୍ଧ ଖସଡ଼ା ପ୍ରସ୍ତୁତ କରିବାପାଇଁ ଜିଲ୍ଲା ବିକାଶ ସମ୍ମିଳନୀ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ନୟାଗଡ଼ ଜିଲ୍ଲାର ଆଠୋଟି ବ୍ଲକରେ ଅନେକ ଜରୁରୀ ପ୍ରକଳ୍ପ ନିର୍ମାଣର ଆବଶ୍ୟକତା ରହିଥିବାରୁ କଣ୍ଟିଲୋ ନୀଳମାଧବପୀଠ, ରଣପୁର ମଣିନାଗ ପର୍ବତରେ ଅତ୍ୟାଧୁନିକ ପର୍ଯ୍ୟଟନ କେନ୍ଦ୍ର ସ୍ଥାପନ, ଦଶପଲ୍ଲାର ବଡ଼ମୂଳ ଘାଟିରେ ଅରଣ୍ୟ ପର୍ଯ୍ୟଟନ କେନ୍ଦ୍ର, ଓଡଗାଁ-ଶରଣକୂଳ-କଣ୍ଟିଲୋ-ଫତେଗଡ଼ ଆଧ୍ୟାତ୍ମିକ ପର୍ଯ୍ୟଟନ ସର୍କିଟ୍, ଖଣ୍ଡପଡ଼ାରେ ପ୍ଲାନେଟାରୀୟମ ଓ ପଠାଣି ସାମନ୍ତ ସ୍ମୃତିକେନ୍ଦ୍ର ଆଦି ପ୍ରମୁଖ ଦାବି ରହିଛି। ମୁଖ୍ୟମନ୍ତ୍ରୀ ସମସ୍ତ ବିଷୟରେ ଶୁଣିବାପରେ ସଠିକ ସମୟରେ ସଠିକ୍ ପଦକ୍ଷେପ ନେବାକୁ କହିଥିଲେ। ସମ୍ମିଳନୀର ଅଧ୍ୟକ୍ଷ କରୁଣାକର ପଟ୍ଟନାୟକଙ୍କ ନେତୃତ୍ୱରେ ଜାନକୀଶ ବଡ଼ପଣ୍ଡା, ଡକ୍ଟର ଉମାକାନ୍ତ ମିଶ୍ର ଏବଂ ଦାଶ ବେନହୁର ଏହି ସାକ୍ଷାତ ଆଲୋଚନାରେ ଭାଗନେଇଥିଲେ।

## ସେପ୍ଟେମ୍ବର ୭ରେ ବସନ୍ତ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକ

■ ରାଜ୍ୟସ୍ତରୀୟ କର୍ମବୀର ବସନ୍ତ ବିଶ୍ୱାଳ ସ୍ମୃତିକମିଟି ପୁନର୍ଗଠିତ

ଭୁବନେଶ୍ୱର, ୨୭।୮ (ସମିସ): ରାଜ୍ୟସ୍ତରୀୟ କର୍ମବୀର ବସନ୍ତ ବିଶ୍ୱାଳ ସ୍ମୃତି କମିଟି ତରଫରୁ ଆସନ୍ତା ସେପ୍ଟେମ୍ବର ୭ ତାରିଖ ସନ୍ଧ୍ୟା ୬ ଘଟିକା ସମୟରେ ଜୟଦେବ ଭବନଠାରେ ଓଡ଼ିଶା ପୂର୍ବତନ ଉପମୁଖ୍ୟମନ୍ତ୍ରୀ, ନବଓଡ଼ିଶା ନିର୍ମାଣର ଅନ୍ୟତମ ବିନ୍ଧାଣି, ସୁନାମଧନ୍ୟ ରାଜନେତା ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧବାର୍ଷିକ ପାଳିତ ହେବ। ସେଠାରେ ଆୟୋଜିତ ସ୍ମୃତିସଭାରେ ଓଡ଼ିଶାର ବିଭିନ୍ନ ରାଜନୈତିକ ଦଳର ତୁଙ୍ଗନେତାମାନେ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରିବା ସହ ନବଓଡ଼ିଶା ନିର୍ମାଣରେ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ଅନନ୍ୟ ଅବଦାନ ସମ୍ପର୍କରେ ଆଲୋଚନା ହେବ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ ବୋଲି ସ୍ମୃତି କମିଟିର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସୂଚନା ଦେଇଛନ୍ତି।

ଏଥିସହିତ ରାଜ୍ୟସ୍ତରୀୟ କର୍ମବୀର ବସନ୍ତ ବିଶ୍ୱାଳ ସ୍ମୃତି କମିଟିର ପୁନର୍ଗଠନ କରାଯାଇଛି। ଏହି କମିଟିରେ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଅଧ୍ୟକ୍ଷ ରହିଥିବା ବେଳେ ପ୍ରକାଶ ମିଶ୍ର ଏବଂ ସୁଜିତ ଘୋଷ ଦଣ୍ଡିଦାର ସଂଯୋଜକ ରହିଛନ୍ତି। କୋଷାଧ୍ୟକ୍ଷ ଭାବେ ନାରାୟଣ ଜେନା ସ୍ଥାନିତ ହୋଇଛନ୍ତି। ଏହି କମିଟିରେ ମାର୍ଗଦର୍ଶକ ଭାବେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଅମରନାଥ ପ୍ରଧାନ ଓ ସୁରେଶ କୁମାର ରାଉତରାୟଙ୍କୁ ନିଆଯାଇଛି ଏବଂ ଉପଦେଷ୍ଟା ଭାବରେ ପୂର୍ବତନ ମନ୍ତ୍ରୀ ଶରତ ରାଉତ, ରବୀନ୍ଦ୍ର ମଲ୍ଲିକ, ସମୀର କୁମାର ରାଉତରାୟ, ସୁଜିତ ପାଢ଼ୀ, ଉମାବଲ୍ଲଭ ରଥ, ମାନସ ଚୌଧୁରୀ, ପ୍ରଜାତ ମହାପାତ୍ର, ଜନାର୍ଦ୍ଦନ ବେହୁରା, ଭାଗରଥୀ ପତି, ରାଜନ ସାହୁ, ବନବିହାରୀ ମହାନ୍ତି, ରବୀନ୍ଦ୍ରନାଥ ମହାନ୍ତି ଓ ଅସିତ ପଟ୍ଟନାୟକ ରହିଛନ୍ତି। ସେହିଭଳି ଉପସଭାପତି ଭାବରେ ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଆସଫ ଅଲ୍ଲୀ ଖାନ, ମିନାକ୍ଷୀ ବାହିନୀପତି, ପୁଷ୍ପା ସାମଲ, ଦଣ୍ଡପାଣି ନାୟକ, ଯୋଗୀନାଥ ବାହୁବଳେନ୍ଦ୍ର, ମାନସ ଆଶ୍ଚର୍ଯ୍ୟ, ଶ୍ରୀନିବାସ ରାଉତରାୟ, ମହମ୍ମଦ ଇମବାଦ, ଅମିୟ ପାଣ୍ଡବ, ଅଜୟ ସାମଲ, ମନୋଜ ରାଉତ, ମନୋରଞ୍ଜନ ତ୍ରିପାଠୀ, ସନତ ଦାସ, ମନୋଜ ସାହୁ, ଜୀବନ କୁମାର ମହାପାତ୍ର, ରାଜେଶ ପଟ୍ଟନାୟକ, ପ୍ରିୟଲିତ ରାୟ ଓ ଦେବୀ ବିଶୋୟୀ ରହିଛନ୍ତି। ସେହିଭଳି ସାଧାରଣ ସମ୍ପାଦକ ଭାବରେ ମନୋଜ ବିଶ୍ୱାଳ, ରଣଜିତ ପାତ୍ର, ୟାସିର ନୱାଳ, ସଞ୍ଜୟ ତ୍ରିପାଠୀ, ଲଲାଟେନ୍ଦୁ ଶତପଥୀ, ରଞ୍ଜିତ ରଞ୍ଜନ ରାଉତ, ଅଭିଳାଷ ମାଣିଆ, ମିଳନ ପଟ୍ଟନାୟକ, ଅମରେଶ ପରିଡ଼ା, ପ୍ରଭାସ କର ମହାପାତ୍ର, ଦେବଦତ୍ତ ଦାସ, ମାନସ ମହାନ୍ତି, ଜୟକୃଷ୍ଣ ସୁବୁଦ୍ଧି, ଶ୍ରୀୟ ମହାନ୍ତି, ମହମ୍ମଦ ପରଭେଜ, ରାହୁଲ ମହାନ୍ତି, ତୁଷାରକାନ୍ତ ତପସ୍ୟା, ଅଜୟ ସାହୁ, ପୁଷିତା ଦାସ, ଦିଲ୍ଲୀପ ପଣ୍ଡା, ବରୁଣରାଜ, ଅଶୋକ କୁମାର ସିଂ, ପ୍ରଦୀପ ଦାସ, ପ୍ରଜ୍ଞାରାଜ ପ୍ରଧାନ, ବଟକୃଷ୍ଣ ରାଉତରାୟ ଓ ଆକବର ଖାନଙ୍କୁ ନିଆଯାଇଛି।

## ବୁସାନ ଆନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବରେ 'ସ୍ୱାଇଂ ଷ୍ଟାର୍‌ସ'

ନୀଳମାଧବ ପଣ୍ଡା ଏବଂ କାମେରା ଡି'ଓର୍‌ଙ୍କ ଏକମାତ୍ର ଭାରତୀୟ ଚଳଚ୍ଚିତ୍ର



ଭୁବନେଶ୍ୱର, ୨୭।୮ (ସମିସ): ଚଳଚ୍ଚିତ୍ର ନିର୍ମାତା ନୀଳମାଧବ ପଣ୍ଡାଙ୍କ ପ୍ରଯୋଜିତ ଏବଂ ବିମୁକ୍ତି ଜୟସୁନ୍ଦର ଙ୍କ ଦ୍ୱାରା ନିର୍ଦ୍ଦେଶିତ ଭାରତୀୟ ଚଳଚ୍ଚିତ୍ର 'ସ୍ୱାଇଂ ଷ୍ଟାର୍‌ସ' ସମ୍ମାନଜନକ ୩୦ତମ ବୁସାନ ଆନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବରେ ସ୍ଥାନ ପାଇଛି। ପ୍ରତିଯୋଗିତାରେ ସାମିଲ ୧୪ଟି ଚଳଚ୍ଚିତ୍ର ବୁସାନ୍ ଆୱାର୍ଡସ୍‌ରେ ଶ୍ରେଷ୍ଠ ଚଳଚ୍ଚିତ୍ର, ଶ୍ରେଷ୍ଠ ନିର୍ଦ୍ଦେଶକ, ସ୍ୱତନ୍ତ୍ର ଜୁରୀ ପୁରସ୍କାର, ଶ୍ରେଷ୍ଠ ଅଭିନେତା ଏବଂ କଳାତ୍ମକ ଅବଦାନ ଆଦି ପାଞ୍ଚଟି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଥାଇଲାଣ୍ଡର ଚଳଚ୍ଚିତ୍ର ନିର୍ମାତା ଏବଂ କଳାକାର ଆପିଚାପୋଙ୍ଗ ୱିରାସେଥାକୁଲଙ୍କ ଦ୍ୱାରା ପ୍ରସ୍ତୁତ ଟ୍ରଫି ବିଜେତାମାନଙ୍କୁ ପ୍ରଦାନ କରାଯିବ। ଏନେଇ ଚଳଚ୍ଚିତ୍ର ନିର୍ମାତା ନୀଳମାଧବ ପଣ୍ଡା କହିଛନ୍ତି ଯେ, ଏକ ଚଳଚ୍ଚିତ୍ରର ପ୍ରଯୋଜନା ଅର୍ଥ କେବଳମାତ୍ର ଏକ ସୃଷ୍ଟି ନୁହେଁ। ମୋ ପାଇଁ ଚଳଚ୍ଚିତ୍ର ନିର୍ମାଣ ଏକ ଆଧ୍ୟାତ୍ମିକ ଯାତ୍ରା ଭଳି। ବିମୁକ୍ତିଙ୍କର କୃତ୍ରିମ ବୁଦ୍ଧିମତା ଉପରେ ଗଭୀର ପ୍ରତିଫଳନ ଏହି ଫିଲ୍ମଟିକୁ ଶକ୍ତିଶାଳୀ ଓ ସମୟୋଚିତ କରି ଗଢ଼ି ତୋଳିଛି। ତାଙ୍କ ଦ୍ୱାରା ମନସ୍ତାତ୍ତ୍ୱିକ ସ୍ତରଗୁଡିକର ଉପଯୋଗ ଏହି କାହାଣୀକୁ ଏକ ଚଳଚ୍ଚିତ୍ର ଠାରୁ ଅଧିକ କରି ପ୍ରସ୍ତୁତ କରିଛି। ଏହା ଏକ ଅନୁଭୂତିରେ ପରିଣତ ହୋଇଛି। 'ସ୍ୱାଇଂ ଷ୍ଟାର୍‌ସ୍' ଭୟ, ନୀରବତା ଏବଂ ମଜଭୁତପଣ ମଧ୍ୟରେ ଏକ ଯାତ୍ରା। ଏବଂ ସର୍ବୋପରି ଏହା ନିଜ ଭିତରର ସ୍ୱାଧୀନତାକୁ ସନ୍ଧାନ କରିବା ସମ୍ପର୍କିତ ଏକ ଚଳଚ୍ଚିତ୍ର ବୋଲି ଶ୍ରୀ ପଣ୍ଡା କହିଛନ୍ତି।

## ବାଲକାଟୀ ଓ ଧଉଳିରେ ୫୦ ମଣ୍ଡପରେ ବିଘ୍ନବିନାଶକ

ଧଉଳି, ୨୭।୮ (ସମିସ): ଧରାପୃଷ୍ଠରେ ବିରାଜମାନ ହୋଇଛନ୍ତି ବିଘ୍ନ ବିନାଶକ ଶ୍ରୀ ଗଜାନନ। ଏଥିପାଇଁ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକ ଅଧିନ ବାଲକାଟିରେ ଏହି ପୂଜା ଧୁମଧାମରେ ପାଳନ କରାଯାଇଛି। ବିଶେଷକରି ରଥିଜେମା ଅଶିଘର, ତିରିଶିଘର, ଚାରିମାଣିଆ ଓ ନୂଆସାହି ଏହି ୪ ସାହିରେ ନିଆରା ଢଙ୍ଗରେ ପାଳନ କରିଛନ୍ତି। ସେହିପରି ଏହି ଗ୍ରାମରେ ଆଖୀ ଝଲସିବା ଭଳି ସୁଉଚ ତୋରଣ ଆଖପାଖ ଗ୍ରାମର ଦେଖଣାହାରୀଙ୍କୁ ବେଶ ମନ୍ତ୍ରମୁଗ୍ଧ କରିଛି। ପ୍ରତିବର୍ଷ ମୂର୍ତ୍ତି ନିର୍ମାଣରେ ଚର୍ଚ୍ଚାରେ ଥିବା ଅଶିପର ସାହିରେ ଚଳିତବର୍ଷ ଶ୍ରୀ କୃଷ୍ଣ ଓ ରାଧା ବେଶରେ ପୂଜା ପାଉଛନ୍ତି ବିଘ୍ନ ବିନାଶକ। ଏହି ମୂର୍ତ୍ତିକୁ ଗ୍ରାମର ଯୁବ କାରିଗରୀ ମନୋଜ କୁମାର ସାହୁଙ୍କ ଦ୍ୱାରା ପ୍ରସ୍ତୁତ ସୁନ୍ଦର ମୂର୍ତି ସାଙ୍ଗକୁ ଆକର୍ଷଣୀୟ ତୋରଣ ଦେଖେଣାହାରୀଙ୍କୁ ବେଶ ବିମୋହିତ କରିଛି। ସୂର୍ଯ୍ୟମନ୍ଦିର ଭଳି ସୁଉଚ୍ଚ ତୋରଣ ସାଙ୍ଗକୁ ଆଲୋକମାଳା ବେଶ ସୁନ୍ଦର ହୋଇଛି। ସେହିପରି ଚାରିମାଣିଆ ଗ୍ରାମରେ ଶିଳ୍ପୀ ତପନ ସାହୁ ଓ ପ୍ରଶାନ୍ତ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ଶିବଙ୍କ ରୂପରେ ପୂଜା ପାଇଛନ୍ତି ଶ୍ରୀ ଗଣେଶ। ଏହି ଗ୍ରାମରେ ରାଜେନ୍ଦ୍ର ସାହୁ ଓ ଦିଲ୍ଲୀପ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ଭଗବାନ ବୁଦ୍ଧଙ୍କ ତୋରଣ ଅତି ଉଚ୍ଚକୋଟୀର ହୋଇଥିବା ବେଳେ ମହାଲସାହିର ବୁଢାଗଣେଶ ରୂପେ ପୂଜା ପାଉଛନ୍ତି ଶ୍ରୀ ଗଜାନନ। ସେହିପରି ତିରିଶଘର, ନୂଆସାହି, ପ୍ରତାପଶାସନ ମିଶ୍ରସାହି, ପ୍ରଧାନସାହି, ନୂଆପାଟଣା, ନନ୍ଦିଘରସାହି, ଅଠରଘରିଆ ସାହି, ପଣସପାଟଣା, ହନୁମନ୍ତପାଟଣା, ଦିପୋଟିସାହି, ରଙ୍ଗଣୀସାହି, ତଳରଙ୍ଗଣୀସାହି, ଜାଗେଶ୍ୱରୀ କଲୋନୀ, ଜଗନ୍ନାଥ କଲୋନା, ମଲ୍ଲିକସାହି, ବସନ୍ତ ପେଢ଼ି, ନନ୍ଦଘର ଭୋଇସାହି, ପାଟରାବାଗ ଭୋଇସାହି, ବଡ଼ଭୋଇ ସାହି, ନାହାକସାହି, ବେତନାସିଆ, ଚଢେଇବର, ସାତକାଣିଆ, ବାଇଆଁପଦା, ପାଣିକଟା, ଝିଣ୍ଟିଶାସନ, ବୋଧଖଣ୍ଡି, ବୁଦ୍ଧିପଡ଼ା, ପୂରଣପ୍ରଧାନ, ଶିଶିଲୋ, ବାଲକାଟି ବଜାରରେ ଆଦି ମୋଟ ୩୫-୪୦ ଟି ମଣ୍ଡପ ରେ ପୂଜା ପାଉଛରି ଶ୍ରୀ ଗଜାନନ। ସିଫାସ୍ଥିତ ପୁବାଶାସନ ଗୋପିନାଥ କ୍ଲବ ପରିସରରେ ମଧ୍ୟ ପୂଜ୍ୟପୂଜା ଗଜାନନଙ୍କ ପୂଜାର୍ଚ୍ଚନା ବହୁ ଆଡ଼ମ୍ବରେ ଅନୁଷ୍ଠିତ ହୋଇଯାଇଛି। ୟୁନାଇଟେଡ଼ ବ୍ରଦର୍ସ ପକ୍ଷରୁ ଉତ୍ତରା ମେଳଣ ପଡ଼ିଆରେ ଶ୍ରୀ ଗଜାନନଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ସେହିପରି ଭୁବନେଶ୍ୱର ବ୍ଲକ ଅଧୀନ ସରଦେଇପୁର, ଧଉଳି, ଲିଙ୍ଗିପୁର, ଶିଶୁପାଳଗଡ଼, ନୂଆଗାଁ, ଇଟିପୁର, ବିକିପୁର, ଟିକରପଡ଼ା, କଲ୍ୟାଣପୁର ଆଦି ଗ୍ରାମରେ ମଧ୍ୟ ଶ୍ରୀ ଗଜାନନଙ୍କ ପୂଜା ଧୁମଧାମରେ ପାଳନ କରାଯାଇଛି।







## ରକ୍ତଦାନ କଲେ ରେଳ କର୍ମଚାରୀ ଓ ରୋଟାରିଆନ୍




ଭୁବନେଶ୍ୱର, ୨୭।୮ (ସମିସ): ପୂର୍ବତଟ ରେଳବାଇ ଓ ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ୟୁନିକ୍‌ଙ୍କ ସଂଯୁକ୍ତ ପ୍ରୟାସରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ପଦକ୍ଷେପରେ ରେଳ କର୍ମଚାରୀ, ରୋଟାରିଆନ୍ ଓ ସ୍ୱେଚ୍ଛାସେବକମାନେ ଅଂଶଗ୍ରହଣ କରିଥିଲେ। ପୂର୍ବତଟ ରେଳବାଇର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ, ପୂର୍ବତଟ ରେଳବାଇର ଏମଡି ଡା. ସତୀଶ ପ୍ରଧାନ ଏହି ଶିବିରର ଉଦ୍‌ଘାଟନ କରିଥିଲେ। ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ୟୁନିକ୍‌ର ପକ୍ଷରୁ ସଭାପତି ରୋଟାରିଆନ୍ ସଂଘମିତ୍ରା ରଥ ଓ ଅନ୍ୟାନ୍ୟ ରୋଟାରିଆନ୍‌ମାନେ ଉପସ୍ଥିତ ଥିଲେ। କ୍ଲବ ସଭାପତିଙ୍କ ସହିତ ଅନେକ ରୋଟାରିଆନ୍ ସକ୍ରିୟଭାବରେ ରକ୍ତଦାନ କରି ମାନବ ସେବାର ଏକ ପ୍ରେରଣାଦାୟକ ଉଦାହରଣ ସ୍ଥାପନ କରିଥିଲେ। ଡାକ୍ତର, ଚିକିତ୍ସା କର୍ମଚାରୀ ଓ ସ୍ୱେଚ୍ଛାସେବକମାନଙ୍କ ଅବଦାନରେ ଶିବିରର ସୁଚାର ରୂପେ ପରିଚାଳନା ହୋଇଥିଲା।

ସକାଳ THE SAKALA



# ସାଂସଦଙ୍କୁ ଭେଟିଲା ଜର୍ଣ୍ଣାଲିଷ୍ଟ ଆସୋସିଏସନ

ଝାରବନ୍ଧ,୨୭।୮ (ସମିସ): ଝାରବନ୍ଧ ଜର୍ଣ୍ଣାଲିଷ୍ଟ ଆସୋସିଏସନର ନୂଆଁଖାଇ ଭେଟ୍‌ଘାଟ ତଥା ଦ୍ୱିତୀୟ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ପାଇଁ ବୁଧବାର ସାଂସଦ ପ୍ରଦୀପ ପୁରୋହିତଙ୍କୁ ଭେଟିଛି ଆସୋସିଏସନ। ନୂଆଁଖାଇ ଭେଟ୍‌ଘାଟ ତଥା ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳନ ଅବସରରେ ମୁଖ୍ୟତଃ ଶିଶୁ ସାମ୍ବାଦିକ ତାଲିମ ଶିବିର, କଳା, ସାହିତ୍ୟ, କୁଇଜ, ତର୍କ, ନୃତ୍ୟ, ଗୀତର ପ୍ରତିଯୋଗିତା ବିଭିନ୍ନ ଅନୁଷ୍ଠାନ ତଥା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହେବାର ସୂଚନା ରହିଛି। ଜର୍ଣ୍ଣାଲିଷ୍ଟ ଆସୋସିଏସନର ସଭାପତି ମୋତିଲାଲ ବାଗ, ସମ୍ପାଦକ ସୋମନାଥ ବାଗ, କୋଷାଧ୍ୟକ୍ଷ ସୌଦାଗର ବରିହା, ମିଡିଆ ପ୍ରଭାରୀ ନାରାୟଣ ଶତନାମୀ ସାଂସଦଙ୍କୁ ଭେଟିଥିଲେ। ସାଂସଦ ଶ୍ରୀ ପୁରୋହିତ ଜର୍ଣ୍ଣାଲିଷ୍ଟ ଆସୋସିଏସନର ନୂଆଁଖାଇ ଭେଟ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି। ଆସନ୍ତା ସେପ୍ଟେମ୍ବର ମାସ ତୃତୀୟ ସପ୍ତାହରେ ନୂଆଁଖାଇ ଭେଟ୍‌ଘାଟ ୨୦୨୫ ତଥା ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳନ କାର୍ଯ୍ୟକ୍ରମ ହେବାର ଆସୋସିଏସନ ସଭାପତି ମୋତିଲାଲ ବାଗ ସୂଚନା ଦେଇଛନ୍ତି।

# ସ୍ୱାୟତ୍ତ ଶାସନ ଦିବସ ପାଇଁ ପ୍ରତିଯୋଗିତା

ପଦ୍ମପୁର,୨୭।୮ (ସମିସ): ପଦ୍ମପୁର ଟାଉନହଲ ଠାରେ ସ୍ୱାୟତ୍ତ ଶାସନ ଦିବସ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ ପଦ୍ମପୁର ଆନୁକୂଲ୍ୟରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ଅନେକ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଯାଇଛି। ପିଏମଶ୍ରୀ ବାଳିକା ଉଚ୍ଚବିଦ୍ୟାଳୟ ଠାରେ ନୂଆପାଲି ଯୋଗ ଶିବିରର ଯୋଗଗୁରୁ ଓ ତାଙ୍କର ସହକର୍ମଚାରୀ ଯୋଗ ଶିବିର ପରିଚାଳନା କରିଥିଲେ। ସେହିପରି ରାଜୀବ ଟାଉନ୍ ହଲ୍ ଠାରେ ଏସ୍‌ଜିଏଚ୍ ଗ୍ରୁପ୍ ମହିଳା ମାନଙ୍କୁ ନେଇ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରମେଶ ଗୁଲ୍ଲା, ସୁରେନ୍ଦ୍ର ସାହୁ, ବସନ୍ତ ସାହୁ, ଏବଂ ମୀନାକ୍ଷି ଭୋଇ ବିଚାରମଣ୍ଡଳି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ୩୧ ତାରିଖରେ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମରେ ରାଜେନ୍ଦ୍ର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀରାମଚନ୍ଦ୍ର ମାଝୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମହେନ୍ଦ୍ର ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।





























































ସକାଳ THE SAKALA



# ବୈତରଣୀରୁ କମୁଛି ପାଣି; ବଢୁଛି ବିପନ୍ନଙ୍କ ଦୁର୍ଦ୍ଦଶା







ଭଦ୍ରକ/ଆରଡି,୨୭ ।୮ (ସମିସ):

ବୈତରଣୀ ନଦୀରେ ଦେଖାଦେଇଥିବା ବନ୍ୟା କମୁଥିଲେ ମଧ୍ୟ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି । ଚାନ୍ଦବାଲି ବ୍ଲକର ୪ଟି ପଞ୍ଚାୟତର ବନ୍ୟା ସ୍ଥିତିରେ ସାମାନ୍ୟ ସୁଧାର

- ୪ ଦିନ ହେଲା ଜମି ଓ ପଥରୁ ଖସୁନି ପାଣି
- ଉଜୁଡିବ ଶହଶହ ଏକର ସାରଦା ଧାନତଳି
- ପାନ୍ଥନିବାସ ନିକଟରେ ଦବିଲା ଜାତୀୟ ରାଜପଥର କଲଭର୍ଟ



ଆସିଥିଲେ ମଧ୍ୟ ଏବେବି ୩ଟି ରାସ୍ତାରେ ବନ୍ୟା ପାଣି ପ୍ରବାହିତ ହେଉଛି । ଆରଡି, ଓଳଗ, ନାନ୍ଦପୁର ପଞ୍ଚାୟତର ୧୪ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ରହିଛି । ସେହିପରି ୫ଦିନ ହେଲା ଶହଶହ ଏକର ଚାଷଜମି ଜଳମଗ୍ନ ହୋଇ ରହିଛି । ଭୋକ ଉପାସରେ ଗୃହପାଳିତ ପଶୁ ଗାଁଦାଣ୍ଡ ଓ ନଦୀବନ୍ଧର ଆଶ୍ରୟ ନେଇଛନ୍ତି । ବିଶେଷକରି ବୈତରଣୀ ନଦୀ ଆଖଣ୍ଡଳମଣି-କୁଆଖିଆ ୨୦ନମ୍ବର ଜାତୀୟ ରାଜପଥର୍ ୱୋଡକ ଠାରେ କୂଳ ଲଙ୍ଘିବାରୁ ୧କିମି ରାସ୍ତା ଧୋଇ ନେଇଛି । ତାହାସହ ଆରଡି ବସଷ୍ଟାଣ୍ଡ ନିକଟ ପାନ୍ଥନିବାସ ପାଖରେ ଜାତୀୟ ରାଜପଥର କଲଭର୍ଟ ଦବିଯିବାରୁ ଏକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି । ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ବ୍ଲକର ତଳିଆ ଅଞ୍ଚଳରେ ବିପନ୍ନଙ୍କୁ ଭେଟି ଭଲମନ୍ଦ ବୁଝିଛନ୍ତି । ସେହିପରି ଜିଲା ପ୍ରଶାସନ ଅଧିକାରୀ ବନ୍ୟାଚଂଳକୁ ଯାଇ ବିପନ୍ନଙ୍କୁ ଭେଟିବା ସହ ଜଳବନ୍ଦୀ ହୋଇ ରହିଥିବା ବିପନ୍ନ ମାନଙ୍କ ପାଇଁ ରନ୍ଧାଖାଦ୍ୟ ପାଣି ଛାଡ଼ିୱା ଯାଏଁ ଯୋଗାଇ ଦେବାକୁ କହିଛନ୍ତି ଭଦ୍ରକ ଜିଲ୍ଲାପାଳ ଦିଲିପ ରାଉତରାୟ ।

## ପଞ୍ଜୀକରଣ କାଉଣ୍ଟରରେ ରୋଗୀଙ୍କ ନାହିଁ ନ ଥିବା ଭିଡ଼

ଧାମନଗର,୨୭ ।୮ (ସମିସ): ରାଜ୍ୟ ସରକାର ଜନସାଧାରଣଙ୍କ ସୁବିଧା ସୁଯୋଗ ନିମନ୍ତେ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ବିଭିନ୍ନ ଯୋଜନାରେ ଅର୍ଥ ବ୍ୟୟବରାଦ ସହ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରୁଛନ୍ତି । ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଔଷଧ ବଣ୍ଟନ ତଥା ପଞ୍ଜୀକରଣ କେନ୍ଦ୍ରରେ ନାହିଁ ନଥିବା ଭିଡ଼ ପରିଲକ୍ଷିତ ହୋଇଛି । ଗୋଟିଏ କାଉଣ୍ଟର ଯୋଗୁ ପ୍ରବଳ ଭିଡ ହେଉଛି । ଫଳରେ ରୋଗୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଔଷଧ ବିତରଣ ଏବଂ ପଞ୍ଜୀକରଣ ପାଇଁ ସୁବ୍ୟବସ୍ଥା କରାଗଲେ ରୋଗୀ ଉପକୃତ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

## କଳାବ୍ୟାଜ ପିନ୍ଧି ପ୍ରାଣୀ ଚିକିତ୍ସାଳୟ କର୍ମଚାରଙ୍କ ଆନ୍ଦୋଳନ

ଦୋଳସାହି,୨୭ ।୮ (ସମିସ): କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଛନ୍ତି ପ୍ରାଣୀ ଚିକିତ୍ସାଳୟର କର୍ମଚାରୀ । ରାଜ୍ୟରେ ସମସ୍ତ ପ୍ରାଣୀ ଚିକିତ୍ସାଳୟର କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ ବିଭିନ୍ନ ଦାବି ନେଇ ସୋମବାରଠାରୁ କଳାବ୍ୟାଜ ପିନ୍ଧି କାର୍ଯ୍ୟ କରୁଛନ୍ତି । ଏହି କ୍ରମରେ ତିହିଡ଼ି ପ୍ରାଣୀ ଚିକିତ୍ସାଳୟର ସମସ୍ତ କର୍ମଚାରୀ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି । ସୂଚନାନୁଯାୟୀ, ତିହିଡି ପ୍ରାଣୀ ଚିକିତ୍ସାଳୟକୁ ୩ ବର୍ଷ ଧରି ଔଷଧ ସରକାରଙ୍କ ତରଫରୁ ମିଳୁନଥିବା ସହ ୫ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି । ଏନେଇ ଦୈନିକ "ସକାଳ'ରେ ଗତ କିଛିଦିନ ତଳେ ଏକ ଖବର ପ୍ରକାଶ ପାଇଥିଲା । ଚାଷୀଙ୍କ ପାଇଁ ସହାୟତା ସମ୍ପର୍କରେ ସୂଚନା ଦେବା ନିମନ୍ତେ ହେଉଥିବା କାର୍ଯ୍ୟକ୍ରମ ପାଇଁ ସରକାର ଟଙ୍କାଟିଏ ଦେଉ ନ ଥିବାବେଳେ କର୍ମଚାରୀମାନେ ନିଜ ପକେଟ୍‌ରୁ ଖର୍ଚ୍ଚ କରି ଚାଷୀଙ୍କୁ ସଚେତନ କରୁଛନ୍ତି । ସେହିପରି ଚାଷ ନିମନ୍ତେ ଯୋଗାଇ ଦିଆଯାଉଥିବା ସରକାରୀ ସହାୟତାର ତଦନ୍ତ ଓ ଚାଷୀଙ୍କୁ ସହଯୋଗ କରିବା ପାଇଁ ଇଣ୍ଟରନେଟ ଖର୍ଚ୍ଚ ମଧ୍ୟ ନିଜ ହାତରୁ କର୍ମଚାରୀ କରୁଛନ୍ତି ବୋଲି ତିହିଡି ପ୍ରାଣୀ ଚିକିତ୍ସାଳୟର ଚିକିତ୍ସକ ଡାକ୍ତର ନିରାକାର ଜେନା କହିଛନ୍ତି ।

## ନିଲମ୍ବିତ ସମ୍ପାଦକଙ୍କ ବିରୋଧରେ ଥାନାରେ ଅଭିଯୋଗ




ଭଣ୍ଡାରିପୋଖରୀ,୨୭।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ସରସଦା ସେବା ସମିତିର ନିଲମ୍ବିତ ସମ୍ପାଦକ ଅଜୟ ବେହେରା ଉଦ୍ଦେଶ୍ୟମୂଳକ ଭାବେ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି । ସମିତିର ଗୁରୁତ୍ୱପୂର୍ଣ୍ଣ ନଥିପତ୍ର, ଲେଜର ଓ ଅନ୍ୟାନ୍ୟ କାଗଜାତ ନିଜ ହେପାଜତରେ ରଖି ଜାଣିଶୁଣି ସମିତିକୁ ଅଚଳ କରୁଥିବା ଅଭିଯୋଗ କରି ସମିତି ପରିଚାଳନା ପରିଷଦ ସଭାପତି ଅବିନାଶ ରାଉତ ଓ ସଦସ୍ୟମାନେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି । ଶ୍ରୀ ରାଉତ ନିଲମ୍ବିତ ହେବା ପରେ କାର୍ଯ୍ୟାଳୟରେ ଯୋଗାଦାନ କରୁନାହାନ୍ତି କି ସମିତି ପରିଚାଳନାରେ ସହଯୋଗ କରୁନାହାନ୍ତି । ଏହାଦ୍ୱାରା ଜନସାଧାରଣଙ୍କ ସ୍ୱାର୍ଥକୁ ବାଧା ଦିଆଯାଉଛି । ଏଥିପାଇଁ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗରେ ଅନୁରୋଧ କରାଯାଇଛି । ମାତ୍ର ରିପୋର୍ଟ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଏଥିନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଜଣାଯାଇଛି ।

## ବିଧାୟକଙ୍କୁ ମିଳିଲାନି ବୋଟ୍; ବିପନ୍ନଙ୍କୁ ଭେଟି ନ ପାରି ଫେରିଲେ



ଧାମନଗର,୨୭ ।୮ (ସମିସ): ଧାମନଗର ବ୍ଲକ ହସନାବାଦ ପଞ୍ଚାୟତର ବନ୍ୟାଞ୍ଚଳ ପରିଦର୍ଶନ ଏବଂ ପାଣି ଘେରରେ ଥିବା ସମ୍ପର୍କୀୟ ଏବଂ ବିପନ୍ନଙ୍କୁ ଭେଟିବା ପାଇଁ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଭଦ୍ରକ ଜିଲ୍ଲାପାଳଙ୍କୁ ଜଣାଇଥିଲେ; ହେଲେ ମିଛଆଳ ଦେଖାଇ ବୋଟ ଲୁଚାଇ ଦେଲା ପ୍ରଶାସନ । ବିଧାୟକ ଶ୍ରୀ ମଲ୍ଲିକ ଜିଲ୍ଲାପାଳ, ପି ଡି ଏବଂ ବିଡ଼ିଓଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରି ଅନଳଡିହଠାରୁ ଫେରି ଆସିଥିଲେ । ଜିଲ୍ଲା ପ୍ରଶାସନ ଏଭଳି କାର୍ଯ୍ୟକୁ ନାପସନ୍ଦ କରିବା ସହିତ କ'ଣ ଲୁଚାଇବାକୁ ଚାହୁଁଛନ୍ତି ବୋଲି ସାମ୍ବାଦିକଙ୍କ ମାଧ୍ୟମରେ ପ୍ରଶ୍ନ କରିଛନ୍ତି ବିଧାୟକ ଶ୍ରୀ ମଲ୍ଲିକ । ରାଜ୍ୟ ସରକାର ପ୍ରଶାସନକୁ ହାତବାରିସି କରି ବିଧାୟକଙ୍କ ନିଜ ଅଧିକାର ଛଡାଇ ନେଉଛି ଏବଂ ତାଙ୍କ ମର୍ଯ୍ୟାଦାହାନି କରୁଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ମଙ୍ଗଳବାର ଧାମନଗର ବ୍ଲକ ଅନ୍ତର୍ଗତ ନିଜ ଜନ୍ମମାଟି ହସନାବାଦସହ ଅର୍ଜୁନପୁର ଆଦି ବିଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତି ଅନୁଧ୍ୟାନ ପରେ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦେବାକୁ ସରକାରଙ୍କ ସହ ଆଲୋଚନା କରିଥାନ୍ତେ । ତାଙ୍କ ସହ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ସମାଜସେବୀ ଡାକ୍ତର ସଞ୍ଜୟ ଦାସ, ବିଜେଡି ବ୍ଲକ୍ ସଭାପତି ପ୍ରତାପ ସାମଲ, ପୂର୍ବତନ ସଭାପତି ଉମେଶ ମହାନ୍ତି, ଯୁବ ସଭାପତି ଭାରତ ବିଜୟ ଦଲେଇ, ସ୍ଥାନୀୟ ସରପଞ୍ଚ ଅଜୟ କୁମାର ମଲ୍ଲିକ, ଅର୍ଜୁନପୁର ସରପଞ୍ଚ ସରିତା ମହାନ୍ତି ଓ ବିଜୁ ଜନତା ଦଳର ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।

## ଦୁଃଖ ଦେଇଗଲା ବୈତରଣୀ; ବ୍ୟାପକ କ୍ଷତି

ବାରିକପୁର,୨୭ ।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀରେ ଚଳିତ ବର୍ଷ ଏଯାବତ ୩ଟି ବନ୍ୟା ଆସିଛି । ପ୍ରଥମ ବନ୍ୟାଜଳ ନଦୀରେ ନିଷ୍କାସିତ ହୋଇଥିବା ବେଳେ ଶେଷ ଦୁଇଟି ବନ୍ୟା ଜନବସତି ମୁହାଁ ହୋଇଥିଲା । ବିଶେଷ କରି କଣ୍ଟି ଏସକେପ ଦେଇ ପ୍ରବାହିତ ହୋଇଥିବା ବନ୍ୟା ଜଳ ଖୋଳା ନଈରେ ନିଷ୍କାସନ ହୋଇଥିବା ଯୋଗୁଁ ପାର୍ଶ୍ୱବର୍ତ୍ତୀ ଚାଷଜମି କ୍ଷତିଗ୍ରସ୍ତ ହୋଇଛି । ବ୍ଲକର ଷୋଳମପୁର, ଟିଖିଲିଆ, ପୁରିଆପଦା, ମଣିନାଥପୁର, ବରାହନୂଆପଡା, ବିନ୍ଧାଣ, ବିରୋଳୀ, ମୁଢାପଦା, ଚତୁର୍ଭୁଜପୁର, ଟିଖିଲିଆ ଆଦି ସ୍ଥାନରେ ଯେଉଁ ଚାଷୀ ବରିବା ଚାଷ କରିଥିଲେ ସେମାନେ ବିଶେଷ କ୍ଷତି ସହିଛନ୍ତି । ପାଳବାଡିରେ ଦୁଇ ଦୁଇ ଥର ବନ୍ୟା ପାଣି ପଶିଯିବାରୁ ଅନେକ ପନିପରିବା ଚାଷ ନଷ୍ଟ ହୋଇଛି । ବର୍ଷା ଦିନିଆ କାକୁଡି, ଜହ୍ନି, ଛଅଁଶା, କଖାରୁ, ଝୁଡୁଙ୍ଗ,କଲରା, କୁନ୍ଦୁରି ଆଦି ଲତା ଜାତୀୟ ପନିପରିବା ଗଛରେ ବନ୍ୟା ଜଳ ସ୍ପର୍ଶ କରିବା ଯୋଗୁଁ ସେଗୁଡିକ



ଅନେକାଂଶରେ ପଚି ଯାଇଛି । ଏହାଛଡା ଶୀତ ଋତୁ ପାଇଁ ପଡ଼ିଥିବା ବିଭିନ୍ନ ପ୍ରକାର ଶାଗ ସମେତ ପନିପରିବା ଚାରା ମଧ୍ୟ ଅତ୍ୟଧିକ ବର୍ଷା ଓ ବନ୍ୟା ପାଣି ମାଡ଼ରେ ନଷ୍ଟ ହୋଇଥିବା ଜଣାପଡିଛି । ଚାଷୀ ମାନେ ଏବେ ପାଳକୁ ଦେଖି ମୁଣ୍ଡରେ ହାତ ଦେଇଛନ୍ତି । ପନିପରିବା ଚାଷକୁ ଛାଡିଦେଲେ ଖରିଫ୍ ଧାନ ଚାଷ ମଧ୍ୟ ଏଯାଏଁ ବୁଡି ରହିଥିବା ଯୋଗୁଁ ସେଗୁଡିକ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି । ପ୍ରାୟ ୫/୭ ଖଣ୍ଡ ଗାଁର ଚାଷୀଙ୍କୁ ନଈ ଦାରୁଣ ଦୁଃଖ ଦେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ବିଶେଷ କରି କ୍ଷୁଦ୍ର, ନାମମାତ୍ର, ମଧ୍ୟମ ଓ ଭାଗଚାଷୀ ମାନେ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା କୁହାଯାଇଛି । ତେଣୁ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିକୁ ଆକଳନ କରାଯାଇ ତୁରନ୍ତ କ୍ଷତିପୂରଣ ପ୍ରଦାନ ପାଇଁ ଦାବି ଉଠିଛି ।

● ବର୍ଷେ ବିତିଲା; ସମାଧାନ ହେଲାନି ଶିକ୍ଷକଙ୍କ ସମସ୍ୟା

## ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିଲା ଦାବିପତ୍ର



(ଫାଇଲ ଫଟୋ)

ଭଦ୍ରକ,୨୭ ।୮ (ସମିସ): ରାଜ୍ୟରେ କାର୍ଯରତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଦୀର୍ଘ ୩୦ରୁ ୩୫ବର୍ଷ ଧରି ନିରବଚ୍ଛିନ୍ନଭାବେ ନନଫର୍ମାଲ ଶିକ୍ଷା, ଇଜିଏସ, ଶିକ୍ଷା ସହାୟକ, ଗଣଶିକ୍ଷକ, ଲେବୁଲ ଭି (ଏ) ଓ ଏକ୍ସ କ୍ୟାଡର ରୂପେ କାର୍ଯ୍ୟ କରିଆସୁଛନ୍ତି । କିଛି ଗଣଶିକ୍ଷକ, ଲେବୁଲ ଭି (ଏ)ଓ ଏକ୍ସ କ୍ୟାଡର ଅବସର ନେଇଥିବାବେଳେ ଘରକୁ ଖାଲି ହାତରେ ଫେରିଛନ୍ତି । ଏ ନେଇ ଗତ ବର୍ଷ ଅଗଷ୍ଟ ମାସରେ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଜରିଆରେ ସମସ୍ୟା ସଂପର୍କରେଜଣାଇଥିଲେ । ଇତିମଧ୍ୟରେ ଏକବର୍ଷ ବିତିଯାଇଥିଲେ ହେଁ ଶିକ୍ଷକଙ୍କ ସମସ୍ୟା ସମାଧାନ ହୋଇପାରିନାହିଁ । ରାଜ୍ୟରେ ବର୍ତ୍ତମାନ ପ୍ରାୟ ୨୧ ହଜାର ଲେବୁଲ ଭି (ଏ )ଓ ଏକ୍ସ କ୍ୟାଡର ଶିକ୍ଷକ କାର୍ଯ୍ୟରତ । ଏମାନେ ପୂର୍ବରୁ ନନ୍‌ଫର୍ମାଲ ଶିକ୍ଷା, ଇଜିଏସ, ଗଣଶିକ୍ଷକ, ଶିକ୍ଷା ସହାୟକଭାବେ କାର୍ଯ୍ୟ କରି ଦୀର୍ଘ ୩୦/୩୫ବର୍ଷର ଅଭିଜ୍ଞତା ରହିଛି । ଏମାନଙ୍କୁ ସିଧାସଳଖ ଏଲିମେଣ୍ଟାରି ଶିକ୍ଷକ ରୂପେ ମାନ୍ୟତା ଦେବା ସହ ମୂଳ ଚାକିରି ନନଫର୍ମାଲ ଶିକ୍ଷାକୁ ଗ୍ରହଣକରି ପୁରୁଣା ପେନସନ ଦେବାକୁ ମହାସଂଘର ସଭାପତି ଛବିଲତା ବାରିକ, ସମ୍ପାଦକ ଅନିୟ କୁମାର ବରାଳ, ପ୍ରକାଶ ବେହେରା, ସୁଶାନ୍ତ ଜ୍ୟୋତିଶ, ମହାଦେବ ସେଠି, କସ୍ତୁରୀ ଚରଣ ଜେନା, ସନ୍ତୋଷ କୁମାର ଦାସ ପ୍ରମୁଖ ଦାବି କରିଥିଲେ । ହେଲେ ଏ ଯାଏ ସମସ୍ୟା ସମାଧାନ ହୋଇ ନ ଥିବାରୁ ଅବସରନେଉଥିବା ଶିକ୍ଷକମାନେ ପରିବାର ଚଳାଇବା ବଡ଼କଷ୍ଟକର ହୋଇଛି । ପିଲାମାନଙ୍କ ପାଠପଢ଼ା, ବାପା ମା'ଙ୍କ ମେଡ଼ିସିନ ଓ ନିଜର ମେଡ଼ିସିନ କିଣିବାକୁ ଅର୍ଥ ବାଧକ ସାଜିଛି ବୋଲି ସଂଘ ଅଭିଯୋଗ କରିଛି । ସରକାର ତୁରନ୍ତ ଏମାନଙ୍କର ମୂଳ ଚାକିରିକୁ ଗ୍ରହଣ କରି ପୁରୁଣା ପେନସନ ଦେବା ସହ ଏଲିମେଣ୍ଟାରି ଶିକ୍ଷକ ରୂପେ ମାନ୍ୟତା ଦେବାକୁ ଦାବି କରିଛି ସଂଘ ।

## ଜିଲ୍ଲାସ୍ତରୀୟ ସିଏମ କିଷାନ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ



ଭଦ୍ରକ,୨୭ ।୮ (ସମିସ): କୃଷିଭିତ୍ତିକ ଗଣପର୍ବ ପବିତ୍ର ନୂଆଁଖାଇ ଅବସରରେ ବୁଧବାର ଜିଲ୍ଲାସ୍ତରୀୟ ସିଏମ କିଷାନ ରବି-୨୦୨୫-୨୬ ର ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା, ଯୁବସେବା ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ସମ୍ମାନିତ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ସହଯୋଗୀ ନିର୍ଦ୍ଦେଶକ ଗବେଷଣା ବିଶ୍ୱରଞ୍ଜନ ନାୟକ ଯୋଗଦାନ କରି କୃଷକ ମାନଙ୍କର ଆୟ ଦ୍ୱିଗୁଣିତ କରିବା ପାଇଁ ମତ ରଖିଥିଲେ । ଭଦ୍ରକ ଜିଲ୍ଲାରେ ସମୁଦାୟ ୨ ଲକ୍ଷ ୪୮ ହଜାର ୨୩୫ ଜଣ କୃଷକଙ୍କ ଜମା ଖାତାକୁ ସର୍ବମୋଟ ୪୯କୋଟି ୬୪ଲକ୍ଷ ୭୦ହଜାର ଟଙ୍କା ଡ଼ିବିଟି ମାଧ୍ୟମରେ ପ୍ରଦାନ କରାଗଲା । ପରିଶେଷରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଦ୍ୱିଜବର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ୟାମସୁନ୍ଦରପୁର ସମବାୟ ସମିତି ପୂର୍ବତନ ସମ୍ପାଦକ ଚୋରି ଅଭିଯୋଗରେ ଦଣ୍ଡିତ

ଭଦ୍ରକ,୨୭ ।୮ (ସମିସ):

ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିବେଦିତା ପଣ୍ଡା ମଙ୍ଗଳବାର ତିହିଡ଼ି ଥାନା ଶ୍ୟାମସୁନ୍ଦରପୁର ଗାଁର ଗୋବିନ୍ଦ ମଳିକଙ୍କ ପୁଅ ଇନ୍ଦ୍ରମଣି ମଳିକଙ୍କୁ ଏକ ଟ୍ରାକ୍ଟର ଚୋରି ଅଭିଯୋଗରେ ଦଫା ୩୭୯ରେ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ହଜାର ଟଙ୍କା ଜରିମାନା, ଅନାଦେୟ୨ ମାସ ପୁନଶ୍ଚ କାରାଦଣ୍ଡ ଆଦେଶ ଦେଇଛନ୍ତି । ଘଟଣାରୁ ପ୍ରକାଶ ଯେ, ଶ୍ୟାମସୁନ୍ଦରପୁର ସେବା ସମବାୟ ସମିତିରୁ ସେହି ଗାଁର ଇନ୍ଦ୍ରମଣି ମଳିକ ଏକ ଟ୍ରାକ୍ଟର ୧୯୯୯ ମସିହାରେ ଋଣରେ ଆଣିଥିଲେ; ଯାହାର ନମ୍ବର-ଓଆର୦୧ବି-୮୫୦୧ଏବଂ ମାସିକ କିସ୍ତି ମଧ୍ୟ ପରିଶୋଧ କରି ଆସୁଥିଲେ; କିନ୍ତୁ ପରେ ନିଜର ଆର୍‌ଥିକ ଅନଟନ ଯୋଗୁଁ ଋଣ ପରିଶୋଧ କରିପାରି ନ ଥିଲେ । ସେ ସମୟରେ ଶ୍ୟାମସୁନ୍ଦରପୁର ସେବା ସମିତିର ସମ୍ପାଦକ ଅଭିଯୁକ୍ତ ଶଙ୍କର୍ଷଣ ଦାସ ତାଙ୍କୁ ଋଣ ପରିଶୋଧ କରିବା ପାଇଁ ତାଗିଦ୍ କରିଥିଲେ ଏବଂ ଶେଷରେ ଇନ୍ଦ୍ରମଣି ମଳିକ ବିଲରେ ହଳ କରୁଥିବା ବେଳେ ଟ୍ରାକ୍ଟରକୁ ଜୋର ଜବରଦସ୍ତ ଜବତ କରି ନେଇ ଆସିଥିଲେ । ପରେ ସେବା ସମବାୟ ସମିତି ତରଫରୁ ସେ ଟ୍ରାକ୍ଟରଟିକୁ ଭଡ଼ାରେ ଲଗାଇ ଇନ୍ଦ୍ରମଣି ମଳିକଙ୍କ ଋଣ ପରିଶୋଧ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହେଲେ କିଛି ଦିନ ପରେ ଋଣ ପରିଶୋଧ ପାଇଁ ସେବା ସମବାୟ ସମିତି ତରଫରୁ ଇନ୍ଦ୍ରମଣି ମଳିକଙ୍କ ନିକଟକୁ ଏକ ନୋଟିସ୍ ଆସିବାରୁ ସେ ସମବାୟ ସମିତିରେ ପହଞ୍ଚି ସମ୍ପାଦକ ଶଙ୍କର୍ଷଣ ଦାସ ଟ୍ରାକ୍ଟରକୁ ଋଣ ପରିଶୋଧ କରିବା ପାଇଁ ନେଇ ଆସିଛନ୍ତି ବୋଲି କହିଥିଲେ । ତେବେ ସେତେବେଳର ସମ୍ପାଦକ ସମିତି ତରଫରୁ ସେମିତି କୌଣସି ଟ୍ରାକ୍ଟର ଜବତ ହୋଇନାହିଁ ବୋଲି କହିଥିଲେ । ତେଣୁ ଇନ୍ଦ୍ରମଣି ମଳିକ ବାଧ୍ୟ ହୋଇ ଗତ ୨୦୦୮ ମସିହା ଅଗଷ୍ଟ ୧୭ ତାରିଖରେ ତତ୍କାଳୀନ ସମ୍ପାଦକ ଶଙ୍କର୍ଷଣ ଦାସ ତାଙ୍କ ଟ୍ରାକ୍ଟରକୁ ଚୋରି କରି ନେଇଯାଇଥିବା ନେଇ ଏକ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଅଭିଯୋଗ ପାଇ ଏକ ମାମଲା ରୁଜୁ କରିଥିଲା । ତେବେ ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା ଯେ, ଶଙ୍କର୍ଷଣ ଉକ୍ତ ଟ୍ରାକ୍ଟରକୁ ନେବା ପରେ ତାର ସମସ୍ତ ଯନ୍ତ୍ରାଂଶକୁ ଖୋଲି ତିହିଡ଼ି ଥାନା ପାଳିଆ ଗାଁର ସେକ୍ ଦିଲାଙ୍କୁ ବିକ୍ରି କରି ଦେଇଛି ଏବଂ ବିକ୍ରି ଟଙ୍କାକୁ ନିଜେ ହଡପ କରିଦେଇଛି । ତଦନ୍ତ ବେଳେ ପୁଲିସ ଉକ୍ତ ଟ୍ରାକ୍ଟରର ଯନ୍ତ୍ରାଂଶ ମଧ୍ୟ ଉଦ୍ଧାର କରି ଜବତ କରିଥିଲା । ଟ୍ରାକ୍ଟର ଚୋରି ଅଭିଯୋଗରେ ପୁଲିସ ଶଙ୍କର୍ଷଣ ଦାସ ଓ ଚୋରି ଜିନିଷ କିଣିଥିବା ସେକ୍ ଦିଲାଙ୍କ ନାମରେ ୩୭୮, ୪୧୧ ଦଫାରେ ଚାର୍ଜସିଟ ଦାଖଲ କରିଥିଲା । ମାମଲାର ବିଚାର ପରେ କୋର୍ଟ ପ୍ରମାଣ ଅଭାବରୁ ସେକ ଦିଲାଲକୁ ନିର୍ଦ୍ଦୋଷରେ ଖଲାସ କରିଥିବାବେଳେ ଶଙ୍କର୍ଷଣକୁ ଚୋରି ଅପରାଧରେ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡବିଧାନ ଆଦେଶ ଦେଇଛନ୍ତି । ଉକ୍ତ ମୋକଦ୍ଦମାକୁ ସରକାରଙ୍କ ତରଫରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ପଙ୍କଜ କୁମାର ଦାସ ପରିଚାଳନା କରିଥିଲେ ।

# ଭୁବନେଶ୍ୱର ସିଟି


ଅଶୋକ ନଗର ୟୁଥ୍ ଆସୋସିଏସନ


ସାମନ୍ତରାପୁର ଛକ ପ୍ରଗତି କ୍ଲବ


ଶ୍ରୀ ସିଦ୍ଧି ବିନାୟକ ୟୁଥ୍ ଆସୋସିଏସନ


ପତିତପାବନ ଯୁବ ପରିଷଦ





ୟୁନିଟ ୪ ଏମ୍‌ଏଲ୍‌ଏ କଲୋନୀ




ୟୁନିଟ୍-୧


ଓଡ଼ିଶା ବିକାଶ ପରିଷଦ, ଭୌମ୍ୟ ନଗର


'ଭାଇଚାରା ପୂଜା କମିଟି' ଡୁମଡୁମା


ସହିଦ ନଗର ସହିଦ କ୍ଲବ


ସିଜୁଆ


ବକୁଳ ଫାଉଣ୍ଡେସନ୍ ପକ୍ଷରୁ ଫରେଷ୍ଟ ପାର୍କରେ ଗଛ ଗଣେଶଙ୍କ ପୂଜା



'ନନ୍ଦିଘୋଷ' ଓ 'ସକାଳ' କାର୍ଯ୍ୟାଳୟରେ ଗଜାନନଙ୍କ ଆବାହାନ

## ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭଃ

ଭୁବନେଶ୍ୱର, ୨୭।୮ (ସମିସ): ରାଜଧାନୀର ବିଭିନ୍ନ ସ୍ଥାନରେ ଉତ୍ସାହ, ଉଦ୍ଦୀପନାର ସହ ବିଘ୍ନ ବିନାଶକ ପ୍ରଭୁ ଗଣେଶଙ୍କ ଆରଧନା ସମ୍ପନ୍ନ ହୋଇଛି। ଚାରିଆଡ଼େ ଆଧ୍ୟାତ୍ମିକ ପରିବେଶ ସାଙ୍ଗକୁ ଚଳଚଞ୍ଚଳ ହୋଇ ଉଠିଥିଲା ସହରର ଗଳିକନ୍ଦି। ରାଜଧାନୀରରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ସକାଳୁ ସକାଳୁ ଦେଖିବାକୁ ମିଳିଥିଲା ଉତ୍ସବର ମାହୋଲ। ବିଭିନ୍ନ ଶିକ୍ଷାନୁଷ୍ଠାନ ସାଙ୍ଗକୁ ପୂଜା କମିଟି, ବ୍ୟବସାୟିକ ସଂଘ ଓ କର୍ପୋରେଟ୍ ସଂସ୍ଥା ଗୁଡ଼ିକରେ ନିଆରା ଢଙ୍ଗରେ ଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା। ସହିଦନଗର ୱେଲଫେୟାର ଆସୋସିଏସନ୍, ଗୁରୁକୂଳ ଶିକ୍ଷାଶ୍ରମ, ଅଶୋକ ନଗର ଖବର କାଗଜ ବିତର୍କ ସଂଘ, ରାଜଧାନୀ ଖବରକାଗଜ ବିକ୍ରେତା ସଂଘ, ୟୁନିଟ୍ -୬ ଫ୍ରେଣ୍ଡସ୍ ଆଣ୍ଡ ଫ୍ରେଣ୍ଡସ୍ କ୍ଲବ୍, ପୁରୁଣା ବସ୍‌ଷ୍ଟାଣ୍ଡ ଖବରକାଗଜ ବିତରକ ସଂଘ, କଳିଙ୍ଗ ଷ୍ଟାଡିୟମ୍ ସ୍ପୋର୍ଟସ ହଷ୍ଟେଲ, ଭୌମନଗର, ଆଚାର୍ଯ୍ୟ ବିହାର, କଳ୍ପନା ଚକ ପୂଜା ସମିତି, ବୁଦ୍ଧ ନଗର, ବଡ଼ଗଡ଼, ଟଙ୍କପାଣି ରୋଡ୍ ଗୋଲଡେନ୍ କ୍ଲବ୍, ତିନିମୁଣ୍ଡିଆ ଛକ, ବଢ଼େଇବାଙ୍କ ଛକ, ଯାମେଶ୍ୱର ପାଟଣା, ଫରେଷ୍ଟ ପାର୍କ ୟୁଥ୍ ଆସୋସିଏସନ୍, ବାପୁଜୀନଗର ଯୁବ ମହାସଂଘ ଆଦି ବିଭିନ୍ନ ସଂଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ଧୁମ୍‌ଧାମରେ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ସେହିପରି ଗଙ୍ଗନଗରସ୍ଥିତ ଜୀବନ ଜ୍ୟୋତି ସେବା ସଂଘ, ଉଇନର୍ ଆସୋସିଏସନ୍, ସହିଦନଗର, ସହିଦନଗର ହାଟ ବଣିକ ସଂଘ ପକ୍ଷରୁ ଆକର୍ଷଣୀୟ ମୂର୍ତ୍ତି ସାଙ୍ଗକୁ ବଡ଼ଗଡ଼ରେ ବରଗଡ଼ ଗାଁ ବ୍ରାଇଟ୍ ଷ୍ଟାର୍ ୟୁଥ୍ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଗଣେଶ ପୂଜା ଦେଖିବାକୁ ପ୍ରବଳ ଗହଳି ମଚିଥିଲା।


ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟରରେ ଗଣେଶପୂଜା।


ୟୁନିଟ-୮ ସ୍ଥିତ ଅଲ ନିଉଜ ପେପର ସପ୍ଲାୟର୍ସ ଆସୋସିଆଲ ୱେଲଫେୟାର ଆସୋସିଏସନ୍ କାର୍ଯ୍ୟାଳୟରେ ଗଣେଶ ଚତୁର୍ଥୀ ଉତ୍ସବ

## ଭୁବନେଶ୍ୱର ନିୟୁଜ୍‌ପେପର ସପ୍ଲାୟର୍ସ ଆସୋସିଏସନ ପକ୍ଷରୁ ଗଣେଶ ପୂଜା



ଭୁବନେଶ୍ୱର, ୨୭।୮ (ସମିସ): ନିୟୁଜପେପର ସପ୍ଲାୟର୍ସ ଆସୋସିଏସନ, ଭୁବନେଶ୍ୱର ପକ୍ଷରୁ ଦୀନ୍ ଦୟାଲ ଭବନ ମାଷ୍ଟରକ୍ୟାଣ୍ଟିନ ପରିସରରେ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ଦିନ ୧୧.୩୦ରେ ପୂଜା ଆରମ୍ଭ ହୋଇ ୧୨.୩୦ରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ପୂଜା ସରିବା ପରେ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ଏହି ଅବସରରେ ସଭାପତି ଲିଙ୍ଗରାଜ ପାତ୍ର, ସମ୍ପାଦକ କମଳାକାନ୍ତ ଖାମୁରାଇ, ସାଂସ୍କୃତିକ ସମ୍ପାଦକ ଦିଲ୍ଲୀପ ଜେନା, ଉପସଭାପତି ଅରୁଣ ଉଦୟ ପ୍ରଧାନ, ନଟବର ସେନାପତି, ଦେବେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୧୦ ହଜାର କୁଡୁଆରେ ଗଜାନନ



ଭୁବନେଶ୍ୱର, ୨୭।୮ (ସମିସ): ଶାନ୍ତିସ୍ତୁପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭଙ୍ଗା ଅବଢ଼ା କୁଡୁଆରେ ଗଢ଼ିଛନ୍ତି ପ୍ରଭୁ ଗଜାନନଙ୍କ ନିଆରା ମୂର୍ତ୍ତି। ଏହି ମୂର୍ତ୍ତିକୁ ଗ୍ରାମୀଣ ପରିବେଶ ପରି ସଜାଇ ପୂଜା କରିଛନ୍ତି ଛାତ୍ରଛାତ୍ରୀମାନେ। ଏହି ନିଆରା ମୂର୍ତ୍ତି ନିର୍ମାଣ ପାଇଁ ୧୦ ହଜାରରୁ ଅଧିକ ଭଙ୍ଗା ଅବଢ଼ା କୁଡୁଆ, କାଗଜ ପେଟି, କାଗଜ, ଅଠା ଓ ପ୍ରାକୃତିକ ରଙ୍ଗ ବ୍ୟବହାର ହୋଇଥିଲା। ମହାବିଦ୍ୟାଳୟର ବୃନ୍ଦାବନ ପଣ୍ଡା, ଦେବରାଜ ମହାରଣା, ଶୁଭମ୍ ଦାସ, ଶୁଭଙ୍କର ବେହେରା, ଦୀପକ କୁମାର ସାହୁ, ସୌମ୍ୟରଞ୍ଜନ ମହାରଣା, ସିରାଜୌଲ୍ଲା ନାୟକ, ପ୍ରଦତ୍ୟ ଭୋକ୍ତା ଓ ସଚିନ ବେହେରା ଆଦି ୯ ଜଣ ଶିଳ୍ପୀ ଛାତ୍ରଛାତ୍ରୀମାନଙ୍କୁ ଏହି ମୂର୍ତ୍ତି ନିର୍ମାଣ କରିବାକୁ ୧୦ ଦିନ ସମୟ ଲାଗିଥିଲା। ଦୀର୍ଘ ୧୮ ବର୍ଷ ଧରି ଛାତ୍ରଛାତ୍ରୀମାନେ ଏହିପରି ଇକୋ ଫ୍ରେଣ୍ଡଲୀ ମୂର୍ତ୍ତି ତିଆରି କରି ସମାଜକୁ ପ୍ରକୃତିର ସୁରକ୍ଷା ବାର୍ତ୍ତା ଦେଇ ଆସୁଛନ୍ତି।

## ଯାଁଳା ଅଞ୍ଚଳରେ ଗଣେଶ ପୂଜା



ଯାଁଳା, ୨୭।୮ (ସମିସ): ଜଟଣୀ ବ୍ଲକ ଯାଁଳା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ୫୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ଗଣେଶ ପୂଜା ପାଉଛନ୍ତି। ଏଥିରେ ମୁଖ୍ୟତଃ ଗଡଡ କାଶିପୁର ପୂଜା କମିଟି ଦ୍ୱାରା ଯାତ୍ରା ପରିବେଷଣ କରାଯାଉଛି। ଏଥିସହିତ ମୀନା ବଜାର, ବିଭିନ୍ନ ପ୍ରକାର ଚଟପଟି ସୁସ୍ୱାଦ ଦୋକାନ ମାନ ଖୋଲାଯାଇଅଛି, ଏହାଛଡ଼ା ଗୌରିନନ୍ଦନ ପୂଜା କମିଟି, ବିଚ୍ଛନ୍ଦ ଚରଣ ପୂଜା କମିଟି, ପୋଷ୍ଟ ଅଫିସ୍ ଗଳି ପୂଜା କମିଟି, ମଣ୍ଡପ ସାହି ପୂଜା କମିଟି, ରଘୁନାଥ ସାହି ପୂଜା କମିଟି, ମା ବାଟ ଭୂଆସୁଣି ଆଦି ସ୍ଥାନମାନଙ୍କରେ ବଡ଼ ଧରଣର ପୂଜା କରାଯାଇଛି, ଏହି ସ୍ଥାନଗୁଡିକରେ ରଙ୍ଗ ବେରଙ୍ଗର ଆଲୋକରେ ସଜା ହୋଇଛି, ପ୍ରତ୍ୟେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି।

## ଝୁଲନ୍ତା ମୃତଦେହ ଉଦ୍ଧାର

କୁଆମରା, ୨୭।୮(ସମିସ): ଗୁରୁବାର ଘରୁ ପଳାଇ ଯାଇ ୬ ଦିନ ଧରି ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଆଜି ପରିବାର ପକ୍ଷରୁ ନିଜ ବାଡିରୁ ଠାବ କରାଯାଇଛି। ମୃତକ ହେଉଛନ୍ତି ଖୁଣ୍ଟା ଥାନା ଅନ୍ତର୍ଗତ ନବକିଶୋର ପୁର ଗ୍ରାମର ଶାଙ୍ଖ ହାଁସଦା (୪୮)। ଶାଙ୍ଖ ଗତ ଗୁରୁବାର ଅପରାହ୍ନରେ ଘରୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇ ପଡ଼ିଥିବା ବେଳେ ଆଜି ଅପରାହ୍ନରେ ନିଜ ଘର ବାଡିରେ ଥିବା ଏକ ଗଛରେ ବେକରେ ରଶି ଲଗାଇ ଝୁଲୁ ଥିବାର ଦେଖି ଥାନାକୁ ଖବର ଦେଇଥିଲେ। ପରେ ପୁଲିସ ପହଞ୍ଚି ଶବକୁ ଜବତ କରି ତଦନ୍ତ କରୁଛି।

## ଦେଶୀ ମଦଭାଟି ଉପରେ ଚଢ଼ଉ

କୁଆମରା, ୨୭।୮(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ମହ୍ଲାରପଦା ଗ୍ରାମର ଏକ ନିଛାଟିଆ ସ୍ଥାନରେ ବେଆଇନ ଦେଶୀ ମଦ ପ୍ରସ୍ତୁତ ହେଉଥିବା ଅଭିଯୋଗ ପାଇ ଉଦଳା ଓ ଖୁଣ୍ଟା ଅବକାରୀ ବିଭାଗ ଓ ପୁଲିସ ଚଢଉ କରିଥିଲା। ହେଲେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ପରେ ସେଠାରୁ ୧୯୫ ଲିଟର ଦେଶୀ ମଦ ଓ ୨୩୫୦ କେଜି ମହୁଲ ପୋଚକୁ ଜବତ କରାଯାଇ ନଷ୍ଟ କରିଛି ଅବକାରୀ ବିଭାଗ। ଉଦଳା ଅବକାରୀ ବିଭାଗ ଓଆଇସି ସୂର୍ଯ୍ୟକାନ୍ତି ମଲ୍ଲିକ, ଏଏସ୍ଆଇ ରବୀନ୍ଦ୍ର ରେ଼ି, ଖୁଣ୍ଟା ଅବକାରୀ ଥାନା ଅଧିକାରୀ ମମତା ଦାସ, କର୍ମଚାରୀ କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ଚଢଉରେ ସାମିଲ ହୋଇଥିଲେ।

## ଯୌତୁକ ନିର୍ଯାତନା ଅଭିଯୋଗ

ବଡ଼ସାହି, ୨୭।୮(ସମିସ): ବଡ଼ସାହି ଥାନା ଅଧୀନ ଭରତଚନ୍ଦ୍ରପୁର ଗ୍ରାମର ତନିଷା ବେହେରାଙ୍କୁ ତାଙ୍କ ସ୍ୱାମୀ ସୁଧାଂଶୁ ବେହେରା, ଶଶୁର ଶରତଚନ୍ଦ୍ର ବେହେରା ଓ ଶାଶୂ ବାସନ୍ତୀ ବେହେରା ବାପଘରୁ ଅଧିକ ୫୦ ହଜାର ଟଙ୍କା ଯୌତୁକ ଦାବି କରି ବିଭିନ୍ନ ନିର୍ଯାତନା ଦେଇ ଆସୁଥିଲେ। ନିର୍ଯାତନା ଅସହ୍ୟ ହେବାରୁ ତନିଷା ବାପା ଘରେ ଆଶ୍ରୟ ନେଉଥିଲେ। କୌଣସି ଆପୋଷ ସମାଧାନ ନ ହେବାରୁ ସେ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛି। ପୁଲିସ ଅଭିଯୋଗ ପାଇ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ପାଇଁ କଟିବ ୨ ହଜାରରୁ ଉର୍ଦ୍ଧ୍ୱ ଗଛ

# ପ୍ରଶାସନର ନିଷ୍ପତ୍ତିକୁ ଭଞ୍ଜସେନାର ବିରୋଧ



ବାରିପଦା, ୨୭।୮(ସମିସ): ଗତ କିଛି ବର୍ଷ ହେଲା ବାରିପଦା ବିଶ୍ୱର ସବୁଠାରୁ ଉତ୍ତପ୍ତ ସହର ମଧ୍ୟରେ ସ୍ଥାନ ପାଉଛି। ଏହାସତ୍ତ୍ୱେ ବହୁ ସରକାରୀ ଜମି ଥାଇ ସହରରୁ ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ମୂଲ୍ୟବାନ ଗଛ କାଟି ନୂତନ ବସଷ୍ଟାଣ୍ଡ ନିର୍ମାଣ କରିବାର ପ୍ରସ୍ତାବକୁ ଭଞ୍ଜସେନା ତୀବ୍ର ବିରୋଧ କରିଛି। ବୁଧବାର ବାରିପଦା ସହର ଶାଖା ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ଏକ ନକଲ ବାରିପଦା ଡିଏଫଓ ଏବଂ ନଗରପାଳଙ୍କୁ ମଧ୍ୟ ଦିଆଯାଇଛି। ସୂଚନା ଅନୁସାରେ, ବାରିପଦା ସହରର ପାଲବଣି ନିକଟରେ ଆନ୍ତଃରାଜ୍ୟ ବସଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥାନ ଚୟନ କରାଯାଇଛି। ତେବେ ଉକ୍ତ ସ୍ଥାନରେ ଥିବା ୨ ହଜାର ଗଛ କଟାଯିବ ବୋଲି ସରକାରୀ ଅନୁମତି ଲୋଡାଯାଇଛି। ବାସ୍ତବରେ ସେହି ସ୍ଥାନରେ ବସଷ୍ଟାଣ୍ଡ ହେଲେ ୩ ହଜାରରୁ ଉର୍ଦ୍ଧ୍ୱ ଗଛ କଟିବ; ଯାହାକି ଆଗାମୀ ଦିନ ପାଇଁ ଭୟଙ୍କର ରୂପ ନେବାକୁ ଯାଉଛି।

ରାଜ୍ୟ ସରକାର ଚାରାରୋପଣକୁ ଗୁରୁତ୍ୱ ଦେଉଥିବାବେଳେ ବସଷ୍ଟାଣ୍ଡ ପାଇଁ ଗଛକଟା ଆଶ୍ଚର୍ଯ୍ୟ ଜନକ ବୋଲି ସଂଗଠନ ଦର୍ଶାଯ୍ୟାଇଛି। ଚୟନ ହୋଇଥିବା ସ୍ଥାନରୁ ମାତ୍ର ୩୦୦ ମିଟର ଦୂରରେ ୧୨ ଏକର ସରକାରୀ ଜମି ରହିଛି। ସେହିପରି ଲେଡି ହାମିଲଟନ ଗାର୍ଲସ ହାଇସ୍କୁଲ ପଛପଟେ ପ୍ରାୟ ୭ ଏକର ଜମି ମଧ୍ୟ ଅଛି; କିନ୍ତୁ ଉକ୍ତ ଜମିରେ କୌଣସି ଜବରଦଖଲ ନଥିବା ବେଳେ ଗଛ ମଧ୍ୟ କମ୍ କଟିବ; କିନ୍ତୁ ପ୍ରଶାସନ ସେଭଳି ଜାଗାରେ ବସଷ୍ଟାଣ୍ଡ ନ କରି ୨ ହଜାରରୁ ଉର୍ଦ୍ଧ୍ୱ ଗଛକାଟି ନୂତନ ବସଷ୍ଟାଣ୍ଡ ତିଆରି ପାଇଁ ଯୋଜନା ଚାଲିଛି ବୋଲି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ପ୍ରକାଶ କରିଛନ୍ତି। ତୁରନ୍ତ ଏଭଳି ଜନବିରୋଧୀ କାର୍ଯ୍ୟ ବନ୍ଦ କରିବା ପାଇଁ ସାମାଜିକ ଗଣମାଧ୍ୟମ 'ଏକ୍ସ' (ଟ୍ୱିଟ) ଯୋଗେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଆଜିର କାର୍ଯ୍ୟକ୍ରମରେ ବାରିପଦା ସହର ସଭାପତି ରାକେଶ ମହାନ୍ତି, ରାକେଶ ଆଚାର୍ଯ୍ୟ, ଦୀପକ କୁମାର ବେହେରା, ଆକାଶ ବାରିକ, ଚୈତନ୍ୟ ମୁଖୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏଭଳି ଜନବିରୋଧୀ କାର୍ଯ୍ୟକୁ ସରକାର ଯଦି ବନ୍ଦ ନ କରନ୍ତି ତେବେ ବାଧ ହୋଇ ଭଞ୍ଜସେନ ଜିଲ୍ଲାପାଳ ଏବଂ ଡିଏଫଓ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

## ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ

ରାସଗୋବିନ୍ଦପୁର, ୨୭।୮(ସମିସ): ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଓ ପ୍ରଶମନ କର୍ତ୍ତୃପକ୍ଷ ଓ ମୟୂରଭଞ୍ଜ ଜିଲ୍ଲା ବିପର୍ଯ୍ୟୟ ପ୍ରସ୍ତୁତି ଓ ପ୍ରଶମନ କର୍ତ୍ତୃପକ୍ଷ ଆନୁକୂଲ୍ୟରେ ସହୀଦ ମେମୋରିଆଲ +୨ ମହାବିଦ୍ୟାଳୟର ଯୁଥ ରେଡକ୍ରସ ବିଭାଗ ସହଯୋଗରେ ଏକ ବିଜୁଳି ଓ ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଦିଲ୍ଲୀପ କୁମାର ଭୋଇଙ୍କ ପୌରୋହିତ୍ୟରେ ଏକ ସଚେତନତା ସଭା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଯୁଥ ରେଡକ୍ରସ କାଉନସେଲର ଗିରିଜା ଶଙ୍କର ମହାପାତ୍ର ଓ ଋତୁପର୍ଣ୍ଣା ନାୟକ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀଙ୍କୁ ବଜ୍ରପାତ ସମୟରେ କ'ଣ କରିବା ଓ କ'ଣ ନ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ବଜ୍ରପାତ ସମୟରେ କିପରି ଢଙ୍ଗରେ ଭୂମିରେ ସଂକୁଚିତ ହୋଇ ବସିପଡ଼ି ନିଜକୁ ସୁରକ୍ଷିତ ରଖାଯାଇପାରିବ ଓ ବଜ୍ରପାତରେ ଆଘାତପ୍ରାପ୍ତ ହେଲେ କିପରି ସେହି ବ୍ୟକ୍ତିଙ୍କୁ ଫାଷ୍ଟଏଡ଼ ସହାୟତା ମାଧ୍ୟମରେ ଜୀବନ ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ବିଭିନ୍ନ କୌଶଳ ଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସ୍ୱେଚ୍ଛାସେବୀ ବ୍ରହ୍ମାନନ୍ଦ ଓ ରୀତା ସମସ୍ତଙ୍କୁ ରକ୍ଷା କୌଶଳ ଅଭ୍ୟାସ କରାଇଥିଲେ। ଅତିଥି ଭାବେ ପ୍ରଶାସନିକ ଅଧିକାରୀ ବିଶ୍ୱରଞ୍ଜନ ନନ୍ଦ, ଅଧ୍ୟାପିକା ରୀନା ନନ୍ଦ, ପରେଶ ଚନ୍ଦ୍ର ମହାପାତ୍ର, ଦେବୀଦତ୍ତକ୍ଷ ବେହେରା, ନିର୍ମାଲ୍ୟ ଗୋବିନ୍ଦ ଦାସ, ବିକାଶ ଲାକ୍ରା ଆଦି ଯୋଗଦେଇଥିଲେ।

## ପୌର ପରିଷଦ ପକ୍ଷରୁ ମେଗା ଚାରାରୋପଣ ଓ ସଫେଇ ଅଭିଯାନ



ବାରିପଦା, ୨୭।୮(ସମିସ): ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ ପାଳନ ଅବସରରେ ବାରିପଦା ପୌରପାଳିକା ପକ୍ଷରୁ ମେଗା ଚାରା ରୋପଣ ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ରଘୁନାଥପୁର ସ୍ଥିତ ସ୍ମାର୍ଟ ଶ୍ମଶାନ ଓ ଏଫଏସଟିପି ପ୍ଲାଣ୍ଟ ପରିସରରେ ଏକ ପେଡ ମା' କେ ନାମ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ୧୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ଚାରାରୋପଣ କରାଯାଇଛି। ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଗଛ ମାଟି ମାଆ ପ୍ରତି ଆମର ପ୍ରେମ ଏବଂ ନିବିଡ଼ତାର ପ୍ରତୀକ ଅଟେ। ବୃକ୍ଷରୋପଣ ମାଧ୍ୟମରେ ପରିବେଶ ସୁରକ୍ଷା କରିବା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରିବା ମୂଳ ଉଦ୍ଦେଶ୍ୟ ରହିଛି ବୋଲି ନଗରପାଳ ଶ୍ରୀ ମହାନ୍ତି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଉପ ନଗରପାଳ ସୀମା ଦାସ, ବାରିପଦା ତହସିଲଦାର ତଥା ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସପନ କୁମାର ସାହୁ, କାଉନସିଲର ସୁକେସିନୀ ସେଠି, ଅନୁରାଧା ମହାନ୍ତି, ପୂଜା ତରେଇ, ପ୍ରଭାତୀ ପୃଷ୍ଟି, କରୁଣାକର ହେମ୍ବ୍ରମ, ଦିଗବିଜୟ ହାଁସଦା, ଭାଗ୍ୟଲକ୍ଷ୍ମୀ ନାଏକ, ଜିତା ସିଂ, ଗୋଷ୍ଠୀ ସହାୟିକା କୁନିଆ ସାହୁ, ସହକାରୀ ଯନ୍ତ୍ରୀ ଦେବାଶିଷ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ବୁଦ୍ଧିରାମ ସିଂ, ରଘୁନାଥପୁର ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟଗଣ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ। ଏହି ଅବସରରେ କଚେରୀ ପରିସରରେ ମଧ୍ୟ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, ବାରିପଦା ତହସିଲଦାର ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସପନ କୁମାର ସାହୁ, ବାରିପଦା ଓକିଲ ସଂଘ ସଭାପତି ପ୍ରବୀର କୁମାର ବସା, ସମ୍ପାଦକ ବିପ୍ଳବ ବାରିକ, କାଉନସିଲର ସୁକେସିନୀ ସେଠି, ଅନୁରାଧା ମହାନ୍ତି, ପୂଜା ତରେଇ, ପ୍ରଭାତୀ ପୃଷ୍ଟି, କରୁଣାକର ହେମ୍ବ୍ରମ, ଦିଗବିଜୟ ହାଁସଦା, ଭାଗ୍ୟଲକ୍ଷ୍ମୀ ନାଏକ, ଜିତା ସିଂ, ଅନନ୍ତ ଦାସ, ପ୍ରଭାତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବିପଦକୁ ଆମନ୍ତ୍ରଣ କରୁଛି ଜରାଜୀର୍ଣ୍ଣ ବିଶ୍ରାମାଗାର

ଖିଚିଂ, ୨୭।୮(ସମିସ): ଶୁକ୍ରୁଲି ବ୍ଲକ ଅନ୍ତର୍ଗତ ଅର୍ଜୁନବିଲ୍ଲା ପଞ୍ଚାୟତ ଆଦିପୁରର ଅନତି ଦୂରରେ ପୁଣ୍ୟତୋୟା ବୈତରଣୀ ଓ ଖଇରଭଣ୍ଡନ ନଦୀର ସଙ୍ଗମସ୍ଥଳୀ ଦୋମୁହାଣୀ ପୀଠ ବହୁବିଧ ଐତିହାସିକ ଓ ପୌରାଣିକ କୀର୍ତ୍ତି ବହନ କରିଆସୁଛି। ବ÷ତରଣୀ ନଦୀ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ ବିଭାଜନର ସୀମାରେଖା ଟାଣି ପ୍ରବାହିତ ହେଉଥିଲେ ସୁଦ୍ଧା ବର୍ଷ ସାରା ସୀମାନ୍ତବର୍ତ୍ତୀ ଗ୍ରାମର ଅଧିବାସୀ ଡ଼ଙ୍ଗା ସାହାଯ୍ୟରେ ଯାତାୟାତ କରିଆସୁଥିଲେ। ଏଥିସହିତ ଅନେକ ସମୟରେ ଶ୍ରଦ୍ଧାଳୁ ମଧ୍ୟ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ମନ୍ଦିର ଦର୍ଶନ ପାଇଁ ଏହି ପୀଠକୁ ଆଗମନ କରିଥାନ୍ତି। ତେବେ ଝଡ ବର୍ଷା ଅଥବା ପ୍ରଚଣ୍ଡ ଖରାରୁ ରକ୍ଷା ପାଇବା ପାଇଁ ସେଠାରେ କୌଣସି ଆଶ୍ରୟସ୍ଥଳ ନ ଥିବାରୁ ଆଜକୁ ପ୍ରାୟ ତିନି ଦଶନ୍ଧି ତଳେ ପଞ୍ଚାୟତ ତରଫରୁ ସେଠାରେ ଏକ ବିଶ୍ରାମାଗାର ନିର୍ମାଣ କରାଯାଇଥିଲା। ଫଳରେ ଦୀର୍ଘ ଦିନ ଧରି ବାଟୋଇଙ୍କ ଏହା ଏକମାତ୍ର ନିର୍ଭରଯୋଗ୍ୟ ଆଶ୍ରୟସ୍ଥଳ ଥିଲା। ତେବେ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ



ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ପଞ୍ଚାୟତ ତଥା ପ୍ରଶାସନ ଏହାର ସୁରକ୍ଷା ପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ପ୍ରଜାପିତା ବ୍ରହ୍ମକୁମାରୀ ପକ୍ଷରୁ ରକ୍ତଦାନ ଶିବିର



ରାଇରଙ୍ଗପୁର, ୨୭।୮(ସମିସ): ମୟୂରଭଞ୍ଜ ଜିଲ୍ଲା ଗଡ ଗାଁରେ ଥିବା ପ୍ରଜାପିତା ବ୍ରହ୍ମକୁମାରୀ ରାଇରଙ୍ଗପୁର ଶାଖା ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରାଇରଙ୍ଗପୁର ଶାଖାର ସମସ୍ତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭାଇ ଭଉଣୀ ସ୍ୱେଚ୍ଛାକୃତଭାବେ ରକ୍ତଦାନ କରିଥିଲେ। ଶିବିରରୁ ୨୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବାମନଘାଟି ଉପଖଣ୍ଡ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ ଶିବିରକୁ ଉଦଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## ପୌରପରିଷଦ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

ରାଇରଙ୍ଗପୁର, ୨୭।୮(ସମିସ): ରାଇରଙ୍ଗପୁର ପୌରପରିଷଦ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। ବିଭିନ୍ନ ୱାର୍ଡରେ ସ୍ୱଚ୍ଛତାର ବାର୍ତ୍ତା ପହଞ୍ଚାଇବା ପାଇଁ ପୌରପରିଷଦ ଅଣ୍ଟା ଭିଡିଛି। ମଙ୍ଗଳବାର ସହରର ୩ୱାର୍ଡର ବସଷ୍ଟାଣ୍ଡ ପରିସରରେ ଥିବା ଅଳିଆକୁ ସଫେଇ କରାଯାଇଥିଲା। ଏଥିରେ ପୌରାଞ୍ଚଳର ଅଧିକାରୀ ସମେତ କର୍ମଚାରୀ ସାମିଲ ହୋଇଥିଲେ। ବସଷ୍ଟାଣ୍ଡର ଡ୍ରେନେଜ୍ ବ୍ୟବସ୍ଥାକୁ କିପରି ସ୍ୱାଭାବିକ କରାଯିବ ସେ ନେଇ ପୌରାଧ୍ୟକ୍ଷ ଅଭିଷେକ ପଟ୍ଟନାୟକଙ୍କୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ନାଳ ଗୁଡିକ ସଫେଇ କରାଯାଇଥିଲା। ଉପାଧ୍ୟକ୍ଷ ମମିତା ଚୌଧୁରୀ କର୍ମଚାରୀଙ୍କ ସହାୟତାରେ ବ୍ଲିଚିଂ ପାଉଡର ପକାଇଥିଲେ। କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଶକୁନ୍ତଳା ହାଁସଦା ମଧ୍ୟ ଉପସ୍ଥିତ ଥିଲେ।

## ପାଞ୍ଚପୀଢ଼ ପ୍ରେସ କ୍ଲବର ନୂଆ କାର୍ଯ୍ୟାଳୟ ଉଦ୍‌ଘାଟିତ

କରଞ୍ଜିଆ, ୨୭।୮(ସମିସ): ଗଣେଶ ପୂଜା ଉପଲକ୍ଷେ ପାଞ୍ଚପୀଢ ଉପଖଣ୍ଡରେ ପାଞ୍ଚପୀଢ ପ୍ରେସ କ୍ଲବର ନୂତନ କାର୍ଯ୍ୟାଳୟ ଗୃହ ବୁଧବାର ଉଦ୍‌ଘାଟିତ ହୋଇଛି। ଆଜିର ପୂଜାରେ ଅର୍ଗାନାଇଜିଂ ସମ୍ପାଦକ ସୁରଜ ସିଂଙ୍କ ପୁତ୍ର ପୂଜାରେ ବସିଥିଲେ। ପୂଜାପରେ ବିଶିଷ୍ଟ ସମାଜସେବୀ, ଶିଳ୍ପପତି ଶିକ୍ଷାପ୍ରେମୀ ବିଷ୍ଣୁକୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଓକିଲ ସଂଘର ସମ୍ପାଦକ ଦିବ୍ୟପ୍ରସାଦ ସାହୁ, ଓକିଲ ସଂଘ ସଭାପତି ମଦନ ମହାନ ମହାନ୍ତ, ସରକାରୀ ଓକିଲ ଜଗମୋହନ ମହାନ୍ତ, ନିଶ୍ଚୁ ସାମନ୍ତ ରାୟ, ରାକେଶ ଅଗ୍ରୱାଲ, ସୁଧୀର ଭାରୁକା, ଆଡ଼ଭାଇଜର ସତ୍ୟାନନ୍ଦ ସାହୁ, କରଞ୍ଜିଆ ପ୍ରେସ କ୍ଲବ ସମ୍ପାଦକ କର୍ଣ୍ଣାର୍ଜୁନ ସାହା ସମେତ ଅନେକ ଶୁଭେଚ୍ଛୁ ଉଦଘାଟନ ଉତ୍ସବରେ ଉପସ୍ଥିତ ଥିଲେ। ପାଞ୍ଚପୀଢ ପ୍ରେସ କ୍ଲବର ସଭାପତି ଉମାଶଙ୍କର ଦାସ, ଠାକୁରମୁଣ୍ଡା ସମ୍ପାଦକ ଦିଲୀପ ମହାନ୍ତ, ସାମ୍ବାଦିକ ସେକ ରାଜୁ, ରରୁଆଁ ସମ୍ପାଦକ ସୁବ୍ରତ ଖୁଣ୍ଟିଆ, ସାମ୍ବାଦିକ ବଳଭଦ୍ର ଘଡେଇ, କରଞ୍ଜିଆ ଜେନେରାଲ ସମ୍ପାଦକ ସୁଦର୍ଶନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁରଜ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।




## ସେପ୍ଟେମ୍ବର ୬କୁ କଳା ଦିବସ ପାଳନ ପାଇଁ ଓଡ଼ିଶା କୁଡୁମୀ ସେନାର ପ୍ରସ୍ତୁତି

ରାଇରଙ୍ଗପୁର, ୨୭।୮(ସମିସ): କୁଡୁମୀ ଜନଜାତି ଆଦିବାସୀ ମାନ୍ୟତା ଦାବି ନେଇ ମଙ୍ଗଳବାର କଣ୍ଟାବଣିଠାରେ ଓଡ଼ିଶା କୁଡୁମୀ ସେନା ତରଫରୁ ଆସନ୍ତା ସେପ୍ଟେମ୍ବର ୬ ତାରିଖକୁ କଳା ଦିବସ ପାଳନ କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ କଳା ଦିବସ ଦିଲ୍ଲୀ ଯନ୍ତରମନ୍ତରଠାରେ ପାଳନ କରିବା ପାଇଁ ସ୍ଥିର କରାଯାଇଛି। କୁଡୁମୀ ବହୁଳ ବିଶିଷ୍ଟ ୪ଟି ରାଜ୍ୟର ଶତାଧିକ କୁଡୁମୀପ୍ରେମୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ସରକାର ବିନା ନୋଟିଫିକେସନ୍‌ରେ ୧୯୫୦ ମସିହା ସେପଟେମ୍ବର ୬ ତାରିଖରେ ଆଦିବାସୀ ତାଲିକାରୁ ବାଦ୍ ଦେଇଛନ୍ତି। ତେଣୁ ସେହିଦିନକୁ କୁଡୁମୀ ସମ୍ପ୍ରଦାୟ ସରକାରଙ୍କ ପ୍ରତାରଣା ଶିକାର ହୋଇ ଆସୁଛି। ସରକାର ତାଙ୍କ ଦାବି ନ ଶୁଣିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ରାଜ୍ୟ ସଭାପତି ଦିବ୍ୟସିଂହ ମହାନ୍ତ, ସମ୍ପାଦକ ଲାଲ୍ ମୋହନ ମହାନ୍ତ, ଜିଲ୍ଲା ସଭାପତି ଫଣ୍ଟୁସ୍ କୁମାର ମହାନ୍ତ, ଉପ ସଭପତି ତରଣୀ ସେନ ମହାନ୍ତ, ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା ମହାନ୍ତ, ରାଇରଙ୍ଗପୁର ସଭାନେତ୍ରୀ ସବିତା ମହାନ୍ତ, ବହଳଦା ସଭାପତି ଅଶୋକ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ବହୁଭାଷୀ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଭୂମିଜ ଭାଷାକୁ ଉପେକ୍ଷା

ବେତନଟୀ, ୨୭।୮(ସମିସ): ବହୁଭାଷୀ ଶିକ୍ଷଣ ପ୍ରକ୍ରିୟାରେ ସରକାର ଗୁରୁତ୍ୱ ନ ଦେବା କାରଣରୁ ଭୂମିଜ ସମାଜର ଏକ ପ୍ରତିନିଧି ଦଳ ସାଂସଦ ନବଚରଣ ମାଝୀଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି ଭୂମିଜ ଏକ ସ୍ୱତନ୍ତ୍ର ଜନଜାତି। ଏହି ଜାତିର ନିଜସ୍ୱ ଲିପି 'ଅଲ ଅନଲ' ରହିଛି। ଭୂମିଜ ଭାଷାର ନିଜସ୍ୱ ଭାଷାକୋଷ ଉପଲବ୍ଧ ରହିଛି। ଭୂମିଜ ଭାଷାର ୟୁନିକୋଡ ମଧ୍ୟ ରହିଛି; ତଥାପି ନିକଟ ଅତୀତରେ ବହୁଭାଷୀ ଶିକ୍ଷକ ନିଯୁକ୍ତି ନିମନ୍ତେ ବିଜ୍ଞାପ୍ତି ପ୍ରକାଶ ପାଇଥିଲା। ଏଥିରେ ୨୧ଟି ଜନଜାତିର ଶିକ୍ଷକ ନିଯୁକ୍ତି ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇଥିଲା; କିନ୍ତୁ ଭୂମିଜ ଭାଷାକୁ ସେଥିରୁ ବାଦ ଦିଆଯାଇଥିବା ଅଭିଯୋଗ ହେଉଛି। ବିଗତ ଦିନରେ ଭୂମିଜ ଶିକ୍ଷକ ନିଯୁକ୍ତି ନିମନ୍ତେ ବହୁବାର ଆନ୍ଦୋଳନ କରାଯାଇଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ସରକାରୀ ଅଧିକାରୀ ମଧ୍ୟ ଆଶ୍ୱାସନା ଦେଇଥିଲେ; କିନ୍ତୁ ଫଳ ଶୂନ। ଏ ନେଇ ଭୂମିଜ ସମାଜ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ଏ ନେଇ ଆଗାମୀ ଦିନରେ ଭୂମିଜ ସମାଜ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଭୂମିଜ ସମାଜର ସଭାପତି ଗମ୍ଭା ସିଂ, ଜିଲା ସଭାପତି ରାଜକୁମାର ସିଂ, ଭାରତୀୟ ଆଦିବାସୀ ସମାଜର କେନ୍ଦ୍ରୀୟ କମିଟିର ସଦସ୍ୟା ଗୀତାମଣି ସିଂ, ଓଡ଼ିଶା କମିଟି ସଦସ୍ୟା ଦେବକୀ ସିଂ, ଅଭିମନ୍ୟୁ ସର୍ଦ୍ଦାର, ରଞ୍ଜନ କୁମାର ସିଂ, ଖଗେଶ୍ୱର ସିଂ, ମହେଶ୍ୱର ସିଂ ପ୍ରମୁଖ ଏହି ଦାବିକୁ ସମର୍ଥନ ଜଣାଇଛନ୍ତି।

## ପିଏମ୍‌ଏଏମ୍ ବିଦ୍ୟାଳୟରେ ଶିକ୍ଷକ ପଦ ଖାଲି

ରାଇରଙ୍ଗପୁର, ୨୭।୮(ସମିସ): ଜାମଦା ବ୍ଲକ ଅନ୍ତର୍ଗତ ମାନବୀର ପିଏମଏଏମ ମାଧ୍ୟମିକ ବିଦ୍ୟାଳୟ ଏବେ ବିଭିନ୍ନ ସମସ୍ୟା ଦେଇ ଗତିକରୁଛି। ଏହି ସ୍କୁଲ ୨୦୦୪ରେ ବ୍ଲକ ଗ୍ରାଣ୍ଟ ପାଇଥିଲେ ମଧ୍ୟ ଶିକ୍ଷକ ଅଭାବ ଯୋଗୁଁ ପାଠପଢ଼ାରେ ବ୍ୟାଘାତ ଘଟୁଛି। ବର୍ତ୍ତମାନ ସଂସ୍କୃତ ଶିକ୍ଷକ ହରି ମୋହନ କର ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବାବେଳେ ପିଇଟି ସିଦ୍ଧେଶ୍ୱର ଗିରି ଓ ରାତ୍ରି ଜଗୁଆଳୀ ରବୀନ୍ଦ୍ର କୁମାର ପାତ୍ର ରହିଛନ୍ତି; କିନ୍ତୁ ସ୍କୁଲରେ ଗଣିତ, ବିଜ୍ଞାନ, ଇଂରାଜୀ, ସାହିତ୍ୟ, ସାମାଜିକ ବିଜ୍ଞାନ, ହିନ୍ଦୀ ସହିତ କିରାଣୀ ଓ ପିଅନ ପଦ ଖାଲି ପଡ଼ିଛି। ନବମ ଶ୍ରେଣୀରେ ୪୦ ଓ ଦଶମ ଶ୍ରେଣୀରେ ୪୫ ପିଲା ପଢୁଥିଲେ ମଧ୍ୟ ଶିକ୍ଷକ ଅଭାବ ବଡ ସମସ୍ୟା ଦେଖାଦେଇଛି। ସ୍କୁଲ ରୋଷେଇ ଘରର ଅବସ୍ଥା କହିଲେ ନ ସରେ। ତେଣୁ ତୁରନ୍ତ ଶିକ୍ଷକ ପଦ ପୂରଣ କରିବାକୁ ବୁଦ୍ଧିଜିବୀ ମହଲରେ ଦୃଢଦାବି ହେଉଛି।

## ବିହାରୀ ସମ୍ପ୍ରଦାୟର ତୀଜ ପୂଜା ସମ୍ପନ୍ନ



ରାଇରଙ୍ଗପୁର, ୨୭।୮(ସମିସ): ରାଇରଙ୍ଗପୁରରରେ ବିହାରୀ ସମ୍ପ୍ରଦାୟର ଆଧ୍ୟାତ୍ମିକ ତୀଜ ପୂଜା ସମାରୋହରେ ପାଳିତ ହୋଇଛି। ଦୀର୍ଘ ୨୪ ଘଣ୍ଟାର ନିର୍ଜଳା ଉପବାସ ରହି ଏହି ପୂଜା ମହିଳାମାନେ ନିଜ ସ୍ୱାମୀର ଦୀର୍ଘ ଓ ନିରୋଗ ଜୀବନ ପାଇଁ ପାଳନ କରିଥାନ୍ତି। ଅବଧେଶ ମିଶ୍ରଙ୍କ ମାର୍ଗଦର୍ଶନ ଓ କାନ୍ତି ଦେବୀଙ୍କ ସହଯୋଗରେ ଆୟୋଜିତ ଏହି ପାରମ୍ପରିକ ପୂଜାରେ ଗୀତା ଦେବୀ, ସନ୍ତୋଷୀ ରାମ, କେଶରୀ ଦାସ, ମଞ୍ଜୁ ରାମ, ମମତା ମନୋଜ ଦାସ, ପୁଷ୍ପା ରାମ, ମମତା ଦୀପକ ଦାସ ପ୍ରମୁଖ ସାମିଲ ହୋଇଥିଲେ। କୁହାଯାଏ ଯେ ଶିବ-ପାର୍ବତୀଙ୍କ ଏହି ପୂଜା କଲେ ଘରେ ସୁଖ ଶାନ୍ତି ସହିତ ନିରୋଗ ଜୀବନ ଯାପନ ସମ୍ଭବ ହୋଇଥାଏ।

# ବିଚ୍ଛିନ୍ନାଞ୍ଚଳ ପରିଦର୍ଶନ କଲେ ଓଡ଼ିଶାର ଶିକ୍ଷା ଅଧିକାରୀ



ବାରିପଦା, ୨୭।୮(ସମିସ): ୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲା ପଦାଧିକାରୀ ଗୋତମ ପାତ୍ରଙ୍କ ତତ୍ତ୍ୱାବଧାନରେ ବହଳଦା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ପଦାଧିକାରୀ ଭୂତନାଥ ସିଟ ଏବଂ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକଙ୍କ ନେତୃତ୍ୱରେ ଗୋଷ୍ଠୀ ସାଧନ କେନ୍ଦ୍ରର କୋଷାଧ୍ୟକ୍ଷ ଲିସ୍କିସାନ ମହାନ୍ତ, ଝାଡ଼ଖଣ୍ଡ ରାଜ୍ୟର ପୂର୍ବ ସିଂହଭୂମି ଜିଲ୍ଲା ଗୋଲମୁରୀ ଉତ୍କଳ ସମାଜ ବିଦ୍ୟାଳୟ, ଟୁଇଲା ଡୁଙ୍ଗୁରୀ ଓଡ଼ିଆ ବିଦ୍ୟାଳୟ, ସିଦକାହ୍ନୁ ଓଡ଼ିଆ ବିଦ୍ୟାଳୟ ପର୍ଶୁଡିହ ଏବଂ ଛୋଲାଗଡ଼ାର ତ୍ରିଲୋଚନ ବିଦ୍ୟାପୀଠ ପରିଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ବାହାଡାଗୋଡା ସ୍ଥିତ ଓଡିଆ ବିଦ୍ୟାଳୟ ଗୁଡିକ ମଧ୍ୟ ସାରସକଣା ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗଳ ସିଂ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଏହି ପରିଦର୍ଶନ କରିଥିଲେ। ଜାମସେଦପୁରଠାରେ ଥିବା ଓଡ଼ିଆ ବିଦ୍ୟାଳୟର ପରିଦର୍ଶନ ସମୟରେ ଉତ୍କଳ ସମ୍ମିଳନୀର ଝାଡ଼ଖଣ୍ଡ ରାଜ୍ୟର ପୂର୍ବ ସିଂହଭୂମି ଜିଲ୍ଲା ସଭାପତି ରବୀନ୍ଦ୍ରନାଥ ଶତପଥୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସଚିବ ପ୍ରଦୀପ କୁମାର ଦାସ ଏବଂ ବିଦ୍ୟାଳୟ ପର୍ଯ୍ୟବେକ୍ଷକ ଜୟରାମ ଦାସପାତ୍ର ଏବଂ ବାହାଡାଗୋଡାଠାରେ ପ୍ରଣବ ଉପାଧ୍ୟାୟ ସହଯୋଗ କରିଥିଲେ। ଗତ ଦିନରେ ପୋଟକା ବ୍ଲକର ଓଡ଼ିଆ ବିଦ୍ୟାଳୟଗୁଡ଼ିକ ବହଳଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭଶ୍ରୀ ସିଂଙ୍କ ନେତୃତ୍ୱରେ ପରିଦର୍ଶନ ହୋଇଥିଲା। ଏଥିରେ ଉତ୍କଳ ସମ୍ମିଳନୀର ବିବେକାନନ୍ଦ ଭଟ୍ଟମିଶ୍ର ସହଯୋଗ କରିଥିଲେ। ଦୀର୍ଘ ଦିନ ଧରି ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ବିଦ୍ୟାଳୟରେ ଉତ୍କଳ ସମ୍ମିଳନୀ ଦ୍ୱାରା ନିଯୁକ୍ତି ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ବେତନ ନମିଳିବାରୁ ଓଡ଼ିଶା ସରକାରଙ୍କୁ ସଦସ୍ୟ ବୃନ୍ଦ ଅବଗତ କରିବା ପରେ କିଛି ମାତ୍ରାରେ କାର୍ଯ୍ୟକାରୀ ହୋଇଥିଲା। ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଉତ୍କଳ ସମ୍ମିଳନୀ ପକ୍ଷରୁ ବାରମ୍ବାର ସୂଚନା ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଅନୁମତି କ୍ରମେ ଶିକ୍ଷା ବିଭାଗ ତତ୍ପରତା ପ୍ରକାଶ କରି ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ବିଦ୍ୟାଳୟରେ ଓଡ଼ିଆ ଛାତ୍ରଛାତ୍ରୀଙ୍କ ପାଠ୍ୟକ୍ରମ ସମ୍ପର୍କରେ ନିର୍ଦ୍ଦେଶନାମା ଜାରି କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାରୁ ଶିକ୍ଷକଶିକ୍ଷୟିତ୍ରୀଙ୍କ ଦୀର୍ଘ ଦିନ ଧରି ବାକିଥିବା ବେତନ ମିଳିବା ସହିତ ସମସ୍ୟା ସମାଧାନ ହେବାର ଆଶା କରାଯାଉଛି।

# ନଦୀରୁ କମୁଛି ବନ୍ୟା; ଗାଁରେ ବଢୁଛି ଦୁର୍ଦ୍ଦଶା







ଯାଜପୁର/ଦଶରଥପୁର/କୟାଁଗୋଲା, ୨୭ ।୮ (ସମିସ):

ଯାଜପୁର ଜିଲ୍ଲାର ବୈତରଣୀ ଏବଂ ଏହାର ଶାଖା କାଣି ନଦୀରେ ଆସିଥିବା ବନ୍ୟା ଯୋଗୁଁ ଦଶରଥପୁର ବ୍ଲକ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି । ଅହିୟାସ ପଞ୍ଚାୟତ ଦରଘା ଠାରେ ସୃଷ୍ଟି ହୋଇଥିବା ୧୦୦ ଫୁଟ ଘାଇ ଯୋଗୁଁ ୨୦ରୁ ଊର୍ଦ୍ଧ୍ୱ ମୁସଲିମ ପରିବାର ସଂପୂର୍ଣ୍ଣ ବାସ ହୀନ ହୋଇପଡିଛନ୍ତି । ଆଜି ବି ଘାଇ ମୁହଁରେ ୫ ଫୁଟ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ସେହି ଅଞ୍ଚଳକୁ ଯାଇପାରୁନାହାଁନ୍ତି ଲୋକେ । ଘର ଦ୍ୱାର ଛାଡି ଝିଏ ପୁଅଡେ ଧାଇଁ ଆଶ୍ରୟ ନେଇଥିବା ପରିବାର ଲୋକେ ନିଜ ଘରକୁ ଖୋଜି ପାଉନାହାଁନ୍ତି । ଅନେକ ଘର ସଂପୂର୍ଣ୍ଣ ପାଣିର ସ୍ରୋତରେ ଧ୍ୱଂସ ପାଇଯାଇଥିବା ବେଳେ ବାଇକ୍, ଫ୍ରିଜ ଠାରୁ ଆରମ୍ଭ କରି ଅନେକ ଆସବାବପତ୍ର ମାଟି ତଳେ ପୋତି ହୋଇଯାଇଛି । ଉଦ୍ଧାର କରିବା ପାଇଁ ସୁଯୋଗ ମଧ୍ୟ ନାହିଁ । ଆଜି ବି ଅନେକ ପରିବାର ଭୋକ ଉପାସରେ ଛାତ ଉପରେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି । ସେଦିନ ବିଳମ୍ବିତ ରାତ୍ରୀରେ ଶୋଇଥିବା ବେଳେ ହଠାତ୍ ପାଣି ମାଡି ଆସିଲା । ଆମେ ଛୁଆ ପିଲା ଛାଡି ଝିଏ ପୁଅଡେ ଧାଇଁଲୁ । ଆଜି ବି ନିଜ ଘର ଖୋଜି ପାଉନାହୁଁ ବୋଲି କୋହଭରା କଣ୍ଠରେ ବନ୍ୟା ବିପନ୍ନ ଜୁଗୁନି ବିବି କହିଛନ୍ତି । କେବଳ ଜୁଗୁନି ନୁହେଁ ସ୍ଥାନୀୟ ଅଞ୍ଚଳର ସମସ୍ତ ମୁସଲିମ ବସ୍ତି ଏହି ବନ୍ୟା ଦ୍ୱାରା କ୍ଷତିଗସ୍ତ ହୋଇଥିବା ବେଳେ ସରକାରଙ୍କ ତରଫରୁ କେଇ ମୁଠା ଚୁଡ଼ା ଓ ବିସ୍କୁଟ ଆମମାନଙ୍କ କଷ୍ଟକୁ କ'ଣ ଲାଘବ କରିପାରିବ ବୋଲି ବିପନ୍ନ ମାନେ ପ୍ରଶ୍ନ କରିଛନ୍ତି । ତେଣୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ତୁରନ୍ତ ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ପ୍ରତ୍ୟେକ ପରିବାରକୁ ଉଚିତ କ୍ଷତିପୁରଣ ପ୍ରଦାନ କରିବାକୁ ବନ୍ୟା ବିପନ୍ନମାନେ ଦାବି କରିଛନ୍ତି ।



୪ ଦିନ ଧରି ପାଣି ଘେରରେ ରହିବା ପରେ ଖାଦ୍ୟ ଓ ପାନୀୟ ଜଳର ଅଭାବକୁ ନେଇ ବନ୍ୟା ବିପନ୍ନ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି । କିଛି କିଛି ସ୍ଥାନରେ ମାଟି ଘର ଭାଙ୍ଗି ଧରମପୁର, ଗହିରାପାଳ, ମଲ୍ଲୀପୁର, ମାଧପୁର, ଦରଭା, ଗରବନ୍ଧ, ଗୁଣ୍ଟୁଣିପଡା, ଇଚ୍ଛାପୁର, ଦୁବକଣ, କମାରଡିହି ପଞ୍ଚାୟତର କେଲାଙ୍ଗ, ବଳରାମପୁର, ସହିମାଡ଼, ଇଟାପଡା, କସପା ପଞ୍ଚାୟତର ବ୍ରହ୍ମଚାରିପାଟଣା, କସପା, ନୂଆଶାସନ, ଅହିୟାସ, କମାଳପୁର, ପଲ୍ଲାସାହି, ଆଖୁଆସାହି, ମଲ୍ଲିକାପୁର ପଞ୍ଚାୟତର ମଲ୍ଲିକାପୁର, ଯାଇଥିବା ମଧ୍ୟ ଦେଖିବାକୁ ମିଳିଛି । ଏହି ବନ୍ୟା ସମ୍ପୂର୍ଣ୍ଣ ଚାଷବାସକୁ ପ୍ରଭାବିତ କରିବା ସହିତ ବନ୍ୟା ପାଣି ପଶି ୪ ଦିନ ହେବ ଜଳୁନି ଚୁଲି । କୟାଁ ଅଞ୍ଚଳରେ କୁମ୍ଭୀରର ଭୟ ଲୋକଙ୍କ ମନରେ ଉଙ୍କି ମାରୁଥିବା ବେଳେ ସେପଟେ ବନ୍ୟାର ପ୍ରଖର ସ୍ରୋତରେ ଭାସିଯିବାର ଭୟ ମଧ୍ୟ ଘାରିଛି । ଏପରିକି ରାତିରେ ଗାଁ ଲୋକ ଘରୁ ବାହାରିବା କଷ୍ଟକର ହୋଇପଡିଛି ।। ବ୍ଲକର ୪୦ରୁ ଅଧିକ ଗାଁ ବନ୍ୟା ଘେରରେ ରହିଛି । ବିଶେଷକରି କଁୟା ପଞ୍ଚାୟତ ମହାନ୍ତିପାଟଣା, ଜୟନ୍ତରା ପଞ୍ଚାୟତର ମହାପାତ୍ରସାହି, କଟିକଟା ପଞ୍ଚାୟତର ମାଝୀ ସାହି ସାହିରେ ବନ୍ୟାରେ ଲୋକ ଦୁର୍ବିସହ ଜୀବନ ବିତାଉଛନ୍ତି । କୟାଁ ପଞ୍ଚାୟତ ପୂର୍ବତନ ସରପଞ୍ଚ ପ୍ରଶେଷ ସୁତାର କୟାଁ ପଞ୍ଚାୟତ କୁ ପ୍ରଶାସନ ତରଫରୁ ଦେଶୀ ଡ଼ଙ୍ଗା ଓ ସରକାରୀ ନଳକୂପଗୁଡିକ ବନ୍ୟା ପାଣି ବୁଡ଼ି ଯାଇଥିବାରୁ ବିଶୁଦ୍ଧ ପାଣି ଆବଶ୍ୟକ ଦାବି କରିଛନ୍ତି । ଗୃହପାଳିତ ପଶୁଙ୍କ ପାଇଁ ବ୍ଲକ ପ୍ରଶାସନ ତରଫରୁ ଗୋଖାଦ୍ୟ ଯୋଗାଇ ଦିଆଯାଇଥିଲେ ମଧ୍ୟ ତାହା ଏଯାଏଁ କିଛି ବନ୍ୟା ପ୍ଲାବିତ ଅଞ୍ଚଳର କିଛି ଲୋକଙ୍କ ପାଖରେ ପହଞ୍ଚି ଥିବା ବେଳେ ଅନ୍ୟ ଅଞ୍ଚଳ ଏପର୍ଯ୍ୟନ୍ତ ପହଞ୍ଚି ନାହିଁ । ଏହି ବନ୍ୟା ପାଣିରେ ହେକ୍ଟର ହେକ୍ଟର ଚାଷ ଜମି ବୁଡି ଯାଇଥିବା ବ୍ଲକ କୃଷି ଅଧିକାରିଣୀ ସ୍ୱାଗତିକା ମିଶ୍ର କହିଛନ୍ତି । ବନ୍ୟା ଛାଡ଼ି ଯିବ ହେଲେ ଚାଷୀଙ୍କ ଦୁର୍ଦ୍ଦଶା ଦୁଇଗୁଣ ବଢ଼ିଯିବ । ବ୍ଲକ ପ୍ରଶାସନ ପକ୍ଷରୁ ପାନୀୟ ଜଳ ଉପରେ ନଜର ଦେବାକୁ ସାଧାରଣ ଲୋକ ଦାବି କରିଛନ୍ତି । ଯଥାଶୀଘ୍ର ପାନୀୟ ଜଳ ସମସ୍ୟା ସହ ଅନ୍ୟ ସମସ୍ତ ଦିଗରେ ସମ୍ପୃକ୍ତ ଅଧିକାରୀ ମାନଙ୍କ ସହ ଆଲୋଚନା କରାଯାଇ ଏହାର ସମାଧାନ ଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମତ ପ୍ରକାଶ କରିଛନ୍ତି ବିଡିଓ ଆକାଶ ପଟ୍ଟନାୟକ ।

## ଗୃହପାଳିତ ପଶୁ ପ୍ରଭାବିତ

ଦଶରଥପୁର: ବନ୍ୟାଞ୍ଚଳରେ ହଜାର ହଜାରରୁ ଅଧିକ ଗାଇ ଗୋରୁ, ଛେଳି, ମେଣ୍ଢା ଓ କୁକୁଡା ଆଦି ଗୃହପାଳିତ ପଶୁ ପକ୍ଷୀ ପ୍ରଭାବିତ ହୋଇଥିବା ଜଣାଯାଇଛି । ସରକାରୀ ଭାବେ ଗୃହପାଳିତ ପଶୁଙ୍କୁ ଉଦ୍ଧାର କରାଯଇଥିବା ସୂଚନା ଜଣାପଡ଼ିନଥିଲେ ହେଁ ବହୁ ପଶୁ ପାଳକ ସେମାନଙ୍କ ଗୃହପାଳିତ ପଶୁଙ୍କୁ ନଦୀ ବନ୍ଧ ଏବଂ ଉଚ୍ଚା ସ୍ଥାନରେ ସୁରକ୍ଷିତ ରଖିବାକୁ ପ୍ରାଣ ପଣେ ଉଦ୍ୟମ ଜାରିରଖିଛନ୍ତି । ଅନେକ ଅନ୍ୟତ୍ର ଭାସିଯାଇଥିବା ଖବର ମିଳୁଛି । ମାତ୍ର ପ୍ରଭାବିତ ଗୃହପାଳିତ ପଶୁଙ୍କ ପାଇଁ ଆବଶ୍ୟକ ପରିମାଣରେ ଖାଦ୍ୟ ମିଳିବାରେ ସମସ୍ୟା ଯୋଗୁ ସଂଖ୍ୟାଧିକ ପଶୁଙ୍କର ଖାଇବା ସମସ୍ୟା ବୃଦ୍ଧି ପାଇଛି ।

## ରିଲିଫ ଗୁଡ଼ରେ ଗୁଟ୍‌କା ଜରି

ଦଶରଥପୁର: ଦଶରଥପୁର ବ୍ଲକ ଅହିୟାସ ପଞ୍ଚାୟତର ଦରଘା ଠାରେ ବୈତରଣୀର ନଦୀର ଶାଖା କାଣି ନଦୀରେ ଘାଇ ସୃଷ୍ଟି ହୋଇ ବ୍ଲକର ପାଖାପାଖି ୨୦ଟି ପଞ୍ଚାୟତ ଜଳମଗ୍ନ ହୋଇସାରିଛି । ବନ୍ୟା ବିପନ୍ନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଜଳବନ୍ଦୀ ହୋଇଥିବା ଲୋକଙ୍କ ପାଖରେ ଶୁଖିଲା ଖାଦ୍ୟ ସହ ପିଇବା ପାଣି ଯୋଗାଇ ଦିଆଯାଉଛି । ଏଥିମଧ୍ୟରେ ଚୁଡ଼ା, ଗୁଡ଼ ଏବଂ ପାନୀୟ ଜଳ ମଲିକାପୁର ପଞ୍ଚାୟତରେ କାର୍ଯ୍ୟାଳୟରେ ପହଞ୍ଚିଥିବା ରିଲିଫ ସାମଗ୍ରୀ ଗାଡ଼ିରୁ ଓଲ୍ହାଇଯିବା ସମୟରେ କିଛି ଲୋକ ପିଠୁ ଟିଣରେ ଗୁଡ଼ ପହଞ୍ଚିଥିବା ଦେଖିଥିଲେ । ଏଣୁ ସେଠାରେ ଉପସ୍ଥିତ ବ୍ଲକ କର୍ମଚାରୀ ସାଙ୍ଗେ ସାଙ୍ଗେ ଟିଣ ଗୁଡ଼ିକୁ ଖୋଲି ଦେଖିବା ବେଳେ ଗୁଡ଼ ଡବାରୁ ବହୁ ପରିମାଣରେ ଗୁଟୁଖା ଜରି ଏବଂ ଅନ୍ୟ କିଛି ସାମଗ୍ରୀ ମିଶା ଗୁଡ଼ ବାହାରିଥିଲା । ଏହାକୁ ଦେଖି ସେଠାରେ ଖାଦ୍ୟ ନେବାକୁ ଆସିଥିବା ଲୋକମାନେ ଅସନ୍ତୋଷ ପ୍ରକାଶକରିବା ସହ ଚାପା ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏ ସବନ୍ଧରେ ଅଧିକାରୀଙ୍କୁ ପଚାରିବାରେ ଏହି ଗୁଡ଼ଟିଣ ଗୁଡ଼ିକ ବ୍ୟାସନଗର ପୌରାଞ୍ଚଳ କାର୍ଯ୍ୟାଳୟରୁ ଆସିଥିବା କହିବା ସହ ସମସ୍ତ ଗୁଡ଼ ଟିଣ ଗୁଡ଼ିକୁ ଫେରସ୍ତ କରାଯିବ ବୋଲି କହିଥିଲେ ।



## ନିଖୋଜ ଛାତ୍ରଙ୍କ ମୃତଦେହ ଉଦ୍ଧାର

ଦଶରଥପୁର,୨୭।୮ (ସମିସ): ଦଶରଥପୁର ବ୍ଲକ ବୈତରଣୀର ଶାଖା କାଣୀ ନଦୀରେ ଘାଇ ହୋଇଥିବା ଯୋଗୁ ସୃଷ୍ଟି ହୋଇଥିବା ପ୍ରଳୟଙ୍କରୀ ବନ୍ୟା ପାଣିରେ ଗତକାଲି ଜଣେ କଲେଜ ଛାତ୍ର ନିଖୋଜ ହୋଇଯାଇଥିଲେ । ନିଖୋଜ ଛାତ୍ର ଦଶରଥପୁର ବ୍ଲକ ମଲ୍ଲିକାପୁର ପଞ୍ଚାୟତର ମନ୍ମଥ ରଣାଙ୍କ ପୁଅ ମଦନ ମୋହନ ରଣା (୨୦) । ଗତକାଲି ମଦନ ମଲ୍ଲିକାପୁର-ବଉଳାଙ୍ଗ ରାସ୍ତାର କେନ୍ଦୁଆ ନାଳ ଉପରେ ଥିବା ପୋଲ ତଳକୁ ଶୌଚ ହେବାକୁ ଯାଇଥିବା ସମୟରେ ପଟୁ ମାଟିରେ ଗୋଡ଼ ଖସି ଯିବାରୁ ବନ୍ୟା ପାଣିରେ ଭାସି ଯାଇଥିଲେ । ଖବର ପାଇ ସ୍ଥାନୀୟ ଲୋକେ ଏବଂ ଓଡ୍ରାଫ୍ ଟିମ୍‌ର ଦୁଇଟି ବୋଟ ମଦନଙ୍କୁ ଠାବ କରିବା ପାଇଁ ଉଦ୍ୟମ କରିଥଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିନଥିଲା । ଆଜି ସକାଳୁ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ ଓ ଅତିରିକ୍ତ ତହସିଲଦାର ରଶ୍ମୀ ରଞ୍ଜନ ମଲ୍ଲିକ ଘଟଣା ସ୍ଥଳରେ ପହଞ୍ଚି ଓଡରାଫ ଓ ଦମକଳ ବାହାନି ସହିତ ବୁଡାଳୀ ମାନେ ସେଠାରେ ଖୋଜାଖୋଜି କରିବା ପରେ କେନ୍ଦୁଆ ନାଳ ଉପରେ ଥିବା ପୋଲ ତଳେଥିବା ଏକ ଲୁହା ରଡ଼ରେ ଲାଗିଥିବା ମଦନଙ୍କ ମୃତଦେହକୁ ବାହାର କରିଥିଲେ । ସେଠାରୁ ମୃତ ଦେହକୁ ପ୍ରଥମେ ମଙ୍ଗଳପୁର ଓ ପରେ ଶବ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଜଣାଯାଇଛି ।

## ବିଜେପି କର୍ମୀଙ୍କ ପକ୍ଷରୁ ରିଲିଫ ବଣ୍ଟନ

ମଙ୍ଗଳପୁର: ମଙ୍ଗଳପୁର ପଞ୍ଚାୟତର ୨ ନମ୍ବର ୱାର୍ଡରେ ବନ୍ୟା ଜଳ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି ଘଟାଇଛି । ୨ ନମ୍ବର ୱାର୍ଡରେ କ୍ଷତିଗ୍ରସ୍ତ ବନ୍ୟା ବିପନ୍ନମାନଙ୍କୁ ଆଜି ମଙ୍ଗଳପୁର ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାମାନଙ୍କ ପକ୍ଷରୁ ମଙ୍ଗଳପୁର ପଞ୍ଚାୟତର ସମିତିସଭ୍ୟା ସରିତା ପଣ୍ଡା, ସମାଜସେବୀ ବିଭୁତି ଭୂଷଣ ପଣ୍ଡା, ରାଜେଶ କୁମାର ମଲ୍ଲିକ, ପ୍ରମୋଦ କୁମାର ପଣ୍ଡା, ଶୁଭ୍ରାଂଶୁ ମହାପାତ୍ର, ସରୋଜ ମଲ୍ଲିକ ପ୍ରମୁଖଙ୍କ ସମେତ ଅନେକ ବିଜେପି କର୍ମୀ ୨ ନମ୍ବର ୱାର୍ଡର ଦଳିତ ସାହିରେ ୮୦ ପରିବାରର ୨୬୫ ଜଣ କ୍ଷତି ଗ୍ରସ୍ତଙ୍କୁ ମୁଢି, ବିସ୍କୁଟ, ଚୁଡା, ମହମବତୀ ଓ ପାଲ ଆଦି ପ୍ରଦାନ କରିଥିଲେ । ବ୍ଲକ ପ୍ରଶାସନ ପକ୍ଷରୁ ଗୋରୁ ଗାଇମାନଙ୍କୁ ଗୋଖାଦ୍ୟ ବଣ୍ଟନ କରାଯାଇଛି ।

## ଉତ୍କଳ ସୋସିଆଲ ୱେଲ ଫେୟାର୍ ସୋସାଇଟି ପକ୍ଷରୁ ରିଲିଫ୍

ଦଶରଥପୁର: ଉତ୍କଳ ୱେଲ ଫେୟାର ସୋସାଇଟି ବିଞ୍ଝାରପୁର ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ୍ ପ୍ରଦାନ କରାଯାଇଛି । ଦଶରଥପୁର ବ୍ଲକ୍ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତ ନାଳମଲ୍ଲିକ ପାଟଣା ଦୁଇ ନମ୍ବର୍ ୱାର୍ଡରେ ଅଧିକ କ୍ଷତିଗ୍ରସ୍ତ ପରିବାର ଓ ମଲ୍ଲିକାପୁର ପଞ୍ଚାୟତ ଦାଣ୍ଡି ସାହିରେ ପାଣିଘେରରେ ଥିବା ବିପନ୍ନଙ୍କୁ ରିଲିଫ ବଣ୍ଟନ କରାଯାଇଛି । ସମିତି ସଭ୍ୟା ସରିତା ପଣ୍ଡା, ସେକ୍ ଓସି ଉଲ୍ଲା, ସେକ୍ ଇଝହାର, ଲକ୍ଷ୍ମୀନାରାୟଣ ଜରାଶ୍ରମର ଅଧିକ୍ଷକ ଓ ପ୍ରଧାନ ଶିକ୍ଷକ ବିପନ୍ନ ମାନଙ୍କୁ ରିଲିଫ୍ କିଟ୍ ଓ ପାଲ ପ୍ରଦାନ କରିଥିଲେ । ସେକ୍ ବସର୍, ପ୍ରିୟବ୍ରତ ମହାନ୍ତି, ସାମ୍ବାଦିକ ପ୍ରମୋଦ କୁମାର ପୁହାଣ, ସୀତାଂଶୁ ଜେନା, ଦେବେନ୍ଦ୍ର ସାମଲ ଓ ଗ୍ରାମ ବାସୀଙ୍କ ସହଯୋଗରେ ରିଲିଫ୍ ବଣ୍ଟନ କରାଯାଇଥିଲା । ଜରାଶ୍ରମ ଅନ୍ତେବାସୀ ରିଲିଫ କିଟ୍ ଓ ବୋତଲ ପାଣି ପାଇ ଆନନ୍ଦରେ ଫାଟି ପଡିଥିଲେ । ଉତ୍କଳ ସୋସିଆଲ ୱେଲ ଫେୟାର ସୋସାଇଟିର ପରିଚାଳନା ନିର୍ଦ୍ଦେଶକ ଅବଦୁଲ୍ କାଦିର ଖାଁ ସୁଦୂର ମୁମ୍ବାଇରେ ଥାଇ ରିଲିଫ୍ ସାମଗ୍ରୀ ବ୍ୟବସ୍ଥା କରିଥିଲେ ।

## ଚୋରା ମଦ କାରବାରକୁ ବିରୋଧ



ବାଲିଚନ୍ଦ୍ରପୁର,୨୭।୮ (ସମିସ): ବାଲିଚନ୍ଦ୍ରପୁର ଥାନା ତଥା ଅଣକା ପଞ୍ଚାୟତ ଅନ୍ତର୍ଗତ ମହାଦେଇପୁର ଦଳେଇ ସାହିରେ ଦୀର୍ଘ ଦିନ ହେବ ଚୋରା ମଦ କାରବାର ହୋଇ ଆସୁଛି । ଆଜି ସନ୍ଧ୍ୟାରେ ମଦ୍ୟପମାନଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ଆସୁଥିବା ୩୦ରୁ ଅଧିକ ମହିଳା ଥାନାକୁ ଆସି ଏହା ବିରୋଧ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ଏହି ଦଳେଇ ସାହିର ବିଭିନ୍ନ ସ୍ଥାନରେ ୭ ଜଣ ଚୋରା ମଦ ବେପାରୀ ଚୋରା ମଦ କାରବାର କରି ଆସୁଛନ୍ତି । ଏହି କାରବାର ପାଇଁ ଏହି ସାହିର ଯୁବକ ଛାତ୍ର ସହିତ ବିଭିନ୍ନ ପରିବାରର ସ୍ୱାମୀ ଓ ପୁଅ ମାନେ ମଦ୍ୟପାନ କରି ନିଜ ନିଜର ପରିବାରରେ ଅଶାନ୍ତ ପରିବେଶ ସୃଷ୍ଟି କରି ମହିଳା ଓ ପିଲାଛୁଆଙ୍କୁ ମାରଧର କରୁଛନ୍ତି ବୋଲି ମହିଳାମାନେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି । ପୂର୍ବ ଅଭିଯୋଗ ଅନୁଯାୟୀ ଅବକାରୀ ବିଭାଗ ପକ୍ଷରୁ ଏହି ସାହିରେ ଚଢ଼ାଉ କରାଯାଇ ଦୁଇଜଣଙ୍କୁ ଗିରଫ କରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ତେବେ ସେମାନେ ଜେଲରୁ ଫେରି ପୁଣି ଏହି କାରବାର କରୁଛନ୍ତି । ଏହା କେମିତି ହେଉଛି ଓ କି ପଦକ୍ଷେପ ବୋଲି ମହିଳା ମାନେ ପ୍ରଶ୍ନ ଉଠାଇ ସବୁଦିନ ପାଇଁ ଏହି ଦଳେଇ ସାହିକୁ ମଦ ମୁକ୍ତ କରିବା ସହିତ ମଦ ବେପାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହିଳା ମାନେ ଦାବି କରିଥିଲେ । ତେବେ ଥାନାଧିକାରୀ ସମରଜିତ ନାୟକ ମହିଳା ମାନଙ୍କ ଅଭିଯୋଗ ପତ୍ରକୁ ଗ୍ରହଣ କରିବା ସହିତ ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## କୂଅରେ ପଡ଼ି ଯୁବକ ମୃତ

ଦାନଗଦି, ୨୭।୮ (ସମିସ): ଦାନଗଦି ଗାଁର ସନାତନ ପାତ୍ରଙ୍କ ପୁଅ ଚନ୍ଦନ ପାତ୍ର (୫୩) ଗତକାଲି ରାତିରୁ ନିଖୋଜ ଥିଲେ । ଆଜି ସକାଳୁ ଘର ଲୋକ ତାଙ୍କ ଘର ପାଖରେ ଥିବା କୂଅରେ ଚପଲ ଭାସୁ ଥିବାର ଦେଖିଥିଲେ । ଗ୍ରାମବାସୀଙ୍କ ସହଯୋଗରେ ତାଙ୍କୁ କୂଅରୁ ଉଦ୍ଧାର କରିଥିଲେ । ପରେ ୧୦୮ ଯୋଗେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାର ମୃତ୍ୟୁ ଘଟିଥିବା କହିଥିଲେ । ମୃତଦେହକୁ ଡାକ୍ତରଖାନାରେ ବ୍ୟବଚ୍ଛେଦ ପାଇଁ ରଖାଯାଇଛି । ଖବର ପାଇ ଦାନଗଦି ଫାଣ୍ଡି ପୁଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ୩୬/୨୦୨୫ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଛି ।

## ଯାଦବ ନେତାଙ୍କ ବିୟୋଗରେ ଶୋକସଭା

ବିଞ୍ଝାରପୁର,୨୭।୮ (ସମିସ): ବିଞ୍ଝାରପୁର ବ୍ଲକର ମଲିଆ ଏଗାର ପାଟଣା ଯାଦବ ସମିତି ମନ୍ଦିର ପ୍ରାଙ୍ଗଣରେ ଉତ୍କଳ ଯାଦବ ମହାସଭାର ଦକ୍ଷ ସଂଗଠକ ଅର୍ଜୁନ ମହକୁଳଙ୍କ ବିୟୋଗରେ ଏକ ଶୋକସଭା ମନ୍ଦିର ସଭାପତି ପ୍ରଫୁଲ୍ଲ କୁମାର ମହାକୁଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦିବଂଗତ ମହାକୁଳଙ୍କର ବହୁମୁଖୀ ପ୍ରତିଭାର ଚର୍ଚ୍ଚା କରାଯାଇଥିଲା । ମୁଖ୍ୟଅତିଥି ଭାବରେ ଜିଲ୍ଲା ମଣ୍ଡଳର ପ୍ରାକ୍ତନ ସଭାପତି ରବୀନ୍ଦ୍ରନାଥ ବେହେରା ଯୋଗଦେଇଥିଲେ । ଉପସ୍ଥିତ କର୍ମକର୍ତ୍ତାଙ୍କ ମଧ୍ୟରେ ସଚ୍ଚିଦାନନ୍ଦ ଗୁରୁ, ରତ୍ନାକର ମହାକୁଳ, ଧନେଶ୍ୱର ଦାସ, ପ୍ରଦୀପ କୁମାର ନାୟକ, ଘନସୁନ୍ଦର ଦାସ, ସିଦ୍ଧାର୍ଥ ଶଙ୍କର ଗୁରୁ, ରମେଶଚନ୍ଦ୍ର ପଲାଇ, ବିଷ୍ଣୁଚରଣ ବାରିକ, ପୂର୍ଣ୍ଣଚନ୍ଦ୍ର ବେହେରା ସମେତ ବହୁ ଯାଦବ ସଦସ୍ୟ ମାନେ ଉପସ୍ଥିତ ହୋଇ ସ୍ମୃତିଚାରଣ କରିଥିଲେ । ସୁବାସଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୁବତୀଙ୍କ ସନ୍ଦେହ ଜନକ ମୃତ୍ୟୁ

ସିଂହପୁର,୨୭।୮ (ସମିସ): ବିଞ୍ଝାରପୁର ଥାନା ଅନ୍ତର୍ଗତ କଲ୍ୟାଣପୁର ଗ୍ରାମର ଅଜୟ ବଳଙ୍କ ଝିଅ ରିତୁ (୨୩) ଙ୍କର ଆଜି ମୃତ୍ୟୁ ଘଟିଛି । ସେ ସିଂହପୁର କଲେଜ ଛକ ନିକଟରେ ଏକ ବିଉଟି ପାର୍ଲର ଦୋକାନ କରିଛନ୍ତି । ଆଜି ପାର୍ଲରକୁ ଆସିଥିବା ରିତୁ ଘରକୁ ନ ଫେରିବାରୁ ସନ୍ଧ୍ୟାରେ ପରିବାର ଲୋକେ ଫୋନ କରିଥିଲେ । ଫୋନ ନ ଉଠାଇବାରୁ ଆସି ଦେଖନ୍ତି ପାର୍ଲର ଘର ଭିତରେ ଫ୍ୟାନରେ ରଶିରେ ଝୁଲୁଛନ୍ତି । ପରିବାର ଲୋକଙ୍କ ଅଭିଯୋଗ ଝିଅକୁ କିଏ ମାରି ଫ୍ୟାନରେ ଝୁଲାଇ ଦେଇଛି । ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଯାଜପୁର ପଠାଇ ଘଟଣାର ତଦନ୍ତ କରୁଛି ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

କବାଟବନ୍ଧ/ଜେନାପୁର,୨୭।୮ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୈରୀ- ଡାଳିଯୋଡ଼ା ରେଞ୍ଜ ଅଧୀନ ଗଡ଼ମଧୁପୁର ବନାଞ୍ଚଳ ଜେନାପୁର ଥାନା ଅଞ୍ଚଳରେ ଏକ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡିଛି । ଆକ୍ରମଣରେ ଗୁରୁତର ହୋଇଥିବା ଯୁବକ ଜଣକ ଜେନାପୁର ଥାନା ଅନ୍ତର୍ଗତ ସଂପାରୁ ପଞ୍ଚାୟତ ତୁରଙ୍ଗ ଗ୍ରାମର ଜଳଧର ଜେନାଙ୍କ ପୁଅ ଚିନ୍ମୟ ଜେନା (୩୦) ବୋଲି ଜଣାପଡ଼ିଛି । ମିଳିଥିବା ଖବର ଅନୁସାରେ ଚିନ୍ମୟ ବୁଧବାର ସକାଳ ପ୍ରାୟ ୬.୩୦ ସମୟରେ ଶୌଚ ହେବା ପାଇଁ ଗାଁ ନିକଟରେ ଥିବା କୁଆଁରିଆ ନାଳକୁ ଯାଇଥିଲେ । ଏହି ସମୟରେ ଭାଲୁଟି ତାଙ୍କୁ ଆକ୍ରମଣ କରିଥିଲା । ଭାଲୁ ଆକ୍ରମଣରେ ଚିନ୍ମୟ ଗୁରୁତର ହୋଇଛନ୍ତି । ତାଙ୍କର ମୁହଁ, ଆଖି, ହାତ, ଗୋଡ଼ ଆଦି କ୍ଷତବିକ୍ଷତ ହୋଇଛି । ଏହି ସମୟରେ ସେଠାରେ ଥିବା ଦୁଇଟି କୁକୁର ମଧ୍ୟ ଭାଲୁ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି । କୁକୁର ଦୁଇଟିକୁ ଭାଲୁଟି ସମ୍ପୂର୍ଣ୍ଣ ଦୁଇ ଫାଳ କରି ଦେଇଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ଲୋକମାନେ ଚିନ୍ମୟଙ୍କୁ ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଭର୍ତ୍ତି କରିଛନ୍ତି । ତେବେ ସ୍ଥାନୀୟ ଅଞ୍ଚଳରେ ଭାଲୁ ବାହାରିବା ଏକ ସାଧାରଣ କଥା । କେବଳ ଭାଲୁ ନୁହେଁ ବାରହା, ହରିଣ, ଖୁରିଙ୍ଗ, ଠେକୁଆ ଏବଂ ଅନେକ ପ୍ରକାର ସାପ ମଧ୍ୟ ଲୋକମାନେ ଦେଖିବାକୁ ପାଉଛନ୍ତି । ଦିନରାତି ପାହାଡ଼ ବେଆଇନ ବ୍ଲାଷ୍ଟିଂ ଏବଂ ପ୍ରଚଣ୍ଡ ଶବ୍ଦ ପାଇଁ ବନ୍ୟ ଜନ୍ତୁ ମାନେ ଜନବସତି ମୁହାଁ ହୋଇଛନ୍ତି । ପାହାଡ଼ ଜଙ୍ଗଲରେ ରହିବା ବନ୍ୟ ଜନ୍ତୁମାନେ ନିଜ ବାସସ୍ଥାନକୁ ସୁରକ୍ଷିତ ନ ଭାବି ଜନବସତି ମୁହାଁ ହେଉଛନ୍ତି । ଯାହା ଫଳରେ ନିରୀହ ଲୋକଙ୍କ ଜୀବନ ଯାଉଛି । ତେବେ ଘଟଣା ସମ୍ପର୍କରେ ବନ ବିଭାଗ ତତ୍ପରତା ପ୍ରକାଶ କରି ସଦଳବଳେ ଉକ୍ତ ଅଞ୍ଚଳରେ ପ୍ରହରା ଦେଇଛି । ବନ ବିଭାଗ ଭାଲୁକୁ ଘଉଡ଼ାଇବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି । ଆକ୍ରମଣରେ ଗୁରୁତର ଚିନ୍ମୟ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଖବର ମିଳିଛି ।

## ଟାଟା ଷ୍ଟିଲ ପକ୍ଷରୁ ଦୋରାବଜୀ ଟାଟାଙ୍କ ଜୟନ୍ତୀ ପାଳିତ

ଦାନଗଦି,୨୭।୮ (ସମିସ): ଟାଟା ଷ୍ଟିଲ କଳିଙ୍ଗନଗର ପକ୍ଷରୁ ଯାଜପୁର ଜିଲ୍ଲା ଡୁବୁରିସ୍ଥିତ ପ୍ଲାଣ୍ଟରେ ସାର୍ ଦୋରାବଜୀ ଟାଟାଙ୍କ ୧୬୬ତମ ଜୟନ୍ତୀ ପାଳିତ ହୋଇଯାଇଛି । ଟାଟା ଷ୍ଟିଲ କଳିଙ୍ଗନଗରର ଟିଏସ୍‌କେ ସେଣ୍ଟରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସମାରୋହରେ ଟିଏସ୍‌କେର ଜେନେରାଲ ମ୍ୟାନେଜର (ଅପେରେସନ୍ସ) କରମବିର ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଟାଟା ଷ୍ଟିଲ କଳିଙ୍ଗନଗର ୱାର୍କର୍ସ ୟୁନିୟନର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଜାମୁଦା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗରର ବରିଷ୍ଠ ଅଧିକାରୀ, ସଂଘ ପ୍ରତିନିଧି ଓ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍), ଫେରୋ ଆଲଏଜ୍ ପ୍ଲାଣ୍ଟ ବ୍ରହ୍ମଣୀପାଳ ଓ ଫେରୋ ଆଲଏଜ୍ ପ୍ଲାଣ୍ଟ ଯାଜପୁରରେ ମଧ୍ୟ ଶ୍ରଦ୍ଧାଞ୍ଜଳି ସମାରୋହରେ ଅନୁଷ୍ଠିତ ହୋଇଥିଲା । ଶ୍ରଦ୍ଧାଞ୍ଜଳି ସମାରୋହ ପରେ, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଦ୍ୱାରା କର୍ମଚାରୀମାନେ ସୁକିନ୍ଦା ବ୍ଲକର ଓଳିଆ ପଞ୍ଚାୟତ ଅନ୍ତର୍ଗତ ଧଉରାସାହି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହିତ ଗଣେଶ ପୂଜା ପାଳନ କରିଥିଲେ । ପିଲାମାନଙ୍କୁ ମିଠା ଏବଂ ଉପହାର ବଣ୍ଟନ କରିଥିଲେ ।



## ଦୀର୍ଘ ବର୍ଷ ଧରି ବନ୍ଧା ପଡ଼ିଥିବା ଶ୍ରମିକ ଉଦ୍ଧାର

ପାଣିକୋଇଲି,୨୭।୮ (ସମିସ):

ଦୀର୍ଘ ଦଶ ବର୍ଷ ଧରି ଗୋଟିଏ ଇଟାଭାଟିରେ ବନ୍ଧକ ପଡ଼ିଥିବା ଶ୍ରମିକ ପରିବାର ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ପରେ ଉଦ୍ଧାର ହୋଇଛନ୍ତି । କିନ୍ତୁ ଉଦ୍ଧାର ହେବା ପରେ ତିନି ଶିଶୁଙ୍କୁ ଯାଜପୁର ଜିଲ୍ଲା ପ୍ରଶାସନ ନିଜ ହେପାଜତରେ ରଖିଥିବା ବେଳେ ପତିପତ୍ନୀ ଥାନାରେ ଅଭିଯୋଗ କରିବାକୁ ଆସି ଗଲେ ନିଖୋଜ ହୋଇଯାଇଛନ୍ତି । ଯାହା ଏବେ ଜିଲ୍ଲା ପ୍ରଶାସନର ମୁଣ୍ଡବ୍ୟଥା ବଢାଇ ଦେଇଛି ।

ପ୍ରକାଶଯେ ଭଦ୍ରକ ଜିଲ୍ଲା ବାଉଦପୁର ଅଞ୍ଚଳର ନବୀନ ମୁଣ୍ଡା ଓ ତାଙ୍କ ପତ୍ନୀ ଗୀତା ସମେତ ଦୁଇ ଶିଶୁ କନ୍ୟା ଓ ଗୋଟିଏ ଶିଶୁ ପୁତ୍ରକୁ ନେଇ ପାଣିକୋଇଲି ଥାନା ଅନ୍ତର୍ଗତ ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତର ମାଧପୁର ଗ୍ରାମରେ ମହେନ୍ଦ୍ର ଜେନାଙ୍କ ଇଟାଭାଟି ନିକଟରେ ଭଙ୍ଗା ଚାଳ ଘରେ ୧୦ ବର୍ଷ ହେବ ରହିବା ସହିତ ତାଙ୍କ ଇଟାଭାଟିରେ ଉଭୟ ସ୍ୱାମୀ ସ୍ତ୍ରୀ କାର୍ଯ୍ୟ କରୁଥିଲେ । ଦୁଇ ଶିଶୁ କନ୍ୟା (୧୪ ଓ ୫) ଓ ପୁଅ (୮) ଶ୍ରୀ ଜେନାଙ୍କ ଘରେ ଘର କାମ କରିବା ସହିତ ଛେଳି ଚରା କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ନବୀନା ଓ ତାଙ୍କ ପରିବାର ନିଜ ଗ୍ରାମକୁ ଯିବା ଲାଗି ଚାହିଁଲେ ମଧ୍ୟ ତାଙ୍କୁ ମାଲିକ ଶ୍ରୀ ଜେନା ଘରକୁ ନ ଛାଡ଼ି ଓଲଟା ମାଡ଼ ମାରୁଥିଲେ । ମଜୁରୀ ବାବଦରେ ପୁରା ପରିବାରକୁ ମାସକୁ ମାତ୍ର ଚାରି ହଜାର ଟଙ୍କା ମାଲିକ ଦେଉଥିଲେ ।



ଭାଟି ମାଲିକ ଶ୍ରୀ ଜେନା ବନ୍ଧକ ଶ୍ରମିକ ଭାବେ ନବୀନାଙ୍କ ପରିବାରକୁ ନିଜ ଇଟା ଭାଟି ସମେତ ଗୃହ କାର୍ଯ୍ୟରେ ଖଟାଉଥିବା ବେଳେ ପିଲା ମାନଙ୍କୁ ପାଠ ପଢିବା ଲାଗି ମଧ୍ୟ ଛାଡୁ ନଥିଲେ । ଏପରିକି ଗତ ବର୍ଷ ନବୀନାଙ୍କ ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଥିବା ବେଳେ ମହେନ୍ଦ୍ର ତାଙ୍କୁ ଶୁଦ୍ଧିକ୍ରିୟା ଲାଗି ଘରକୁ ଯିବା ଲାଗି ମଧ୍ୟ ଛାଡ଼ି ନଥିଲେ । ତେବେ ନିରକ୍ଷର ଓ ନିସଃହାୟ ନବୀନା ଓ ତାଙ୍କର ପରିବାର ଭୟଭୀତ ଅବସ୍ଥାରେ ରହି ମୁକୁଳିବାର ବାଟ ମଧ୍ୟ ପାଉନଥିଲେ । ତେବେ ଏକଥା କୌଣସି ମତେ ଜିଲ୍ଲା ପ୍ରଶାସନ ଅବଗତ ହେବା ପରେ ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଯାଜପୁରର ଭାରପ୍ରାପ୍ତ ତହସିଲଦାର ଅଜୟ କୁମାର ପଣ୍ଡା, ଶ୍ରମ ଅଧିକାରୀ ସୌମ୍ୟସୁନ୍ଦର ରାଉତରାୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି ପ୍ରମୁଖ ଉକ୍ତ ଇଟାଭାଟି ମାଲିକ ଶ୍ରୀ ଜେନାଙ୍କ ଘରେ ଚଢ଼ଉ କରି ବନ୍ଧକ ଥିବା ନବୀନାଙ୍କ ପରିବାରକୁ ଉଦ୍ଧାର କରିଥିଲେ । ପରେ ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ କର ତିନି ଜଣ ପିଲାମାନଙ୍କୁ ନିଜ ହେପାଜତକୁ ନେବା ସହିତ ଦୁଇ ଝିଅଙ୍କୁ ଯାଜପୁର ସ୍ଥିତ ସଖୀ କେନ୍ଦ୍ରରେ ଓ ପୁଅକୁ ବାଳାଶ୍ରମରେ ରଖିଥିଲେ । ତେବେ ନବୀନା ଓ ତାର ପତ୍ନୀ ଥାନାକୁ ଅଭିଯୋଗ ନେଇଆସିଥିବା ବେଳେ ପୁଲିସ ତାଙ୍କୁ ଢେର ସମୟ ପର୍ଯ୍ୟନ୍ତ ଥାନାରେ ଅଟକାଇଥିଲା । ଫଳରେ ସେମାନେ ଭୟଭୀତ ହୋଇ କୁଆଡେ ଚାଲିଯାଇଥିବାର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ କର ଜଣାଇଛନ୍ତ । ଏପରିକି ପୁଲିସ ମଧ୍ୟ ଏତଲାକୁ ରେଜେଷ୍ଟ୍ରୀ କରିନଥିବା ଶ୍ରୀ କର ଜଣାଇବା ସହିତ ଏକଥା ଜିଲ୍ଲାପାଳଙ୍କୁ ଅବଗତ କରାଯିବ ବୋଲି ଶ୍ରୀ କର ସୂଚନା ପ୍ରଦାନ କରିଛନ୍ତ ।

# ବିଘ୍ନରାଜ ଗଣେଶଙ୍କ ପୂଜାର୍ଚ୍ଚନାରେ ସହର-ପୁରପଲ୍ଲୀ ଉତ୍ସବ ମୁଖର




ଶ୍ରୀ ଗଣେଶ କ୍ଲବ


ଡିଏଫ୍ଓ ଅଫିସ


ମା' ଯୁବକ ସଂଘ


ପଦ୍ମପୁର


ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡ


ସୁପରଷ୍ଟାର କ୍ଲବ


ପିପୁଲ କ୍ଲବ


ଚମ୍ପୁଆ


ଆନନ୍ଦପୁର


ଶିଶୁ ମନ୍ଦିର


ନାରଦପୁର


ଆନନ୍ଦପୁର


ହାଟଡିହି


ପୁରୁଣା ବାନ୍ଧଗୋଡ଼ା

କେନ୍ଦୁଝର,୨୭।୮ (ସମିସ): କେନ୍ଦୁଝର ଜିଲ୍ଲାର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସମେତ ସମସ୍ତ ଶିକ୍ଷାନୁଷ୍ଠାନଗୁଡିକରେ ଗଣେଶ ପୂଜା ପାଳନ କରାଯାଉଛି। ଅଗ୍ରପୂଜ୍ୟ ବିଘ୍ନବିନାଶକ ବିନାୟକ ଶ୍ରୀଗଣେଶଙ୍କ ପୂଜା ବୁଧବାର କେନ୍ଦୁଝର ସଦର ମହକୁମା ସମେତ ଜିଲାର ପୁରପଲ୍ଲୀରେ ଆନନ୍ଦ ଉଲ୍ଲାସରେ ଅନୁଷ୍ଠିତ ହୋଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ସାଂସ୍କୃତିକ ଅନୁଷ୍ଠାନ, ପୂଜା କମିଟି, ବିଭିନ୍ନ ବେସରକାରୀ ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ସଂଘ ଏବଂ କ୍ଲବରେ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା ଶାସ୍ତ୍ର ଓ ବିଧିମତେ ପାଳିତ ହୋଇଛି। କେନ୍ଦୁଝର ସଦର ମହକୁମାର କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ମନ୍ଦିର, ବଣିଆପାଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ, କେନ୍ଦୁଝର ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଡେଲି ମାର୍କେଟଠାରେ ଗଣେଶପୂଜା କମିଟି, ପ୍ରାଇଭେଟ୍ ବସଷ୍ଟାଣ୍ଡରେ ଥିବା ରେକ୍ସ କ୍ଲବ ପୂଜା କମିଟି, କାଶିପୁର ଲକ୍ଷ୍ମୀପଡିଆ ଗଣେଶ ପୂଜା କମିଟି, ମଣ୍ଡୁଆ ଗଣେଶ ପୂଜା କମିଟି, ବଣିଆପାଟ ୟୁଥ କ୍ଲବ ଗଣେଶ ପୂଜା କମିଟି, କଲେଜ ରୋଡ ଗଣେଶ ପୂଜା କମିଟି, ଗଣପତି କ୍ଲବ ବଡହଲ, ଗୌରତୋଟା ଗଣେଶ ପୂଜା କମିଟି, ସାମନ୍ତରାୟପୁର ଗଣେଶ ପୂଜା କମିଟି, ଫରେଷ୍ଟ କଲୋନୀ ଗଣେଶ ପୂଜା କମିଟି, ଯୁବ କଂଗ୍ରେସ କାର୍ଯ୍ୟାଳୟ, ଧରଣୀଧର ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ, ସରକାରୀ ମହିଳା ମହାବିଦ୍ୟାଳୟ, କେନ୍ଦୁଝର ଜୁନିୟର କମର୍ସ କଲେଜ, ସିଟିଜି ଫାଉଣ୍ଡେସନ, ବୀରବରପୁର କଂସାରୀସାହି, କେନ୍ଦୁଝର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ, କେନ୍ଦୁଝର ଇଞ୍ଜିନିୟରିଂ କଲେଜ ଡିମ୍ପୋ, ଡିଏନ୍ ହାଇସ୍କୁଲ, କେନ୍ଦୁଝର ଜିଲ୍ଲା ବାର ଆସୋସିଏସନ, ନରଣପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ସାଇ ପ୍ରେରଣା କୋଚିଂ ସେଣ୍ଟର, ପାୱାର ହାଉସ୍ ପୋଖରୀ ନିକଟରେ ଗଣେଶ ପୂଜା କମିଟି, ମାଇନିଂ ରୋଡଠାରେ ପିପୁଲ୍ସ କ୍ଲବ ଓ ଅନ୍ୟାନ୍ୟ ଅନୁଷ୍ଠାନରେ ଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଛି। ସେହିପରି ସହରର ମାଧପୁର କାଳୀ ମନ୍ଦିର ନିକଟରେ ମା' କ୍ଲବ ପକ୍ଷରୁ ଗଣେଶ ପୂଜାର ଆୟୋଜନ କରାଯାଇଥିବାବେଳେ ସୁଦୃଶ୍ୟ ମେଢ ଓ ତୋରଣ ଭକ୍ତମାନଙ୍କୁ ଆକର୍ଷିତ କରିଛି। ସହରର ବିଭିନ୍ନ ମେଢକୁ ଭକ୍ତମାନେ ଅପରାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଗଣେଶଙ୍କୁ ଦର୍ଶନ କରିଥିବାବେଳେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ବିଶେଷ କରି ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜାକୁ ନେଇ ପାର୍ବଣର ମାହୋଲ ସୃଷ୍ଟି କରିଛି। ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ବିଘ୍ନରାଜ ଗଣେଶଙ୍କୁ ପୂଜାର୍ଚ୍ଚନା କରି ବିଦ୍ୟାଦାନ କରିବାକୁ ପ୍ରାର୍ଥନା କରିଛନ୍ତି। ଗଣେଶ ପୂଜାରେ ବହୁ ଶିଶୁମାନଙ୍କର ଖଡି ଛୁଆଁ କାର୍ଯ୍ୟକ୍ରମ କରାଯାଇ ବିଦ୍ୟାରମ୍ଭ କରାଯାଇଥିଲା। ସନ୍ଧ୍ୟା ସମୟରେ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଲୋକଙ୍କ ମଧ୍ୟରେ ଭିଡ଼ ଦେଖିବାକୁ ମିଳିଥିଲା।

ମା' କ୍ଲବ ଯୁବକ ସଂଘ ପକ୍ଷରୁ ଗଣେଶ ପୂଜା ସଦର ବ୍ଲକ ନୂଆଗାଁ ପଞ୍ଚାୟତ ହାତୀକୁଚା ପୁରୁଣାସାହି ଯୁବକ ସଂଘ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ସଂକଳ୍ପରେ ଦଶରଥ ଗିରି ବସିଥିଲେ। ପୂଜକ ଚିତ୍ତରଞ୍ଜନ ମିଶ୍ର ପୂଜାର୍ଚ୍ଚନା କରିଥିଲେ। କ୍ଲବର ଅଭିଷେକ ଗିରି, ଚିନ୍ମୟ ନାଏକ, ରାଜେଶ ଭଞ୍ଜ, ଶକ୍ତିମାନ ଦେହୁରୀ, ରାଜ୍ ମୁଖୀ, କିଶୋର ମୁଖୀ, କନ୍ଦର୍ପ ନାଏକ, ସୁଶାନ୍ତ ଦେହୁରୀ, ହରିଶ୍ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

କେନ୍ଦୁଝର ସଦର ବ୍ଲକ ପଦ୍ମପୁର ଗଣେଶ ପୂଜା କମିଟି ପକ୍ଷରୁ ଅଗ୍ରପୂଜ୍ୟଙ୍କ ପୂଜା ଅନୁଷ୍ଠିତ ହୋଇଛି। ଅରଡେଇ ନଦୀରୁ ଜଳଭର୍ତ୍ତି କଳସ ଅଣାଯାଇଥିଲା। ପ୍ରବାଶିଷ ସାହୁ ସଂକଳ୍ପରେ ବସିଥିଲେ। ପୂଜକ ପ୍ରମୋଦ କୁମାର ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ପୁଷ୍ପାଞ୍ଜଳି ଦିଆଯିବା ପରେ ସର୍ବସାଧାରଣଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଗୁରୁବାର 'ଆଖି ଅବୁଝାକୁ ଲୁହ ଅବୁଝା' ଗାଁ କଳାକାରଙ୍କୁ ଏକ ନାଟକ ପରିବେଷଣ ହେବ। ପଦ୍ମପୁର ଗଣେଶ ପୂଜା କମିଟି ସଭାପତି ବଦ୍ରିକାନାଥ ନାଏକ, ସମ୍ପାଦକ ହିମାଂଶୁ ଶେଖର ସାହୁ, ସଦସ୍ୟ ଦେବାଶିଷ ସାହୁ, ଦୀପକ କୁମାର ସାହୁ, ଦୟାନିଧି ସାହୁ, ରଙ୍କିଆ ଦେହୁରୀ, ସନତ ଦେହୁରୀ, ଚିନ୍ମୟ ସାହୁ, ସତ୍ୟବ୍ରତ ସାହୁ, ଆଶିଷ ସାହୁ, ପ୍ରକାଶ ସାହୁ, ସିନୁ ସାହୁ ପ୍ରମୁଖ ସହଯୋଗ କରୁଛନ୍ତି।

ସେହିଭଳି କେନ୍ଦୁଝର ସଦର ବ୍ଲକ ନୂଆଗାଁ ପଞ୍ଚାୟତ କାଦଗଡ ସୁପର୍ ଷ୍ଟାର କ୍ଲବ ଗଣେଶ ପୂଜା କମିଟି ପକ୍ଷରୁ ପୂଜା ପାଳିତ ହୋଇଛି। ମାନସ କୁମାର ଦେହୁରୀ ସଂକଳ୍ପରେ ବସିଥିଲେ। ପୂଜକ ଲଳିତ କୁମାର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ସମସ୍ତ ଶ୍ରଦ୍ଧାଳୁ ପୁଷ୍ପାଞ୍ଜଳି ଦେଇଥିଲେ। ପରେ ସର୍ବସାଧାରଣଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। କାଦଗଡ ଗଣେସ ପୂଜା କମିଟି ସଭାପତି ହେମାନନ୍ଦ ଦେହୁରୀ, ସମ୍ପାଦକ ସଷ୍ଟାଂଗ ବିହାରୀ ଦେହୁରୀ ସଦସ୍ୟ ଗୋପବନ୍ଧୁ ଦେହୁରୀ, ରଜନୀକାନ୍ତ ଦେହୁରୀ, ଶିବସୁନ୍ଦର ଦେହୁରୀ, ସୁବାସ ଦେହୁରୀ, ମୋହିତ ମୋହନ ଦେହୁରୀ, କୁମୁଦ ନ୍ଦ୍ର ଦେହୁରୀ, ବାଞ୍ଛାନିଧି ବେହେରା, ରୁଦ୍ରନାରାୟଣ ଅମାନ୍ତ, କେଦାର ଦେହୁରୀ, ମୁକେଶ ଦେହୁରୀ, ଦେବାଶିଷ ଦେହୁରୀ ଏବଂ ସମସ୍ତ କମିଟିସଭ୍ୟ ସହଯୋଗ କରୁଛନ୍ତି।

**ଆନନ୍ଦପୁର:** ଗଣେଶ ପୂଜାପାଇଁ ଆନନ୍ଦପୁର ଉପଖଣ୍ଡ ଉତ୍ସବମୁଖର ହୋଇଉଠିଛି। ଆନନ୍ଦପୁରରେ ୫୦ରୁ ଅଧିକ ମଣ୍ଡପରେ ଶ୍ରୀଗଜାନନଙ୍କ ପୂଜା ଭାବଭକ୍ତିରେ ଆରମ୍ଭ ହୋଇଛି। କଲେଜ ଛକରେ ଫ୍ରେଣ୍ଡ୍ସ କ୍ଲବ୍, ବଡଦାଣ୍ଡରେ ଚିଲଡ୍ରେନ୍ କ୍ଲବ, ରଥ ଖଳାରେ ଜଗନ୍ନାଥ କ୍ଲବ୍, ବଡବଜାରରେ ତ୍ରିଶକ୍ତି କ୍ଲବ, ସୁଡୁସୁଡ଼ିଆ ବାଇପାସରେ ଶ୍ରୀ ଗଣେଶ ପୂଜା କମିଟି ପକ୍ଷରୁ ପୂଜା ଆନନ୍ଦ ଉଲ୍ଲାସରେ ଆରମ୍ଭ ହୋଇଛି। ଘସିପୁରା ସାର୍ବଜନୀନ ଗଣେଶ ପୂଜା କମିଟି ପକ୍ଷରୁ ଥାନାଛକରେ ଗଣପତିଙ୍କ ବୃହତ ମୂର୍ତ୍ତିରେ ପୂଜା ଆରମ୍ଭ ହୋଇଛି। ଏଠାରେ ୫ ଦିନ ଧରି ଗଣେଶ ଉତ୍ସବ ଧୁମ୍‌ଧାମ୍‌ରେ ପାଳନ କରାଯିବ। ୨୮ ତାରିଖରେ କଟକର ସାଇସଙ୍ଗମ ପକ୍ଷରୁ ମେଲୋଡି, ୨୯ରେ ଭୁବନେଶ୍ୱରର ସାଇନିଂ ଷ୍ଟାର୍ ଗ୍ରୁପ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିଣ କରାଯିବା ସହିତ ନାମ ସଂକୀର୍ତ୍ତନ, ଘଣ୍ଟ ଓ ପଞ୍ଜାବୀ ଢୋଲ ସହ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ସଭାପତି ପୌଲସ୍ତ୍ୟ ସାହୁ, ସଦସ୍ୟ ଆଶିଷ ବେହେରା, ଅମିୟ କୁମାର ମିଶ୍ର, ମଙ୍ଗଳ ନାୟକଙ୍କ ସମେତ ସଦସ୍ୟମାନେ କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି। ବେଲବାହାଳିରେ ପ୍ରତିଯୋଗିତା ଭିତ୍ତିରେ ୧୫ଟି ସ୍ଥାନରେ ଗଣେଶ ପୂଜା ଆରମ୍ଭ ହେଉଛି। ପୂଜାରେ ଲୋକଙ୍କ ମନୋରଂଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ବିଭିନ୍ନ ପୂଜା କମିଟି ପକ୍ଷରୁ ସ୍ଥିର ହୋଇଛି। ଘସିପୁରା ଡ୍ରିମ୍ସ କ୍ଲବ୍ ପକ୍ଷରୁ ଗଣେଶ ପୂଜା ପାଳିତ ହେଉଛି। ଏଠାରେ ୧୮ ଫୁଟ ଉଚ୍ଚର ଗଣପତିଙ୍କ ମୂର୍ତ୍ତି ନିର୍ମାଣ କରାଯାଇଛି। ସେହିପରି ସୁନ୍ଦୁରେଇ କ୍ଲବ୍, ବାବା ଝାଡ଼େଶ୍ୱର ୟୁଥ୍ କ୍ଲବ୍, ରୟାଲ ଟାଇଗର କ୍ଲବ୍, ଆନନ୍ଦପୁରର ଜଗନ୍ନାଥ କ୍ଲବ୍, ପାଇସ୍ କ୍ଲବ୍, ଫ୍ରେଣ୍ଡସ କ୍ଲବ୍, ତ୍ରିଶକ୍ତି କ୍ଲବ୍, ମୁଡୁମୁଡ଼ିଆ ଗଣେଶ ପୂଜା କମିଟି ପକ୍ଷରୁ ମଧ୍ୟ ପୂଜା ଅନୁଷ୍ଠିତ ହେଉଛି। ଆନନ୍ଦପୁର ପୌରାଞ୍ଚଳ ପଦ୍ମପୁରରେ ୧୩ଟି ମଣ୍ଡପରେ ଗଣପତିଙ୍କ ପୂଜା ଅନୁଷ୍ଠିତ ହେଉଛି। ପ୍ରିନ୍ସ ଷ୍ଟାର୍ କ୍ଲବ୍, ବ୍ଲୁଷ୍ଟାର୍ କ୍ଲବ, ୟୁଥ୍ ଲାୟନ କ୍ଲବ୍, ପାଟନର କ୍ଲବ୍. ରକ୍‌ଷ୍ଟାର୍ କ୍ଲବ୍, ରାଇଜିଂ ଷ୍ଟାର୍ କ୍ଲବ୍. ଥଣ୍ଡର ନାଇଟ୍ କ୍ଲବ, ବ୍ରଦର୍ସ କ୍ଲବ୍, ପାର୍କ କ୍ଲବ, ଡେଞ୍ଜର ଲାୟନ କ୍ଲବ୍, ସନ୍‌ଷ୍ଟାର କ୍ଲବ, ମହାଦେବ କ୍ଲବ୍, ବ୍ଲାକ୍ ୱାରିଅର୍ କ୍ଲବ୍ ପକ୍ଷରୁ ପୂଜା ପାଇଁ ଆକର୍ଷଣୀୟ ଆଲୋକ ସଜ୍ଜା ଦେଖିବାକୁ ମିଳିଛି। ସେପ୍‌ଟେମ୍ବର ୧୬ରୁ ୨୬ତାରିଖ ପର୍ଯ୍ୟନ୍ତ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏହାଛଡ଼ା ଆନନ୍ଦପୁର ବ୍ଲକ୍‌ର ବାରିଗାଁ, ଟୋଲଙ୍କପଡ଼ା, ଜଳସୁଆଁ, ଶାଳବଣି, ତରତରା, କୋଡ଼ପଡ଼ାରେ ମଧ୍ୟ ଗଣେଶ ପୂଜା ପାଇଁ ପ୍ରସ୍ତୁତି ସରିଛି।

**ଚମ୍ପୁଆ:** ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜନୋତ୍ସବ ଯଥାବିଧି ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ କପିଳେନ୍ଦ୍ର ସାମନ୍ତରା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ପରିଚାଳନା ସମିତିର ଉପସଭାପତି ସୁରେଶଚନ୍ଦ୍ର ମହାନ୍ତ, ସମ୍ପାଦକ ଭୋଳାନାଥ ମିଶ୍ର, ଅବସରପ୍ରାପ୍ତ ପ୍ରଧାନଆଚାର୍ଯ୍ୟ ଧରଣୀଧର ଦାସ, ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନଙ୍କ ସମେତ ସମସ୍ତ ଆଚାର୍ଯ୍ୟ-ଆଚାର୍ଯ୍ୟା ସେବକ-ସେବିକା ଓ ଛାତ୍ରଛାତ୍ରୀ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଅନ୍ୟ ଅନୁଷ୍ଠାନଗୁଡ଼ିକରେ ମଧ୍ୟ ଅଗ୍ରପୂଜ୍ୟଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ସେହିପରି ମହତାବ ଉଚ୍ଚ ବିଦ୍ୟାଳୟ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ, ଆକାଶ ଜ୍ୟୋତି ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଚନ୍ଦ୍ରଶେଖର ଯୁକ୍ତ ଦୁଇ ଇଂରାଜୀ ବିଦ୍ୟାଳୟ, ବାଳିକା ଯୁକ୍ତ ଦୁଇ ବିଦ୍ୟାଳୟ, ଚନ୍ଦ୍ରଶେଖର ମହାବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ଗୋଧୂଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କେରଳା ଇଂରାଜୀ ବିଦ୍ୟାଳୟ ସମେତ ବିଭିନ୍ନ ବେସରକାରୀ ଓ ଯୁବକ ସଂଘ ଦ୍ୱାରା ଭକ୍ତି ଓ ଶ୍ରଦ୍ଧାର ସହ ଏହି ପୂଜା ପାଳନ କରାଯାଇଛି।

**ନାରଦପୁର:** ଝୁମ୍ପୁରା ବ୍ଲକ ନାରଦପୁର ଉଚ୍ଚବିଦ୍ୟାଳୟରେ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜା ମଣ୍ଡପକୁ ଆକର୍ଷଣୀୟ ଢଙ୍ଗରେ ସାଜସଜ୍ଜା କରିଥିଲେ। ପୂର୍ବାହ୍ନ ୧୧ରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ କଳାକର ମହାନ୍ତଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ସୁମନ୍ତ କୁମାର ମହାନ୍ତ, ଦେବେନ୍ଦ୍ର କୁମାର ମଲ୍ଲିକ, କମଳେଣ୍ଡୁ ଦାସ, ଶିକ୍ଷୟିତ୍ରୀ ପୁଷ୍ପମଞ୍ଜରୀ ମହାନ୍ତ, ଛାତ୍ରୀ ଲଭଲି ମହାନ୍ତ, ବର୍ଷା ପ୍ରିୟଦର୍ଶିନୀ ମହାନ୍ତ, ପ୍ରଜ୍ଞାପରମିତା ମହାନ୍ତଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।


ତୁରୁମୁଙ୍ଗା

**ହାଟଡ଼ିହୀ:** ହାଟଡ଼ିହୀ ବ୍ଲକର ବିଭିନ୍ନ ସ୍ଥାନରେ ଅଗ୍ରପୂଜ୍ୟ ପ୍ରଭୁ ଗଜାନନଙ୍କ ପୂଜାର୍ଚ୍ଚନା ଖୁବ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିବା ବେଳେ ଅଁରା ଏବଂ ଓରାଳୀଠାରେ ଭିନ୍ନ ଏବଂ ନିଆରା ଢ଼ଙ୍ଗରେ ଅନୁଷ୍ଠିତ ହୋଇଛି। ପୃଥକ ସ୍ଥାନରେ ଗ୍ରାମର ଯୁବଗୋଷ୍ଠୀଙ୍କ ଆପ୍ରାଣ ଉଦ୍ୟମରେ ପ୍ରଭୁ ଗଜାନନଙ୍କ ପୂଜାର ପ୍ରତ୍ୟେକଟି କାର୍ଯ୍ୟ ସରଶ ସୁନ୍ଦର ଭାବେ ହୋଇଛି। ଓରାଳି ଏବଂ ଅଁରା ଗ୍ରାମର ଯୁବଗୋଷ୍ଠୀଙ୍କ ଅନୁରୋଧକ୍ରମେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ପହଞ୍ଚି ଶ୍ରୀଗଜାନନଙ୍କୁ ଦର୍ଶନ କରି ଆଶୀର୍ବାଦ ନେବା ସହ ପୂଜାକାର୍ଯ୍ୟ ଏବଂ ତାର ସାଜସଜ୍ଜାକୁ ନେଇ ଖୁବ ପ୍ରଶଂସା କରିଥିଲେ। ଚଣ୍ଡିଆବିରଞ୍ଚିପୁରସ୍ଥିତ ସେଣ୍ଟ ଜାଭିୟର୍ସ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ଗଣେଶ ପୂଜାଟି ବିଦ୍ୟାଳୟର ସଭାପତି ତଥା ଅଧ୍ୟକ୍ଷ ଉଦୟନାଥ କରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ସ୍କୁଲ କର୍ତ୍ତୃପକ୍ଷ ଯୋଗ ଦେଇଥିଲେ।

**ରାମଚନ୍ଦ୍ରପୁର:** ପୁରୁଣାବାନ୍ଧଗୋଡା ଧୀର ଆଣ୍ଡ ଦାସ ଫାମିଲି ପକ୍ଷରୁ ଧୀର ସାହି ମଣ୍ଡପରେ ଷଷ୍ଠ ବାର୍ଷିକ ଗଣେଷ ପୁଜା ଧୂମଧାମ୍‌ରେ ଅନୁଷ୍ଠିତ ହୋଇଛି। ପୁରୋହିତ ସାଇପ୍ରକାଶ ଦାସ ବୈଦିକ ରୀତି ନୀତି ଅନୁସାରେ ଗ୍ରାମ ପୁଷ୍କରିଣୀରୁ କଳସ ପୁଜନ ପରେ ଗଣପତିଙ୍କୁ ଆବାହନ ପୂର୍ବକ ପୂଜାକାର୍ଯ୍ୟ ସମ୍ପାଦନ କରିଛନ୍ତି। ଦୁଇ ସାହିର ଲୋକେ ଏକାଠି ବସି ପ୍ରସାଦ ସେବନ କରିଥିଲେ। ଆସନ୍ତାକାଲି ଗଣପତିଙ୍କ ଭସାଣ ଉତ୍ସବ ପାଳନ ପରେ ଗଣପତିଙ୍କ ଲଡୁ ଦୁଇ ସାହିର ସମସ୍ତ ପରିବାର ମଧ୍ୟରେ ବଣ୍ଟାଯିବ। ଶ୍ରଦ୍ଧାଳୁ ପ୍ରଳୟ ଧୀର ମୁଖ୍ୟକର୍ତ୍ତା ଥିବା ଥିବା ବେଳେ ନାରାୟଣ ଧୀର, ସନ୍ତୋଷ ଧୀର, ସୁଜିତ ଧୀର, ସୌମେନ୍ଦ୍ର ଧୀର, ଅଜିତ ଧୀର, ନିହାର ଧୀର, ସ୍ୱାଗତ ଧୀର, ବିଶ୍ୱଜିତ ଧୀର, ଶିବଶଙ୍କର ଦାସ, ସଂଗ୍ରାମ ଧୀର, ଅମରେଶ ଧୀର, ଜ୍ୟୋତିରଂଜନ ଧୀର, ଶୁଭ୍ରଜ୍ୟୋତି ଧୀର, ବଣ୍ଟି ଧୀର, ମନିଷ ଧୀର, ମଣ୍ଟି ଧୀର, ଜିତୁନ ଧୀର, ଆୟୁଷ ଧୀର, ପ୍ରତିକ ଧୀର ଏବଂ ସାହିବାସୀ ସାମିଲ ହୋଇଥିଲେ।

**ତୁରୁମୁଙ୍ଗା:** ପାଟଣାରେ ଗଜାନନ ୟୁଥ କ୍ଲବ୍ ସହଯୋଗରେ ପାଟଣା ରାବଣ ଗ୍ରୁପ, ଡି ଭାଇରସ ଗ୍ରୁପ, ଓଁ ସାଇରାମ ଗ୍ରୁପ, ସାଧୁପଡା ଶ୍ରୀଗଣେଶ କ୍ଲବ, ସ୍ୱାମ ଶାସନ, ଗୁଲୁଦିପଶିର ଜଗନ୍ନାଥ କ୍ଲବ୍ ଓ ସ୍କାଇ ଲାଇବ କ୍ଲବ ପକ୍ଷରୁ ଧୁମଧାମରେ ପୂଜା ଚାଲିଛି। ସ୍ୱାମ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ, ତୁରୁମୁଙ୍ଗାସ୍ଥିତ ଦଧିବାମନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ହାପି କ୍ଲବ, ଫ୍ରେଣ୍ଡସିପ୍ କ୍ଲବ, କେନ୍ଦେଇପଶି ଆଦର୍ଶ ବିଦ୍ୟାଳୟ, ପାଟଣା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ଗୋପୀନାଥ ନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟ, ପାଟଣା ଉଚ୍ଚପ୍ରାଥମିକ ବିଦ୍ୟାଳୟ ଏବଂ କୋଚିଂ ସେଣ୍ଟରଗୁଡିକରେ ଗଣେଶ ପୂଜା ପାଳନ କରାଯାଇଛି।

# ବିଭିନ୍ନ ସ୍ଥାନରେ ବିଘ୍ନବିନାଶକଙ୍କ ପୂଜା








ଜଗତସିଂହପୁର,୨୭।୮ (ସମିସ)

ଜଗତସିଂହପୁର ସହରର ବଡବଜାରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଘ୍ନ ବିନାଶକ ପ୍ରଭୁ ଶ୍ରୀଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ପ୍ରସନ୍ନ କୁମାର ଝୁଣ୍ଟିଆ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ସକାଳ ୮ଟାରେ ପୂଜା ଆରମ୍ଭ, ୯ଟାରେ ପୁଷ୍ପାଞ୍ଜଳି ଏବଂ ୧୦ରେ ପ୍ରସାଦ ବଣ୍ଟନ କରାଯାଇଥିଲା। ଏଥିରେ ଜଗତସିଂହପୁର ଜିଲ୍ଲାର ବିଭାଗ ପ୍ରମୁଖ ପ୍ରଶାନ୍ତ ପ୍ରଧାନ, ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, କାର୍ଯ୍ୟକର୍ତ୍ତା ଏବଂ ଅଭିଭାବକ ମାନେ ଯୋଗଦେଇଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ,ଗୁରୁମା ଏବଂ ସେବକ/ସେବିକା ମାନେ ପୂଜା ଉତ୍ସବ ପାଳନରେ ସହଯୋଗ କରିଥିଲେ। ସେହିପରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ନଗର ତରଫରୁ ପବିତ୍ର ଗଣେଶ ଚତୁର୍ଥୀ ସର୍ବସିଦ୍ଧି ଦାତା, ଅଗ୍ରପୂଜ୍ୟ, ବିଘ୍ନ ବିନାଶକ ଶ୍ରୀ ଗଣେଶଙ୍କ ପୂଜା କରାଯାଇଛି।

**ତିର୍ତ୍ତୋଲ:** ତିର୍ତ୍ତୋଲ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ କ୍ଲବ, ପ୍ରତିଷ୍ଠାନରେ ଅଗ୍ରପୂଜ୍ୟ ବିଘ୍ନବିନାଶକଙ୍କ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଛି। ଖୋସଲପୁର-ସାମପୁରରେ ବ୍ରଜମହାକାଳୀ ପୂଜା କମିଟି ଆନୁକୁଲ୍ୟରେ ଗଣେଷ ପୂଜା ଉତ୍ସବ ମହାଆଡମ୍ବର ସହକାରେ ଅନୁଷ୍ଠିତ ହେଉଛି। ଏଥିରେ ଖୋସଲପୁର ଓ ସାମପୁର ଗ୍ରାମର ଜନସାଧାରଣ ସହଯୋଗ କରୁଛନ୍ତି। ତିର୍ତ୍ତୋଲ କଲେଜ, ମଣିଚରଣ ସାରଦା କୋଡେମୀ, ତିର୍ତ୍ତୋଲ ବାଳିକା ବିଦ୍ୟାଳୟ, ତେନ୍ତୁଳିପଦା ପ୍ରାଥମିକ ବିଦ୍ୟାଳୟ, ରଘୁପତି ଆଇଡିଆଲ ସ୍କୁଲ, ତିର୍ତ୍ତୋଲ, ଛତ୍ରମଠ, ସିରସ୍ତା ସରସ୍ୱତୀ ଶିଶୁମନ୍ଦିର, କନକପୁର ସାରଦା ଏକାଡେମୀ ପ୍ରମୁଖ ଶିକ୍ଷାନୁଷ୍ଠାନରେ ମହାଆଡମ୍ବରେ ପୂଜା କରାଯାଉଛି। ସରଣୀ ଛକ ଗଣେଷ ମନ୍ଦିର, ତିର୍ତ୍ତୋଲ ବ୍ଲକ ଛକରେ ଗଜାନନଙ୍କ ପୂଜା ଅନୁଷ୍ଠିତ ହୋଇଛି।






**ବାଲିକୁଦା:** ବାଲିକୁଦା ବ୍ଲକର ବିଭିନ୍ନ ଶିକ୍ଷା ଅନୁଷ୍ଠାନ, କ୍ଲବ୍ ବ୍ୟବସାୟ ପ୍ରତିଷ୍ଠାନରେ ବିଘ୍ନ ବିନାଶକ ଶ୍ରୀ ଗଜାନନ ଗଣେଶଙ୍କ ପୂଜା ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ଲଘୁଚାପ ବର୍ଷା କାରଣରୁ ଏହା ସାମାନ୍ୟ ଫିକା ପଡ଼ିଥିଲେ ସୁଧା ବିଭିନ୍ନ କ୍ଲବର ପିଲାଙ୍କ ମନରେ ନାହିଁ ନଥିବା ଉତ୍ସାହ ଦେଖିବାକୁ ମିଳିଛି। ବାଲିକୁଦା ହାଟଗଡା ଛକସ୍ଥିତ ବିନଦାସ କ୍ଲବ୍‌ର ସଭାପତି ନିମାକାନ୍ତ ମନ୍ତ୍ରୀଙ୍କ ତତ୍ୱାବଧାନରେ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ, ଉପ ସଭାପତି ଦିଲୀପ କୁମାର ଦାସ, ଶିଶିର ମହାନ୍ତି, ଲିଟୁ ନାୟକ, ଆଦିତ୍ୟ ନାରାୟଣ ଦାସ, ସୁଦର୍ଶନ କାଣ୍ଡି, ଏସବି ସାଗର, ରାଜେନ୍ଦ୍ର ମହାନ୍ତି, ଶୁଭକାନ୍ତ ବେହେରା, ସୌମ୍ୟରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବାଲିକୁଦା ବସଷ୍ଟାଣ୍ଡରେ ଫ୍ରେଣ୍ଡସ କ୍ଲବର ସଭାପତି ଲଗ୍ନଜିତ୍ ମହାପାତ୍ରଙ୍କ ନେତୃତ୍ୱରେ ପୂଜା ଅନୁଷ୍ଠିତ ହୋଇଥିଲା। ସେହିପରି କଣିଆ, ବୋରିକିନା, ନାଗପୁର ୟୁଥକ୍ଲବ୍, ଇଚ୍ଛାପୁର କ୍ଲବ୍, ମାଛଗାଁ, ଆମ୍ବଶାଳ, ଦଶବାଟିଆ ପୂଜା କମିଟି, ଉତ୍ତରେଶ୍ୱର ୟୁଥ କ୍ଲବ୍ ପୋଦରୁଆଁ, ଲୋଟସ କ୍ଲବ୍ ଓଳାଂଶ, ମା' ବଟମଙ୍ଗଳା ୟୁଥ୍ କ୍ଲବ ନୂଆଗାଁ, ବାବା ସିଦ୍ଧେଶ୍ୱର କ୍ଲବ୍ ତାଳଗାଁ, ବାଲିପାଟଣା ହାଟ, ଜନସେବା କ୍ଲବ ଓଷକଣା କ୍ଲବ୍ ସହ ବ୍ଲକର ସମସ୍ତ ପଞ୍ଚାୟତରେ ପୂଜା ଅନୁଷ୍ଠିତ ହୋଇଛି।

**ପାରାଦୀପ:** ପାରାଦୀପର ବିଭିନ୍ନ ସ୍ଥାନରେ ଆଜି ଗଣେଶ ପୂଜା ପାଇଛନ୍ତି। ସ୍କୁଲ କଲେଜ ଠାରୁ ଆରମ୍ଭ କରି ଅଫିସ, କ୍ଲବ, ଶିଳ୍ପାନୁଷ୍ଠାନ ଓ ବିଭିନ୍ନ ସଙ୍ଗଠନମାନଙ୍କରେ ଶ୍ରୀ ଗଣେଶଙ୍କ ପୂଜାର୍ଚ୍ଚନା ଧୁମଧାମରେ କରାଯାଇଛି। ପାରମ୍ପରିକ ଭାବେ ପାର୍ବଣ ଋତୁର ପ୍ରଥମ ପୂଜାରେ ବିଘ୍ନରାଜ ଶ୍ରୀ ଗଣେଶ ଧରାପୃଷ୍ଠକୁ ଅବତରଣ କରିଛନ୍ତି। ବନ୍ଦର ସହର ସମେତ ଆଖପାଖ ବସ୍ତି ଓ କଲୋନୀ ମାନଙ୍କରେ ପ୍ରାୟ ୧୦୦ରୁ ଅଧିକ ସ୍ଥାନରେ ଗଣେଶ ପୂଜା ଅନୁଷ୍ଠିତ ହୋଇଛି। ପାରାଦୀପ ମଧୁବନ ଅଞ୍ଚଳ, ହାଉସିଂ ବୋର୍ଡ କଲୋନୀ, ନୂଆବଜାର ମାର୍କେଟ, ଭି ପଏଣ୍ଟ କଲୋନୀ, ଷଣ୍ଢକୁଦ ଅଞ୍ଚଳରେ, ନେହୁରୁବଙ୍ଗଳା, ଲକପଡା, ଶୁଖୁଆ ଖଳା, ତାରିଣୀ ଗଡା, ବିଜୟଚାନ୍ଦ ପୁର, ବାଲିଝରା, ବାଉରିଆ ପାଳନ୍ଧା, ରାଇସ ମିଲ, ଉଦୟ ବିହାର ଓ ଉଦୟବଟ ଅଞ୍ଚଳରେ ନୀଳଚକ୍ର ୟୁଥ କ୍ଲବ, ସମ୍ରାଟ କ୍ଲବ ସମେତ ବିଭିନ୍ନ କ୍ଲବ ପକ୍ଷରୁ ସୁନ୍ଦର ଭାବେ ଏକ ପରିକଳ୍ପନାକୁ ମେଢ ମାନ ତିଆରି କରାଯାଇଛି। ମଧୁବନ ଅଞ୍ଚଳରେ 'ଅପରେସନ ସିନ୍ଦୁର' ପାରାଦୀପ ୟୁଥ କ୍ଲବ ପକ୍ଷରୁ ନିର୍ମିତ ଏହି ମେଢ ଏବେ ପାରାଦୀପ ସହରରର ଚର୍ଚ୍ଚାରେ ରହିଛି। ପୂଜା ମଣ୍ଡପରେ ଆଲୋକ ସଜ୍ଜା ସାଙ୍ଗକୁ ପୂଜା ମଣ୍ଡପର ସାଜସଜ୍ଜାଗୁଡିକ ବେଶ ମନମୁଗ୍ଧକର ରହିଛି। ତେବେ ଦିନରେ ପୂଜା ପରେ ସନ୍ଧ୍ୟାରେ ଖ୍ୟାତନାମା କଣ୍ଠଶିଳ୍ପୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ବନ୍ଦର ଅନ୍ତେବାସୀ ବେଶ ଆନନ୍ଦ ଉଲ୍ଲାସର ସହିତ ଚଳିତ ବର୍ଷ ପୂଜାକୁ ଉପଭୋଗ କରିଛନ୍ତି।

**କୁଜଙ୍ଗ:** କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତ ଜନାପାଳ ଛକ ପୂଜାମଣ୍ଡପରେ ଶ୍ରଦ୍ଧା ଓ ଭକ୍ତିର ସହ୨୫ତମ ଶ୍ରୀ ଗଣେଶ ପୂଜା ଆୟୋଜିତ ହୋଇଛି। ବୁଧବାର ସନ୍ଧ୍ୟାରେ ଗ୍ରାମ ତଥାପୂଜା କମିଟିର ଯୁବକମାନେ କଳସ ଶୋଭାଯାତ୍ରାରେ ଯାଇଥିଲେ। ସନ୍ଧ୍ୟାରେ ପୂଜାମଣ୍ଡପରେ ଭିଡ ଜମିବା ସହିତ ଘଣ୍ଟ, ଘଣ୍ଟା, ହରିବୋଲ ହୁଳହୁଳିରେ ଏକ ଆଧ୍ୟାତ୍ମିକ ପରିବେଶରେ ପୂଜା ଓ ହୋମ କରାଯାଇଥିଲା। ପୂଜାରେ କର୍ତ୍ତା ରୂପେ କମିଟିର ସଭାପତି ମହେନ୍ଦ୍ର ଦାସ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ କୋଷାଧ୍ୟକ୍ଷ ସମ୍ବିତ ସାହୁ, ସମ୍ପାଦକ ସ୍ମୃତିରଞ୍ଜନ ଦାସ, ଶୁଭ୍ରାଂଶୁ ଦାସ, ସମ୍ବିତ୍ ପଟ୍ଟନାୟକ ସହ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମର ବହୁ ଯୁବକ ଓ ମୁରବି ସହଯୋଗ କରିଥିଲେ। ଆସନ୍ତା ୯ ତାରିଖ ଦିନ ଉସାଣି କାର୍ଯ୍ୟକ୍ରମ ଓ ପ୍ରତିଦିନ ମନୋରଞ୍ଜନ କାର୍ଯ୍ୟକ୍ରମ ରହିଛି।



ସନ୍ତୋଳ , ଏରସମାରେ ଶ୍ରୀ ବିନାୟକଙ୍କ ପୂଜା ଉତ୍ସବ

# ଜିଲ୍ଲାସ୍ତରୀୟ ସିଏମ୍ କିଷାନ ସହାୟତା ରାଶି ପ୍ରଦାନ

## ● ଜିଲ୍ଲାର ୧୬୪୦୪୮ ହିତାଧିକାରୀ ସାମିଲ



ଜଗତସିଂହପୁର,୨୭।୮ (ସମିସ): ପବିତ୍ର ନୂଆଁଖାଇ ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ରବି ୨୦୨୫-୨୬ ପାଇଁ ସିଏମ୍ କିଷାନ ସହାୟତା ରାଶି ପ୍ରଦାନର ରାଜ୍ୟସ୍ତରୀୟ ଉତ୍ସବ ଓୟୁଏଟି ଭୁବନେଶ୍ୱରସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ହୋଇଯାଇଛି। ଏହିପରିପ୍ରେକ୍ଷୀରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ସମ୍ମାନିତ ଅତିଥିଭାବେ ସାଂସଦ ଜଗତସିଂହପୁର ବିଭୁପ୍ରସାଦ ତରାଇ, ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜଗତସିଂହପୁର ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ମନ୍ତ୍ରୀ ଶ୍ରୀ ସ୍ୱାଇଁ, କହିଥିଲେ ଯେ କୃଷକ ପରିବାର ନିମନ୍ତେ ଏହି ସହାୟତା ରାଶି କୃଷକର ମେରୁଦଣ୍ଡ ଶକ୍ତ କରି ଦେଶ ତଥା ରାଜ୍ୟ ଅର୍ଥନୀତିରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାରେ ସହାୟକ ହେବ। ସମ୍ମାନିତ ଅତିଥି ଭାବେ ସାଂସଦ ଶ୍ରୀ ତରାଇ କହିଲେ ଯେ, କୃଷି ଓ କୃଷକ ସଶକ୍ତ ହେଲେ ଦେଶ ତଥା ରାଜ୍ୟ ସଶକ୍ତ ହେବାସହ ବିକଶିତ ରାଜ୍ୟ ଓ ଜିଲ୍ଲା ଗଠନ ସମ୍ଭବ ହୋଇପାରିବ। ବିଧାୟକ ଅମରେନ୍ଦ୍ର ଦାସ ନିଜ ବକ୍ତବ୍ୟ ରଖିଥିଲେ ଯେ, ଚାଷ କାର୍ଯ୍ୟ ଆରମ୍ଭରୁ ଫସଲ ବିକ୍ରୀ ପର୍ଯ୍ୟନ୍ତ ପ୍ରତ୍ୟେକ ସମୟରେ ଆମେ ଚାଷୀଙ୍କ ସହିତ ଅଛୁ। ସୁବିଧା ଅସୁବିଧା ସମୟରେ ଆମେ ଚାଷୀଙ୍କ ପାଖରେ ପହଞ୍ଚିବୁ ବୋଲି ସେ କହିଥିଲେ। ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଏବଂ ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ ଚାଷୀର ଉନ୍ନତି ହେଲେ ରାଜ୍ୟର ଉନ୍ନତି ହେବ ଏବଂ ରାଜ୍ୟର ଉନ୍ନତି ହେଲେ ଦେଶର ଉନ୍ନତି ହେବ ବୋଲି କହିଥିଲେ। ଆଜି ଜିଲ୍ଲାର ୧୬୪୦୪୮ ଜଣ ହିତାଧୀକାରୀଙ୍କୁ ସିଏମ୍ କିଷାନ ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମସ୍ତ ବ୍ଲକ କୃଷି ଅଧିକାରୀ ଓ ସମସ୍ତ କ୍ଷେତ୍ର କର୍ମଚାରୀ, ୧୫୦ରୁ ଅଧିକ ଚାଷୀ ଭାଇଭଉଣୀ, କୃଷି ବିଭାଗର କର୍ମକର୍ତ୍ତା ଓ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଅଙ୍ଗଦାନ କରି ଅମର ହେଲେ ଅନ୍ୱେଷ



ରଘୁନାଥପୁର,୨୭।୮ (ସମିସ): ରଘୁନାଥପୁର ବ୍ଲକ ଅଧୀନ ଜୟଶୋଳ ଗ୍ରାମର ଅକ୍ଷୟ ବେହେରାଙ୍କ ପୁଅ ଅନ୍ୱେଷ ଦାସ (୨୦) ନିଜର ଦୁଇ ଆଖିକୁ ଦାନ କରି ସବୁଦିନ ପାଇଁ ଅମର ହୋଇଯାଇଛନ୍ତି। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୨୧ ତାରିଖରେ ଅନ୍ୱେଷ ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲରୁ ଆସୁଥିବା ବେଳେ ସିଆରପି ଛକ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଘଟଣାରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଆବେଦନ ପରେ ମୃତ ଅନ୍ୱେଷଙ୍କର ଦୁଇ ଚକ୍ଷୁକୁ ବାହାର କରାଯାଇ ଅନ୍ୟ ଜଣେ ଚକ୍ଷୁ ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ କରାଯିବା କଥା ତାଙ୍କର ପିତା ଅକ୍ଷୟ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ଘଟଣାରେ ସମଗ୍ର ଅଞ୍ଚଳରେ ଶୋକ ପ୍ରକାଶ ପାଇଥିବା ବେଳେ ଅଙ୍ଗଦାନ ପାଇଁ ସାଧୁବାଦ ଜଣାଇ ଦିଆଯାଇଛି।

# ସାମ୍ବାଦିକଙ୍କ ମାତୃ ବିୟୋଗ



ରଘୁନାଥପୁର,୨୭।୮ (ସମିସ): ରଘୁନାଥପୁର ବ୍ଲକ ଅଧୀନ ତାରପୁର ପଞ୍ଚାୟତ ଗୋକୁଳପୁର ଗ୍ରାମର ବରିଷ୍ଠ ସାମ୍ବାଦିକ ରାଜେନ୍ଦ୍ର ନାରାୟଣ ସିଂହଙ୍କ ମାତା ପ୍ରମିଳା ସିଂହ (୯୦)ଙ୍କ ବୁଧବାର ସକାଳେ ବାସଭବନରେ ବିୟୋଗ ହୋଇଛି। ସେ କିଛିଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଜଣେ ପରୋପକାରୀ ମିଷ୍ଟଭାଷୀ ସ୍ୱଭାବର ମହିଳା ଥିଲେ। ତାଙ୍କ ବିୟୋଗରେ ତାରପୁର ପଞ୍ଚାୟତରେ ଶୋକପ୍ରକାଶ ପାଇଛି। ବହୁ ବରିଷ୍ଠ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିଭ୍ରମଣ କରାଇ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି। ମଧ୍ୟମ ପୁତ୍ର ଇନ୍ଦ୍ରଜୀତ ମୁଖାଗ୍ନି ଦେଇଥିବା ବେଳେ ଗ୍ରାମ ଶ୍ମଶାନରେ ଝିଅଜ୍ୱାଇଁ ଓ ନାତି ନାତୁଣୀଙ୍କ ସହିତ ପୂର୍ବତନ ସମିତିସଭ୍ୟ ଅନ୍ତର୍ଯ୍ୟାମୀ ରାଉତ, ସରୋଜ ଦାଶ, ସମାଜସେବୀ ପ୍ରଭାକର ମଲ୍ଲିକ, ଅଭୟ ସିଂହ, ରବି ଦାସ, ଅକ୍ଷୟ ମଲ୍ଲିକ, ଚନ୍ଦ୍ରଶେଖର ସିଂହ, ସନ୍ତୋଷ ସିଂହ ଓ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଏସ୍‌ପିଙ୍କୁ ସମ୍ବର୍ଦ୍ଧନା



ଜଗତସିଂହପୁର,୨୭।୮ (ସମିସ): ଜଗତସିଂହପୁର ପୌର ପରିଷଦ ତରଫରୁ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଏସ୍‌ପି ଅଙ୍କିତ ବର୍ମାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛଇ। ଅଧ୍ୟକ୍ଷା ଅର୍ଚ୍ଚନା ସିଂ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ନିର୍ବାହୀ ଅଧିକାରୀ ସୀମା ଜେନା ଏବଂ ପାରିଷଦଗଣ ଏସପିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

# ପିତାଙ୍କ ସ୍ମୃତିରେ ପୁସ୍ତକ ବିତରଣ କାର୍ଯ୍ୟକ୍ରମ



କୁଜଙ୍ଗ,୨୭।୮ (ସମିସ): କୁଜଙ୍ଗ ବ୍ଲକ୍ ଅଧୀନ ଗୋରଡ଼ ଗ୍ରାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗ୍ରାମର ଆର୍ଦଶ ବ୍ୟକ୍ତିତ୍ୱ ସ୍ୱର୍ଗତ କେଶବ ଚରଣ ବିଶ୍ୱାଳଙ୍କ ସ୍ମୃତିରେ ପୁସ୍ତକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ବୈଜୟନ୍ତି ସାହୁଙ୍କ ସଭାପତିତ୍ୱରେ ଟେଷ୍ଟପେପର ବିତରଣ ସ୍ୱର୍ଗତ ବିଶ୍ୱାଳକ ପୁତ୍ର ସୁବାସ ଚନ୍ଦ୍ର ବିଶ୍ୱାଳ ୨୦୨୨ ମସିହାରୁ ନିଜର ପିତାଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର ବିତରଣ କରିଆସୁଛନ୍ତି। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ପୁରାତନ ଛାତ୍ର ସଂସଦର ସଭାପତି ବିଶ୍ୱନାଥ ବିଶ୍ୱାଳ, ପରିଚାଳନା କମିଟିର ସଭ୍ୟସଭ୍ୟା, ପୁରାତନ ଛାତ୍ର ଉଲ୍ଲାସ ବିଶ୍ୱାଳ, ହେମନ୍ତ କୁମାର ବିଶ୍ୱାଳ, କଲ୍ୟାଣ ବିଶ୍ୱାଳ, ସ୍ୱର୍ଗତ ବିଶ୍ୱାଳଙ୍କ ଦୁଇପୁତ୍ର ଓ ପୁତ୍ରବଧୂ ଏବଂ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଗ୍ରାମର ମୁରବିମାନେ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତି ସାହୁ ଧନ୍ୟବାଦ ଅର୍ପଣ କରି ସଭା ସଙ୍ଗ କରିଥିଲେ।

## ନିଷ୍କ୍ରିୟ ପ୍ରଶାସନ, ଜିଲ୍ଲାର ବିକାଶରେ ବ୍ରେକ୍

# ଦୁର୍ଦ୍ଦଶା ଭୋଗୁଛନ୍ତି ସାଧାରଣ ଜନତା

ଜଗତସିଂହପୁର,୨୭।୮ (ସମିସ)



ଜଗତସିଂହପୁର ଜିଲ୍ଲା ଏକ ଶିକ୍ଷିତ ଏବଂ ସଚେତନ ଜିଲ୍ଲା ଭାବରେ ସମଗ୍ର ଓଡିଶାରେ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଆସିଛି। ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭକରି ରାଜନୀତି, କଳା, ସାହିତ୍ୟ, ସଂସ୍କୃତି ଏବଂ ବିଜ୍ଞାନ କ୍ଷେତ୍ରକୁ ଜିଲ୍ଲାର ବଡ଼ ଅବଦାନ ରହିଛି। ତେବେ ପ୍ରଶାସନିକ ନିଷ୍କ୍ରୀୟତା ଏବଂ ଜନ ପ୍ରତିନିଧିମାନଙ୍କ ଇଚ୍ଛାଶକ୍ତିର ଅଭାବରୁ ଜିଲ୍ଲାର ବିକାଶରେ ବ୍ରେକ୍ ଲାଗିଲା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲାରେ ୪ଟି ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ ଗୋଟିଏ ଲୋକସଭା ନିର୍ବାଚନମଣ୍ଡଳୀ ରହିଛି। ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଜଗତସିଂହପୁର ସଦର ବିଧାୟକ ଅମରେନ୍ଦ୍ର ଦାସ ଶାସକ ବିଜେପି ଦଳର ହୋଇଥିବା ବେଳେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଏବଂ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ହେଉଛନ୍ତି ବିରୋଧୀ ବିଜେଡି ଦଳର। ପାରାଦୀପ ବିଧାୟକ ଶ୍ରୀ ସ୍ୱାଇଁ ରାଜ୍ୟ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଜଗତସିଂହପୁର ଲୋକସଭା ଆସନରେ ଶାସକ ବିଜେପିର ବିଭୂପ୍ରସାଦ ତରାଇ ସାଂସଦ ଅଛନ୍ତି। ବିଭିନ୍ନ ସମୟରେ ସଭାସମିତି ଏବଂ ସମୀକ୍ଷା ବୈଠକ ମଧ୍ୟ ପ୍ରଶାସନ ତରଫରୁ କରାଯାଉଛି। ପ୍ରାୟ ସମସ୍ତ ବୈଠକରେ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ କାମ କରିବାକୁ ଆହ୍ୱାନ ଦିଆଯାଉଛି। ହେଲେ ଜିଲ୍ଲାର ଜନ ପ୍ରତିନିଧି ଏବଂ ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ କାରଣରୁ ବିକାଶ ପ୍ରକ୍ରିୟା ଏକପ୍ରକାର ମନ୍ଥର ହୋଇପଡ଼ିଛି ବୋଲି ଅଭିଯୋଗ ହେଉଛି। ଖୋଦ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆ ଓ ରାସ୍ତାର ଦୂରାବସ୍ଥା ଏବଂ ଜିଲ୍ଲା ସଦରମହକୁମା ଅଞ୍ଚଳରେ ବିପର୍ଯ୍ୟସ୍ତ ରାସ୍ତାଘାଟକୁ ଦେଖିଲେ କିପରି ବିକାଶ ଚାଲିଛି ତାହା ସହଜେ ଅନୁମେୟ। ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିଥିବାରୁ ଅସରାଏ ବର୍ଷାଁରେ ଜଗତସିଂହପୁର ସହରର ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇ ଲୋକଙ୍କ ଦୁର୍ଦ୍ଦଶାର କାରଣ ପାଲଟୁଛି। ବିଦ୍ୟାଳୟରେ ଆବଶ୍ୟକତା ଅନୁସାରେ ଶିକ୍ଷକ ନାହାନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ଅନ୍ୟ ଚିକିତ୍ସାଳୟରେ ଡାକ୍ତର ମରୁଡି ପରିସ୍ଥିତି ଲାଗିରହିଛି। ଫଳରେ ଶିକ୍ଷାଦାନ ଏବଂ ରୋଗୀସେବା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି ବୋଲି ଅଭିଯୋଗ ହେଉଛି। ସେହିପରି ଜଗତସିଂହପୁର ସଦର ଥାନା ସମେତ ଅନ୍ୟ ଥାନାରେ ପୁଲିସ ଅଧିକାରୀ ଓ କର୍ମଚାରୀ ସଂଖ୍ୟା ମଧ୍ୟ ଆବଶ୍ୟକତାକୁ ପୂରଣ କରି ପାରୁନାହିଁ। ଅବକାରୀ ବିଭାଗ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ମଧ୍ୟ ସମାନ ପରିସ୍ଥିତି। ଫଳରେ ବିଭାଗୀୟ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଶାସକ ଦଳର ନେତାଙ୍କ ମଧ୍ୟରେ ଫାଟ ଏବଂ ପ୍ରଶାସନିକ ବ୍ୟବସ୍ଥାରେ ତାଳମେଳ ଅଭାବ ଯୋଗୁ ଜଳସେଚନ, ଜଳ ନିଷ୍କାସନ ଏବଂ ରାସ୍ତାଘାଟ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନଥିବା ସାଧାରଣରେ ଅଭିଯୋଗ ହେଉଛି। ତେଣୁ ଖାଲି କଥାରେ ନୁହେଁ ରାଜନେତା ଏବଂ ପ୍ରଶାସନିକ ଅଧିକାରୀ ନିଜ ଭିତରେ ସମନ୍ୱୟ ରକ୍ଷା କରି ଜିଲ୍ଲାର ବିକାଶ ଦିଗରେ କାମ କରିବାକୁ ଦାବି କରିଛନ୍ତି ସାଧାରଣ ଜନତା।